# ଭଗବାନ କ'ଣ ଏ ଜୀବନରେ ମିଳିବେ ?

''ଏ ବର୍ଷ କ'ଣ ଫସଲ ହେବ ? ବଢ଼ି, ମରୁଡ଼ି ହେବ ନାହିଁ ତ ?'' ଯାହାର ଜୀବିକା କୃଷି ସେଇ ଭଳି କୃଷକ କେବେ ବର୍ଷ ଆରମ୍ଭରେ ନିଜକୁ ଏଇଭଳି ପ୍ରଶ୍ନ କରି ତା'ର କୃଷିକର୍ମରୁ ନିବୃତ୍ତ ହୁଏ କି ? କୃଷି ତା'ର କେବଳ ଜୀବିକା ନୁହେଁ, କୃଷି ତା'ର ପ୍ରାଣ, କୃଷି ତା'ର ଆନନ୍ଦ, ଫସଲ କିଆରି ତା'ର ଅନ୍ତରଙ୍ଗ ବନ୍ଧୁ, ପ୍ରିୟ ସଖା ଓ ନିଜର ସନ୍ତାନ ଭଳି । ବିଲରେ ବିହନ ବୁଣିବା ସମୟରେ କି ମଞ୍ଜି ପୋତିବା ସମୟରେ ଭବିଷ୍ୟତର ଫଳପୁଷ୍ପଭରା ସବୁଜ ଫସଲ କ୍ଷେତର ସେଇ ହସ ହସ ଆକର୍ଷଣରେ ସେ ବିଭୋର ଥାଏ । ବଢ଼ି ମରୁଡ଼ିର କରାଳ ଦୃଶ୍ୟ ତାକୁ ବାଧା ଦେଇପାରେ ନାହିଁ କିଂବା ବର୍ଷ ପରେ ବର୍ଷ ବଢ଼ି ମରୁଡ଼ି ହୋଇ ତାକୁ ସର୍ବସ୍ୱାନ୍ତ କଲେ ବି ବର୍ଷର ଠିକ୍ ନିର୍ଦ୍ଦିଷ୍ଟ ସମୟରେ ବର୍ଷାଭିଜା କ୍ଷେତରେ ସେ ପୁଣି ନୂତନ ଫସଲର ସ୍ୱପ୍ନ ଦେଖେ ଓ କୃଷି ଆରମ୍ଭ କରିବାର ଆକର୍ଷଣ ଅନୁଭବ କରେ । ଅନାଗତ ଫସଲର ଆଗମନୀ ପାଇଁ ସେ କାମ କରେ । ଆନନ୍ଦ ପାଏ । ସେଥିଲାଗି ଟିକିଏ ବି ଚିନ୍ତା କରେ ନାହିଁ । କାରଣ ତା' ଛଡ଼ା ସେ ବଞ୍ଚିପାରିବ ନାହିଁ କି ବଞ୍ଚିରହିବାର ଆକର୍ଷଣ ବି ଅନୁଭବ କରିପାରିବ ନାହିଁ ।

କିନ୍ତୁ ଯେଉଁ ଲୋକ ବ୍ୟବସାୟ ଦୃଷ୍ଟିରୁ କୃଷି କରନ୍ତି ସେମାନେ ଗୋଟିଏ ବର୍ଷର ବଢ଼ି ମରୁଡ଼ି ପରେ ସେମାନଙ୍କର ବ୍ୟବସାୟ ଛାଡ଼ି ଦିଅନ୍ତି । କୃଷି ସହ ସେମାନଙ୍କ ଅନ୍ତରର ସଂପର୍କ ନ ଥାଏ । ଲାଭ ହେଲେ ତ' କରନ୍ତି ନଚେତ୍ କ୍ଷତି ହେଲେ ଛାଡ଼ିଦିଅନ୍ତି । କୃଷିରୁ ସେମାନେ ଆନନ୍ଦ ପାଆନ୍ତି ନାହିଁ, ଖାଲି ଅର୍ଥ ପାଆନ୍ତି । କିନ୍ତୁ କୃଷି ଯାହାର ଜୀବିକା, ଫସଲକିଆରିର ଆକର୍ଷଣକୁ ସେ କେବେ ଏଡ଼ାଇ ଦେଇପାରେ ନାହିଁ, ସେ ଲାଭଜନକ ହେଉ ବା କ୍ଷତିକାରକ ହେଉ । ଶ୍ରୀରାମକୃଷ୍ଣ ପରମହଂସ ତାଙ୍କର ଶିଷ୍ୟମାନଙ୍କୁ ଥରେ ଏ ସମ୍ବନ୍ଧେ ଏହିଭଳି କହିଥିଲେ ।

ସେହିପରି ଭଗବାନଙ୍କୁ ପାଇବା ଲାଗି ସାଧନା କରିବା ଯାହାର ଜୀବିକା ଓ ଜୀବନର ଏକମାତ୍ର ବ୍ରତ ସେ କେବେ ପଥମଧ୍ୟସ୍ଥ ବଡ଼ି ମରୁଡ଼ି, ଝଡ଼ତୋଫାନ ସଦୃଶ ବାଧାବିପତ୍ତିରେ ପଛେଇ ଯାଏ ନାହିଁ । କଷ୍ଟ ପାଏ କିନ୍ତୁ ଲକ୍ଷ୍ୟ ହରାଏ ନାହିଁ । ଲାଭ କ୍ଷତି ବିଚାର କରେ ନାହିଁ । ତା'ର ନିଜ ମଧ୍ୟରେ, ସକଳ ଜୀବ, ସକଳ ବସ୍ତୁ ମଧ୍ୟରେ, ତା'ର ସକଳ କର୍ମର ପଶ୍ଚାତରେ ସେ ଖୋଜେ ତା'ର ପରମପ୍ରିୟ ପ୍ରଭୁଙ୍କ ଉପସ୍ଥିତିକୁ । କାରଣ ତାଙ୍କ ଛଡ଼ା ତା'ର ବଞ୍ଚିରହିବା ନିରର୍ଥକ, ତା'ର ସକଳ କର୍ମ ନିରର୍ଥକ । ତାଙ୍କ ବ୍ୟତୀତ ଆଉ କୌଣସି କିଛିରେ ସେ ସନ୍ତୁଷ୍ଟ ନୁହେଁ । ମନ-ପ୍ରାଣର କାମନାବାସନାର ମୋହ କିଂବା ବାହାରର କୌଣସି ପ୍ରରୋଚନା ଯଦି ତାକୁ ପ୍ରଲୁବ୍ଧ କରି ପଥଚ୍ୟୁତ କରିବାକୁ ଉଦ୍ୟମ କରନ୍ତି ତେବେ ସେମାନେ ଶୋଚନୀୟ ଭାବେ ହତାଶ ହୁଅନ୍ତି । ତା'ର ପରମ ଆରାଧ୍ୟ, ପରମ ପ୍ରିୟଙ୍କ ଲାଗି ଅନ୍ତରର ପ୍ରେମାଗ୍ନିର ତେଜ ସେମାନେ ସହ୍ୟ କରି ନ ପାରି ପଳାୟନ କରନ୍ତି କିଂବା ସେଥିରେ ପଡ଼ି ଭସ୍ମୀଭୂତ ହୁଅନ୍ତି ।

ସେ ଜାଣେ ଯେଉଁ ଲକ୍ଷ୍ୟ ନେଇ ସେ ଯାହାଙ୍କ ଲାଗି କାର୍ଯ୍ୟ କରୁଛି ତା'ଠାରୁ ଆଉ ବଡ଼ ଲକ୍ଷ୍ୟ ଓ ଭଲ କଥା ସଂସାରରେ କିଛି ନାହିଁ । କେବଳ ସେଇ ଗୋଟିଏ ଲକ୍ଷ୍ୟପୂରଣରେ ଲାଗି ରହିଲେ ଆଉ ସମସ୍ତ ବିଷୟ ଆପେ ପୂରଣ ହୁଏ । ସେ ଲକ୍ଷ୍ୟ ଛାଡ଼ି ଜୀବନରେ ଅନ୍ୟ ଯେକୌଣସି ଲକ୍ଷ୍ୟ ଧରିଲେ ଜୀବନ ଅପୂର୍ଣ୍ଣ ରହିଯାଏ, ବିକାଶ ସୀମାବଦ୍ଧ ହୋଇପଡ଼େ । ଶ୍ରୀଅରବିନ୍ଦ ଗୋଟିଏ ସୁନ୍ଦର କଥା କହିଛନ୍ତି ଯେ କେହି ଯଦି ଜଣେ ରାଣୀଙ୍କୁ ଭଲପାଏ ତେବେ ରାଣୀଙ୍କ ସହ କ୍ଷମତା, ସମ୍ମାନ, ଧନସଂପଦ ସବୁ ମିଳିଥାଏ । ବ୍ୟକ୍ତି ଅବଶ୍ୟ କ୍ଷମତା, ଧନସଂପଦ ବା ସମ୍ମାନକୁ ଭଲପାଇ ନ ଥାଏ କିଂବା ଚାହିଁ ନ ଥାଏ । ସେ ଭଲ ପାଇଥାଏ ରାଣୀଙ୍କୁ ଓ ଏସବୁ ତାଙ୍କର ନ ଥିଲେ ବି ସେ ତାଙ୍କୁ ଭଲ ପାଇଥା'ନ୍ତା । କିନ୍ତୁ ସେ ଏସବୁ ନ ଚାହିଁଲେ ବି ଯାହାଙ୍କୁ ଚାହୁଁଛି ତାଙ୍କ ସହ ଏସବୁ ଯୁକ୍ତ ହୋଇଥିବାରୁ ଆପେ ଆପେ

ମିଳିଥାଏ । ସେହିପରି କେବଳ ଭଗବାନଙ୍କୁ ଭଲପାଇଲେ ତାଙ୍କ ସହ ଆନନ୍ଦ, ଶାନ୍ତି, ଜ୍ଞାନ, ଶକ୍ତି, ଆଲୋକ ଆଦି ସମସ୍ତ ଦିବ୍ୟ ସମ୍ପଦ ମିଳିଥାଏ ଓ ଆମେ ଜୀବନର ସାଧାରଣ କ୍ଷେତ୍ରରେ ଯେଉଁସବୁ କାମ କରୁଥାଉ ଯଥା : କୃଷି, ଶିକ୍ଷା, ଶିଳ୍ପ, ବାଣିଜ୍ୟ ଇତ୍ୟାଦିରେ ସେସବୁ ପ୍ରକାଶିତ ହୁଏ । ଏହାରି ଫଳରେହିଁ ଆମ ଜୀବନ ଓ କର୍ମ ପୂର୍ଣ୍ଣତା ପାଏ ।

ଏଇ ଭଗବାନଙ୍କୁ ପାଇବା ଲାଗି ତୀବ୍ର ଅଭୀପ୍ସା ରହିବା ଦରକାର; କିନ୍ତୁ ଅଧୈର୍ଯ୍ୟ ହେବାର ପ୍ରୟୋଜନ ନାହିଁ । ଅଧୈର୍ଯ୍ୟ, ଅସ୍ଥିର ହେବା ଫଳରେ ସେଇ ଲକ୍ଷ୍ୟପୂରଣ ଆହୁରି ବିଳମ୍ବ ହୋଇପଡ଼େ । କିଛି ଲାଭ ହୁଏ ନାହିଁ । ଯିଏ ଭଗବତ୍ ସାଧନାକୁ ଜୀବନର ଏକମାତ୍ର କର୍ମ ଓ ଏକମାତ୍ର ଲକ୍ଷ୍ୟ ବୋଲି ଧରିନେଇଛି ସେ ଯେଉଁ ସ୍ଥାନରେ ରହି ଯେଉଁ କାର୍ଯ୍ୟ କରୁନା କାହିଁକି ସେଥିରେ କିଛି ଯାଏଆସେ ନାହିଁ । ଭଗବାନ ଜାଣନ୍ତି ତା' ପାଇଁ କେତେବେଳେ କ'ଣ ଭଲ । ସେଇ ଅନୁସାରେ ତା'ର ଜୀବନର ଘଟଣାମାନ ଘଟାଇ ଥାଆନ୍ତି । କେବଳ ତାଙ୍କରି ଉପରେ ବିଶ୍ୱାସ ରଖି ଓ ଜୀବନର ସମସ୍ତ ଦାୟିତ୍ୱ ଛାଡ଼ିଦେଇ ତାଙ୍କୁହିଁ ପାଇବା ଲାଗି ଅଭୀପ୍ସା ରଖିପାରିଲେ ହେଲା । ପଥ ମଧ୍ୟରେ ଯେତେ ସମୟ ଲାଗୁ, ଯେତେ ଦୁଃଖକଷ୍ଟ ଆସୁ; ସେସବୁରେ ତା'ର ଆନନ୍ଦ । କାରଣ ସେ ଜାଣେ ତା'ର ପ୍ରଭୁ ତା'ର ପାଖେ ପାଖେ, ଅତି ନିକଟରେ ଅଛନ୍ତି । ଦିନେନା ଦିନେ ତାଙ୍କରି କୃପାରୁ ଅଜ୍ଞାନର ପରଦା ଘୁଞ୍ଚିଯିବ ଓ ସେ ପ୍ରକଟ ହେବେ ।

ଅଧୈର୍ଯ୍ୟ ହେଲେ ବା ଲାଭ କ'ଣ ? କାରଣ ସେଇ ଲକ୍ଷ୍ୟଟି ଛାଡ଼ି ଜୀବନରେ ତ' ସେ ଅନ୍ୟକୌଣସି ଲକ୍ଷ୍ୟ ଗ୍ରହଣ କରିପାରିବ ନାହିଁ । ଗ୍ରହଣ କଲେ କେବଳ କ୍ଷଣିକ ସୁଖଭୋଗ ଲାଳସାରେ ରସାତଳଗାମୀ ହେବା ଛଡ଼ା କ'ଣ ଚିରନ୍ତନ ଆନନ୍ଦ ଓ ଶାନ୍ତି ପାଇପାରିବ ? ସେଇଥିଲାଗି ଯଥାର୍ଥ ଭକ୍ତ ଓ ସାଧକ ଜୀବନରେ ଭଗବାନଙ୍କୁ ପାଇବାର ଏକ ନିର୍ଦ୍ଦିଷ୍ଟ ସମୟ କିଂବା ନିର୍ଦ୍ଦିଷ୍ଟ ମାର୍ଗ ସ୍ଥିର କରି ଦିଅନ୍ତି ନାହିଁ । ସେମାନେ ସେଇ ଅନନ୍ତଙ୍କ ପାଇଁ

ଏକ ଅନନ୍ତ କାଳ ପର୍ଯ୍ୟନ୍ତ ସାଧନା କରିବାର ଆଗ୍ରହ ନେଇ କାର୍ଯ୍ୟ କରିଯା'ନ୍ତି । ଦାବି କରନ୍ତି ନାହିଁ, ଦୁଃଖ କରନ୍ତି ନାହିଁ କି ଅଭିମାନ କରନ୍ତି ନାହିଁ । କାରଣ ନିଜେ ଦେଖି ନ ପାରିଲେ ବି ସେଇ ପରମପ୍ରିୟ ପ୍ରଭୁ ତାଙ୍କର ପାଖେ ପାଖେ ରହି ତାଙ୍କର ସମସ୍ତ ଯତ୍ନ ନେଉଥିବାର ସେମାନେ ଅନୁଭବ କରିପାରନ୍ତି । ସେଇଥିଲାଗି ସେମାନେ ବ୍ୟସ୍ତ ହୁଅନ୍ତି ନାହିଁ ।

ଶ୍ରୀରାମକୃଷ୍ଣ ପରମହଂସଙ୍କର ଏକ ଗପକୁ ଶ୍ରୀଅରବିନ୍ଦ ତାଙ୍କର ଏକ ପତ୍ରରେ ଉଲ୍ଲେଖ କରି କହିଛନ୍ତି : ''ଥରେ ନାରଦମହର୍ଷି ବୈକୁଣ୍ଠକୁ ଯିବା ବାଟରେ ଜଣେ ଯୋଗୀଙ୍କୁ ଭେଟିଲେ । ସେ ଯୋଗୀ ପାହାଡ଼ ଉପରେ କଠୋର ତପସ୍ୟାରେ ରତ ଥିଲେ । ନାରଦଙ୍କୁ ଦେଖି ବଡ଼ ପାଟି କରି ଡାକି କହିଲେ, 'ହେ ନାରଦ, ଆପଣ କ'ଣ ବୈକୁଣ୍ଠ ଯାଉଛନ୍ତି ? ଯଦି ଯାଉଥା'ନ୍ତି ବିଷ୍ଣୁଙ୍କୁ ତ ଦେଖିବେ । ତାଙ୍କୁ ଟିକିଏ ମୋ କଥା କହିବେ । ଜୀବନସାରା ମୁଁ କଠୋର ତପସ୍ୟା ଆଚରଣ କରିଆସୁଛି; କିନ୍ତୁ କାହିଁ ଏ ପର୍ଯ୍ୟନ୍ତ ତାଙ୍କୁ ପାଇଲି ନାହିଁ । କେବେ ଅନ୍ତତଃ ତାଙ୍କୁ ମୁଁ ପାଇବି ?' ତା'ପରେ ନାରଦ ଜଣେ ବୈଷ୍ଣବ ଭକ୍ତଙ୍କୁ ଦେଖିଲେ । ଭକ୍ତଜଣକ ଆନନ୍ଦରେ ହରିନାମ କରି ଗୀତ ଗାଇ ନାଚୁଥିଲେ । ନାରଦଙ୍କୁ ଦେଖି କହିଲେ, 'ହେ ନାରଦ, ଆପଣ ତ ମୋ ପ୍ରଭୁ ହରିଙ୍କି ଦେଖିବେ । ଦେଖିଲେ ତାଙ୍କୁ ପଚାରିବେ କେବେ ମୁଁ ତାଙ୍କ ପାଖରେ ପହଞ୍ଚିବି ଓ ତାଙ୍କ ଶ୍ରୀମୁଖ ଦର୍ଶନ କରିବି ?' ନାରଦ ବିଷ୍ଣୁଙ୍କ ପାଖକୁ ଯାଇ ଫେରିଲେ । ବାଟରେ ପ୍ରଥମେ ସେ ଯୋଗୀଙ୍କୁ ଭେଟିଲେ ଓ କହିଲେ, 'ମୁଁ ବିଷ୍ଣୁଙ୍କୁ ତୁମ କଥା ପଚାରିଲି । ତୁମେ ଆଉ ଛଅ ଜନ୍ମ ପରେ ତାଙ୍କୁ ଉପଲବ୍ଧି କରିବ ।' ଯୋଗୀଙ୍କର ଧୈର୍ଯ୍ୟ ଭାଙ୍ଗିପଡ଼ିଲା । କାନ୍ଦି ପକାଇ ସେ କହିଲେ, 'କ'ଣ ! ଏତେ ତପସ୍ୟା ! ଏତେ କଠୋର ଉଦ୍ୟମ ! ତା'ସତ୍ତ୍ୱେ ପ୍ରଭୁ ମୋ ପ୍ରତି ଏଡ଼େ ନିଷ୍ଠୁର !' ତା'ପରେ ନାରଦ ସେ ଭକ୍ତଙ୍କୁ ଭେଟିଲେ ଓ କହିଲେ, 'ତୁମ ପାଇଁ ଯେଉଁ ସମ୍ବାଦ ଆଣିଛି ତାହା ସୁସମ୍ବାଦ ନୁହେଁ । ତୁମେ ପ୍ରଭୁଙ୍କୁ ଦେଖିପାରିବ; କିନ୍ତୁ ଲକ୍ଷେ ଜନ୍ମ ପରେ ।' ଏକଥା

ଶୁଣି ଭକ୍ତଟି ଆନନ୍ଦରେ ଗଦ ଗଦ ହୋଇ ନାଚିଉଠିଲା । କହିଲା, 'ସତେ, ମୋର ପ୍ରଭୁ ହରିଙ୍କି ଦେଖିବି ! ଲକ୍ଷେ ଜନ୍ମ ପରେ ତାଙ୍କୁ ଦର୍ଶନ କରିପାରିବି ! ପ୍ରଭୁଙ୍କର ମୋ ପ୍ରତି କୃପା କି ଅସୀମ !' ନାରଦ କହିଲେ, 'ତୁମେ ଠିକ୍ ପ୍ରସ୍ତୁତ ହୋଇଛ । ଆଜି ତୁମେ ପ୍ରଭୁଙ୍କୁ ଦର୍ଶନ କରିବ' ।''

ଶ୍ରୀଅରବିନ୍ଦ କହିଛନ୍ତି କେବଳ ଏ ଗଳ୍ପର ଅନ୍ତର୍ନିହିତ ଭାବଟିକୁ ଆମକୁ ଗ୍ରହଣ କରିବାକୁ ହେବ । କିନ୍ତୁ ସେ ଭକ୍ତଙ୍କୁ ଆମର ଉଦାହରଣରୂପେ ଗ୍ରହଣ କରିବାକୁ ହେବ ନାହିଁ । କାରଣ ଛଅ ଜନ୍ମ କିଂବା ଲକ୍ଷେ ଜନ୍ମ ପରେ ନୁହେଁ, ଏହି ଜନ୍ମରେ ଆମକୁ ଭଗବତ୍ ଉପଲବ୍ଧି କରିବାକୁ ହେବ । କିନ୍ତୁ ଅଧୈର୍ଯ୍ୟ ନ ହୋଇ ଶେଷପର୍ଯ୍ୟନ୍ତ ଲାଗି ରହିବାକୁ ହେବ । ଶୀଘ୍ର କାର୍ଯ୍ୟ ହାସଲ ପାଇଁ କ୍ଷିପ୍ରତା ରହିବ ଓ ତା' ସହ ଦୀର୍ଘକାଳ ଧରି ସାଧନା କରିବାର ଧୈର୍ଯ୍ୟ ରହିବ । ଶ୍ରୀଅରବିନ୍ଦଙ୍କ ନିଜ ଭାଷାରେ, "Work as if the ideal had to be fulfilled swiftly and in thy life-time; persevere as if thou knowest it not to be unless purchased by a thousand years yet of labour." ଅର୍ଥାତ୍, ''ଏପରିଭାବେ କାର୍ଯ୍ୟ କର ଯେପରି ତୁମ ଆଦର୍ଶକୁ ଦ୍ରୁତଗତିରେ ତୁମ ଜୀବନ-କାଳ ମଧରେ ସିଦ୍ଧ କରିବାକୁ ହେବ; ଆଉ ଧୈର୍ଯ୍ୟର ସହ ଲାଗିରୁହ ଯେପରି ତୁମେ ଜାଣ ଯେ ଆହୁରି ହଜାରେ ବର୍ଷର ସାଧନା-ବିନିମୟ ବିନା ଏହି ସିଦ୍ଧିକୁ କ୍ରୟ କରିହେବ ନାହିଁ ।'' ତେଣୁ କ୍ଷିପ୍ରତା ଓ ଧୈର୍ଯ୍ୟ ଉଭୟ ଦରକାର । ଯାହା ବି ହେଉ ବ୍ୟସ୍ତ ବା ହତାଶ ହେବାର କୌଣସି କାରଣ ନାହିଁ । ଆମେ ତ' ଜାଣୁ ଆମ ଜୀବନରେ ଏଇ ଗୋଟିଏ କର୍ମ ଛଡ଼ା ଅନ୍ୟ କୌଣସି ଗତି ନାହିଁ । ଅନ୍ୟ ସମସ୍ତ ଗତି ଏକ କ୍ଷଣିକ ବିଭ୍ରାନ୍ତି ଓ ପଥଚ୍ୟୁତି । କାରଣ ଆମେ ପାଶ୍ଚାତ୍ୟବାସୀ ନୋହୁ, ଆମେ ଭାରତୀୟ । ସୀମାର ପଶ୍ଚାତ୍‌ରେ ଅସୀମର, ସାନ୍ତର ପଶ୍ଚାତ୍‌ରେ ଅନନ୍ତର, ରୂପର ପଶ୍ଚାତ୍‌ରେ ଅରୂପର, ଆକାରର ପଶ୍ଚାତ୍‌ରେ ନିରାକାରର, କ୍ଷରର ପଶ୍ଚାତ୍‌ରେ ଅକ୍ଷରର,

ଦୃଶ୍ୟମାନର ପଶ୍ଚାତ୍‌ରେ ଅଦୃଶ୍ୟର, ଅଶାଶ୍ୱତର ପଶ୍ଚାତ୍‌ରେ ଶାଶ୍ୱତର, ଅପୂର୍ଣ୍ଣ ବିକୃତ ଜୀବନର ପଶ୍ଚାତ୍‌ରେ ଏକ ପୂର୍ଣ୍ଣାଙ୍ଗ ଦିବ୍ୟଜୀବନର ଓ ଚରମ କୁତ୍ସିତତାର ପଶ୍ଚାତରେ ପରମ ସୌନ୍ଦର୍ଯ୍ୟର ଅନ୍ୱେଷଣ ଓ ଉପଲବ୍ଧି ଆମର ଜନ୍ମଗତ ଅଧିକାର ଓ ଏକମାତ୍ର କୌଳିକ କର୍ମ । ଶ୍ରୀଅରବିନ୍ଦଙ୍କ ଯୋଗରେ ତ' ସଂସାରକର୍ମ ସହ ଏହି ଭଗବତ୍ ଅନ୍ୱେଷଣ ଯୁକ୍ତ ହୋଇ ଯୋଗସାଧନା ଆହୁରି ବ୍ୟାପକ, ଆହୁରି ଗ୍ରହଣଯୋଗ୍ୟ ହୋଇପଡ଼ିଛି । ଭଗବାନଙ୍କ ଲାଗି ଆମକୁ ଆମର ଶିକ୍ଷା, କୃଷି, ବିଜ୍ଞାନ, ବ୍ୟବସାୟ, ରାଜ୍ୟଶାସନ କିଛିଟା ଛାଡ଼ିବାକୁ ହେବ ନାହିଁ । ସେସବୁକୁ ଉପାୟରୂପେ ଗ୍ରହଣ କରି ତାହାରି ଭିତର ଦେଇ ଲକ୍ଷ୍ୟସାଧନ କରିବାକୁ ହେବ । ତେଣୁ ଆଉ ଅସୁବିଧା କ'ଣ ?

ଏସବୁ ଛଡ଼ା ଭାରତୀୟ ହିସାବରେ ଆମର ଆଉ କି କାମ ଅଛି ଯେ ଆମେ ପ୍ରଶ୍ନ କରିବୁ, ''ଭଗବାନ କ'ଣ ଏ ଜୀବନରେ ମିଳିବେ ?'' ଏ ଜୀବନରେ ଯଦି ଆମେ ଆମର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ନ ହେଉ ତେବେ ଜନ୍ମ ପରେ ଜନ୍ମ ନେଇ ଯେବେ ହେଲେ ସଚେତନ ହେବାକୁ ବାଧ୍ୟ ହେବୁ । ନଚେତ୍ ନିସ୍ତାର ନାହିଁ । ମିଥ୍ୟାର ପ୍ରରୋଚନା ଓ ପ୍ରଲୋଭନ କେତେ ଦିନ ଆଉ ଆମକୁ ପ୍ରଲୁବ୍ଧ ଓ ବିଭ୍ରାନ୍ତ କରି ରଖିପାରିବ ? ସବୁଠାରୁ ଭଲ ବିରୋଧୀ ଶକ୍ତିର ପ୍ରତୀକସ୍ୱରୂପ କୌଣସି ସନ୍ଦେହରେ ବିଚଳିତ ନ ହୋଇ ମା'ଙ୍କର ଗୋଟିଏ ମାତ୍ର ଶବ୍ଦ ସମ୍ବଳିତ ମନ୍ତ୍ର ସଦୃଶ ସେଇ ସୁନ୍ଦର ବାଣୀଟିକୁ ସବୁବେଳେ ମନେ ରଖିବାକୁ ହେବ । ସେଇଟି ହେଉଛି "Persevere" ''ଲାଗିରୁହ'' । ତେଣିକି ଆଉସବୁ କାର୍ଯ୍ୟ ତାଙ୍କର ।

## ମୋ ଅଡୁଆ କେହି ତୁଟାଉ ନାହାନ୍ତି

ରାତି ଅଧ ହେଲାଣି । ସମସ୍ତେ ଶୋଇଲେଣି । ଘର ଭିତରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର କଳି ତୁଟି ନାହିଁ । ଖିଆପିଆ ହୋଇଛି କି ନାହିଁ ଜଣା ନାହିଁ । ଏତିକିବେଳେ ପାଖ ଘରୁ କ'ଣ ଖୁଡ୍ ଖାଡ୍ ଶବ୍ଦ ଶୁଣାଗଲା । ଥରେ ଶୁଣାଗଲା । କିନ୍ତୁ ତଥାପି ସେମାନଙ୍କର କଳି ଚାଲିଥାଏ । ଆଉ ଥରେ ଟିକିଏ ଜୋର୍‌ରେ ଶୁଣାଗଲା । ଏଥର ଟିକିଏ ସେମାନେ କାନ ଡେରି ଶୁଣିଲେ, ଭାବିଲେ ବିରାଡ଼ି ଫିରାଡ଼ି ବୋଧହୁଏ ଡିଆଁଡେଇଁ କରୁଛି । ଏହା ଭାବି କ୍ଷଣକ ଲାଗି ଛିଡ଼ି ଯାଇଥିବା କଳିର ଖିଅକୁ ଯେତେ ଶୀଘ୍ର ପାରନ୍ତି ଯୋଡ଼ିଦେଇ ପୁଣି ଲାଗିଗଲେ । କିନ୍ତୁ ଏଥର ଶୁଭିଲା ଟ୍ରଙ୍କ ଖୋଲିବାର ଶବ୍ଦ । କଳି ଥପ୍ କରି ଥମି ଗଲା । ସ୍ୱାମୀ ସ୍ତ୍ରୀ ଦୁହେଁ ପରସ୍ପରକୁ ବିସ୍ମୟବିସ୍ଫାରିତ ନେତ୍ରରେ ଟିକିଏ ଚାହିଁ ଆର ଘରକୁ ଦଉଡ଼ିଲେ । ଆର ଘରେ ଯାଇ ପହଞ୍ଚିବା ମାତ୍ରେ ଦେଖିଲେ କିଏ ଦୁଇଜଣ ଝରକା ବାଟ ଦେଇ ଡେଇଁପଡ଼ି ପଳାଇ ଗଲେ । ଆଲୁଅ ଆଣି ଦେଖିଲେ ଅଳଙ୍କାର ବାକ୍ସଟି ଖୋଲା ପଡ଼ିଛି । ବେଶୀ କିଛି ନେଇପାରି ନାହାନ୍ତି । ଖାଲି ଗୋଟିଏ ଛୋଟ ଡବାରେ ଦୁଇଟି ସୁନା ମୁଦି ଦୁଇ ଜଣଙ୍କର ଥିଲା ସେଇଡ଼ବାଟିକୁ ଧରି ପଳାଇ ଯାଇଛନ୍ତି ।

ବର୍ତ୍ତମାନ ଆଉ କଳି କଥା ମନେ ନାହିଁ । ଦୁହେଁଯାକ ମିଳି ତନ୍ନ ତନ୍ନ କରି ବାକ୍ସ ଦେଖୁଛନ୍ତି, କାଳେ ଆଉ କ'ଣ ଜିନିଷ ଯାଇଛି କି ନାହିଁ । ଝରକା ବି ଦେଖିଲେ, ସେଥିରେ କେତୋଟି ରଡ୍ ନାହିଁ । ବେଶୀ କିଛି ଚୋରି ନ ଯାଇ ଥିବାରୁ ଭଗବାନଙ୍କୁ ଅଶେଷ ଧନ୍ୟବାଦ ଜଣାଇ ଭଲ କରି କବାଟ ଝରକା ବନ୍ଦ କରି ଶୋଇଲେ ।

ଚୋର ଦୁଇଜଣ ସେ ଛୋଟ ଡବାଟି ନେଇ ରାସ୍ତାରେ ଗୋଟିଏ

ଗଛ ମୂଳେ ବସି ଖୋଲିଲେ । ଦେଖିଲେ ତା ଭିତରେ ଦୁଇଟି ମୁଦି ଅଛି । ଗୋଟିଏ ମୁଦିରେ ସୁନ୍ଦର ପଥରଟିଏ ବସିଛି, ଆଉ ଗୋଟିଏ ମୁଦି ଖାଲି, ସେଥିରେ ପଥର ନାହିଁ । ଦୁଇଜଣଙ୍କ ଭିତରେ କଳି ହେଲା । ଉଭୟେ ଚାହିଁଲେ ପଥରବସା ମୁଦିଟି ନେବା ଲାଗି । କଳି ତୁଟିଲା ନାହିଁ । ବଢ଼ି ବଢ଼ି ଚାଲିଲା । ମରାମରି ହେବା ପର୍ଯ୍ୟନ୍ତ ବି ଗଲେ । ଏତିକିବେଳେ ଅନ୍ଧାରରେ ଜଣେ ପୁଲିସ୍‌ବାଲାର ବୁଟ୍ ଶବ୍ଦ ଶୁଭିଲା । ସେ ଏମାନଙ୍କୁ ଦେଖି ନାହିଁ; କିନ୍ତୁ ତା'ର ଡିଉଟି କରୁଛି । ଦୁହେଁଯାକ ଆଉ କଳି କରିବେ କ'ଣ, ଯିଏ ଯେଉଁ ମୁଦିଟି ପାଇଲା ଧରି ଚମ୍ପଟ । ଆଉ ପଛକୁ ବି ଚାହିଁ ନାହାନ୍ତି । ଖୋଲା ଡବାଟି ସେଇ ଗଛମୂଳେ ସେମିତି ପଡ଼ିଛି ।

ଉପରୋକ୍ତ ଦୁଇଟିଯାକ ଘଟଣାରେ କି ସୁନ୍ଦରଭାବେ ଅଡୁଆ ତୁଟିଗଲା ! କୌଣସି ମଧ୍ୟସ୍ଥର ଆଉ ଆବଶ୍ୟକତା ପଡ଼ିଲା ନାହିଁ । ଆମ ଜୀବନରେ ଆମେ ସବୁବେଳେ କିଛି ନା କିଛି ଅଡୁଆକୁ ନେଇ ବ୍ୟସ୍ତ । ବ୍ୟକ୍ତିଗତ ଜୀବନରେ ଅଡୁଆ, ସାମାଜିକ ଜୀବନରେ ଅଡୁଆ, ରାଷ୍ଟ୍ରଗତ ଜୀବନରେ ଅଡୁଆ, ଅନ୍ତଃରାଷ୍ଟ୍ରୀୟ ଜୀବନରେ ଅଡୁଆ । ଆମେ ଯେପରି ଏକ ଅଡୁଆମଡୁଆ ଜାଲ ଭିତରେ ଛନ୍ଦି ହୋଇଯାଇଛୁ । ସବୁବେଳେ ଭାବୁଛୁ କେମିତି ଏ ଅଡୁଆ ତୁଟି ଯାଆନ୍ତା କି ! କେମିତି ମୁଁ ଏଥିରୁ ମୁକ୍ତ ହୁଅନ୍ତି କି ! କେହି ବି ଟିକିଏ ମୋ ଦୁଃଖ କଥା ବୁଝୁ ନାହାନ୍ତି । କେହି ବି ଟିକିଏ ଅଡୁଆଟା ତୁଟାଇ ଦେବାକୁ ଚେଷ୍ଟା କରୁ ନାହାନ୍ତି । ଭଗବାନ ବି ଏଡ଼େ ନିଷ୍ଠୁର, ସେ ବି ଏତିକି ବେଳକୁ ପଥର ପାଲଟି ଗଲେଣି !

କିନ୍ତୁ ବାସ୍ତବରେ କ'ଣ ଅନ୍ୟ କାହାରି ଚେଷ୍ଟା କିଂବା ହସ୍ତକ୍ଷେପ ଦ୍ୱାରା ଅଡୁଆ ତୁଟେ, ବ୍ୟକ୍ତି ଯଦି ନିଜେ ନ ଚାହେଁ ? ଖାଲି ଚାହିଁଲେ ବି ହେବ ନାହିଁ । ଯେତେ ଚାହୁଁଥିବ ସେତେ ଅଡୁଆରେ ଛନ୍ଦି ହୋଇ ଯାଉଥିବ । ଚାହିଁବା ସହ ସେ ଯଦି ଛୋଟିଆ ଅଡୁଆ ସ୍ଥାନରେ ଏକ ବଡ଼ ଅଡୁଆ ଉପସ୍ଥାପିତ କରେ ତେବେ ଖୁବ୍ ସହଜରେ ଛୋଟ ଅଡୁଆଟି ତୁଟିଯାଏ ।

ସେଥିଲାଗି ଆଉ କଷ୍ଟ କରିବାକୁ ପଡ଼େ ନାହିଁ କି ଅନ୍ୟ କାହାରି ହସ୍ତକ୍ଷେପ ବିଶେଷ ଆବଶ୍ୟକ ହୁଏ ନାହିଁ ।

ଆମେ ଦେଖିଲେ, ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର ଅଡୁଆ ତୁଟୁ ନ ଥିଲା, କିନ୍ତୁ ଚୋର ଦୁଇଟିଙ୍କର ପ୍ରବେଶ ଫଳରେ ଆଉ ଗୋଟିଏ ବଡ଼ ଅଡୁଆ ଦେଖା ଦେବାରୁ ଏମାନଙ୍କ ଅଡୁଆ କୁଆଡ଼େ ନିମିଷକ ମଧ୍ୟରେ ଉଭେଇ ଗଲା । ସେହିପରି ଚୋର ଦୁଇଟିଙ୍କର ଅଡୁଆ ନ ତୁଟି ସେମାନେ ମରାମରି ପର୍ଯ୍ୟନ୍ତ ଯାଇଥିଲେ, କିନ୍ତୁ ପୁଲିସ୍‌ର ଆଗମନ ଫଳରେ ଆଉ ଏକ ବିରାଟ ଅଡୁଆର ସମ୍ଭାବନା ଦେଖି ସେମାନଙ୍କ ଅଡୁଆ କୁଆଡ଼େ ଯିବ ବୋଲି ବାଟ ପାଇଲା ନାହିଁ ।

ଠିକ୍ ସେମିତି ଆମେ ଯଦି ଆମର ବ୍ୟକ୍ତିଗତ ଅଡୁଆ ସ୍ଥାନରେ ସାମାଜିକ ଅଡୁଆକୁ ଉପସ୍ଥାପିତ କରୁ ତେବେ ଆମର ବ୍ୟକ୍ତିଗତ ଅଡୁଆ ଆମକୁ ବହୁତ କ୍ଷୁଦ୍ର, ନିରର୍ଥକ ବୋଧ ହୁଏ । ଯେଉଁମାନେ ସମାଜସେବୀ ସେମାନେ ଘରେ ଗଣ୍ଡାଏ ଖାଇଦେଇ ଯାଇ ସମାଜକଲ୍ୟାଣ କାମରେ ଲାଗିଯିବେ । ଘରେ ଖାଇବାକୁ ନାହିଁ କି ପୁଅକୁ ଜ୍ୱର କି ବାପ ମୃତ୍ୟୁଶଯ୍ୟାରେ ପଡ଼ିଛି କି ସ୍ତ୍ରୀ ଲାଗି ପିନ୍ଧିବାକୁ ନାହିଁ– ସେ ଚିନ୍ତା ସେମାନଙ୍କୁ ସ୍ପର୍ଶ କରେ ନାହିଁ । ସେମାନେ ସମାଜର ଅଡୁଆ ସହିତ ନିଜକୁ ଏକ କରି ଦେଇଥା'ନ୍ତି; ତେଣୁ ବ୍ୟକ୍ତିଗତ ଅଡୁଆ ସେମାନଙ୍କୁ ଆଉ ସ୍ପର୍ଶ କରେ ନାହିଁ । ଯେଉଁମାନେ ସମଗ୍ର ରାଷ୍ଟ୍ରର ଅଡୁଆ ସହ ଜଡ଼ିତ ସେମାନଙ୍କୁ ସେମାନଙ୍କ ସମାଜ ବା ରାଜ୍ୟର ସମସ୍ୟା ଆଉ ବିବ୍ରତ କରେ ନାହିଁ । ସେମାନେ ରାଷ୍ଟ୍ରର ସମୂହ କଲ୍ୟାଣ ଚିନ୍ତାରେ ବ୍ୟସ୍ତ ଥାଆନ୍ତି । ସେହିପରି ଯାହା ସମ୍ମୁଖରେ ସମଗ୍ର ମାନବଜାତିର ଅଡୁଆ ରହିଛି ତାକୁ ଆଉ ତା'ର ବ୍ୟକ୍ତିଗତ ଅଡୁଆ, ସାମାଜିକ ଅଡୁଆ, ରାଷ୍ଟ୍ରୀୟ ଅଡୁଆ ବିବ୍ରତ କରିପାରେ ନାହିଁ । ସେ ଏକ ବିଶାଳ ଦୃଷ୍ଟି ନେଇ ବିଶାଳ ଅଡୁଆ ସହ ଯୁକ୍ତ ହୋଇଥାଏ ।

କିନ୍ତୁ ଏହି କ୍ଷୁଦ୍ର ଅଡୁଆ ସ୍ଥାନରେ ଯେଉଁ ବଡ଼ ଅଡୁଆଟି ହେବ ତାହା

ଯେପରି ପ୍ରଗତିମୂଳକ ହୁଏ । ତାହେଲେ କ୍ଷୁଦ୍ର ଅଢୁଆଟି ତ ତୁଟିଯିବ, ତା ସଙ୍ଗେ ସଙ୍ଗେ ବ୍ୟକ୍ତିର ଅଗ୍ରଗତି ହେବ ।

ଥରେ ଗୋଟିଏ ଝିଅ ସ୍କୁଲରେ ପଢୁଥିଲା । ଏଇଟା ତା'ର ଥିଲା ଏକାଦଶ ଶ୍ରେଣୀ । ଘରେ ପଢ଼ାପଢ଼ିର ବିଶେଷ ସୁବିଧା ନ ଥିବାରୁ ସିଏ ତା'ର ଜଣେ ସାଙ୍ଗ ଝିଅ ଘରକୁ ପଢ଼ିବାକୁ ଯାଏ । ସେଠାରେ ଦୁହେଁଯାକ ପଢ଼ନ୍ତି । ପଢ଼ିସାରି ସେ ଫେରିଆସେ । ସେ ଝିଅର ବାପା ଏକଥା ଜାଣି ପସନ୍ଦ କଲେ ନାହିଁ । ତାକୁ ଦିନେ ମନା କଲେ ସେଠାକୁ ଯିବାକୁ । ସେ କିନ୍ତୁ ମାନିଲା ନାହିଁ । ପୁଣି ଗଲା । କାରଣ ଘରେ ତା'ର ପଢ଼ିବାକୁ ମନ ଲାଗେ ନାହିଁ, ସେଠାରେ ତା'ର ପଢ଼ିବାକୁ ସୁବିଧା ହୁଏ, ଆଉ ଭଲ ବି ଲାଗେ । ତା'ଛଡ଼ା ସେ ଜାଣି ନ ଥିଲା ବାପା ତାକୁ ବିଶେଷ କିଛି ଖରାପ ଅର୍ଥରେ ନେବେ ।

ସେ ନ ମାନି ପୁନର୍ବାର ଯିବାରୁ ବାପା ତା'ର ଭୀଷଣ ରାଗିଗଲେ । ତା'ର ଚରିତ୍ର ସମ୍ବନ୍ଧେ ନାନା ପ୍ରକାର ସନ୍ଦେହଭାବ ପୋଷଣ କଲେ । ଘରେ ସ୍ତ୍ରୀ ସହ କଳି କଲେ ଓ ଝିଅକୁ ବାରଣ କରିବାକୁ କହିଲେ । ସ୍ତ୍ରୀ ତାଙ୍କର ଏସବୁ କଥାରେ ଗୁରୁତ୍ୱ ଦିଅନ୍ତି ନାହିଁ । ସେ ଜାଣନ୍ତି ସ୍ୱାମୀ ତାଙ୍କର ତୁଚ୍ଛା ସନ୍ଦେହୀ ଓ କ୍ରୋଧୀ ଲୋକ । ତା'ଛଡ଼ା ଝିଅର ପରୀକ୍ଷା ସମୟ । ତାକୁ ବାଧା ଦେଲେ ତା'ର ପରୀକ୍ଷାରେ କିଛି ଖରାପ ହୋଇପାରେ । ତେଣୁ ସେ ଝିଅକୁ ବିଶେଷ କିଛି ଜୋର୍ ଦେଇ କହିପାରିଲେ ନାହିଁ ।

ଏହା ଫଳରେ ବାପାଙ୍କର ରାଗ ଆଉ ଦେଖେ କିଏ ! ରାଗି ସମସ୍ତଙ୍କ ଆଗରେ ଗପିଲେ : ଏ ଝିଅଟା ପାଠ ପଢ଼ି ଖରାପ ହୋଇଗଲା । ଯା ତା ଘରକୁ ଯାଇ ସେଠାରେ ରହି ନିଜର ଚରିତ୍ର ତ ନଷ୍ଟ କଲାଣି, ତା'ଛଡ଼ା ମୋର ମାନ ଇଜ୍ଜତ ସବୁ ଶେଷ କଲା, କୁଳରେ କଳଙ୍କ ଲଗାଇଲା । ସ୍ତ୍ରୀ ତାଙ୍କର ବୁଝିପାରିଲେ : ଇଏତ ନିଜେ ମୂର୍ଖ, କ୍ରୋଧର ବଶବର୍ତ୍ତୀ ହୋଇ ବୁଦ୍ଧିବୃତ୍ତି ହରାଇଲେଣି, ନିଜେ ନିଜର ମାନ ଇଜ୍ଜତ ପଦାରେ ପକାଉଛନ୍ତି,

ଝିଅଟାକୁ ବି ହଇରାଣ କରୁଛନ୍ତି । ଦିନେ ସେ ଝିଅକୁ ଡାକି ବୁଝାଇଦେଲେ ତା'ର ସାଙ୍ଗ ଘରକୁ ଆଉ ନ ଯିବା ଲାଗି ।

ଝିଅ କିନ୍ତୁ ରାଗି ଆହୁରି ଅଗ୍ନିଶର୍ମା । କହିଲା : ମୁଁ ଅଲବତ ଯିବି । କାହିଁକି ସେ ମୋ ନାମରେ ମିଛରେ ଏଣୁ ତେଣୁ ଯା ତା ଆଗରେ କହୁଛନ୍ତି ? ମୋର ସେ କ'ଣ କରିବେ କରନ୍ତୁ !

ମା ବିଚାରୀ ବହୁତ ହଇରାଣରେ ପଡ଼ିଲେ । ନୀରବରେ କେବଳ ଭଗବାନଙ୍କୁ ଡାକିବା ଛଡ଼ା ତାଙ୍କର ଆଉ କିଛି ଚାରା ନାହିଁ । କାରଣ ସେ ଜାଣିପାରିଲେ; ଝିଅର କିଛି ଦୋଷ ନ ଥିଲେ ବି ବାପ ମୂର୍ଖ ହେତୁ କେତେବେଳେ କି କାଣ୍ଡ କରିବସିବ । ତା'ଛଡ଼ା ପରୀକ୍ଷା ବେଳ । ଝିଅର ପଢ଼ା ଯଦି ବନ୍ଦ କରିଦିଏ ସିଏ ବି ଦୁଃଖରେ କ'ଣ ନାହିଁ କ'ଣ କରିବସିବ ।

ମା'ର ଡାକ ଭଗବାନ ଶୁଣିଲେ । ଝିଅ ମନରେ ଏହି ବିଚାର ଆସିଲା ଯେ ପଢ଼ା ଯଦି ବାପା ବନ୍ଦ କରିଦିଏ ! ଯେଉଁଥିପାଇଁ ସେ ସାଙ୍ଗ ଘରକୁ ଯାଉଛି ତାହା ଯଦି ବନ୍ଦ ହୋଇଯାଏ ସେ ତ ବଞ୍ଚିବା ମୁସ୍କିଲ୍ ହୋଇଯିବ । ଛାଡ଼, ସାଙ୍ଗ ଘରକୁ ଯିବା ଛାଡ଼ି ଦେବାକୁ ହେବ ପଢ଼ାରେ ଯାହା କ୍ଷତି ହେଉଛି ହେଉ । ନାହିଁ ମାମୁ ଠାରୁ କଣା ମାମୁ ଭଲ । ସେ ଏଣିକି ଆଉ ତା'ର ସାଙ୍ଗ ଘରକୁ ଗଲା ନାହିଁ । ଘରେ ପଢ଼ିଲା । ତଥାପି ବାପର କ୍ରୋଧ ଗଲା ନାହିଁ । ସେ ଆଉ ତା ସହିତ କଥାବାର୍ତ୍ତା କଲା ନାହିଁ । କିନ୍ତୁ ପାଠ ପଢ଼ାଟା ବନ୍ଦ ନ ହୋଇ ରହିଗଲା । ବାପ ଟଙ୍କା ପଇସା ନ ଦେଲେ ବି ମା ତା'ର ଗହଣା ବିକି ତା'ର ପରୀକ୍ଷା ଖର୍ଚ୍ଚ ଯୋଗାଇଲା । ପରୀକ୍ଷାରେ ସେ କୃତିତ୍ୱର ସହ ପାସ୍ କଲା । ବାପ ତ ଆଉ ଟଙ୍କା ଦେବ ନାହିଁ । ତେଣୁ କଲେଜରେ ହଠାତ୍ ପଢ଼ିବାକୁ ଆଉ ମନ ବଳାଇଲା ନାହିଁ । ସେ ଚାହୁଁଥିଲା ଭଗବତ୍ ସାଧନାରେ ନିଜ ଜୀବନକୁ ବିତାଇ ଦେବ, ତେଣୁ ବିବାହ ବି କରିବାକୁ ମନାକଲା ।

ଶେଷରେ ଜଣେ ହିତାକାଙ୍କ୍ଷୀ ବ୍ୟକ୍ତିଙ୍କର ଉଦ୍ୟମରେ ସେ ଚାକିରି

ଖଣ୍ଡେ ପାଇଲା । ଚାକିରି କରି ଘରୋଇ ଭାବରେ ପଢ଼ି ବି.ଏ. ଓ ଏମ୍.ଏ. ପାସ୍ କଲା । ଏଣିକି ଖୁବ୍ ବଡ଼ ଚାକିରି କଲା । ଏତିକି ବେଳକୁ ତା'ର ମାଆର ବିୟୋଗ ଘଟିଲା । ବାପ ବୁଢ଼ା ହୋଇଗଲେଣି । ପୁଅମାନେ ନିଜ ନିଜର ସ୍ତ୍ରୀ ପୁତ୍ରଙ୍କୁ ନେଇ ବ୍ୟସ୍ତ । କେହି ବାପକୁ ପଚାରୁ ନାହାନ୍ତି । ବୁଢ଼ା ଅନେକ ସମୟ ବସି ଅତୀତ କଥା ମନେ ପକାଇ କାନ୍ଦୁଛି । ଝିଅ ପ୍ରତି ତା'ର ନିଷ୍ଠୁର ବ୍ୟବହାର କଥା ମନେପଡ଼ି ହୃଦୟ କରତି ହୋଇଯାଉଛି । ହତାଶ, ବ୍ୟାକୁଳ ପ୍ରାଣ ତା'ର କେବଳ ଝିଅଠାରେହିଁ ନିଜର ଆଶା ଆଉ ଆଶ୍ୱାସନାର ସ୍ଥଳ ଦେଖିପାରୁଛି । ଦିନରାତି ଖାଲି ଝିଅକୁ ମନେପକାଇ କାନ୍ଦୁଛି । ଭାବୁଛି, ଝିଅ କ'ଣ ତାକୁ ସତେ କ୍ଷମା ଦେବ ?

ଦୂରରେ ଥିଲେ ବି ଝିଅ ହୃଦୟରେ ବାପ ପ୍ରତି ଏକ ତୀବ୍ର ଆକର୍ଷଣ ଅନୁଭବ କଲା । କିଛି ନ ଜଣାଇ ଦିନେ ଅଚାନକଭାବେ ଘରେ ପହଞ୍ଚି ଦେଖିଲା ବାପ ଶଯ୍ୟାଶାୟୀ । ଝିଅକୁ ଦେଖି ବାପର ଯେ କି ଆନନ୍ଦ ତାହା କହିହେବ ନାହିଁ । ଅନୁଶୋଚନାର ଅଶ୍ରୁ ଝରଝର ହୋଇ ଆଖିରୁ ଝରି ଯାଉଛି । ଏଥର ତାକୁ ଆଉ ଘରେ ରହିବାକୁ ହେଲା ନାହିଁ । ଜୀବନର ଶେଷ ପର୍ଯ୍ୟନ୍ତ ଝିଅ ପାଖରେ ରହି କଟାଇଲା ।

ଏହି କ୍ଷେତ୍ରରେ ଝିଅର ଯେଉଁ ଅଡୁଆ ତୁଟିଲା ତାହା ଏକ ବୃହତ୍ତର ଅଡୁଆର ସମ୍ମୁଖୀନ ହେବା ଫଳରେ । ସେ ଅଡୁଆଟି ହେଉଛି ତା'ର ପାଠ ପଢ଼ା କାଳେ ବନ୍ଦ ହୋଇଯିବ । ଏ କ୍ଷେତ୍ରରେ ବୃହତ୍ତର ଅଡୁଆଟି ପ୍ରଗତିମୂଳକ, କ୍ଷତିକାରକ ନୁହେଁ ।

ଏହିପରି ଆମ ଜୀବନକୁ ବିଶ୍ଳେଷଣ କଲେ ଆମେ ଦେଖିବା ଏକ କ୍ଷୁଦ୍ର ଅଡୁଆ ଯୋଗୁଁ ଏକ ବୃହତ୍ତର ଅଡୁଆର ସମ୍ମୁଖୀନ ହେବାକୁ ନ ପଡୁଥିଲେ ଆମ କ୍ଷୁଦ୍ର ଅଡୁଆଟି ଆମକୁ ଛାଡ଼ି ଯାଆନ୍ତା ନାହିଁ । ଚେଷ୍ଟା କଲେ ବି ସେ ଜୋର୍ କରି ମାଡିବସି ଧରନ୍ତା ।

ତେଣୁ ଆମେ ଦେଖିଲେ ଆମ ଅଡୁଆଟି ଯେତେ ବଡ଼ ହେବ ଆମେ

ସେତେ କ୍ଷୁଦ୍ର କ୍ଷୁଦ୍ର ଅଡୁଆରୁ ମୁକ୍ତ ହେବା । ତେଣୁ ସବୁଠାରୁ ବଡ଼ ଅଡୁଆଟି ଜୀବନରେ କ'ଣ, ଯାହାକୁ କି ଆମ ସମ୍ମୁଖରେ ରଖିଲେ ତା ସାମନାରେ କ୍ଷୁଦ୍ର କ୍ଷୁଦ୍ର ଅଡୁଆ ଆପେ ନିଶ୍ଚିହ୍ନ ହୋଇଯିବ ? ସେ ଅଡୁଆଟି ନୁହେଁ ବ୍ୟକ୍ତିଗତ ଅଡୁଆ, ନୁହେଁ ସାମାଜିକ ଅଡୁଆ, ନୁହେଁ ରାଷ୍ଟ୍ରୀୟ ଅଡୁଆ କି ନୁହେଁ ସମଗ୍ର ମାନବଜାତିର ଅଡୁଆ । ସେ ଅଡୁଆଟି ହେଉଛି ଭାଗବତ, ଦିବ୍ୟ ଅଡୁଆ । (ଅଡୁଆ ବୋଲି ଭାଷାରେ କୁହାଯାଉଛି, କିନ୍ତୁ ଯଥାର୍ଥରେ ତାହା ତା ନୁହେଁ, ତାକୁ ଲକ୍ଷ୍ୟ ବୋଲି କୁହାଯାଇପାରେ ।) ନିଜ ଭିତରେ ଭଗବାନଙ୍କୁ ଆବିଷ୍କାର କରିବା, ନିଜର ସମସ୍ତ ପ୍ରକୃତିକୁ ଭାଗବତ ଧର୍ମରେ ରୂପାନ୍ତରିତ କରିବାଠାରୁ ବଡ଼ ଅଡୁଆ ଜୀବନରେ ଆଉ କିଛି ନାହିଁ । ଏ ଅଡୁଆଟିକୁ ଯିଏ ଗ୍ରହଣ କରିଛି ସମଗ୍ର ବିଶ୍ୱର ଅଡୁଆ ଯଦି ତା ମୁଣ୍ଡରେ ଲଦି ହୋଇପଡ଼େ ସେ ହସି ହସି ଅକ୍ଷତ ଭାବରେ ଘୁଞ୍ଚି ଛିଡ଼ା ହୋଇ ପାରିବ । ସେଇ ଗୋଟିଏ ଅଡୁଆ ତୁଟାଇବା ଲାଗି ସେ ତା'ର ସୁଖ-ଦୁଃଖ, ମାନ-ଇଜ୍ଜତ, ବନ୍ଧୁ-ବାନ୍ଧବ, ଘର-ଦ୍ୱାର, ସଂସାରସବୁକୁ ଜଳାଞ୍ଜଳି ଦେଇଥାଏ । ତା'ର ଆଉ କୌଣସି କିଛିକୁ ଡର ଭୟ ନ ଥାଏ । ତା'ର ଜୀବନ ତା ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଏକ ବିଶାଳ, ଅସୀମ ଜୀବନ ସହ ଗୁନ୍ଥା ହୋଇଥାଏ । ତେଣୁ ତା ଜୀବନର ସକଳ ସୁଖଦୁଃଖକୁ ସେହି ଅସୀମ ପାନ କରିନେଇ ତାକୁ ତା'ର ଲକ୍ଷ୍ୟ ପଥରେ ଆଗେଇ ନିଅନ୍ତି ।

ତେଣୁ ମୋ ଅଡୁଆଟି ତୁଟାଇବ କିଏ ? ମୋ ଅଡୁଆଟିର ସୂତ୍ର ଯେ ମୋ ନିଜ ଭିତରେ । ମୋର ବୃହତ୍ତର ଅଡୁଆଟିକୁ ଯଦି ମୁଁ ଆଣି ସାମନାରେ ରଖି ଶାନ୍ତ, ନୀରବଭାବେ ସେଇ ଦିଗରେ ଉନ୍ମୁକ୍ତ ରହେ ତେବେ ଏ କ୍ଷୁଦ୍ର ଅଡୁଆଟି କୁଆଡ଼େ ନିଶ୍ଚିହ୍ନ ହୋଇଯିବାକୁ ବାଟ ପାଇବ ନାହିଁ । ଯେପର୍ଯ୍ୟନ୍ତ ସଂପୂର୍ଣ୍ଣ ନିଶ୍ଚିହ୍ନ ନ ହୋଇଛି ସେପର୍ଯ୍ୟନ୍ତ ଜାଣିବାକୁ ହେବ ଆମ ବୃହତ୍ତର ଅଡୁଆଟି ପ୍ରତି ଆମେ ସଂପୂର୍ଣ୍ଣ ଉନ୍ମୀଳିତ ନୁହଁ ।

ସେଇଥିଲାଗି ମା କହିଛନ୍ତି :

"Difficulties are sent to us exclusively to make the realisation more perfect."

''ବାଧାବିପତ୍ତି ଆମ ପାଖକୁ ପଠାଯାଇଥାଏ କେବଳ ଆମର ସିଦ୍ଧିକୁ ଆହୁରି ପୂର୍ଣ୍ଣତା ପ୍ରଦାନ କରିବା ଲାଗି ।''

*

"The greater the difficulty, the greater the victory. Bear and you will triumph."

''ବାଧାବିପତ୍ତି ଯେତେ ବିଶାଳ, ବିଜୟ ମଧ୍ୟ ସେତେ ବିଶାଳ । ସହ୍ୟ କର, ତୁ ବିଜୟଲାଭ କରିବୁ ।''

## ଦେଖାଯାଉ କ'ଣ ହେଉଛି !

''ମୋର କିଏ ହାତରେ ରୋଷେଇ କରିବ ? ଦିନଯାକ ମଣିଷ ଅଫିସରେ କାମ କରିବ, ବସାକୁ ଆସିଲେ ଟିକେ ଆରାମ ନାହିଁ, ମଉଜ ମଜଲିସ୍ ନାହିଁ, ପୁଣି ଲାଗ ରୋଷେଇରେ ! ନା ନା ସେସବୁ ମୋ ଦ୍ୱାରା ହୋଇପାରିବ ନାହିଁ । ତୋର ଯଦି ଇଚ୍ଛା ହେଉଛି ତୁ କର । ମୁଁ ମୋର ସେଇ ହୋଟେଲରେ ଖାଉଛି, ଖାଇବି । ତୋର ପେଟ ଖରାପ ହେଲା ବୋଲି କ'ଣ ସମସ୍ତଙ୍କ ପେଟ ଖରାପ ହେବ ନା କ'ଣ ? ବେଳେବେଳେ ଅବଶ୍ୟ ମୋତେ ଟିକେଟିକେ ଖରାପ ଲାଗୁଛି । ତେବେ ଦେଖାଯାଉ କ'ଣ ହେଉଛି ! ଚଳିଯାଇ ପାରେ ।''

ପ୍ରଥମ ବନ୍ଧୁର ଏ କଥା ଶୁଣି ଦ୍ୱିତୀୟ ବନ୍ଧୁଜଣକ ଆଉ ତାକୁ ବାଧ କଲା ନାହିଁ । କିନ୍ତୁ ନିଜେ ଅନୁଭବ କଲା, ହୋଟେଲରେ ଆଉ ବେଶୀ ଦିନ ଖାଇଲେ ପେଟ ଅଧିକ ଖରାପ ହେବ, ଯାହାଫଳରେ ସବୁଦିନ ଲାଗି ଅସୁବିଧା ଭୋଗ କରିବାକୁ ହେବ । ତେଣୁ ଟିକିଏ କଷ୍ଟ ପଡୁ ପଛେ ଅଫିସରୁ ଫେରି ହାତରେ ରୋଷେଇ କରି ଖାଇବ । ବିଦେଶ ଜାଗା, ୟା ଛଡ଼ା ଅନ୍ୟ ଉପାୟ କ'ଣ ଅଛି ?

ସେଇୟା ହେଲା, ପ୍ରଥମ ବନ୍ଧୁଜଣକ ତା'ର ହୋଟେଲରେ ଖାଇଲା ଓ ଏଣେତେଣେ ବୁଲି ସମୟ କଟାଇଲା । ଦ୍ୱିତୀୟ ବନ୍ଧୁଜଣକ ତା'ର ହାତରେ ରୋଷାଇ କରିବା ଆରମ୍ଭ କଲା । ପ୍ରଥମେ ପ୍ରଥମେ ଟିକିଏ ଅସୁବିଧା ଲାଗୁଥିଲା, କିନ୍ତୁ ପରେ ଅଭ୍ୟାସ ହୋଇଗଲା । ହୋଟେଲର ଅତ୍ୟଧିକ ରାଗ, ମସଲା, ତେଲ ଆଦି ଦିଆ ସୁସ୍ୱାଦୁ ବ୍ୟଞ୍ଜନ ଅପେକ୍ଷା ତା'ର ସରଳ, ସାଦାସିଧା ହାତରନ୍ଧା ତାକୁ ବେଶ୍ ଆରାମଦାୟକ, ଶାନ୍ତିପ୍ରଦ ତଥା ତୃପ୍ତିକର ବୋଧ ହେଲା । ପେଟ ବି ଭଲ ରହିଲା । ନିଜ ହାତରେ ରୋଷାଇ କରୁଥିବାରୁ

ଖାଦ୍ୟ ସମ୍ବନ୍ଧେ କିଛି ସନ୍ଦେହ କି ଭୟ ରହିଲା ନାହିଁ । ଅବଶ୍ୟ ଦୁଇଜଣ ଯାକ ଏକାଠି ରହୁଥିବାରୁ ରୋଷାଇ ବି ଏକାଠି କରିଥିଲେ ପରସ୍ପରକୁ ବହୁତ ସାହାଯ୍ୟ ମିଳିଥା'ନ୍ତା ଓ ଅଧିକ ଆନନ୍ଦ ବୋଧ ହୋଇଥା'ନ୍ତା । କିନ୍ତୁ ଜଣେ ଯେତେବେଳେ ରାଜି ହେଉ ନାହିଁ, ସେ କ୍ଷେତ୍ରରେ ଆଉ କ'ଣ କରାଯାଏ !

କିଛିମାସ ବିତିଗଲା । ଦ୍ୱିତୀୟ ବନ୍ଧୁଜଣକର ସ୍ୱାସ୍ଥ୍ୟ, ମନ ବେଶ୍ ଭଲ ଥାଏ । ପ୍ରଥମ ବନ୍ଧୁଜଣକ ପେଟର ଯନ୍ତ୍ରଣା ଯୋଗୁଁ ଏହା ଭିତରେ ଅନେକ ଔଷଧ ଆଣି ବ୍ୟବହାର କରିସାରିଲାଣି । କିନ୍ତୁ ଯନ୍ତ୍ରଣା କୌଣସିଥିରେ କମୁ ନାହିଁ । ବରଂ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣେ ହୋଟେଲ ରାନ୍ଧଣାର ସ୍ୱାଦ ପାଟିରୁ ଛାଡୁ ନାହିଁ । ସ୍ୱାଦ ଛାଡୁ ନ ଛାଡୁ ଯାହାହେଉ, ହାତରେ ରୋଷେଇ କଲେ ଅନେକ ଜଞ୍ଜାଳ । ସେସବୁ ଭିତରେ କିଏ ପଶୁଛି । ଦେଖାଯାଉ କ'ଣ ହେଉଛି !

ଦ୍ୱିତୀୟ ବନ୍ଧୁଜଣକ ସବୁ ଦେଖେ, କିନ୍ତୁ ତା'ର ବା ଆଉ ଉପାୟ କ'ଣ ! ସେ ତ କହିଲା, ତା କଥା ସେ ମାନିଲା ନାହିଁ; ଆଉ ତାକୁ ତ ସେ ବାଧ କରିପାରିବ ନାହିଁ । କିଛି ଦିନ ବିତିଗଲା । କୌଣସି ମତେ ଯନ୍ତ୍ରଣା ନ କମିବାରୁ ଓ ଶରୀର ଧୀରେ ଧୀରେ ଦୁର୍ବଳ ହୋଇପଡ଼ିବାରୁ ଡାକ୍ତରୀ ପରୀକ୍ଷା କରାଗଲା । ଡାକ୍ତରମାନେ ମତ ଦେଲେ ଯେ ପେଟରେ ଏକ କ୍ଷତ (ulcer) ହୋଇଛି । ତାହା ଭଲ ହେବା ବହୁତ କଷ୍ଟକର କଥା ।

ବର୍ତ୍ତମାନ ପ୍ରଥମ ବନ୍ଧୁଙ୍କର ଚେତା ପଶିଲା । 'ଦେଖାଯାଉ କ'ଣ ହେଉଛି'ର ପରିଣାମ ଫଳିଲା । ଭାବିଲା, ସେତିକିବେଳେ ଅଳ୍ପ ଅଳ୍ପ ପେଟ ଖରାପ ଲାଗୁଥିଲା ସମୟରେ ବନ୍ଧୁର କଥା ମାନି ହୋଟେଲ ଖିଆ ଛାଡ଼ି ହାତରେ ରୋଷେଇ କରି ଖାଇଥିଲେ ବର୍ତ୍ତମାନ ତା'ରି ଭଳି କେତେ ଆରାମରେ ନ ଥା'ନ୍ତି ! ଛାଡ଼, ଆଉ ଭାବିଲେ କ'ଣ ହେବ– ଏ ଜୀବନଟା ତ ନଷ୍ଟ ହୋଇଗଲା । ଆଉ ଏ ଦୁଃଖଯନ୍ତ୍ରଣାକ୍ଲିଷ୍ଟ ଜୀବନ ନେଇ ବେଶୀ ଦିନ ବଞ୍ଚିରହିବା ଦରକାର କ'ଣ ?

କିନ୍ତୁ ଦ୍ୱିତୀୟ ବନ୍ଧୁଜଣକ ତାକୁ ବୁଝାଇଲା, ବହୁତ ସାନ୍ତ୍ୱନା ଦେଲା । କହିଲା, ପୁଣି ଶରୀରର ଯତ୍ନ ନେଲେ ଶରୀର ଠିକ୍ ହୋଇଯିବ । ଏଣିକି ଦୁହେଁ ସାଙ୍ଗ ହୋଇ ରୋଷେଇ କଲେ, ସାଙ୍ଗ ହୋଇ ଖାଇଲେ । ଯେଉଁପ୍ରକାର ଖାଦ୍ୟ ବନ୍ଧୁର ଶରୀର ପାଇଁ ଉପଯୋଗୀ ସେହିପ୍ରକାର ଖାଦ୍ୟ ଦ୍ୱିତୀୟ ବନ୍ଧୁ ପ୍ରସ୍ତୁତ କଲା । ସକାଳେ ଓ ସଂଧ୍ୟାରେ ବନ୍ଧୁର ଶରୀର ଓ ମନକୁ ଟିକିଏ ପ୍ରଫୁଲ୍ଲ ରଖିବା ଲାଗି ଖୋଲା ପବନରେ କିଛି ବାଟ ତାକୁ ଭ୍ରମଣ କରାଇଲା । କିଛି ଦିନ ପରେ ପ୍ରଥମ ବନ୍ଧୁର ପେଟର ଯନ୍ତ୍ରଣା ବହୁ ପରିମାଣରେ କମିଗଲା । କିନ୍ତୁ ସଂପୂର୍ଣ୍ଣ ସୁସ୍ଥ ଲୋକର ଅବସ୍ଥା ଆସିଲା ନାହିଁ ।

ଏହି ସ୍ଥୂଳ ସାଧାରଣ କଥାରେ ଯେପରି ସାଧନାରେ ମଧ୍ୟ ସେହିପରି । ଯେତେବେଳେ ଆମ ମନରେ କୌଣସି ଦୁଶ୍ଚିନ୍ତା (ସନ୍ଦେହ, ଅବିଶ୍ୱାସ, ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଆଦି) ପ୍ରବେଶ କରେ ସେତେବେଳେ ଯଦି ଆମେ ତାକୁ କୌଣସି ଗୁରୁତ୍ୱ ନ ଦେଇ ଆମ ଅନ୍ତରସ୍ଥ ଦିବ୍ୟ ଲକ୍ଷ୍ୟ ଓ ଦିବ୍ୟ କେନ୍ଦ୍ର ଉପରେ ଗୁରୁତ୍ୱ ଦେଉ, ତା'ରି ନିକଟରେ ସମର୍ପିତ ହୋଇ କେବଳ ତା'ରି ଉପରେ ଏକାଗ୍ର ହୋଇ ଶାନ୍ତ, ସ୍ଥିର ରହନ୍ତୁ ତେବେ ଦୁଶ୍ଚିନ୍ତା ବାହାରର ବସ୍ତୁ ଭଳି ବାହାରେ ବାହାରେ ଚାଲିଯାଆନ୍ତା କିଂବା ଦିବ୍ୟତାର ସ୍ପର୍ଶରେ ଚିରଦିନ ଲାଗି ଭସ୍ମୀଭୂତ ହୁଅନ୍ତା । ତା ନ କରି ଆମେ ସେଇ ଦୁଶ୍ଚିନ୍ତାକୁ ନେଇ ବ୍ୟସ୍ତ ହେଉ, କିଂବା ତାକୁ ପ୍ରଶ୍ରୟ ଦେଇ କ'ଣ ହେଉଛି ଦେଖାଯାଉ ବୋଲି କହି ଟିକିଏ ତାକୁ ଉପଭୋଗ କରୁ । ଫଳରେ ତା'ର ପ୍ରଭାବ ଅତି ମାରାତ୍ମକ ଆକାର ଧାରଣ କରି ପରିଣାମରେ କୌଣସି ଅପ୍ରୀତିକର ଘଟଣା, ଅସୁସ୍ଥତା କିଂବା ଦୁର୍ଘଟଣା କିଂବା ପତନ ଘଟାଏ । ଯେତେଦିନ ପର୍ଯ୍ୟନ୍ତ ଆମେ ଏ ସମ୍ବନ୍ଧେ ସଚେତନ ନ ହୋଇଛୁ ସେତେଦିନ ପର୍ଯ୍ୟନ୍ତ ଏହି ମନ୍ଦ ପ୍ରଭାବ ଆମ ଭିତରେ ପ୍ରବେଶ କରି ତା'ର କାର୍ଯ୍ୟହାସଲ କରି ଚାଲିଥାଏ । ଯେତେବେଳେ ଆମେ ସଚେତନ ହେଉ, ତା'ର ଅସଲ କୁତ୍ସିତ ରୂପକୁ ଦେଖିପାରୁ ଓ ତା'ର ପ୍ରବେଶ ମାତ୍ରେ

ଆମେ ଅନ୍ୟଆଡ଼େ ବାଟ କାଟି ଚାଲିଯାଉ କିଂବା ତାକୁ ଦିବ୍ୟ ଆଲୋକର ସମ୍ମୁଖରେ ଧରି ରଖୁ ସେତେବେଳେ ତା'ର ଉଦ୍ଦେଶ୍ୟ ସାଧନ ହୋଇପାରେ ନାହିଁ ଓ ଆମେ ମଧ୍ୟ ଏକ ଅପ୍ରୀତିକର, ଅବାଞ୍ଛିତ ପରିଣାମରୁ ରକ୍ଷା ପାଉ ।

ଥରେ ଜଣେ ଶିଷ୍ୟଙ୍କର ତାଙ୍କ ଗୁରୁଙ୍କ ଉପରେ ସନ୍ଦେହ ଆସିଲା । ସେ ଭାବିଲା ସେ ଯେପରି ମଣିଷ ତାଙ୍କ ଗୁରୁ ବି ସେହିପରି ମଣିଷ । ତାଙ୍କର କୌଣସି ଅଧିକ ଶକ୍ତି, କ୍ଷମତା କିଂବା ଦିବ୍ୟ ଗୁଣ ନାହିଁ । ପୂର୍ବରୁ ଗୁରୁଙ୍କ କୃପା ହେତୁ ଯାହା ସବୁ ଅନୁଭୂତି ହୋଇଥିଲା ତାକୁ ସେ ମନର ଗୋଟାଏ ବିକାର କହି ଉଡ଼ାଇଦେଲା । କହିଲା, ଏସବୁ ଭଗବାନ ଫଗବାନ ମିଛ; ମଣିଷ ଯାହା କରୁଛି ସେଇଆ ହେଉଛି ଓ ସେଇଆ ହେବ । ସେ ବୁଝିପାରିଲା ନାହିଁ ଯେ ଏହା ଗୋଟିଏ ଛଦ୍ମବେଶୀ ବିରୋଧୀ ଶକ୍ତିର କ୍ରିୟା । ଯେତେବେଳେ ନିଜ ଅନ୍ତରର କୌଣସି ଏକ କ୍ଷୁଦ୍ର ଅଜଣା କୋଣରୁ ଏ ମନୋଭାବ ଠିକ୍ ନୁହେଁ ବୋଲି ଗୋଟାଏ ଅବ୍ୟକ୍ତ, ଅସ୍ପଷ୍ଟ ପ୍ରେରଣା ଆସେ ସେତେବେଳେ ସେ ଓଲଟି କହନ୍ତି : ଯଦି ଗୁରୁଙ୍କର ଶକ୍ତି ଅଛି, ଭଗବାନ ଅଛନ୍ତି ତେବେ ମୋ ମନରୁ ଏ ସନ୍ଦେହ, ଏ ଭାବ ଦୂର କରିଦିଅନ୍ତୁ । ଏତିକି କହି ସେ ତା'ର ସେହି ସନ୍ଦେହ ଓ ଅବିଶ୍ୱାସକୁ ପ୍ରଶ୍ରୟ ଦେବାରେ ଲାଗିଲା ଓ ସେଥିରୁ ଏକ ପ୍ରକାର କୁତ୍ସିତ ସୁଖ ଭୋଗ କରିବାକୁ ଲାଗିଲା । ଏହି ସୁଯୋଗରେ ସମସ୍ତ ନିମ୍ନ କାମନାବାସନା ତାକୁ ଅଧିକାର କରିନେଲେ ।

ଅସୁର ଜୋରଜବରଦସ୍ତି କିଂବା ନାନା ପ୍ରଲୋଭନ ଦେଖାଇ ନିଜର କ୍ଷମତା ଜାହିର କରିଥାଏ; କିନ୍ତୁ ଭଗବାନ ନୁହନ୍ତି । ସେ ଶାନ୍ତ, ନିର୍ବିଚଳଭାବେ ଅପେକ୍ଷା କରନ୍ତି ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତରୂପେ ତାଙ୍କ ଆଡ଼କୁ ଆସିବା ପର୍ଯ୍ୟନ୍ତ । ବ୍ୟକ୍ତି ଯେତେବେଳେ ସ୍ୱତଃସ୍ଫୂର୍ତ୍ତରୂପେ ତାଙ୍କ ଆଡ଼କୁ ଗୋଟିଏ ପାଦ ଆଗେଇ ଯାଏ ସେତେବେଳେ ସେ ପରମ ପ୍ରେମ ଓ କରୁଣାର ସହ ତା' ଆଡ଼କୁ ଦୁଇପାଦ ଆଗେଇ ଆସନ୍ତି ।

ପରିଣାମରେ ଏପରି ହେଲା ସେ ବ୍ୟକ୍ତି ଗୁରୁ-ଆଶ୍ରମରୁ ବିଦାୟ ନେଇ ସାଧାରଣ ଗୃହସ୍ଥାଶ୍ରମରେ ପ୍ରବେଶ କଲା । ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ନୁହେଁ, ଅନେକ ବର୍ଷ ବିତିଗଲା । ସଂସାରର ଯାଦୁକରୀ ସ୍ପର୍ଶରେ ଗୁରୁ କିଂବା ଭଗବାନ ଆଉ କିଛି ମନେ ପଡ଼ିଲା ନାହିଁ । କିନ୍ତୁ ଥରେ ଯେଉଁ ନିଆଁ ଜଳିଥିଲା, ତା' ଉପରେ ସାମୟିକଭାବେ ଅଳିଆ ଜମା କରି ତା'ର ଶିଖାକୁ ନିର୍ବାପିତ କରି ଦିଆଯାଇଥିଲେ ବି ସେଇ ଅଳିଆଗଦା ଭିତରେ ତାହା ଲୁଚି ରହିଥିଲା । ସଂସାର ସୁଖର ସ୍ୱାଦ ଯେତେବେଳେ ଚଖା ସରିଲା, ଛୁଆପିଲାଙ୍କ ଜଞ୍ଜାଳ ଯେତେବେଳେ ଅଣନିଃଶ୍ୱାସୀ କରିପକାଇଲା, ଶରୀର ଯେତେବେଳେ ବୃଦ୍ଧ, ରୋଗାକ୍ରାନ୍ତ, ଦୁର୍ବଳ ହୋଇପଡ଼ିଲା ସେତେବେଳେ ସେଇ ନିଆଁ ପୁଣି କୁହୁଳି ଉଠିଲା । ଅତୀତର ସାଧନାଜୀବନର ସମସ୍ତ କଷ୍ଟ ଓ ଆନନ୍ଦ ମନେପଡ଼ିଲା, ଗୁରୁଙ୍କର ସେଇ ଦିବ୍ୟପ୍ରେମ ଓ କୃପାର ଶାନ୍ତ ଶୀତଳ ସ୍ପର୍ଶ କଥା ମନେପଡ଼ିଲା ଓ ମନେ ପଡ଼ିଲା ନିଜେ କିପରି ଜାଣିଶୁଣି ସନ୍ଦେହକୁ ପ୍ରଶ୍ରୟ ଦେଇ ଗୁରୁଙ୍କ ଉପରେ ଅଭିମାନ କରିଥିଲେ । ଅନ୍ତରର ରୁଦ୍ଧ ଦ୍ୱାର ଖୋଲିଯାଇ ଅବାରିତ ଧାରାରେ ଚକ୍ଷୁରୁ ଲୋତକ ବର୍ଷଣ ହେବାକୁ ଲାଗିଲା । ଗୁରୁ ବି ଅନୁଭବ କଲେ ତାଙ୍କ ବିଦ୍ରୋହୀ ଶିଷ୍ୟର ବେଦନା । ଅଫୁରନ୍ତ, ଅସୀମ ତାଙ୍କର କରୁଣା ! ଘଟଣା ଏପରି ଘଟିଲା ଯେ ସେହି ଶିଷ୍ୟ ପୁଣି ତାଙ୍କର ସମସ୍ତ ଛୁଆପିଲା ଓ ସ୍ତ୍ରୀଙ୍କ ସହ ଗୁରୁଙ୍କ ଆଶ୍ରମରେ ରହିବାର ଅନୁମତି ପାଇଲେ । ଗୁରୁ ସିନା ସବୁ ଦୋଷ କ୍ଷମା କରି ଶିଷ୍ୟର ସମସ୍ତ ଦାୟିତ୍ୱ, ସମସ୍ତ କର୍ମଫଳକୁ ନିଜେ ବହନ କରିନେଲେ, କିନ୍ତୁ ଶିଷ୍ୟ ତରଫରୁ କାହିଁ ପୂର୍ବର ସେ ଆଶା, ସାହସ, ଧୈର୍ଯ୍ୟ ଓ ସାଧନାରେ ତୀବ୍ରତା ? ଖାଲି ଗୁରୁଙ୍କ ଅଭୟ ବାହୁଛାୟା ତଳେ ରହି ଶେଷ ଜୀବନ କଟାଇବାହିଁ ସାର ହେଲା ।

ତେଣୁ ସନ୍ଦେହ, ଅବିଶ୍ୱାସ ବା ବିରୋଧୀ ଗତିବୃତ୍ତି ଯେତେବେଳେ ଆସେ ସେତେବେଳେ ସେଥିରେ ବିଚଳିତ ନ ହୋଇ ଶାନ୍ତ, ସ୍ଥିର ଭାବେ

ସେସବୁ କଟିଯାଇ ବିଶ୍ୱାସ, ଆସ୍ଥା ଓ ଅଗ୍ରଗତି ଆସିବା ନିମିତ୍ତ ମା'ଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ, ଅଭୀପ୍ସା କରିବାକୁ ହେବ । ଫଳରେ ନିଶ୍ଚୟ ଦିନେ ଏସବୁ କଟିଯାଇ ବିଶ୍ୱାସ, ଭରସା ଓ ଦିବ୍ୟ ଆନନ୍ଦରେ ହୃଦୟ ପୂରିଉଠିବ । ସେତେବେଳେ ଆମର କୃତଜ୍ଞତାର ଆଉ ସୀମା ରହିବ ନାହିଁ । କିନ୍ତୁ ତା' ନ କରି ଯଦି ଆମେ ସନ୍ଦେହ, ଅବିଶ୍ୱାସ ଆଦିକୁ ପ୍ରଶ୍ରୟ ଦେଉ ଓ ସେସବୁକୁ ଉପଭୋଗ କରି କହୁ, ''କ'ଣ ହେଉଛି ଦେଖାଯାଉ'' ତେବେ ଖୁବ୍ ଶୀଘ୍ର ଏସବୁର ବିଷମୟ ପରିଣତି ଭୋଗ କରିବାକୁ ହେବ । ସେଇଥିଯୋଗୁଁ ଏଇ ବିଷୟ ନେଇ ମା' କହିଛନ୍ତି :

"If one does not have a thing and wants to have it, well, it needs great-great-great sustained efforts, a constant aspiration, an unflagging will, a sincerity at each moment; then one is sure, it will come one day– it can come in a second. There are people who have it, and then they have contrary movements which come and attack. These people, if their will is sincere, can shield their faith, repel the attacks. There are others who cultivate doubt because it is a kind of dilettantism– that, there's nothing more dangerous than that. It is as though one were letting in the worm into the fruit : it eventually eats it up completely. This means that when a movement of this sort comes, it usually comes first in the mind– the first thing to do is to be very plucky and refuse it. Surely one must not enjoy looking on just

to see what is going to happen; that kind of curiosity is terribly dangerous."　　　　(Bulletin, April, 1975)

''ତୁମର ଯଦି କୌଣସି ଜିନିଷ ନାହିଁ ଏବଂ ତୁମେ ତାକୁ ଲାଭ କରିବାକୁ ଚାହୁଁଛ ତେବେ ତୁମକୁ ଦୀର୍ଘକାଳ ଧରି ବହୁତ-ବହୁତ-ବହୁତ ଉଦ୍ୟମ କରିବାକୁ ହେବ, ନିରନ୍ତର ଅଭୀପ୍‌ସା, ସ୍ଥିର ସଂକଳ୍ପ ଓ ପ୍ରତି ମୁହୂର୍ତ୍ତରେ ନିଷ୍ଠାପର ହେବାକୁ ହେବ । ତେବେ ଯାଇ ତୁମେ ନିଶ୍ଚିତ ହେବ ଯେ ଏହା ନିଶ୍ଚୟ ଦିନେ ଆସିବ– ଏହା ଗୋଟିଏ ମୁହୂର୍ତ୍ତରେ ବି ଆସିପାରେ । କେତେକ ଲୋକ ଅଛନ୍ତି ଯେଉଁମାନେ ଏହା ଲାଭ କରନ୍ତି, କିନ୍ତୁ ବିରୋଧୀ ଗତିବୃତ୍ତି ଆସି ଏହାକୁ ଆକ୍ରମଣ କରିଥାଏ । ଏହି ଲୋକମାନଙ୍କର ସଂକଳ୍ପ ଯଦି ନିଷ୍ଠାପର ହୋଇଥାଏ ତେବେ ସେମାନେ ନିଜର ବିଶ୍ୱାସକୁ ସୁରକ୍ଷା କରିପାରନ୍ତି ଓ ଆକ୍ରମଣକୁ ବ୍ୟର୍ଥ କରିଦେଇପାରନ୍ତି । ଆଉ କେତେକ ଲୋକ ଅଛନ୍ତି ସେମାନେ କୌଣସି କଳା ପ୍ରତି ଅନୁରାଗ ଭଳି ସନ୍ଦେହକୁ ନିଜ ମଧ୍ୟରେ ପୋଷଣ କରନ୍ତି– ଏହାଠାରୁ ବଳି ମାରାତ୍ମକ କଥା ଆଉ କିଛି ନାହିଁ । ଏହା ହେଉଛି ଗୋଟିଏ ଫଳ ମଧ୍ୟକୁ ପୋକଟିଏ ଛାଡ଼ିଦେବା ସଦୃଶ ଯିଏକି ଫଳଟିକୁ ସଂପୂର୍ଣ୍ଣରୂପେ ଖାଇ ଶେଷ କରିଦିଏ । ଏହାର ଅର୍ଥ ହେଉଛି ସାଧାରଣତଃ ଯେତେବେଳେ ଏହିପ୍ରକାର ଗତିବୃତ୍ତି ଆସେ ତାହା ପ୍ରଥମେ ମନରେ ଆସେ । ଏ କ୍ଷେତ୍ରରେ ପ୍ରଥମ କାର୍ଯ୍ୟ ହେଉଛି ଖୁବ୍ ସାହସର ସହ ତାକୁ ପ୍ରତ୍ୟାଖ୍ୟାନ କରିବା । କ'ଣ ହେଉଛି ଦେଖାଯାଉ କହି ଏହାକୁ ପ୍ରଶ୍ରୟ ଦେଇ ଉପଭୋଗ କରିବା କେବେ ବି ଉଚିତ ନୁହେଁ । ଏ ଧରଣର କୌତୂହଳ ଭୟଙ୍କରଭାବେ ମାରାତ୍ମକ ।''

(ବୁଲେଟିନ୍, ୧୯୭୫, ଅପ୍ରେଲ ସଂଖ୍ୟା)

## ସହିବାଟା କ'ଣ ଦୁର୍ବଳତା ?

ହାତୀ ଚାଲୁଛି । କୁକୁର ଭୁକୁଛି । ହାତୀର ଖାତିର ନାହିଁ କି କୁକୁର ପ୍ରତି ରାଗ, ବିଦ୍ୱେଷ ବି ଟିକିଏ ନାହିଁ । ଶୁଣ୍ଢ ହଲାଇ ଟିକେ କୁକୁରଟାକୁ ତଡ଼ି ବି ଦେଉ ନାହିଁ । କୁକୁର ବେଶୀ ବେଶୀ ଭୁକିଚାଲିଛି, କିନ୍ତୁ ପାଖ ପଶିପାରୁ ନାହିଁ । ହାତୀ କ'ଣ ଦୁର୍ବଳ ହେତୁ ସହିଯାଉଛି ? ସେ ଚାହେଁ ନାହିଁ ଏସବୁ ଛୋଟ ଛୋଟ କଥାରେ ନିଜର ଶାନ୍ତି, ସ୍ଥିରତା ଓ ରାଜକୀୟ ଚାଲିରେ ଆଞ୍ଚ ଆଣିବାକୁ ।

ଛୋଟ ପିଲାଟିଏ ତୁମ ସାଙ୍ଗରେ ଖେଳୁଛି, ତୁମକୁ ମାରୁଛି, ତୁମ ମୁଣ୍ଡବାଳକୁ ଝିଙ୍କୁଛି, ତୁମକୁ ଗୋଇଠା ମାରୁଛି, ତୁମ ଉପରକୁ ବାଲି ଫୋପାଡୁଛି, ତୁମକୁ ଘୋଡ଼ା କରି ତୁମ ପିଠି ଉପରେ ଚଢ଼ିଯାଉଛି । ଏସବୁ ତୁମେ ସହୁଛ କ'ଣ ତୁମେ ଶିଶୁଠାରୁ ଦୁର୍ବଳ ଯୋଗୁଁ ? ବରଂ ଏସବୁ ସହିବା ଫଳରେ ତୁମେ ଶିଶୁକୁ ଖେଳାଇ ପାରୁଛ, ନଚାଇ ପାରୁଛ, ହସାଇ ପାରୁଛ, ତା'ର ହୃଦୟକୁ ଜୟ କରିପାରୁଛ ଓ ତୁମର କଥାକୁ ସେ ସାଙ୍ଗେ ସାଙ୍ଗେ ଗ୍ରହଣ କରିପାରୁଛି । ଯଦି ଯଥାର୍ଥରେ ତୁମର ଶିଶୁ ପ୍ରତି ହୃଦୟରେ ସ୍ନେହ ଅଛି ତେବେ ଏସବୁ ସହିବା ତୁମକୁ କଷ୍ଟ ଦିଏ ନାହିଁ, ଦିଏ ଆନନ୍ଦ ଆଉ ତୃପ୍ତି ।

ଶ୍ରୀରାମଚନ୍ଦ୍ର ପିତୃ-ଆଜ୍ଞା ପାଳନ କରି ଚଉଦବର୍ଷ ବନବାସ କରି ଘୋର ଦୁଃଖକଷ୍ଟ ସହିଥିଲେ, ସେଇଟା କ'ଣ ତାଙ୍କର ଦୁର୍ବଳତା ? ଶ୍ରୀକୃଷ୍ଣ ପାଣ୍ଡବମାନଙ୍କର ଦୂତ ହୋଇ କୁରୁସଭାକୁ ଯାଇ ପାଣ୍ଡବମାନଙ୍କ ଲାଗି ପାଞ୍ଚଖଣ୍ଡ ପଡ଼ା ଦେବାକୁ ଅନୁରୋଧ କରିଥିଲେ । ଏସବୁ କ'ଣ ତାଙ୍କର ଦୁର୍ବଳତାର ଚିହ୍ନ ?

ସହନଶୀଳତା ଦୁର୍ବଳତା ନୁହେଁ, ବରଂ ଅନ୍ୟପକ୍ଷରେ ଅସହିଷ୍ଣୁତାହିଁ ଦୁର୍ବଳତାର ଲକ୍ଷଣ । ଯେକୌଣସି କାର୍ଯ୍ୟରେ ବିଜୟଲାଭ ନିମନ୍ତେ

ସହନଶୀଳତା ଅନିବାର୍ଯ୍ୟ । ସେଇଥିପାଇଁ ମା କହିଛନ୍ତି, ''The victory is for the most enduring.'' ''ସର୍ବୋଚ୍ଚ ସହନଶୀଳ ବ୍ୟକ୍ତିହିଁ ବିଜୟଶ୍ରୀ ମଣ୍ଡିତ ହୁଏ ।''

ଏହି ସହନଶୀଳତା ଖାଲି ବାହାରର ଘଟଣା ପ୍ରତି ନୁହେଁ, ନିଜ ଭିତରେ ବିରୋଧୀ ପ୍ରକୃତିର ଶକ୍ତିରାଜିର ସଂଘର୍ଷ ପ୍ରତି ମଧ୍ୟ ସହନଶୀଳ ହେବାକୁ ପଡ଼ିବ । ମନକୁ କୌଣସି ଦୁଶ୍ଚିନ୍ତାଗ୍ରାସ କଲେ, ପ୍ରାଣରେ କୌଣସି ବିକୃତ ସ୍ପନ୍ଦନର ଆଘାତ ଲାଗିଲେ କିଂବା ଶରୀରକୁ କୌଣସି ଦୁର୍ଘଟଣା କିଂବା ଅସୁସ୍ଥତା ଆକ୍ରମଣ କଲେ ନୀରବ, ଶାନ୍ତ ଭାବରେ ମା'ଙ୍କର ଆଲୋକ ଓ ଶକ୍ତି ପ୍ରତି ନିଜକୁ ଉନ୍ମୀଳିତ ରଖି ସହିବାକୁ ହେବ । ଏଇ ନୀରବ, ଶାନ୍ତ, ଆଲୋକୋନ୍ମୁଖ ସହନଶୀଳତା ନିଜର ଶକ୍ତି, ସାମର୍ଥ୍ୟ ବଢ଼ାଇବା ସଙ୍ଗେସଙ୍ଗେ ବାଧାବିପତ୍ତିର ତୀବ୍ରତାକୁ କମାଇ ଦେଇ, ତାକୁ ଦୁର୍ବଳ, ସୀମିତ କରି ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିଦିଏ । ମନେକର ଜଣକର ମୁଣ୍ଡବ୍ୟଥା ହେଉଛି କି କୌଣସି କାରଣରୁ ଶରୀରର କୌଣସି ଅଂଶରେ ଯନ୍ତ୍ରଣା ହେଉଛି । ସେତେବେଳେ ଯଦି ଗୁଡ଼ାଏ ବ୍ୟସ୍ତ ବିଚଳିତ ନ ହୋଇ ସ୍ଥିର, ଶାନ୍ତ ଭାବରେ ମା'ଙ୍କର ଶାନ୍ତି, ଆଲୋକ ଓ ଶକ୍ତି ପ୍ରତି ନିଜକୁ ସେ ଉନ୍ମୁକ୍ତ ଓ ବ୍ୟାପ୍ତ କରି ରଖେ ତେବେ ଯନ୍ତ୍ରଣା ସମଗ୍ର ଶରୀରକୁ ଆଚ୍ଛନ୍ନ ନ କରି କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମାବଦ୍ଧ ହୋଇ ରହେ ଓ ଧୀରେ ଧୀରେ ସଂପୂର୍ଣ୍ଣ ରୂପେ ବିଦାୟ ନିଏ । କିନ୍ତୁ ବ୍ୟସ୍ତ ହୋଇ ଛଟପଟ ହେଲେ ଯନ୍ତ୍ରଣା ସମଗ୍ର ଶରୀରରେ ବ୍ୟାପି ଯାଇ ସମଗ୍ର ଚେତନାକୁ ଆଚ୍ଛନ୍ନ କରି ଭୀଷଣ ଆକାର ଧାରଣ କରେ ।

ଯାହାକିଛି ଶରୀର, ମନ, ପ୍ରାଣରେ ଆଘାତ ଆଣିଦିଏ, ଦ୍ୱନ୍ଦ୍ୱ ସୃଷ୍ଟି କରେ, ଦୁଃଖଯନ୍ତ୍ରଣା ଓ ଅସଙ୍ଗତି ଆଣିଦିଏ ସେସବୁ ଉପରେ ଏକାଗ୍ର ନ ହୋଇ ଯଦି ଆମେ ସ୍ଥିର, ଶାନ୍ତ ଭାବେ ମା'ଙ୍କ ପ୍ରତି ଉନ୍ମୁକ୍ତ ହେଉ, ତେବେ ସେସବୁର ଭୋଗର ସମୟ କମିଯାଏ ଓ ଶୀଘ୍ର ସମାଧାନ ହୁଏ । ତା' ନ

କରି ଆମେ ଯଦି ବେଶୀ ବେଶୀ ପ୍ରତିକ୍ରିୟାଶୀଳ ହୋଇଉଠୁ ତେବେ ତା'ର ବିଷମ ପରିଣତି ବଢ଼ି ବଢ଼ି ଚାଲେ ।

ନିଜ ଜୀବନରେ ତଥା ପୃଥିବୀରେ ଯାହାକିଛି ମହାନ୍ କାର୍ଯ୍ୟ ହୋଇଛି ସେସବୁ ସହନଶୀଳତା ଯୋଗୁଁ ହୋଇଛି । ଅସହିଷ୍ଣୁ ବ୍ୟକ୍ତି ଦ୍ୱାରା କେବେ ବି କିଛି ହୁଏ ନାହିଁ । ଗୋଟିଏ କାମ ହେଲେ ଆଉ ପନ୍ଦରଟି କାମ ବାଧାପ୍ରାପ୍ତ ହୁଏ । ତା'ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗରେ ଚରମ ସହନଶୀଳତା ଆବଶ୍ୟକ । ଏଥିରେ ବାହାରର ବାଧା ତୁଳନାରେ ନିଜ ପ୍ରକୃତି ଭିତରର ବାଧାହିଁ ବେଶୀ କଷ୍ଟ ଦେଇଥାଏ । ତେବେ ସେତେବେଳେ ଦୁଃଖକଷ୍ଟ ଆସିବ, ସହିବା ପାଇଁ ଧୈର୍ଯ୍ୟ ରହିବ ନାହିଁ, ସେତେବେଳେ ଆମର ଲକ୍ଷ୍ୟ ଉପରେ ଟିକିଏ ଦୃଷ୍ଟି ପକାଇ ଭାବିବାକୁ ହେବ ଆମର ଲକ୍ଷ୍ୟ କେତେ ଦୁରୂହ, କେତେ ମହାନ୍, କେତେ ଆନନ୍ଦ, ଜ୍ୟୋତି, ଶକ୍ତି ଆଉ ଜ୍ଞାନରେ ଭରା; ତା' ତୁଳନାରେ ଏ ଦୁଃଖକଷ୍ଟ କି ତୁଚ୍ଛ ! ଯାଠାରୁ ଆହୁରି ଦୁଃଖକଷ୍ଟ ଆସିଲେ ବି ନୀରବ ଆନନ୍ଦରେ ସହିଯିବି । କାରଣ ଯାହାଙ୍କ ଲାଗି ସହୁଛି ସେ ଯେ କେତେ ଦୁର୍ଲଭ ବସ୍ତୁ ! ସେଥିପାଇଁ ଯେତେ ମୂଲ୍ୟ ଦେବାକୁ ପଡ଼ିଲେ ବି କିଛି ଯାଏ ଆସେ ନାହିଁ ।

ଏସବୁ ଛଡ଼ା ଯେକୌଣସି କଥାକୁ ସହିବା ପଥରେ ଆମର ସ୍ୱାର୍ଥ ଓ ଅହଂକାର ବେଶୀ ବାଧା ଦେଇଥାଆନ୍ତି । ସ୍ୱାର୍ଥ ଚାଲିଗଲେ ବି ଶେଷପର୍ଯ୍ୟନ୍ତ ଅହଂକାର ବାଧା ଦେଇଥାଏ । ମୁଁ ଏତେ ବଡ଼, ମୋତେ ସେ ଏପରି କହିଲା; ମୁଁ ଏତେ ସହିଲିଣି, ଆଉ ସହିପାରିବି ନାହିଁ, ମୁଁ ସବୁ ସହୁଛି— ଏଇସବୁ ଅହଂକାରର ଭାବ ଆମକୁ ସୀମିତ, ସଂକୀର୍ଣ୍ଣ ଓ ଦୁର୍ବଳ କରି ପକାଏ । ନିରହଂକାର ହୋଇ ଭଗବାନଙ୍କ ଭିତରେ ନିଜକୁ ଭୁଲିଗଲେ କିଛି ସହିଲା ଭଳି ଲାଗେ ନାହିଁ । ସବୁ ସେ ଗ୍ରହଣ କରିନିଅନ୍ତି । ସରଳ ଶିଶୁର ଖେଳ ଭଳି ଦୁନିଆଟା ଲାଗେ । କେବଳ ଭଗବାନହିଁ ସେହି ଦୁରନ୍ତ ରାକ୍ଷସ ଅହଂକାରର କବଳରୁ ବ୍ୟକ୍ତିକୁ ମୁକ୍ତ କରିପାରିବେ । କାରଣ ସେ

ସର୍ବଶକ୍ତିମାନ୍ ହେଲେ ବି ସାମାନ୍ୟ ଟିକିଏ ଅହଂକାର ତାଙ୍କୁ ସ୍ପର୍ଶ କରି ନ ଥାଏ । ଏତେବଡ଼ ଦୁନିଆର ସୃଷ୍ଟିକର୍ତ୍ତା; କିନ୍ତୁ ଛୋଟ ଶିଶୁଟିଏ ଭଳି ସରଳ, ନିରଭିମାନୀ ! ସମଗ୍ର ସୃଷ୍ଟିର ଅଧିକାରୀ ବୋଲି ଗର୍ବ ନାହିଁ, ଅହଂକାର ନାହିଁ, ଅଭିମାନ ନାହିଁ କି କିଛି ଦାବି ବି ନାହିଁ !

ଥରେ ସଖାଗଣଙ୍କ ସଙ୍ଗରେ କୃଷ୍ଣ ଖେଳରେ ମାତିଛନ୍ତି । ଧୂଳିଖେଳ ଚାଲିଛି । ସେଥିରେ ଯାହା ଉପରେ ବୋଝ ହୁଏ, ତା' ଆଖିରେ ଅନ୍ଧ ପୁଟୁଳି ବନ୍ଧାଯାଏ, ଅପମାନ ଦେବା ଛଳରେ ହାତରେ ତା'ର ଧୂଳି ଆଞ୍ଜୁଳାଏ ଧରାଇ ଦିଆଯାଇ ଚାରିପଟେ ବୁଲାଯାଏ । କୃଷ୍ଣ ସମସ୍ତଙ୍କ ହାରିବାରେ ଉତ୍‌ଫୁଲ୍ଲ ହୁଅନ୍ତି, କାରଣ ତାଙ୍କର କେବେ ହାରିବାର ଦଶା ପଡ଼ିନି । ସେଥର କିନ୍ତୁ କୃଷ୍ଣ ହାରିଛନ୍ତି । ସମସ୍ତେ ଏଥର ଉଲ୍ଲସିତ । କୃଷ୍ଣ ହାରିଛି, ତାକୁ ବୋଝ ଦିଆହୋଇ ଅନ୍ଧ ପୁଟୁଳି ବନ୍ଧାଯିବ, ହାତରେ ଧୂଳି ଧରାଇ ବୁଲାଯିବ । କିନ୍ତୁ ଏ କ'ଣ ! ଛାତି ଉପରେ ଦୁଇ ହାତକୁ ଛନ୍ଦି ସେ ଠିଆ ହୋଇଛି । ଚୋର ହୋଇ ସେ ବୋଝ ନବ ନାଇଁ, ଧୂଳି ଧରିବ ନାଇଁ, ଅନ୍ଧ ପୁଟୁଳି ବନ୍ଧାଇ ଦବ ନାଇଁ । ସଖାଗଣ ବାଲି ଦେବା ପାଇଁ ହାତ ଦେଖାଇବାକୁ କହିଲେ ସେ ଦୂରେଇ ଦୂରେଇ ପଛକୁ ଘୁଞ୍ଚିଯାଉଛି । ମୁହଁ ଟେକି ଚାହୁଁନି । ଆଖି ଦିଓଟି ଛଳଛଳ ।

କିନ୍ତୁ ଏ ଭଙ୍ଗୀ ଦେଖେଇଲେ ଛାଡୁଛି କିଏ ? ସମସ୍ତଙ୍କ ବେଳକୁ ନାଚିବ, ଥଟ୍ଟା କରିବ, ନିଜ ବେଳକୁ ଦିମାକ୍ ଦେଖେଇବ । ବୋଝ ନବ ନାଇଁ କି ଧୂଳି ଧରିବ ନାଇଁ । ଠିକ୍ ଅଛି । ଚାଲ, ଆମେ ସମସ୍ତେ ଖେଳିବା– ଯାକୁ ଆଉ ଖେଳେଇବା ନାଇଁ । ସେ ତା'ର ବୋଝ ନ ନଉ । ଏତକ କହି ଗୋପ ବାଳକଗଣ ତାଙ୍କର ପୁଣି ଖେଳିବାର ଉଦ୍ୟମ କଲେ ।

ମଳିନ ବଦନରେ କୃଷ୍ଣ ଆଗେଇ ଆସିଲେ । ସେ ବୋଝ ନେବେ । ହାତ ପତାଇ କହିଲେ– ଦିଅ ଏଥର ଧୂଳି-ଆଞ୍ଜୁଳା, ଆଖିକୁ ମୋର ବାନ୍ଧ । ତୁମମାନଙ୍କ ଭାବର ବନ୍ଧନରେ ଅନ୍ଧ ସାଜିବାରେ ଯେଉଁ ଆନନ୍ଦ, ତା' ଆଉ

କେଉଁଠୁ ପାଇବି ? ମୋର ତ୍ରିଗୁଣମୟୀ ମାୟା ଦ୍ୱାରା ମୁଁ ସାରା ଜଗତକୁ ବାନ୍ଧିଛି, ଅନ୍ଧ କରିଛି– ହେଲେ ତୁମମାନଙ୍କ ନିକଟରେ ମୁଁ ସବୁବେଳେ ପରାଜିତ । ତୁମର ଦାସ୍ୟ, ବାତ୍ସଲ୍ୟ, ସଖ୍ୟ ଓ ମାଧୁର୍ଯ୍ୟ– ଏହି ଚତୁର୍ଗୁଣମୟୀ ମାୟାଶକ୍ତିର ନିବିଡ଼ ବନ୍ଧନରୁ ମୁକୁଳିବାର ଉପାୟ ମୋର ନାହିଁ ।

ପିଲାଏ ଖୁବ୍ ଖୁସୀ । ଏଥର କୃଷ୍ଣର ଦିମାକ୍ ଭାଙ୍ଗିଛି, ବାଟକୁ ଆସିଛି ।

ଏ କ'ଣ କୃଷ୍ଣଙ୍କର ଦୁର୍ବଳତା, ଭୀରୁତା ନା କାପୁରୁଷତା ? ସର୍ବଶକ୍ତିମାନ୍‌ହିଁ ସର୍ବସହନଶୀଳ । ସହନଶୀଳ, କିନ୍ତୁ ସହିବାର କଷ୍ଟବୋଧ ନାହିଁ । ସେ ସର୍ବସହନଶୀଳ, ନିରହଂକାରୀ ନ ହେଲେ ଏ ସୃଷ୍ଟି ମୁହୂର୍ତ୍ତେ ବି ରହିବ ନାହିଁ । ସେଇ ଗୁଣ ଯୋଗୁଁ ତ ସେ ଆନନ୍ଦରେ ଖେଳୁଛନ୍ତି ଓ ସମସ୍ତଙ୍କୁ ଖେଳାଉଛନ୍ତି । ନଚେତ୍ ମୁହୂର୍ତ୍ତକରେ ସବୁକୁ ଭାଙ୍ଗି ଚୂର୍‌ମାର କରିଦିଅନ୍ତେ ।

ଆମ ପଥରେ ଦୃଶ୍ୟ, ଅଦୃଶ୍ୟ ବାଧାବିପତ୍ତି ଅନେକ । ତେଣୁ ସବୁବେଳେ ଆମକୁ ସଜାଗ, ସଚେତ ରହି ସହନଶୀଳ ହେବାକୁ ହେବ । ନଚେତ୍ ଅଧ ବାଟରେ ସବୁକିଛି ବ୍ୟର୍ଥ ହୋଇଯିବ । ମା କହନ୍ତି :

''To follow the Path to the end, one must be armed with a very patient endurance.''

''ଶେଷପର୍ଯ୍ୟନ୍ତ ଏ ପଥ ଅନୁସରଣ କରିବାକୁ ହେଲେ ତୁମକୁ ଖୁବ୍ ସ୍ଥିର ସହନଶୀଳ ହେବାକୁ ହେବ ।''

# କାହିଁ, କିଛି ତ ପରିବର୍ତ୍ତନ ହେଉ ନାହିଁ ?

ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ କୁଆଡ଼େ ନିଜ ଜୀବନରେ, ରାଷ୍ଟ୍ରଜୀବନରେ ଓ ସମଗ୍ର ମାନବ-ସମାଜ-ଜୀବନରେ ପରିବର୍ତ୍ତନ ଆସିବ; ଏକ ନୂତନ ମଣିଷଜାତି ଓ ଏକ ନୂତନ ଯୁଗସୃଷ୍ଟି ହେବ । କିନ୍ତୁ କାହିଁ ଆମ ଭିତରେ କି ବାହାରେ କିଛି ତ ପରିବର୍ତ୍ତନ ହେଉ ନାହିଁ ?

ଏକଥା ପ୍ରଶ୍ନ କରିବା ଆଗରୁ ଆମେ ନିଜକୁ ଟିକିଏ ପ୍ରଶ୍ନ କଲେ ଭଲହୁଅନ୍ତା ଯେ ଆମେ କି ଭଳି ପରିବର୍ତ୍ତନ କି ଉପାୟରେ ଚାହୁଁ ?

ଥରେ ଗୋଟିଏ ବଣରେ ଶୃଗାଳଟିଏ ଥିଲା । ଦିନେ ତାକୁ ବହୁତ ଭୋକ ହେଲା । ସେ ବଣ ଛାଡ଼ି କିଛି ଖାଦ୍ୟ ଉଦ୍ଦେଶ୍ୟରେ ଗାଁ ଭିତରକୁ ପଶିଆସିଲା । କିନ୍ତୁ ଦୁର୍ଯୋଗକୁ ଗାଁର କେତେକ କୁକୁର ତାକୁ ଦେଖିପାରି ରାଗରେ ଭୁକି କାମୁଡ଼ିବାକୁ ଗୋଡ଼ାଇଲେ । ବିଚରା ଭୟରେ ଗୋଟିଏ ଧୋବାଘରେ ପଶିଗଲା । ଧୋବାଘରେ ଗୋଟିଏ ନୀଳ କୁଣ୍ଡ ଥିଲା । ଭୁଲରେ ସେ ସେହି କୁଣ୍ଡରେ ପଡ଼ି ବୁଡ଼ିଗଲା ଓ ସେଥିରୁ ବାହାରିପଡ଼ି ଦେଖେତ ତା'ର ଶରୀର ସଂପୂର୍ଣ୍ଣ ନୀଳବର୍ଣ୍ଣ ହୋଇଯାଇଛି ।

କୁକୁରମାନେ ଚାଲି ଯାଇଥିଲେ । ସେ ସେଠାରୁ ସିଧା ଗୋଟିଏ ଦୂର ଜଙ୍ଗଲକୁ ଚାଲିଆସିଲା । ଜଙ୍ଗଲରେ ନୂଆ କରି ଏପରି ଏକ ଅଦ୍ଭୁତ ନୀଳବର୍ଣ୍ଣର ଜୀବନ ଦେଖି ବ୍ୟାଘ୍ର, ସିଂହ ଓ ଅନ୍ୟ ଜନ୍ତୁମାନେ ଭୟଭୀତ ହୋଇପଡ଼ି ଏଣେତେଣେ ପଳାଇବାକୁ ଲାଗିଲେ । ଏକଥା ଦେଖି ଶୃଗାଳ ମନରେ ଏକ ବୁଦ୍ଧି ପାଞ୍ଚି ସେମାନଙ୍କୁ କୋମଳ ସ୍ୱରରେ ଡାକି କହିଲା, ''ତୁମେମାନେ ମୋତେ ଭୟ କାହିଁକି କରୁଛ ? ବ୍ରହ୍ମା ମୋତେ ସୃଷ୍ଟି କରି ଏହି ଜଙ୍ଗଲର ରାଜା ହେବା ନିମନ୍ତେ ପଠାଇଛନ୍ତି । ତୁମେମାନେ ନିରାପଦରେ ମୋର ରାଜତ୍ୱ ମଧ୍ୟରେ ବାସ କର । ଭୟ କରିବାର କୌଣସି କାରଣ ନାହିଁ ।''

ଏକଥା ଶୁଣି ସମସ୍ତ ଜୀବଜନ୍ତୁ ଆଶ୍ୱସ୍ତ ହୋଇ ଫେରିଆସିଲେ । ତା'ପରେ ସିଂହ, ବାଘ, ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁମାନେ ରାଜାଙ୍କର କି ସେବା କରିବେ ତାହା ସ୍ଥିର ହୋଇଗଲା । ଜଙ୍ଗଲର ସମସ୍ତ ପଶୁ ତା' ଅଧୀନରେ ରହିଲେ । କିଛିଦିନ ଭଲରେ କଟିଗଲା । ସିଂହ, ବାଘ ଭଳି ପାର୍ଶ୍ୱଚରମାନଙ୍କୁ ପାଇ କଦର୍ଯ୍ୟ ଶୃଗାଳମାନଙ୍କୁ ସେ ସ୍ଥାନରେ ରହିବା ଲାଗି ରାଜା ଚାହିଁଲେ ନାହିଁ । ଥରେ ସେ ନିର୍ଦ୍ଦେଶ ଦେଲେ ସମସ୍ତ ଶୃଗାଳଙ୍କୁ ସେଠାରୁ ତଡ଼ିଦେବାକୁ । ଶୃଗାଳମାନେ ଏକଥା ଶୁଣି ବହୁତ ଦୁଃଖିତ ଓ ଲଜ୍ଜିତ ହେଲେ । ସେମାନଙ୍କ ମଧ୍ୟରେ ଗୋଟିଏ ବୃଦ୍ଧଶୃଗାଳ ଥିଲା । ସେ ଜାଣିପାରିଥିଲା ଯେ ଏଇଟି ଗୋଟିଏ ନୂତନ ଜୀବ ନୁହେଁ, ସେଇମାନଙ୍କର ଜାତିଭାଇ । ସେ ଜାଣିଥିଲେ ବି ଏହା ପ୍ରକାଶ କରୁ ନ ଥିଲା । କିନ୍ତୁ ବର୍ତ୍ତମାନ ନିଜର ଜାତି ପ୍ରତି ଅପମାନ ସେ ସହିପାରିଲା ନାହିଁ । ବୃଦ୍ଧଶୃଗାଳର ପରାମର୍ଶରେ ସମସ୍ତ ଶୃଗାଳ ସ୍ଥିରକଲେ ସେଦିନ ସଂଧ୍ୟାରେ ସମସ୍ତେ ଏକ ସଙ୍ଗରେ ଭୁକିବେ । ଯେହେତୁ ଗୋଟିଏ ଶୃଗାଳ ଭୁକିଲେ ସମସ୍ତ ଶୃଗାଳ ଭୁକିବାକୁ ବାଧ୍ୟ, ସେଇଥିଯୋଗୁଁ ଏମାନଙ୍କ ଭୁକା ଶୁଣିଲେ ନୀଳବର୍ଣ୍ଣ ଶୃଗାଳଟି ମଧ୍ୟ ଭୁକିବାକୁ ବାଧ୍ୟ ହେବ । ଫଳରେ ବାଘ ସିଂହମାନେ ଜାଣିପାରି ତାକୁ ମାରିଦେବେ ।

ସେଦିନ ସଂଧ୍ୟାକୁ ସମସ୍ତ ବିଲୁଆ ଏକାଠି ହୋଇ ଜୋରରେ ଭୁକିବାକୁ ଲାଗିଲେ । ନୀଳବର୍ଣ୍ଣ ଶୃଗାଳଟି ବହୁଦିନ ଧରି ଜାତିଭାଇଙ୍କର ଏ ଶବ୍ଦ ଶୁଣି ନ ଥିଲା । ଅଚାନକ ଭାବରେ ସେ ଶବ୍ଦ ଶୁଣି ଶରୀର ତା'ର ପୁଲକିତ ହୋଇଉଠିଲା, ଲୋମ ଟାଙ୍କୁରି ଉଠିଲା, ସେ ଭୁଲିଗଲା ଯେ ନିଜକୁ ସେ ଅନ୍ୟ ଜୀବ ବୋଲି ପରିଚୟ ଦେଇ ରାଜା ହୋଇଛି । ଆନନ୍ଦରେ ସେମାନଙ୍କ ସହ ଭୁକିବାରେ ଲାଗିଲା ।

ଏ ଘଟଣା ଦେଖି ବାଘ ସିଂହଙ୍କର ମୁହଁ ଲଜ୍ଜାରେ ତଳକୁ ହୋଇଗଲା । ସେମାନେ ତାକୁ ମାରିବାକୁ ଯିବାର ଦେଖି ସେ ପଳାଇ

ଯାଉଥିଲା । କିନ୍ତୁ ସେମାନଙ୍କ ହାବୁଡ଼ରୁ କୁଆଡ଼େ ଯିବ ? ସେମାନେ ତାକୁ ଧରି ଚିରି ଖଣ୍ଡ ଖଣ୍ଡ କରି ପକାଇଲେ ।

ଆମେ କ'ଣ ଏଇ ନୀଳବର୍ଣ୍ଣ ଶୃଗାଳ ଭଳି ପରିବର୍ତ୍ତନ ଚାହୁଁ ? ତା'ହେଲେ ତାହା ଖୁବ୍ ଶୀଘ୍ର ଆସିପାରିବ । ଖାଲି ଟିକିଏ ବାହାରର ବେଶ, ପୋଷାକ, ଚାଲିଚଳନ ଓ ରୀତିନୀତି ବଦଳାଇ ଦେଲେ ହେଲା, ଯେପରି ବିଭିନ୍ନ ଧର୍ମସଂପ୍ରଦାୟ ଓ ଅନ୍ୟାନ୍ୟ କେତେକ ସଂପ୍ରଦାୟ ଇତ୍ୟାଦିରେ ହେଉଛି । କିନ୍ତୁ ଏହାର ପରିଣତି ଠିକ୍ ନୀଳବର୍ଣ୍ଣ ଶୃଗାଳ ଭଳି ହେବ । ଉପର ଲୋମଗୁଡ଼ାକ ସିନା ନୀଳକୁଣ୍ଡରେ ପଡ଼ି ନୀଳ ହୋଇଗଲା; ଭିତରର ପ୍ରକୃତି ଯିବ କୁଆଡ଼େ ? ଉପଯୁକ୍ତ ପରିବେଶ ଓ ପରିସ୍ଥିତି ପାଇ ତାହା ପୁଣି ଅଧିକ ଗୁଣରେ ଚେଇଁଉଠିଲା । ସେ ଉପରଠାଉରିଆ ପରିବର୍ତ୍ତନର ଫଳାଫଳ ଯାହା ହେଲା ଆମେ ଦେଖିଲୁ । ତେଣୁ ଯଦି ଖାଲି ବାହାର ଆବରଣଟିକୁ ପରିବର୍ତ୍ତନ କରିଦେଇ ହଠାତ୍ କିଛି ଗୋଟିଏ ପରିବର୍ତ୍ତନ ଦେଖାଇ ଦେବାକୁ ଉଦ୍ୟମ କରାଯାଏ ତେବେ ଦିନେ ସେହି ଛଦ୍ମ ଆବରଣ ଭେଦ କରି ନିଜର ଯଥାର୍ଥ ପ୍ରକୃତି ବାହାରିଆସି ସବୁକିଛିକୁ ଧୂଳିସାତ୍ କରିଦିଏ ।

ଆଉ ଗୋଟିଏ ପ୍ରକାର ପରିବର୍ତ୍ତନ ଅଛି ଯାହାର ଉପରୁ କିଛି ପରିବର୍ତ୍ତନ ହେଲା ଭଳି ଜଣାପଡ଼େ ନାହିଁ । କିନ୍ତୁ ଖୁବ୍ ଧୀରେ ଧୀରେ ଭିତରେ ପରିବର୍ତ୍ତନ ଚାଲିଥାଏ । ତାହାର ଆବରଣଟି ସେହିଭଳି ଥାଏ, ଖୁବ୍ ଗଭୀର ଭାବରେ ଯଦି କେହି ପର୍ଯ୍ୟବେକ୍ଷଣ କରେ ତେବେ କେତେକ ପରିବର୍ତ୍ତନର ସୂଚନା ପାଇପାରେ । ନଚେତ୍ ହଠାତ୍ ବାହାରୁ ଜାଣିବା କଷ୍ଟ । ସେଇଟି ହେଉଛି ଅଣ୍ଡା ଭିତରେ ଏକ ନୂତନ ପକ୍ଷୀର ସୃଷ୍ଟି । ଅଣ୍ଡାଗୁଡ଼ିକ ମା' ପକ୍ଷୀର ପେଟ ଆଉ ଡେଣା ତଳର ଉଷ୍ମତା ଭିତରେ ରହିଥାଆନ୍ତି । ଭିତରେ ଭିତରେ ପରିବର୍ତ୍ତନ ଓ ନୂତନ ସୃଷ୍ଟି ଚାଲିଥାଏ । ଦିନେ ହଠାତ୍ ଆବରଣଟି ଭାଙ୍ଗିଯାଏ । ଭିତରୁ ବାହାରି ଆସେ ଏକ କଅଁଳ ନୂତନ ପକ୍ଷିଶାବକ ଓ ମା'ର ଡେଣାତଳେ କିଛି ସମୟ କଟାଇବା ପରେ ସେ ମୁକ୍ତ ପ୍ରକୃତିରେ ଜୀବନଧାରଣ କରିବାକୁ

ସମର୍ଥ ହୋଇଯାଇଥାଏ । ତା'ର ଅଣ୍ଡା ଅବସ୍ଥାର ଉପାଦାନ, ଚେହେରା, ଗୁଣଧର୍ମ ସବୁ ବଦଳି ଯାଇଥାଏ । ସେ ପରିବର୍ତ୍ତନ ନୀଳବର୍ଣ୍ଣ ଶୃଗାଳର ପରିବର୍ତ୍ତନ ଭଳି ନୁହେଁ । ସେ ପରିବର୍ତ୍ତନ ଏକ ସ୍ଥାୟୀ ପରିବର୍ତ୍ତନ । ଯେତେ ଚେଷ୍ଟା କଲେ ବି ପକ୍ଷୀଟିକୁ ଆଉ ଅଣ୍ଡାରେ ପରିଣତ କରିଦେଇ ହେବ କି ?

ସେହିପରି ଆମେ ଯଦି ଯଥାର୍ଥରେ ପରିବର୍ତ୍ତନ ଚାହୁଁ ତେବେ ମା'ଙ୍କର ଅଭୟ-ଡେଣା ତଳର ଉଷ୍ମଚେତନା ଭିତରେ ରହିବାକୁ ହେବ । ବାହାରର ଆବରଣଟି ସେଇପରି ଥିଲେ ବି ଭିତରର ଉପାଦାନକୁ ପରିବର୍ତ୍ତନ କରି ଗଢ଼ିନେବେ ସେ ଏକ ନୂତନ ସୃଷ୍ଟି । ବାହାରୁ ଯିଏ ଗଭୀର ଭାବରେ ଚେଷ୍ଟା କରିବ ଜାଣିବାକୁ କି ପ୍ରକାର ପରିବର୍ତ୍ତନ ହେଉଛି ତାହା ସେ ଜାଣିପାରିବ ସଂପୂର୍ଣ୍ଣ ନୁହେଁ କେତେକ ପରିମାଣରେ । ଏପରିକି ପକ୍ଷୀଶାବକ ଭଳି ଅଜ୍ଞାନ ଅନ୍ଧକାରରେ ଆମର ମନ ବୁଡ଼ି ରହିଥିବାରୁ ଆମ ନିଜର ବି କି ପରିବର୍ତ୍ତନ ହେଉଛି ତାହା ଆମେ ଶେଷ ପର୍ଯ୍ୟନ୍ତ ଜାଣିବାକୁ ଅକ୍ଷମ ହୋଇପାରୁ ।

କିନ୍ତୁ କ'ଣ ପରିବର୍ତ୍ତନ ହେଉଛି ତାହା ଆମର ଅଜ୍ଞାନ ମନରେ ହଠାତ୍ ଜାଣି ନ ପାରି ଆମେ ଯଦି ବିକ୍ଷୁବ୍ଧ ହୋଇ, ବିଦ୍ରୋହ କରି ମା'ର ପେଟ ଆଉ ଡେଣା ତଳର ଉଷ୍ମଚେତନାର ଭିତରୁ ବାହାରି ଯାଉ ତେବେ ତ' କଥା ସରିଲା ! ଆଉ ହଜାରେ ଉପାୟରେ ଆମେ ନଷ୍ଟ ହେବା ଛଡ଼ା ଯଥାର୍ଥ ପରିବର୍ତ୍ତନ ଆଣିପାରିବୁ ନାହିଁ । କାରଣ ନୂତନ ସୃଷ୍ଟିର ତାହାହିଁ ଏକମାତ୍ର ନିୟମ । ପରିବର୍ତ୍ତନ ହଠାତ୍ କିଛି ଜଣା ନ ପଡୁଥିଲେ ବି ଧୈର୍ଯ୍ୟର ସହ ମା' ପେଟ ଆଉ ଡେଣାତଳର ସେହି ଯଥାର୍ଥ ଚେତନାରେ ରହି ଆମକୁ ଆମର ବିଧିନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ସବୁ ଅଣ୍ଡା ତ' ଏକାବେଳକେ ଫୁଟେ ନାହିଁ । ସେମାନଙ୍କ ଭିତର ପରିସ୍ଥିତି ନେଇ ଭିନ୍ନ ଭିନ୍ନ ସମୟ ଲାଗିଥାଏ । ତେଣୁ ବ୍ୟସ୍ତ କିଂବା ବିଚଳିତ ହୋଇ ଯଥାର୍ଥ

ପଥରୁ ଚାଲିଗଲେ ଆମେ କେବଳ ଆମ ନିଜର ଭବିଷ୍ୟତର ନୂତନ ସମ୍ଭାବନାଟି ହରାଇବସୁ, ତା'ଛଡ଼ା ଲାଭ କିଛି ହୁଏ ନାହିଁ ।

ସତରେ କ'ଣ ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗସାଧନା କରୁଛନ୍ତି ସେମାନେ କି ପରିବର୍ତ୍ତନ ହେଉଛି ଟିକିଏ ବି ଲକ୍ଷ୍ୟ କରିପାରୁ ନାହାନ୍ତି ? କିଛି ପରିବର୍ତ୍ତନ ଲକ୍ଷ୍ୟ କରି ନ ପାରିଲେ ନାହିଁ ପଛେ, ନିଜ ମନରେ ପରିବର୍ତ୍ତନ ହେଉ ନାହିଁ ବୋଲି ଯେଉଁ ପ୍ରଶ୍ନ ଉଠୁଛି ସେଇତ' ସେମାନଙ୍କର ଯଥେଷ୍ଟ ପରିବର୍ତ୍ତନର ସୂଚନା । କାରଣ ଅନ୍ୟମାନଙ୍କ ମନରେ ଏଇତକ ପ୍ରଶ୍ନ ବି ଉଠି ନାହିଁ । ଭିତର ଚେତନାରେ ସେମାନେ ମା' ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ହେତୁ ଏକ ନୂତନ ପରିବର୍ତ୍ତନର ସୂଚନା ପାଇ ସାରିଲେଣି । ତାହା ବାହାରେ ହଠାତ୍ କାର୍ଯ୍ୟକାରୀ ନ ହେବାର ଦେଖି ସେମାନେ ବ୍ୟସ୍ତ । କିନ୍ତୁ ବ୍ୟସ୍ତ ନ ହୋଇ ସେମାନେ ନୀରବ, ଶାନ୍ତ ଭାବରେ ନିଜ ଲକ୍ଷ୍ୟପଥରେ ଅଟଳ ରହି ନିରୀକ୍ଷଣ କଲେ କେତେକାଂଶରେ ଜାଣିପାରିବେ ଯେ ଜୀବନର ପଡ଼ାଣି-ଉଠାଣି ଭିତର ଦେଇ ନିଜର, ନିଜ ପରିବେଶର, ଦେଶର ଓ ମାନବସମାଜର କି ପରିବର୍ତ୍ତନ ହୋଇଚାଲିଛି ।

ଯେଉଁମାନେ ପରିବର୍ତ୍ତନ ଚାହାନ୍ତି, ସେମାନେ ତାହା ଚାହିଁବା ମାତ୍ରେ ନିଜ ଭିତରେ ଦୁଇଟି ଶକ୍ତିର ସଙ୍ଘର୍ଷ ଲାଗିଯାଏ । ଯୁଗଯୁଗ ଧରି ଶୋଇ ରହିଥିବା ପୁରାତନ ଅନ୍ଧକାର ଶକ୍ତି ନିଦ୍ରାତ୍ୟାଗ କରି ନିଜର ସମସ୍ତ ଶକ୍ତି ଖଟାଇ ନୂତନକୁ ବାଧାଦିଏ । ସେତିକିବେଳେ ଯାହା ଆମେ ଚାହୁଁ ନାହିଁ, ଆମ ଲକ୍ଷ୍ୟର ବିପରୀତ ଜିନିଷଗୁଡ଼ିକର ପ୍ରଭାବ ବଢ଼ିଥାଏ । ଆମ ଭିତରେ ତଥା ସମାଜ ଭିତରେ କାମନାବାସନା, ହିଂସାଦ୍ୱେଷ, କ୍ରୋଧ, ଲୋଭ, ସ୍ୱାର୍ଥପରତା, ପରଶ୍ରୀକାତରତା ଆଦି ବଢ଼ିଯାଏ । ସେତିକିବେଳେ ସେଗୁଡ଼ିକ ଯେ ନଷ୍ଟ ହେବା ଲାଗି ବଢ଼ିଛି ସେକଥା ବୁଝି ନ ପାରି ଆମେ ଯଦି ଭାବୁ କିଛି ପରିବର୍ତ୍ତନ ହୋଇ ନାହିଁ ତେବେ ଆମେ ଭୁଲ୍ କରୁ । ସେ ପରିସ୍ଥିତିର ତାଡ଼ନାରେ ନିଜକୁ ଭସାଇ ନ ଦେଇ ମା'ଙ୍କ ନାମ ସ୍ମରଣ କରି, ହୃଦୟରେ

ତାଙ୍କରି ପ୍ରତି ଉନ୍ମୁକ୍ତ ରହି ଓ ତାଙ୍କୁ ସବୁକିଛି ସମର୍ପଣ କରି ଧୀର ସ୍ଥିର ଭାବେ ଅପେକ୍ଷା କଲେ ପୂର୍ବ ଅପେକ୍ଷା ଆହୁରି ଭଲ ଅବସ୍ଥା ଆସେ । ଯେପର୍ଯ୍ୟନ୍ତ ଆମର ସମସ୍ତ ସତ୍ତା ନୂତନ ତତ୍ତ୍ୱରେ ପରିପୂର୍ଣ୍ଣରୂପେ ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ ଆମକୁ ବାଧାବିଘ୍ନ ଓ ବିଭିନ୍ନ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିବ । ଏସବୁର ସମ୍ମୁଖୀନ ହେଉଥିବା ସାଙ୍ଗେ ସାଙ୍ଗେ ଆମର ଶକ୍ତି, ସାମର୍ଥ୍ୟ, ଶୁଦ୍ଧି ଓ ଲକ୍ଷ୍ୟପଥରେ ଅଗ୍ରଗତି ମଧ୍ୟ ବଢ଼ି ବଢ଼ି ଚାଲିଥିବ । ଖାଲି ପରିବର୍ତ୍ତନ ନିଶ୍ଚୟ ହେବ ବୋଲି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଲକ୍ଷ୍ୟ ସାଧନରେ ଲାଗି ରହିଲେ ହେଲା । ମା'ଙ୍କର ନବସୃଷ୍ଟି ପାଇଁ ସାଧନା ନିଶ୍ଚୟ ସ୍ଥୂଳରୂପ ନେବ । ଦିନେ ଅଣ୍ଡା ଭିତରୁ ନୂତନ ପକ୍ଷୀଶାବକ ଜନ୍ମନେବ । ସେଦିନ ସମଗ୍ର ଦୁନିଆ ଦେଖିବ । ଅବିଶ୍ୱାସର ଆଉ ସ୍ଥାନ ନ ଥିବ । କିନ୍ତୁ ଯେଉଁମାନେ ପୂର୍ବରୁ ବିଶ୍ୱାସ ରଖି ସାଧନାରେ ଲାଗି ରହିଥିବେ ସେଇମାନେ ସେଇ ନୂତନ ଜଗତର ଅଂଶୀଦାର ସହଜରେ ହୋଇପାରିବେ । ଯେଉଁମାନେ ଫାଙ୍କି ଦିଅନ୍ତି ସେମାନଙ୍କୁ ପୁଣି ନୂଆ କରି ଆରମ୍ଭ କରିବାକୁ ହେବ ।

ପରିବର୍ତ୍ତନ ନିଶ୍ଚୟ ହେଉଛି ଏବଂ ହେବ । ଆମେ ତାହା ଜାଣିପାରୁନୁ ତା'ର କାରଣ ଆମେ ସେହି ପୁରୁଣା ଚେତନା ଭିତରେ ବାସ କରୁଛୁ କିଂବା ବେଳେବେଳେ ତାହାରି ଭିତରକୁ ଫେରିଯାଇ ଏ ବିଚାର କରୁଛୁ । ତେଣୁ ଆମକୁ ପୁରାତନର ସମସ୍ତ  ସୀମିତତା, ସଙ୍କୀର୍ଣ୍ଣତା, ବନ୍ଧନ, ଆସକ୍ତି ଓ ବିଚାରଧାରା ଭିତରୁ ବାହାରି ଆସି ଏକ ନୂତନ ସତ୍ୟ, ଏକ ନୂତନ ଆଦର୍ଶର ଆଶ୍ରୟ ଗ୍ରହଣ କରିବାକୁ ହେବ । ବାହାରେ ରହି ପରିବର୍ତ୍ତନ ପାଇଁ ଠିକ୍ ଭାବରେ ଚେଷ୍ଟା ନ କରି ନିଜେ ସବୁ ପୁରାତନ କର୍ମକୁ ଆଚରଣ କରି ଆମେ ଯଦି କହୁ କିଛି ପରିବର୍ତ୍ତନ ହେଉ ନାହିଁ ତେବେ ତା'ର ଉତ୍ତର ମା'ଙ୍କ ଭାଷାରେ ହେବ :

''It is because they try to advance while remaining at the same place, they try to progress without changing their consciousness.''

‘‘ଏହାର କାରଣ ହେଉଛି ସେମାନେ ଯେଉଁ ସ୍ଥାନରେ ଥାଆନ୍ତି ସେଇଠି ରହି ଆଗକୁ ଚାଲିବାକୁ ଚେଷ୍ଟା କରନ୍ତି, ନିଜର ଚେତନାର ପରିବର୍ତ୍ତନ ନ କରି ସେମାନେ ବିକାଶ ଲାଗି ଚେଷ୍ଟା କରନ୍ତି ।’’

ତେଣୁ ପରିବର୍ତ୍ତନ ଚାହିଁଲେ ବାହାରେ ରହି ଅଭିଯୋଗ ନ କରି ମା’ ପେଟ ଓ ଡେଣା ତଳର ଉଷ୍ମ ଚେତନା ମଧ୍ୟରେ ନିରନ୍ତର ବାସକରି ଧୈର୍ଯ୍ୟର ସହ ବିଧିନିର୍ଦ୍ଦିଷ୍ଟ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଯେତେବେଳେ ଅଭିଯୋଗ ଭାବ ଆସିବ ଯେ କିଛି ହେଉ ନାହିଁ ସେତେବେଳେ ଭାବିବାକୁ ହେବ ଯେ ଆମେ ସେହି ନିରାପଦ ସ୍ଥାନରୁ ଟିକିଏ ବାହାରକୁ ଗଡ଼ିଯାଇଛୁ । ତଥାପି ବି ଭୟ ନାହିଁ; କାରଣ ମା’ ଜାଣିପାରି ତା’ର ଥଣ୍ଟରେ ଗଡ଼ାଇଆଣି ପୁଣି ତା’ କୋଳର ଯଥାର୍ଥ ସ୍ଥାନରେ ରଖିଦେବ । ଖାଲି ବିଶ୍ୱାସର ସହ ଲାଗି ରହିବାକୁ ହେବ ।

# ତୁଛାଟାରେ କାହିଁକି ଚେଷ୍ଟା କରୁଛୁ ?

''କ'ଣ ଏତେ ସବୁଦିନ ବଡ଼ି ଭୋରରୁ ଉଠି ଗାଧୋଇ ପାଧୋଇ ଘରଟା ଭିତରେ କରୁଛୁ ? ଏତେ ଶୀଘ୍ର ଉଠି ଗୋଧୋଇଲେ ଥଣ୍ଡା ଲାଗୁ ନାହିଁ ? ତା'ଛଡ଼ା ଭଲ କରି ଟିକିଏ ସକାଳ ହେବା ଯାଏ ଶୋଇରହିଲେ କି ମଜା !'' ସୁକୁମାର କହିଲା ସାଧନକୁ ।

ସାଧନ ଓ ସୁକୁମାର ଗୋଟିଏ ଗାଁରେ ଦୁଇଟି ପିଲା । ଦୁହେଁ ସ୍କୁଲରେ ସାଙ୍ଗ ହୋଇ ପଢ଼ନ୍ତି । ସୁକୁମାର ବହୁତ ଧନୀ ଘରର ପିଲା । ସାଧନ ସେତେ ଧନୀ ନ ହେଲେ ବି ନିହାତି ଗରିବ ନୁହେଁ । ସାଧାରଣ ଭାବେ ଖାଇବା, ପିନ୍ଧିବାରେ ଅଭାବ ନ ଥାଏ ।

ସୁକୁମାରର ଉପରୋକ୍ତ ପ୍ରଶ୍ନରେ ସାଧନ କହିଲା, ''ମୁଁ ଅନ୍ଧାରୁଆରୁ ଉଠି ଗାଧୋଇ ପାଧୋଇ ଟିକିଏ ଆସନ ଓ ଧ୍ୟାନ କରେ । ତା'ପରେ ପଢ଼ାପଢ଼ି କରେ । ମୋର ଟିକିଏ ଯକୃତ୍ ଓ କ୍ଷୁଦ୍ର ଅନ୍ତ୍ରରେ ଗୋଳମାଳ ଅଛି । ଥରେ ଜଣେ ସନ୍ନ୍ୟାସୀ ଆସିଥିଲେ, ସେ ମୋତେ ଏହିସବୁ ଆସନ, ଧ୍ୟାନ ଆଦି ବତାଇ ଦେଇଛନ୍ତି । ସଂଧ୍ୟାରେ ମଧ୍ୟ କିଛି ବ୍ୟାୟାମ ଓ ଭ୍ରମଣ କରିବାକୁ କହିଯାଇଛନ୍ତି । ଏହିସବୁ ଆସନ, ବ୍ୟାୟାମ କରିବା ଫଳରେ ମୋର ଶରୀରରେ ଯେଉଁ ରୋଗସବୁ ଅଛି ତାହା ଚାଲିଯିବ ବୋଲି ସେ କହିଛନ୍ତି ।''

''ବୋକା ନା କ'ଣ ? ରୋଗସବୁ କ'ଣ ଏ ଆସନ ଫାସନରେ ଭଲ ହୁଏ ? ତୁଛାଟାରେ କାହିଁକି ଏଗୁଡ଼ାକରେ ମାତିଛୁ । ରୋଗ ପାଇଁ ସିନା ଔଷଧ ଖାଆନ୍ତି । ମୋର ତ ପାକସ୍ଥଳୀ ଗଣ୍ଡଗୋଳ ଅଛି । ମୋତେ ତ ଜଣେ ଡାକ୍ତର ଔଷଧ ଦିଅନ୍ତି । ସେଥିରେ ଭଲ ହୋଇଯାଏ ।''

ସୁକୁମାରର ଏପରି କଥା ଶୁଣି ସାଧନ କହିଲା, ''କ'ଣ ତୋର ପେଟରୋଗ ପୂରାପୂରି ଭଲ ହୋଇଯାଇଛି ?''

''ନା, ପୂରା ଭଲ ହୋଇ ନାହିଁ, କିଛିଦିନ ଲାଗି ଭଲ ହୋଇଯାଉଛି, ପୁଣି ହେଉଛି । ଡାକ୍ତର କହିଛନ୍ତି ଔଷଧ ନିୟମିତ ଖାଇଲେ ପୂରା ଭଲ ହୋଇଯିବ ।''

''କିନ୍ତୁ ସେ ସନ୍ନ୍ୟାସୀ କହୁଥିଲେ, ଔଷଧ ରୋଗ ଭଲ କରେ ନାହିଁ । ରୋଗ ଭଲ କରେ ବ୍ୟକ୍ତିର ସଂକଳ୍ପ, ନିଜେ ଭଲ ହୋଇଯିବାର ଦୃଢ଼ ଇଚ୍ଛା ଓ ବିଶ୍ୱାସ । ଆଉ ତା ସହ ସେ ଯଦି ଭଗବତ୍ ବିଶ୍ୱାସୀ ହୋଇଥାଏ, ତାଙ୍କ କୃପା ତ ଅସାଧ୍ୟ ସାଧନ କରିପାରେ । ଯେଉଁମାନଙ୍କର ସଂକଳ୍ପ ଓ ବିଶ୍ୱାସ ଦୃଢ଼ ନ ଥାଏ, ସେମାନେ ଔଷଧକୁ ଏକ ଅବଲମ୍ବନ ବା ମାଧ୍ୟମରୂପେ ଗ୍ରହଣ କରି, ତାହାରି ଦ୍ୱାରା ଭଲ ହୋଇଯିବାର ବିଶ୍ୱାସ ପୋଷଣ କରିବା ଫଳରେ ଭଲ ହୋଇଥା'ନ୍ତି । ଖାଲି ଔଷଧ ଗିଳିଲେ କେହି କେବେ ଭଲ ହୁଏ ନାହିଁ । ତା' ସହ ଏହି ଯେଉଁ ବିଶ୍ୱାସ ତାହାହିଁ ରୋଗୀକୁ ଭଲ କରି ଦେଇଥାଏ । ଏ ବିଶ୍ୱାସ ନ ଥାଇ ଖାଲି ଔଷଧ ଗିଳିଲେ ଶରୀର ବରଂ ବେଶୀ ରୋଗାକ୍ରାନ୍ତ ହୋଇଥାଏ ।

''ମୋର ଏସବୁ ଔଷଧପତ୍ରରେ ଟଙ୍କା ପଇସା ଖର୍ଚ୍ଚ କରିବାକୁ ବିଶେଷ ସମ୍ବଳ ନାହିଁ କି ଇଚ୍ଛା ବି ନାହିଁ । ତା'ଛଡ଼ା ମୋତେ ବି ଏସବୁ ଔଷଧ ଖାଇବାକୁ ଭଲ ଲାଗେ ନାହିଁ । ମୋର ନିଜ ଉପରେ ଓ ଭଗବାନଙ୍କ ଉପରେ ବିଶ୍ୱାସ ଅଛି । ଦୃଢ଼ ସଂକଳ୍ପର ସହ ଏଇ ଆସନ ବ୍ୟାୟାମ ନିୟମିତ କଲେ ମୋର ଶରୀର ଆରୋଗ୍ୟ ହୋଇଯିବ । ଏ ଆସନ, ବ୍ୟାୟାମ କିଛି ନ କରି ବି ଖାଲି ଦୃଢ଼ ସଂକଳ୍ପ ଓ ଭଗବାନଙ୍କ ଉପରେ ବିଶ୍ୱାସ ରଖିଲେ ସବୁ ଠିକ୍ ହୋଇଯିବ । ତେବେ ଆସନ, ବ୍ୟାୟାମ ଶରୀରର ରୋଗ ନିବାରଣ ସହ ଶକ୍ତିବର୍ଦ୍ଧନ, ପୁଷ୍ଟିସାଧନ ଓ ନମନୀୟକରଣରେ ସାହାଯ୍ୟ କରିଥାଏ ।''

''ତୁ ଆସନ, ବ୍ୟାୟାମ କେତେ ଦିନ ହେଲା ଆରମ୍ଭ କଲୁଣି ?'' ପଚାରିଲା ସୁକୁମାର ।

ସାଧନ କହିଲା, ''ଏଇ ପନ୍ଦର ଦିନ ହେବ ।''

''କ'ଣ କିଛି ଉପକାର ପାଇଲୁଣି ? ଯକୃତ୍ ଓ ଅନ୍ତ୍ରନଳୀରେ ଥିବା ଗୋଳମାଳ କିଛି କମିଗଲାଣି ?''

''ନା, ବର୍ତ୍ତମାନ ତ ଏସବୁ କରିବା ଫଳରେ ମୁଁ ଶରୀରରେ ବହୁତ କଷ୍ଟ ଅନୁଭବ କରୁଛି । ମୋର ତ ଏସବୁ ଅଭ୍ୟାସ ନ ଥିଲା । ତେବେ ମୁଁ ଅନୁଭବ କରୁଛି ଏହା ଫଳରେ ମୋ ଶରୀର ଉପରେ ବହୁତ କିଛି ପ୍ରଭାବ ପଡୁଛି । ଧୀରେ ଧୀରେ ମୁଁ ଏଥିସହ ଅଭ୍ୟସ୍ତ ହୋଇଗଲେ ଏହାର ସୁଫଳ ଅନୁଭବ କରିବି ଓ ସଂପୂର୍ଣ୍ଣ ରୋଗମୁକ୍ତ ହେବି ।''

ସୁକୁମାର ଯେପରି ଏଇ ଏତକ ଶୁଣିବାକୁ ଚାହୁଁଥିଲା ! ସଙ୍ଗେସଙ୍ଗେ କହିଲା, ''ପନ୍ଦର ଦିନ ହେଲା କଲୁଣି କିଛି ଫଳ ନାହିଁ । ଓଲଟା ବେଶୀ କଷ୍ଟ ଅନୁଭବ କରୁଛୁ । କିନ୍ତୁ ଔଷଧ ଖାଇ ତ ଦୁଇଟା ଦିନରେ ମୋର ପେଟ ଭଲ ହୋଇଯାଉଛି ।''

''ଦୁଇଟା ଦିନରେ ଭଲ ହୋଇଯାଉଛି ସତ । ପୁଣି ଚାରିଦିନ ପରେ ଯେ ବାହାରୁଛି । ମୁଁ ତୋର ଔଷଧ ଖାଇବାକୁ ନାପସନ୍ଦ କରୁ ନାହିଁ । କାରଣ ସବୁ ବ୍ୟକ୍ତି ତ ସମାନ ମନୋଭାବର ହୋଇପାରିବେ ନାହିଁ । ପ୍ରତ୍ୟେକଙ୍କର ବିଶ୍ୱାସ, ରୁଚି ଭିନ୍ନ ଭିନ୍ନ । ତେଣୁ ତୁ ତୋର ବିଶ୍ୱାସ ନେଇ ଚାଲ । କିନ୍ତୁ ଖାଲି ଔଷଧ ଖାଇଲେ ଚଳିବ ନାହିଁ, ତା ସହ ଦୃଢ଼ ସଂକଳ୍ପ ଓ ବିଶ୍ୱାସ ପୋଷଣ କରିବାକୁ ହେବ ଯେ ରୋଗ ଆରୋଗ୍ୟ ହୋଇଯିବ । ତା'ଛଡ଼ା ତୋର ଯଦି ଭଗବାନଙ୍କ ଉପରେ ବିଶ୍ୱାସ ଥାଏ, ତେବେ ସେ କଥା ଛାଡ଼ । ତାଙ୍କ ପକ୍ଷରେ କ'ଣ ବା ଅସମ୍ଭବ !

''ମୋର କିନ୍ତୁ ବୋଧ ହେଉଛି ଯେ ଔଷଧ ନ ଖାଇ ନିୟମିତ ଆସନ, ବ୍ୟାୟାମ, ଶୟନ, ଭୋଜନ, ଧ୍ୟାନ, ପଠନ ଆଦି ସକଳ କର୍ମ ନିଷ୍ଠାର ସହ ଭଗବାନଙ୍କୁ ସମର୍ପଣ କରି କଲେ ଓ ଦୃଢ଼ ସଂକଳ୍ପ ଓ ବିଶ୍ୱାସ ପୋଷଣ କଲେ ମୋ ଭିତରେ ଥିବା ସବୁକିଛି ଶାରୀରିକ ତ୍ରୁଟି ଦୂର

ହୋଇଯିବ । ଖାଲି ତ୍ରୁଟି ଦୂର ହେବ ନାହିଁ, ମୋର ଶରୀର, ମନ, ପ୍ରାଣ ପୂର୍ବ ଅପେକ୍ଷା ଆହୁରି ଉନ୍ନତ ଅବସ୍ଥା ପ୍ରାପ୍ତ ହେବେ ।''

''ତୁଚ୍ଛା କଥା । ଔଷଧ ନ ଖାଇଲେ କେଉଁଠି ରୋଗ ଭଲ ହେଲାଣି ? କରୁଥା ସେ ଆସନ, ବ୍ୟାୟାମ; ଆଉ ସଂକଳ୍ପ, ବିଶ୍ୱାସ ଓ ଭଗବାନଙ୍କୁ ଧରି ବସିଥା । ଦେଖିବୁ ପରେ ପୁଣି ପସ୍ତେଇବୁ ଯେ । ଏସବୁ ଛାଡ଼ି ଶୀଘ୍ର ଡାକ୍ତର ପରାମର୍ଶ କର ।''

ସୁକୁମାରର ଏକଥା ଶୁଣି ସାଧନ ଟିକିଏ ମୁରୁକି ହସି କହିଲା, ''ଡାକ୍ତର ପରାମର୍ଶ କରିବା ପାଇଁ ମୋର କୌଣସି ଘୃଣା ବା ବିତୃଷ୍ଣା ନାହିଁ । ଯଦି କୌଣସି ଅସ୍ଥି ଉପରେ ଆଞ୍ଚ ଆସିଥାଆନ୍ତା, କି କିଛି ଅପରେସନ୍ କରିବାକୁ ପଡୁଥାଆନ୍ତା, କି କିଛି ପରୀକ୍ଷା କରି ଜାଣିବା ପାଇଁ ପଡୁଥାଆନ୍ତା ତେବେ ଡାକ୍ତରଙ୍କ ପାଖକୁ ଯାଆନ୍ତି । ମୋର ସେସବୁ କିଛି ଆବଶ୍ୟକ ବୋଲି ଅନୁଭବ କରୁ ନାହିଁ । ସନ୍ନ୍ୟାସୀ ତ ମୋର ନାଡ଼ି ଦେଖି ଓ ମୋଠାରୁ ସମସ୍ତ କଥା ଶୁଣି ମୋର ଯକୃତ୍ ଓ କ୍ଷୁଦ୍ର ଅନ୍ତ୍ରରେ ଅସୁବିଧା ଅଛି ବୋଲି କହି ମୋତେ ଏସବୁ ଆସନ ବ୍ୟାୟାମ ବତାଇଛନ୍ତି । ତା ନ ହୋଇଥିଲେ ଖାଲି ମୋର ଶରୀରର କେଉଁ କେଉଁ ଅଂଶରେ ତ୍ରୁଟି ଅଛି ତାହା ପରୀକ୍ଷା କରି ଜାଣିବା ଲାଗି ମୁଁ ଡାକ୍ତରଙ୍କ ପାଖକୁ ଯାଇଥା'ନ୍ତି । କିନ୍ତୁ ଔଷଧ ଖାଇବାକୁ ନୁହେଁ । ତେବେ କେତେକ ଫଳ, ମୂଳ, ଚେର, ଛେଲି, ପତ୍ର ଆଦି ଅଛି ଯାହାକୁ କି ଔଷଧରୂପେ ଖାଇବାକୁ ପଡ଼ିଲେ ମୋର ବିଶେଷ ଦ୍ୱିଧା ନାହିଁ । ସେଗୁଡ଼ିକ ମୋତେ ଖୁବ୍ ସରଳ, ପ୍ରାକୃତିକ ଓ ଉପକାରୀ ବୋଧ ହୁଏ । କିନ୍ତୁ ରାସାୟନିକ ପ୍ରକ୍ରିୟାରେ ତିଆରି ଏ ଔଷଧଗୁଡ଼ାକ, ବିଶେଷ କରି ଏଲୋପାଥିକ ଔଷଧ , ମୋ ଶରୀର କାହିଁକି ଗ୍ରହଣ କରିବାକୁ ରାଜି ହୁଏ ନାହିଁ ।''

ସୁକୁମାର କହିଲା, ''ଏସବୁ ତୋର ବ୍ୟକ୍ତିଗତ ମତ । ରୋଗର ପ୍ରତିକାର ହେଉଛି ଔଷଧ, ଔଷଧ ନ ଖାଇଲେ କ'ଣ କେବେ ଭଲ ହେବୁ ?''

ଶେଷକୁ ସାଧନ କହିଲା, ''ହଉ ଭଲ ନ ହେଲା ନାହିଁ । ଔଷଧ ଖାଇ କରି ତ ଲୋକ ଭଲ ହେଉ ନାହାନ୍ତି । ମୋର ବି ସେମିତି ଯଦି ଏ ଉପାୟରେ ଭଲ ନ ହୁଏ ନ ହେଉ । ବ୍ୟାୟାମ ଆସନ ଫଳରେ ଶରୀରର ତ ଉପକାର ହେବ; ଅଳସୁଆମି ଦୂର ହେବ, ପଢ଼ାରେ ମନ ଲାଗିବ ।''

କିଛି ମାସ ବିତିଗଲା । ସାଧନ ଖୁବ୍ ସୁସ୍ଥ, ସବଳ, ନୀରୋଗ ହୋଇଯାଇଛି । ଶରୀରର ସାମର୍ଥ୍ୟ ତା'ର ଅସାଧାରଣ ରୂପେ ସବୁ ଦିଗରେ ବୃଦ୍ଧି ପାଇଛି । ସେ ଯାହା ଆଶା କରିଥିଲା ତାହା ଅପେକ୍ଷା ଢେର ଅଧିକ ହୋଇଛି । ଶରୀର ତା'ର ଏବେ ଯେପରି ଏକ ଅନ୍ଧକାର ଜଡ଼ ଶକ୍ତିର କବଳରୁ ମୁକ୍ତ ହୋଇ ନିଜେ ନିଜର ସୁରକ୍ଷା ଓ ବିକାଶ ପାଇଁ ସମର୍ଥ ହୋଇଛି ।

ଅନ୍ୟ ପକ୍ଷରେ ଖାଲି ଗୁଡ଼ାଏ ଔଷଧ ଗିଳି ଗିଳି ସୁକୁମାର ଅତିଶୟ ଶୁଖିଯାଇଛି । ଶରୀରରେ ବିଭିନ୍ନ ରୋଗ ଆସି ଆଶ୍ରୟ ନେଲେଣି । ଦିନରାତି ମୁହଁରେ ଔଷଧ ବନ୍ଧା, ନୋହିଲେ ପ୍ରାଣବାୟୁ ଯେପରି ଉଡ଼ିଯିବ । ସୁକୁମାରକୁ ଆଉ କହିବାକୁ ପଡ଼ିଲା ନାହିଁ । ସାଧନର ସାଧନାର ଫଳ ସେ ଆଖିରେ ଦେଖିନେଲା । ବର୍ତ୍ତମାନ ନିଜେ ସେ ପସ୍ତେଇଲା । କିନ୍ତୁ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଛି । ତେବେ ଯାହା ହେଉ ସାଧନ ତାକୁ ସାହସ ଦେଲା; ଔଷଧ ଖାଆ ପଛେ, ସଂକଳ୍ପ କଲେ, ଭଗବାନଙ୍କ ଉପରେ ବିଶ୍ୱାସ ରଖିଲେ ସବୁ ଭଲ ହୋଇଯିବ ।

ସାଧନର ନିଜ କଥା ବି ମନେ ପଡ଼ିଲା । ସେତେବେଳେ ସୁକୁମାରର କଥା ଶୁଣି ଯଦି ହତୋତ୍ସାହ ହୋଇ ସେ ଚେଷ୍ଟା ଛାଡ଼ି ଦେଇଥା'ନ୍ତା, ଆଜି ଏପରି ସୁନ୍ଦର ଶରୀର କ'ଣ ପାଇ ପାରିଥା'ନ୍ତା ! ଶରୀରର ସାଧନା ତ ଦିନକର କଥା ନୁହେଁ, ସେଥିଲାଗି ଧୈର୍ଯ୍ୟ, ସ୍ଥିରତା ଓ ନିଷ୍ଠାର ସହ ଲାଗି ରହିବାକୁ ହେବ । ଅଧବାଟରେ ବିଭିନ୍ନ ପ୍ରରୋଚନାରେ ପଡ଼ି ସଂକଳ୍ପ ଓ ଉଦ୍ୟମ ଛାଡ଼ିଦେଲେ ଲାଭ କ'ଣ ? ବେଶୀ ନ ହେଲେ ନାହିଁ, ଟିକିଏ ତ ଅଗ୍ରଗତି ହେବ ।

ସାଧନର ଉତ୍ସାହ ଓ ପ୍ରେରଣା ବଳରେ କିଛିଦିନ ପରେ ସୁକୁମାର ମଧ୍ୟ ଟିକିଏ ସୁସ୍ଥ ଓ ଆରାମ ବୋଧ କଲା, ଯାହା ଫଳରେ ପଢ଼ାପଢ଼ି କରିପାରିଲା । କିନ୍ତୁ ତା'ର ପୁରୁଣା ମନୋଭାବ ଓ ଅଭ୍ୟାସ ସେ ହଠାତ୍ ଛାଡ଼ିପାରିଲା ନାହିଁ ।

ଦୁହେଁ ଏବେ ସ୍କୁଲ ଛାଡ଼ି କଲେଜରେ ପଢ଼ିଲେଣି । କଲେଜରେ ଆଗରୁ ପ୍ରତିବର୍ଷ ୟୁନିଭର୍‌ସିଟି ପରୀକ୍ଷା ହେଉଥିଲା । ଏହି ବର୍ଷଠାରୁ ଶୁଣାଯାଉଛି ଯେ ଦୁଇ ବର୍ଷରେ ଥରେ ଲେଖାଏଁ ପରୀକ୍ଷା ହେବ । ସେ ଯାହା ହେଉ, ବର୍ଷକରେ ପରୀକ୍ଷା ହେଉ କି ଦୁଇ ବର୍ଷରେ ହେଉ ସାଧନ ତା'ର ନିୟମିତ ଅନ୍ୟସବୁ କାମ ସହ ପଢ଼ାପଢ଼ି କରେ । ସୁକୁମାର ତାକୁ ଦେଖି ବେଳେବେଳେ କୁହେ, ''କାହିଁକି ଏତେ ପଢୁଛୁ ? ଆର ବର୍ଷ ଯାଇ ପରୀକ୍ଷା । ବର୍ତ୍ତମାନଠାରୁ ପଢ଼ି ଲାଭ କ'ଣ ? ପଢ଼ା ସ୍ୱର୍ଗକୁ ନେବ ନା କ'ଣ ?''

ସାଧନ କହେ, ''ପରୀକ୍ଷା ଯେବେ ହେଉ ସେଥିରେ ମୋର କ'ଣ ଯାଏ ଆସେ । ପ୍ରତିଦିନ ନିୟମିତ କିଛି ସମୟ ପଢ଼ିବାକୁ ମୋତେ ଭଲ ଲାଗେ । ମୁଁ ସେଥିରୁ ଆନନ୍ଦ ପାଏ । ନ ପଢ଼ି ପାରିଲେ ମନଟା ଭଲଲାଗେ ନାହିଁ । ସେଇଥିଯୋଗୁଁ ମୁଁ ପଢୁଛି । ପରୀକ୍ଷା ଦୁଇ ବର୍ଷ ପରେ ତ ହେଲେ ଭଲ । ମୋର ପଢ଼ା କ'ଣ ବ୍ୟର୍ଥ ହୋଇଯାଉଛି ? ତା'ଛଡ଼ା ପରୀକ୍ଷା ଯଦି ଦୁଇ ବର୍ଷ ପରେ ନ ହୋଇ ଏଇ ବର୍ଷ ଶେଷରେ ହୁଏ ?''

ବାସ୍ତବରେ ମଧ୍ୟ ପରୀକ୍ଷା ସେଇ ବର୍ଷ ଶେଷରେ ହେଲା । ଦୁଇ ବର୍ଷିଆ କୋର୍ସ ତା ପର ବର୍ଷଠାରୁ ଆରମ୍ଭ ହେଲା । ପରୀକ୍ଷା ସମୟରେ ସାଧନ ସୁକୁମାରର ଶୁଖିଲା ମୁହଁକୁ ଦେଖି ଟିକିଏ ହସିଥିଲା ।

ଏହିପରି ବ୍ୟକ୍ତିର ସବୁପ୍ରକାର ଉଦ୍ୟମ, ସବୁପ୍ରକାର ସାଧନାର କ୍ଷେତ୍ରରେ ହତାଶାର ବାଣୀ, ନିରାଶାର ବାଣୀ, ନାସ୍ତିର ବାଣୀ, ବ୍ୟର୍ଥତାର ବାଣୀ ଶୁଭିଥାଏ । ବାହାରୁ ଶୁଭେ । ତାହା ଅତି ସାଧାରଣ କଥା । କିନ୍ତୁ

ମାରାତ୍ମକ ହେଉଛି ବ୍ୟକ୍ତିର ନିଜ ଭିତରୁ ଯେତେବେଳେ ଶୁଭେ । ମନ୍ଥରବିଷ ଭଳି ବ୍ୟକ୍ତି ଉପରେ ଏହା କ୍ରିୟା କରି ତାକୁ ଅବଶ, ଉଦ୍ୟମହୀନ, ସାଧନାହୀନ କରିପକାଏ । ବ୍ୟକ୍ତି ଭାବେ, ''କ'ଣ ଲାଭ ଏତେ ଉଦ୍ୟମ କରି ? ସମସ୍ତେ ତ ରୋଗ ଭୋଗୁଛନ୍ତି, ମୁଁ ତ ଭୋଗୁଛି; ସମସ୍ତେ ବଞ୍ଚୁଛନ୍ତି, ମୁଁ ତ ବଞ୍ଚୁଛି; ସମସ୍ତେ ବୃଦ୍ଧ ହେଉଛନ୍ତି, ମୁଁ ତ ବୃଦ୍ଧ ହେଉଛି; ସମସ୍ତେ ମରୁଛନ୍ତି, ମୁଁ ତ ମରିବି– ଏସବୁ ଏତେ ଅଯଥା ସଂଯମ, ଶୃଙ୍ଖଳା, ସାଧନାର ମୂଲ୍ୟ କ'ଣ ? କାହିଁ ଏତେ ଦିନ ତ ସାଧନା କଲି, କିଛି ନାହିଁ । ଆଉ କ'ଣ ହେବ ? ଛାଡ଼ ଏସବୁ । ଏସବୁ ଖାଲି ଫମ୍ପା ନିରର୍ଥକ ।'' ଆମର ଅବଚେତନା ମଧ୍ୟରେ ଏହିପରି ପୁରାତନ ମନୋଭାବ ଓ ବଦ୍ଧମୂଳ ଧାରଣା ଜମା ହୋଇ ରହିଛି । ବ୍ୟକ୍ତି ସାଧନା କରିବା ସମୟରେ ଏସବୁ ଉପରକୁ ଉଠିଆସି ତାକୁ କୁପ୍ରରୋଚନା ଦେଇ ପଥଭ୍ରାନ୍ତ, ସଂକଳ୍ପ ଓ ବିଶ୍ୱାସବିହୀନ କରିବାକୁ ଚେଷ୍ଟା କରିଥାଏ ।

ମା ୧୯୭୨ ମସିହା ନଭେମ୍ବର ବୁଲେଟିନ୍‌ରେ ସେହି ବର୍ଷ ଅଗଷ୍ଟ ମାସ ୩୦ ତାରିଖରେ ତାଙ୍କର ଏକ ଅନୁଭୂତି 'Notes on the Way'ରେ ବର୍ଣ୍ଣନା କରି କହିଛନ୍ତି :

"You understand ? My body is beginning– just beginning to know that the Divine side means a life... (Mother stretches out her arms into an immensity) a life progressive and luminous : but the accumulation of past experiences says : "Oh ! it is not possible !" There you are, and so it is this idiotic 'not possible' which delays and spoils things."

''ତୁମେ ବୁଝିପାରୁଛ ? ମୋର ଶରୀର ଆରମ୍ଭ କରୁଛି– ଠିକ୍ ଆରମ୍ଭ କରୁଛି ଜାଣିବାକୁ ଯେ ଭଗବାନଙ୍କର ପକ୍ଷ ଗ୍ରହଣ ଅର୍ଥ ଜୀବନ...

(ମା ଏକ ବିଶାଳତ୍ୱର ସୂଚନା ଦେଇ ତାଙ୍କ ଦୁଇ ବାହୁ ପ୍ରସାରିତ କରିଦେଲେ) ଏକ ଜୀବନ ଯାହାକି ପ୍ରଗତିଶୀଳ ଓ ଜ୍ୟୋତିର୍ମୟ : କିନ୍ତୁ ପୂର୍ବରୁ ଜମା ହୋଇ ରହିଥିବା ଅଭିଜ୍ଞତା କହୁଛି : ''ଓ ! ଏହା ତ ସମ୍ଭବ ନୁହେଁ !'' ବୁଝୁଚ ତ, ଏଇ ନିର୍ବୋଧତାପୂର୍ଣ୍ଣ 'ସମ୍ଭବ ନୁହେଁ' ସବୁକିଛିକୁ ବିଳମ୍ବିତ ଓ ବ୍ୟର୍ଥ କରୁଛି ।''

ଆହୁରି ମଧ୍ୟ ସାଧନାରେ ଯେତେବେଳେ ଶୀଘ୍ର ଫଳ ନ ମିଳେ, ଦୀର୍ଘକାଳ ଅପେକ୍ଷା କରିବାକୁ ପଡ଼େ, କଠୋର ଉଦ୍ୟମ କରିବାକୁ ପଡ଼େ, ବର୍ଷ ବର୍ଷ ବିତିଗଲେ ବି କିଛି ଅଭିଜ୍ଞତା ହୁଏ ନାହିଁ, ସେତେବେଳେ ବ୍ୟକ୍ତିର ବ୍ୟାବହାରିକ ଜଡ଼ଧର୍ମୀ ଭୌତିକ ମନ ସମ୍ମୁଖକୁ ଆସି ବ୍ୟକ୍ତିକୁ ନାନାପ୍ରକାର ନିରାଶାର ବାଣୀ ଶୁଣାଇ ସାଧନା-ପଥରୁ ନିବୃତ୍ତ କରିବାକୁ ଚେଷ୍ଟା କରୁଥାଏ । ମା ୧୯୫୪ ମସିହା ୩୦ ଜୁନ୍‌ରେ ଏକ ପ୍ରଶ୍ନୋତ୍ତରରେ କହିଛନ୍ତି :

"...there is always in man that kind of physical mind, practical and positive, which keeps on telling you, "Why are you trying ? You see quite well, there is nothing in it, these are all stories people tell you; why are you working for nothing ? You are wasting your time. There is nothing at all in it, it is all imagination."

''...ମଣିଷ ମଧ୍ୟରେ ସବୁବେଳେ ଗୋଟିଏ ବ୍ୟାବହାରିକ ଓ ଜଡ଼ଧର୍ମୀ ଭୌତିକ ମନ ରହିଛି, ଯେ କି ତୁମକୁ କହିବାରେ ଲାଗିଥାଏ, ''କାହିଁକି ତୁ ଚେଷ୍ଟା କରୁଛୁ ? ଭଲ କରି ଦେଖ ତ, ଏଥିରେ କିଛି ନାହିଁ, ଏସବୁ ଲୋକମାନେ ତୋତେ କହୁଥିବା ତୁଚ୍ଛା କାହାଣୀ; ନିରର୍ଥକ ଏସବୁ କଥାରେ କାହିଁକି ମାତିଛୁ ? ତୁ ଖାଲି ତୋର ସମୟ ନଷ୍ଟ କରୁଛୁ । ବାସ୍ତବରେ ଏଥିରେ କିଛି ନାହିଁ, ଏ ଖାଲି କଳ୍ପନା ଛଡ଼ା ଆଉ କିଛି ନୁହେଁ ।''

ଏପରି ପ୍ରରୋଚନା ବାସ୍ତବରେ ବଡ଼ ଭୟଙ୍କର । କାରଣ ବ୍ୟକ୍ତିର ଉଚ୍ଚତର ଜୀବନ କିଂବା ଚେତନା ସମ୍ବନ୍ଧେ ସାମାନ୍ୟ ଅଭିଜ୍ଞତା ନ ଥିଲେ ତା'ର ଭିତ୍ତି ସୁଦୃଢ଼ ନ ଥାଏ । ଏସବୁ ପ୍ରରୋଚନାରେ ତା'ର ଭିତ୍ତି ଦୋହଲିଯାଏ, ସେସବୁ ଉଦ୍ୟମ ଛାଡ଼ିଦେଇ ବସେ ।

ଏ କ୍ଷେତ୍ରରେ ସାଧକ ଭଳି ହେବାକୁ ହେବ । ଏସବୁ ପ୍ରରୋଚନାର ପ୍ରତ୍ୟୁତ୍ତରରୂପେ କହିବାକୁ ହେବ, ''କିଛି ନ ହେଲା ନାହିଁ, ମୋର ସାଧନାରେହିଁ ଆନନ୍ଦ । ମୋର ଜୀବନ ସେଇଥିଲାଗି । ସାଧନା ଛାଡ଼ି ମୁଁ ରହିପାରିବି ନାହିଁ । ମୋର ଲକ୍ଷ୍ୟ ଯଦି ପୂରଣ ନ ହୁଏ ତଥାପି ମୋର ସାଧାରଣ ଅବସ୍ଥାଠାରୁ ଆହୁରି ଉନ୍ନତ ଅବସ୍ଥା ହେବ । ଯଦି ପୂରଣ ହୁଏ ତେବେ ତାହା କେବଳ ମୋ ଲାଗି ଆସିବ, ଯିଏ ସାଧନା କରୁ ନାହିଁ ସେ ତ ତାହା ଲାଭ କରିପାରିବ ନାହିଁ । ତେଣୁ ମୁଁ ଚେଷ୍ଟା କାହିଁକି ଛାଡ଼ି ସଂକଳ୍ପକୁ ଶିଥିଳ କରି ଜୀବନକୁ ପଙ୍ଗୁ, ବିକାଶବିହୀନ କରିବି ? ନିତ୍ୟ, ନିରନ୍ତର, ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାହିଁ ମୋର ଜୀବନ; ଉଦ୍ୟମହୀନତା, ସାଧନାହୀନତା ମୋ ପକ୍ଷରେ ମୃତ୍ୟୁ ।

''ତା'ଛଡ଼ା ମୋର ସାଧନା ତ ମୋ ନିଜ ଲାଗି ନୁହେଁ, ଯାହାଙ୍କ ଲାଗି ସେହି ସ୍ୱୟଂ ଭଗବାନ ମୋ ମଧ୍ୟରେ ରହି ସାଧନା କରୁଛନ୍ତି । ମୋର ସଫଳତା ବିଫଳତା ନେଇ ମୁଣ୍ଡ ଖେଳେଇବା ଦରକାର କ'ଣ ? ମୋତେ ଖାଲି ଦୃଢ଼ ବିଶ୍ୱାସର ସହ ତାଙ୍କୁହିଁ ସମର୍ପଣ କରିବାକୁ ହେବ, ଏସବୁ ପ୍ରରୋଚନା ନିକଟରେ ନୁହେଁ । ତାଙ୍କ ପାଖରେ 'ଅସମ୍ଭବ' ଶବ୍ଦର କିଛି ଅର୍ଥ ନାହିଁ ।''

## କିପରି ସଫଳ ହେବି ?

କେଉଁଥିରେ ସଫଳ ହେବ ? କ'ଣ ଜୀବନରେ କିଛି ଲକ୍ଷ୍ୟ ଅଛି ? ଲକ୍ଷ୍ୟ ନ ଥିଲେ ସଫଳତାର ପ୍ରଶ୍ନ କେଉଁଠି ଉଠୁଛି ? ପ୍ରଥମେ ଏକ ଲକ୍ଷ୍ୟ ରଖ । ତା'ପରେ ଯାଇ ସଫଳତାର କଥା ବିଚାର କରିବ ।

ଛୋଟ ହେଉ, ବଡ଼ ହେଉ, ଲକ୍ଷ୍ୟ ନ ଥିଲେ ଜୀବନଟା ନିରର୍ଥକ । ଖାଲି ଏପାଖ ସେପାଖ ହୋଇ ବିଶୃଙ୍ଖଳାରେ ଜୀବନଟା କଟିଯିବ । କଛି ବିଶେଷ କରିହେବ ନାହିଁ ।

ଥରେ ଗୋଟିଏ ଗାଁରେ ଲୋକଟିଏ ଥିଲା । ସୁଦୁ ଗଣ୍ଡି ଅଳସୁଆଟାଏ । କୁଟା ଖଣ୍ଡକ ବି ଦିଖଣ୍ଡ କରୁ ନ ଥିଲା । ନାଁଟି ତା'ର ମନ୍ଥର । ମଠରେ ଖାଇ ଖଟରେ ଗଡ଼ ଗଡ଼େଇଲା ଭଳି ଗଡ଼ ଗଡ଼ଉଥାଏ । ଖାଇ ପିଇ ଖୁବ୍ ମୋଟାସୋଟା ବି ହୋଇଥାଏ । ପିଲାଦିନଟି ବାପମା'ଙ୍କ ପାଖରେ ବେଶ୍ ସୁରୁଖୁରୁରେ କଟିଗଲା । ବାପାଙ୍କ ପରେ ଭାଇମାନେ ବି କିଛି ବର୍ଷ ପାଳି ଆଣିଲେ । ତା'ପରେ ତା'ର ଗୋଟିଏ ଧନୀ ପରିବାରରେ ବିବାହ ହୋଇଗଲା । ଶଶୁରଙ୍କ ସାହାଯ୍ୟରେ ବେଶ୍ କିଛି ଦିନ ସୁରୁଖୁରୁରେ ଚଳାଇ ଦେଲା ।

କିନ୍ତୁ ବସି ଖାଇଲେ ତ ନଈବାଲି ସରେ । ଶଶୁର ଆଉ କେତେଦିନ ଯୋଗାଇବେ ! ଦିନେ ସକାଳେ ସ୍ତ୍ରୀ ତା'ର କହିଲା, ''ଆଉ କେତେ ଦିନ ବସି ଖାଇବ ? ଘରେ ତ ଯାହା ଥିଲା ସବୁ ସରିଲାଣି । ବାପା କ'ଣ ସବୁଦିନେ ଯୋଗାଉଥିବେ ! ମୋର ଯାହା ଅଳଙ୍କାର ପତ୍ର ଅଛି ସେଥିରେ କିଛି ଦିନ ଚଳିପାରେ । କିନ୍ତୁ ତା'ପରେ ? ଏତେ ଲୋକ ଏତେ କାମ କରୁଛନ୍ତି, ଆଉ ତୁମେ ସବୁବେଳେ ଖାଇପିଇ ଶୋଇଛ ! ଜୀବନରେ କିଛି ଗୋଟାଏ ଲକ୍ଷ୍ୟ ନାହିଁ । ଯାହାହେଉ ଏଣିକି ଏସବୁ ଚଳିବ ନାହିଁ । ଏଣିକି କିଛି ଗୋଟାଏ ଲକ୍ଷ୍ୟ ରଖି କାମ କରିବାକୁ ପଡ଼ିବ ।''

ମନ୍ଥର ତ ଶେଯରୁ ଉଠିବା କଷ୍ଟ । ସେଥିରେ ପୁଣି ଗୋଟାଏ ଲକ୍ଷ୍ୟ ରଖି ସେଥିଲାଗି କାମ କରିବ– ଏ ତ ତା' ପକ୍ଷରେ ଆକାଶ କୁସୁମ । କିନ୍ତୁ କ'ଣ କରିବ ? ସ୍ତ୍ରୀ ଯେତେବେଳେ କହୁଛି କିଛି ଗୋଟାଏ ନ କଲେ ନ ଚଳେ । ନଚେତ୍ ଖାଇବାକୁ ଦେବା ଯଦି ବନ୍ଦ ହୋଇଯାଏ ! କଷ୍ଟ କାମ ତ କିଛି କରିପାରିବ ନାହିଁ । ତେଣୁ ଯାହା ସବୁଠାରୁ ସହଜ କାମ ସେହିଭଳି ଗୋଟାଏ କିଛି କରିବ ବୋଲି ସ୍ଥିର କଲା । ଶେଷକୁ ସ୍ତ୍ରୀକୁ ପାଖକୁ ଡାକି କହିଲା, ''ଦେଖ, ତୁମେ ଚାହୁଁଛ ମୁଁ ଗୋଟିଏ କିଛି ଲକ୍ଷ୍ୟ ରଖି କାମ କରେ । ତୁମ କଥା ମାନି ମୁଁ ଏଣିକି ଠିକ୍ କରିଛି ଯେ ଆମ ପଡ଼ୋଶୀ କୁମ୍ଭାରର ମୁହଁ ନ ଚାହିଁବା ପର୍ଯ୍ୟନ୍ତ ମୁଁ କିଛି ଖାଇବି ନାହିଁ ।''

ଏକଥା ଶୁଣି ସ୍ତ୍ରୀ ତା'ର ମନେମନେ ବହେ ହସିଲା । କିନ୍ତୁ ଭାବିଲା, ଯାହା ହେଉ କିଛି ଗୋଟାଏ କରନ୍ତୁ, ନାହିଁ ମାମୁଠାରୁ କଣା ମାମୁ ଭଲ । ସେହିପରି ହେଉ ହେଉ ଯଦି ଅଳସୁଆମି ଧୀରେ ଧୀରେ ଛାଡ଼ିଯାଏ ! ଏହା ଭାବି କହିଲା, ''ଠିକ୍ ଅଛି, ସେଇଆ କର ।''

ସବୁ ଦିନେ ଏଣିକି ମନ୍ଥର ସକାଳୁ ଉଠି ଯାଇ କୁମ୍ଭାରର ମୁହଁ ଚାହିଁ ଆସେ । ତା'ପରେ ଯାଇ ଯାହାକିଛି ଖିଆପିଆ କରେ । କିଛି ଦିନ ଏମିତି ଭଲରେ କଟିଗଲା । ଦିନେ ସକାଳୁ ଉଠି ମନ୍ଥର କୁମ୍ଭାର ଘରକୁ ଯାଇ ଦେଖିଲା ଯେ କୁମ୍ଭାର ନାହିଁ । ସେ ଦିନ କ'ଣ ହୋଇଛି ନା ମାଟିପାତ୍ର ତିଆରି କରିବା ସକାଶେ କଞ୍ଚାମାଟି ଆଣିବା ପାଇଁ କୁମ୍ଭାର ତା'ର ଗଧକୁ ଧରି ଭୋରୁ ଭୋରୁ କୁଆଡ଼େ ଚାଲିଯାଇଛି । ମନ୍ଥର ବିଚରା ବହୁତ ହଇରାଣରେ ପଡ଼ିଲା । ଏତେ ଦିନ ହେଲା ଏମିତି କେଉଁ ଦିନ ଘଟି ନ ଥିଲା । ଅନେକ ସମୟ ଯାଏ ଅପେକ୍ଷା କଲା । କୁମ୍ଭାରର ଦେଖା ନାହିଁ । ବୋଧହୁଏ ମାଟି ପାଇଁ ବହୁ ଦୂରକୁ ଚାଲିଯାଇଥିଲା । ମନ୍ଥର ଆଉ କେତେ ସମ୍ଭାଳିବ ! ଭୋକରେ ପେଟ ଜଳିଲାଣି । କିନ୍ତୁ କୁମ୍ଭାରକୁ ଦେଖା ନ କଲେ ତ ଖାଇବ ନାହିଁ ବୋଲି ଲକ୍ଷ୍ୟ ରଖିଛି । ଦେଖା ନ କରି ଖାଇଦେଲେ ନିଷ୍ଠା

ଭଙ୍ଗ ହେବ । ତେଣୁ ସେ ସ୍ଥିର କଲା କୁମ୍ଭାରକୁ ଖୋଜି ଖୋଜି ସେ ଯେଉଁଠି ଥିବ ତା'ର ମୁହଁ ଚାହିଁ ଆସିଲେ ଯାଇ ଖାଇବ ।

କୁମ୍ଭାର ମାଟି ଆଣିବା ପାଇଁ ବହୁତ ଦୂରରେ ଥିବା ଗୋଟିଏ ପଡ଼ିଆକୁ ଚାଲିଯାଇଥିଲା । ମାଟି ଖୋଳୁ ଖୋଳୁ ସେଠି କିଛି ପୋତା ଧନ ଥିବାର ସେ ଦେଖିଲା । ସେଗୁଡ଼ିକ ଖାଲି ସୁନା । ଆଖି ତା'ର ଖୋସି ହୋଇଗଲା । ଖୁବ୍ ସାବଧାନତାର ସହ ମୁଣ୍ଡ ଟେକି ଚାରିଆଡ଼କୁ ଚାହିଁଲା । କାଳେ ତାକୁ କିଏ ଦେଖୁଛି କି ! ଏତିକିବେଳକୁ ମଛର ଯାଇ ପଡ଼ିଆରେ ପହଞ୍ଚି କୁମ୍ଭାରର ଅଳ୍ପଦୂରରୁ ତାକୁ ଚାହିଁ ଦେଇ ମୁହଁ ବୁଲାଇ ଆଣୁଛି ତ କୁମ୍ଭାର ତାକୁ ଦେଖି ପକାଇଲା । ମଛର ଆଉ କୁମ୍ଭାରକୁ କିଛି ନ କହି ଖାଇବା ନିମିତ୍ତ ଘରକୁ ଚାଲିଲା । କୁମ୍ଭାର ଭାବିଲା, ସେ ବୋଧହୁଏ ସୁନାତକ ଦେଖି ନେଇ ରାଜାଙ୍କୁ ଜଣାଇ ଦେବା ପାଇଁ ଚାଲିଯାଉଛି । ଫଳରେ ରାଜା ସବୁ ସୁନାତକ ଜବତ କରିନେବେ । ବିଚରା ଭୟରେ ବଡ଼ ପାଟିରେ ଡାକ ପକାଇଲା, ''ମଛର ଭାଇ, ମଛର ଭାଇ, ଫେରିଆସ, ଶୁଣ ।''

ମଛରର ଭୋକରେ ପେଟ ଜଳିଲାଣି, ସେ କ'ଣ ଆଉ କୁମ୍ଭାର କଥା ଶୁଣୁଛି କହିଲା, ''ତୁମକୁ ବେଶ୍ ଦେଖିନେଇଛି, ଆଉ ଦରକାର ନାହିଁ ।'' କୁମ୍ଭାର ଏ କଥା ଶୁଣି ଆହୁରି ଭୟରେ ଥରିଲା, ''ଫେରିଆସ, ଫେରିଆସ, ମୁଁ ତୁମକୁ ବି ଭାଗ ଦେବି'' ବୋଲି ହୁରି ଛାଡ଼ିଲା ।

ମଛର କିଛି ବୁଝିପାରୁ ନ ଥାଏ । କୁମ୍ଭାରର ଏପରି ବିକଳ ଡାକ ଶୁଣି ତା' ପାଖକୁ ସେ ଫେରି ଆସିଲା । ଫେରିଆସି ଯାହା ଦେଖିଲା, ସେଥିରେ ତା'ର ଆଖି ଖୋସି ହୋଇଗଲା । ଏତେ ସୁନା ! କୁମ୍ଭାର ମଛରକୁ କହିଲା, ''ଦେଖ, ତୁମେ ଏ କଥା କାହାକୁ କହିବ ନାହିଁ । ମୁଁ ତୁମକୁ ଏଥିରୁ ଅଧେ ଭାଗ ଦେବି ।''

ମଛରର ଆନନ୍ଦ ଆଉ ଦେଖେ କିଏ । ତା' ଭାଗ ସୁନାତକ ଧରି ସେ ଘରକୁ ଫେରିଲା । ଘରେ ପହଞ୍ଚି ସ୍ତ୍ରୀକୁ ସବୁ କଥା ଜଣାଇ ଦେଇ

କହିଲା, ''ଯାହାହେଉ, ତୁମେ କହିଥିଲ ଜୀବନରେ କିଛି ଗୋଟାଏ ଲକ୍ଷ୍ୟ ରଖିବାକୁ । ମୁଁ ଏଇ ସାମାନ୍ୟ, ତୁଚ୍ଛ ଲକ୍ଷ୍ୟ ରଖି ତ ଏତେ ଲାଭ ! ଆଉ ବଡ଼ ଲକ୍ଷ୍ୟ ରଖିଲେ କେତେ ଲାଭ ନ ହେବ !'' ସେଇ ଦିନଠାରୁ ମଛରର ଅଳସୁଆମି ଧୀରେ ଧୀରେ କଟିଗଲା । ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ ମହା ସୁଖରେ କାଳ କାଟିବାକୁ ଲାଗିଲେ ।

ଅବଶ୍ୟ ଗଳ୍ପ ଛଳରେ ଏହା କୁହାଯାଇଛି । ଲକ୍ଷ୍ୟ ଦୃଷ୍ଟିରୁ ଏହା ଅତ୍ୟନ୍ତ ହାସ୍ୟାସ୍ପଦ । କିନ୍ତୁ ମଛର ଭଳି ଅଳସୁଆ ପକ୍ଷରେ ଏହା ଏକ ବିରାଟ ଲକ୍ଷ୍ୟ । ଲକ୍ଷ୍ୟ ଯେତେ ହାସ୍ୟାସ୍ପଦ ହେଉ ପଛେ, ତଥାପି ତା'ର ମୂଲ୍ୟ ଅଛି । ଏଠାରେ ଦୁଇଟି ବିଷୟ ଲକ୍ଷ୍ୟ କରିବାର କଥା । ଗୋଟିଏ ହେଉଛି ଲକ୍ଷ୍ୟ ସାଧନରେ ନିଷ୍ଠା, ଅନ୍ୟଟି ହେଉଛି ସେଥିରେ ଲାଗିରହିବା । ମଛର ନିଷ୍ଠାର ସହ ପ୍ରତିଦିନ କୁମ୍ଭାରର ମୁହଁ ନ ଦେଖିଲେ ଖାଏ ନାହିଁ । ଯେଉଁ ଦିନ ସେ ଦେଖି ନ ପାରିଲା, ବହୁ ସମୟ ଧରି ଅପେକ୍ଷା କରିବା ଫଳରେ ତାକୁ ଭୋକ ଲାଗିଲା । ସେଦିନ ସେ ଦେଖା ନ କରି ଖାଇ ପାରିଥାନ୍ତା । କିନ୍ତୁ ସେ ତା'ର ଲକ୍ଷ୍ୟ ସାଧନରେ ଲାଗିରହିଲା । ଦିନକ ପାଇଁ ହେଲେ ବି ତାକୁ ତ୍ୟାଗ କଲା ନାହିଁ । ସେଇଥିଲାଗି ସେ ପୁରସ୍କୃତ ହେଲା ।

ଅଧ୍ୟାତ୍ମ ସାଧନାରେ ମଧ୍ୟ ସେଇ ଏକା କଥା । ବ୍ୟକ୍ତିର **ନିଷ୍ଠା ଓ ଅଧ୍ୟବସାୟ** ଭଗବତ୍ କୃପାକୁ ଗ୍ରହଣ କରିବା ନିମନ୍ତେ ତାକୁ ପ୍ରସ୍ତୁତ କରି ଲକ୍ଷ୍ୟ ସିଦ୍ଧି ପଥରେ ନେଇଚାଲେ । ଏଇ ଦୁଇଟିହିଁ ଯେକୌଣସି କାର୍ଯ୍ୟରେ ସଫଳତା ଲାଗି ଯଥେଷ୍ଟ । ସେଇଥିପାଇଁ ମା କହିଛନ୍ତି :

''To conquer the Divine is a difficult task, but with sincerity and perseverance one is sure to succeed.''

''ଭଗବାନଙ୍କୁ ଜୟ କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ, କିନ୍ତୁ ନିଷ୍ଠା ଓ ଅଧ୍ୟବସାୟ ବଳରେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।''

# ଯେତେ କହିଲେ ବି ପିଲାଟି ଶୁଣୁ ନାହିଁ

ଥରକର କଥା । ମଫସଲ ଅଞ୍ଚଳର ଗାଁଟିଏ । ସେ ଗାଁରେ ଥିଲେ ବାପ ମା ଦୁଇଜଣ । ଅନେକ ଦିନ ଧରି ସେମାନଙ୍କର କୌଣସି ସନ୍ତାନସନ୍ତତି ହେଉ ନ ଥିଲେ । ଅନେକ ଦିଅଁ ଦେବତା ପୂଜା କରି ଶେଷକୁ ପୁଅଟିଏ ହେଲା । ପୁଅଟି ବଡ଼ ହୋଇଗଲାଣି । ସାତ ଆଠ ବର୍ଷର ।

ପୁଅଟିକୁ ପାଇ ବାପ ମା ଯେତେକି ଖୁସୀ ସେତିକି ବି ତା' ନେଇ ଚିନ୍ତିତ । କେତେବେଳେ ହେଲେ ଦେହରୁ ରୋଗ ଛାଡୁ ନାହିଁ । ସବୁବେଳେ ତା ଲାଗି ଡାକ୍ତର କବିରାଜ ବନ୍ଧା । ତା'ର ପ୍ରଧାନ ଦୋଷ ହେଉଛି ମିଠା ଜିନିଷ ପ୍ରତି ତା'ର ଅତିଶୟ ଲାଳସା । ସବୁ ଜିନିଷରେ ମିଠା ନ ପଡ଼ିଲେ ଆଉ ନ ଖାଆନ୍ତି । କେହି ଘରେ ନ ଥିଲାବେଳେ ମିଠା ଜିନିଷ ଯେଉଁଠି ଥିବ ଲୁଚାଇ ଆଣି ସବୁ ଖାଇଦେବ । ଡାକ୍ତରମାନଙ୍କର ସବୁଚେଷ୍ଟା ସତ୍ତ୍ୱେ ସେ ଭଲ ହେଲା ନାହିଁ କି ମିଠା ଛାଡ଼ିଲା ନାହିଁ ।

ଥରେ ସେ ଅଞ୍ଚଳକୁ ଜଣେ ସାଧୁ ଆସିଲେ । ସେ କିଛି ଦିନ ପାଇଁ ସେଠାରେ ଗୋଟିଏ ମଠରେ ରହିଲେ । ଅନେକ ଲୋକ ତାଙ୍କୁ ଦେଖା କରିବାକୁ ଯାଉଥା'ନ୍ତି । କେହି ଜଣେ ସେ ପିଲାର ମାଆକୁ କହିଲା ତା'ର ପିଲାକୁ ନେଇ ସେ ସାଧୁଙ୍କ ପାଖକୁ ଯିବାକୁ । ମାଆ ମନକୁ ସଙ୍ଗେ ସଙ୍ଗେ କଥାଟା ପାଇଗଲା । ବୁଡ଼ି ଯାଉଥିବା ଲୋକ କୁଟା ଖଣ୍ଡକୁ ଆଶ୍ରା କଲା ଭଳି ସେ ପୁଅକୁ ଧରି ସାଧୁଙ୍କ ପାଖକୁ ଚାଲିଲା । ପହଞ୍ଚି ଦେଖିଲା, ସାଧୁଙ୍କ ପାଖରେ ଅନେକ ଲୋକ । ଟିକିଏ ଅପେକ୍ଷା କଲା । ଲୋକମାନେ କମିଯିବାରୁ ସାଧୁଙ୍କ ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କରି, ପୁଅକୁ ପ୍ରଣାମ କରାଇ ସାଧୁଙ୍କ ପାଦତଳେ ବସି ପଡ଼ିଲା । ସାଧୁ ପଚାରିଲେ, ''ମା, କ'ଣ ମୋଠାରେ କିଛି କାର୍ଯ୍ୟ ଅଛି ?'' ମାଆଟି କଇଁ କଇଁ ହୋଇ କାନ୍ଦି ପକାଇ

କହିଲା, ''ବାବା, ମୋର ଏକମାତ୍ର ସନ୍ତାନ, ଅନ୍ଧର ଲଉଡ଼ି ଏଇ ପୁଅଟିକୁ ବଞ୍ଚାନ୍ତୁ । ସବୁବେଳେ ମିଠା ଖାଇ ଖାଇ ତା'ର ଶରୀର କ'ଣ ହେଲାଣି । ସେଥିରେ ମିଠା ଛାଡ଼ିବାକୁ ନାହିଁ । ଡାକ୍ତର, କବିରାଜ ଲାଗି ଲାଗି ଥକିଗଲେଣି । କେଉଁଥିରେ କିଛି ହେଉ ନାହିଁ । ଶେଷକୁ ଆପଣଙ୍କୁ ଆଶ୍ରା କରି ଆସିଛି । ରଖିଲେ ରଖନ୍ତୁ, ମାରିଲେ ମାରନ୍ତୁ; ଯାହା ଆପଣଙ୍କ ଇଚ୍ଛା । ମୋର ଆଉ ଚାରା ନାହିଁ ।

ସାଧୁ କିଛିକ୍ଷଣ ନୀରବ ରହିଲେ । ତା'ପରେ ବିନମ୍ର ଭାବରେ କହିଲେ, ''ମା, ତୁମ ପୁଅକୁ ଧରି ଏହାର ଆଠ ଦିନ ପରେ ଆସିବ ।''

ମାଆଟି ତା'ର ପୁଅକୁ ଧରି ଚାଲିଗଲା । ଠିକ୍ ଆଠ ଦିନ ପରେ ପୁଅକୁ ଧରି ପୁଣି ଆସିଲା । ସେ ପହଞ୍ଚିଲା ବେଳକୁ ସାଧୁ ଖୁବ୍ ଗଭୀର ଧ୍ୟାନସ୍ଥ ଥିଲେ । ଧ୍ୟାନ ଭଙ୍ଗ ହେବା ପରେ ସେ ମାଆ ଓ ପୁଅକୁ ଦେଖି ତାଙ୍କର ପୂର୍ବକଥା ମନେ ପଡ଼ିଗଲା । ସେ ପୁଅଟିକୁ ପାଖକୁ ଡାକି ଗଭୀର ସ୍ନେହର ସହ ତା ମୁଣ୍ଡ ଟିକିଏ ଆଉଁସି ଦେଇ କୋମଳ କଣ୍ଠରେ କହିଲେ, ''ଆଉ ମିଠା ଏଣିକି ଖାଇବୁ ନାହିଁ ।'' ସେଇ ପଦଟିଏ କଥା ଯେପରି ସେ ଶିଶୁର ଦେହରେ ଶିହରଣ ଖେଳାଇ ଦେଲା । ସ୍ୱତଃସ୍ଫୂର୍ତ୍ତ ଭାବରେ ତା' ପାଟିରୁ ବାହାରି ପଡ଼ିଲା, 'ନା' । ସେ 'ନା' ମୁହଁର 'ନା' ନ ଥିଲା । ତାହା ଯେପରି ଥିଲା ସମଗ୍ର ସତ୍ତାର କେନ୍ଦ୍ରୀଭୂତ 'ନା' ।

ଏତିକି କହିସାରିବା ପରେ ଆଉ ସାଧୁ ଆଖି ଖୋଲି ନାହାନ୍ତି । ସେ ତାଙ୍କର ଧ୍ୟାନରେ ବୁଡ଼ିଗଲେ । ମାଆଟି ସାଧୁଙ୍କୁ ପ୍ରଣାମ କରି ତାଙ୍କର ପାଦଧୂଳି ମୁଣ୍ଡରେ ଲଗାଇ ଓ ପୁଅ ମୁଣ୍ଡରେ ମାରି ଘରକୁ ଫେରିଲା । ସତକୁ ସତ ସେହିଦିନଠାରୁ ପିଲାଟି ମିଠା ଖାଇବା ଏକେବାରେ ଛାଡ଼ିଦେଲା । ଆଶ୍ଚର୍ଯ୍ୟର କଥା ! ଡାକ୍ତର, କବିରାଜ ଆଠ ବର୍ଷ କାଳ ଲାଗି ଲାଗି ଯାହାକୁ ପାରୁ ନ ଥିଲେ, ତାହା ଗୋଟିଏ ପଦ କଥାରେ କିପରି ହେଲା ! ଯାହାହେଉ ଧୀରେ ଧୀରେ ପିଲାର ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଦେଖାଗଲା । ସେ ସୁସ୍ଥ ସବଳ ହୋଇଉଠିଲା ।

ମାଆଟି ଆଉଦିନେ ସୁସ୍ଥସବଳ ପୁଅକୁ ଧରି କୃତଜ୍ଞତାପୂର୍ଣ୍ଣ ହୃଦୟରେ ସେ ସାଧୁଙ୍କ ପାଖକୁ ଗଲା । ଆନନ୍ଦ ଗଦ୍‌ଗଦ୍ ଚିତ୍ତରେ ପୁଅ କଥା କହୁ କହୁ ସେ ସାଧୁଙ୍କୁ ପଚାରି ପକାଇଲା, ‘‘ଆଚ୍ଛା ବାବା, ଆପଣ ପ୍ରଥମ ଦିନ ତ ପୁଅକୁ ମୋର ସେହି କଥା କହି ପାରିଥା’ନ୍ତେ, ତା ନ କରି ଆଠ ଦିନ ପରେ ମୋତେ ଆସିବାକୁ କାହିଁକି କହିଲେ ?’’

ସାଧୁ ହସି ହସି କହିଲେ, ‘‘ସେତେବେଳେ କହିଥିଲେ କିଛି ଫଳ ହୋଇ ନ ଥା’ନ୍ତା । ସେ ମିଠା ଖାଇବା ଛାଡ଼ିପାରି ନ ଥାନ୍ତା । କାରଣ ମୁଁ ନିଜେ ପ୍ରଚୁର ମିଠା ଖାଉଥିଲି । ଏହି ଆଠ ଦିନ ଭିତରେ ମୁଁ ସଂପୂର୍ଣ୍ଣରୂପେ ମିଠା ଖାଇବା ଛାଡ଼ିଦେଇଛି । ସେଥିଲାଗି ମୋତେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ଏବେ ମିଠା ଖାଇବା ଲାଗି ମୋର ଆଦୌ ସ୍ପୃହା ନାହିଁ ।’’

ବାସ୍ତବରେ ବ୍ୟକ୍ତି ଅନ୍ୟମାନେ ଯାହା ହେବାକୁ ଚାହେଁ ତାହା ଯଦି ନିଜେ ହୋଇ ନ ଉଠେ ତେବେ ତା’ର କଥାର କୌଣସି ମୂଲ୍ୟ ରହେ ନାହିଁ । ଯଦି ନିଜ ଭିତରେ ସେ ସେଇଆ ହୋଇଉଠେ ତେବେ କିଛି କହିବା ଆବଶ୍ୟକ ପଡ଼େ ନାହିଁ । ସ୍ୱତଃସ୍ଫୂର୍ତ୍ତରୂପେ ତା’ ଭିତରୁ ସେହି ସ୍ପନ୍ଦନ ସ୍ଫୁରିତ ହୋଇ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମିତ ହୁଏ । ସେମାନଙ୍କ ଅଜଣାରେ ସେମାନେ ସେହି ପଥଗାମୀ ହୁଅନ୍ତି କିଂବା ସେହି ମନୋଭାବାପନ୍ନ ହୁଅନ୍ତି ।

ଆମ ଭିତରର କ୍ଷୁଦ୍ର କ୍ଷୁଦ୍ର କାମନା, ବାସନା, ଲୋଭ, ମୋହଗୁଡ଼ିକୁ ଆମେ ଚରିତାର୍ଥ କରି ଯେଉଁ ସନ୍ତୋଷ (ବାସ୍ତବରେ ତାହା ସନ୍ତୋଷ ନୁହେଁ, କାରଣ ତାହା ପଶ୍ଚାତ୍‌ରେ ଅସନ୍ତୋଷର ବହ୍ନି ଆହୁରି ପ୍ରଜ୍ୱଳିତ ହୋଇଉଠେ) ପାଉ ତା ଅପେକ୍ଷା ଯଦି ସେସବୁ ଉପରେ ବିଜୟଲାଭ କରୁ ତେବେ ଆମେ ଅନନ୍ତଗୁଣେ ଅଧିକ ସନ୍ତୋଷ ଲାଭ କରିପାରିବା । ବାହାରକୁ ଜଣା ନ ପଡ଼ିଲେ ବି ଭିତରେ ତାହା ବାତାବରଣ ଉପରେ ଶକ୍ତିଶାଳୀ ଭାବେ କ୍ରିୟା କରିବ । ରୋଗୀମାନଙ୍କର କଲ୍ୟାଣ ଲାଗି ଆମେ ଶହ ଶହ ଡାକ୍ତରଖାନା ନ ଖୋଲି ଯଦି ଆମ ନିଜ ଭିତରେ ରୋଗ ଉପରେ ବିଜୟ ଲାଭ କରି

ପାରନ୍ତୁ ତେବେ ଅନନ୍ତଗୁଣେ ସେମାନଙ୍କର ଅଧିକ କଲ୍ୟାଣ କରି ପାରନ୍ତୁ । ଅବଶ୍ୟ ବାହାରେ ଲୋକ ଦେଖିଲା ଭଳି କିଛି କାମ କରି ସନ୍ତୋଷ ଲାଭ ହୋଇପାରିବ ନାହିଁ । ଏହି କ୍ଷୁଦ୍ର ବିଜୟ ସମଗ୍ର ପୃଥିବୀରେ ବା ଅନ୍ୟମାନଙ୍କ ମଧ୍ୟରେ ହଠାତ୍ ସେ ବିଜୟ ନ ଆଣିପାରେ, କିନ୍ତୁ ପୃଥିବୀ-ବାତାବରଣରେ ସେହି ବିଜୟର ସମ୍ଭାବନା ସୃଷ୍ଟି କରେ, ଯାହାଫଳରେ ଅନ୍ୟାନ୍ୟ ଅଭୀପ୍ସୁ ବ୍ୟକ୍ତିଙ୍କ ଲାଗି ସେହି ବିଜୟର ପଥ ସୁଗମ ହୁଏ ଓ ଯେଉଁମାନଙ୍କର ସେହି ବିଜୟ ଲାଗି ଆଦୌ ଅଭୀପ୍ସା ନ ଥାଏ ସେମାନଙ୍କ ମଧ୍ୟରେ ଅଜଣା ଭାବେ ସେହି ଅଭୀପ୍ସାର ସ୍ପନ୍ଦନ କ୍ରିୟାଶୀଳ ହେବାକୁ ଆରମ୍ଭ କରେ ।

ସେଇଥିପାଇଁ ମା କହିଛନ୍ତି :

''If you really want to do something good, the best thing you can do is to win your small victories in all sincerity, one after another, and thus you will do for the world the maximum you are able to do."

''ଯଦି ତୁମେ ଯଥାର୍ଥରେ କିଛି କଲ୍ୟାଣ କରିବାକୁ ଚାହଁ ତେବେ ସବୁଠାରୁ ଉତ୍ତମ ଯାହା ତୁମେ କରିପାରିବ ତାହା ହେଉଛି ନିଜ ମଧ୍ୟରେ ଗୋଟିକ ପରେ ଗୋଟିଏ କ୍ଷୁଦ୍ର କ୍ଷୁଦ୍ର ବିଜୟଗୁଡ଼ିକ ହାସଲ କରିବା । ଏହିରୂପେ ତୁମେ ଜଗତ ଲାଗି ତୁମ କ୍ଷମତାର ସୀମା ଭିତରେ ଯାହା ସର୍ବୋତ୍ତମ ତାହା କରିପାରିବ ।''

ତେଣୁ ଯେତେ କହିଲେ ପିଲାଟି ଯଦି ଶୁଣୁ ନାହିଁ ତେବେ ନିଜ ଭିତରେ କିଛି ବିଜୟ ବାକି ଅଛି ବୋଲି ବୁଝିବାକୁ ହେବ । ନଚେତ୍ ନିଜେ ଅଧୈର୍ଯ୍ୟ, ବିବ୍ରତ ନ ହୋଇ ତା'ର ଶୁଣିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ ବୋଲି ଜାଣିବାକୁ ହେବ ।

ଛୋଟ ପିଲାମାନଙ୍କର କୌଣସି ଦୋଷ ନ ଥାଏ । ଯଦି ସେମାନେ କିଛି ବିଶୃଙ୍ଖଳ, ଅମାର୍ଜିତ କାର୍ଯ୍ୟ କରୁଥାଆନ୍ତି ତେବେ ତାହା ପିତାମାତା,

ବଂଶପରମ୍ପରାର ଦୋଷରୁ, ଯେଉଁ ପରିବେଶରେ ବଢ଼ିଥାଆନ୍ତି ସେ ପରିବେଶର ଦୋଷରୁ ଓ ଉପଯୁକ୍ତ ତାଲିମର ଅଭାବରୁ ସେପରି କରୁଥାଆନ୍ତି । ତେଣୁ ସେମାନଙ୍କ ଦୋଷ ଲାଗି ବାସ୍ତବରେ ସେମାନେ ଦାୟୀ ନୁହନ୍ତି ।

ସେମାନେ ଖୁବ୍ ଶୀଘ୍ର ବ୍ୟକ୍ତିର ଅନ୍ତରର ଭାବକୁ ଧରିପାରନ୍ତି । ବ୍ୟକ୍ତିର ବାହାରର କଥାକୁ ସେମାନେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ । ସେମାନେ ଯେଉଁ ବ୍ୟକ୍ତିମାନଙ୍କ ସହ ବିଶେଷ ସଂପର୍କରେ ଆସନ୍ତି ସେମାନଙ୍କର ଭଲ ହେଉ ମନ୍ଦ ହେଉ ସମସ୍ତ ଗୁଣକୁ ଖୁବ୍ ଶୀଘ୍ର ଗ୍ରହଣ କରିନିଅନ୍ତି । ଥରେ ଗୋଟିଏ କଥା ସେମାନେ ଗ୍ରହଣ କରିନେଲେ ତାକୁ ପୁଣି ଲିଭାଇବା ବହୁତ କଷ୍ଟ ।

ତେଣୁ ସେମାନଙ୍କ ଆଗରେ ନିଜେ ଆଦର୍ଶ ହୋଇଉଠିବାକୁ ହେବ । ଆବଶ୍ୟକ ଅନୁଯାୟୀ ଖୁବ୍ କମ୍ କହି ଭିତରେ ନିଜକୁ ବେଶୀ ହୋଇଉଠିବାକୁ ହେବ । ସେମାନଙ୍କୁ ଯଦି ନୀରବ କରିବାକୁ ଚାହଁ ତେବେ ନିଜ ଭିତରେ ନୀରବତାର ଏକ ଶକ୍ତିଶାଳୀ ବାତାବରଣ ସୃଷ୍ଟି କରିବାକୁ ହେବ, ତା' ନ କରି ବାହାରେ ସେମାନଙ୍କୁ ଜୋର୍ ଜବରଦସ୍ତ ଯେତେ ଚୁପ୍ କରାଇଲେ ବି ସେମାନେ ଯଥାର୍ଥରେ ଚୁପ୍ ହେବେ ନାହିଁ । ସେମାନେ ଯଦି ଶୃଙ୍ଖଳିତ ହୁଅନ୍ତୁ ବୋଲି ଚାହଁ ତେବେ ନିଜ ଜୀବନକୁ ଶୃଙ୍ଖଳିତ କରିବାକୁ ହେବ । ସେମାନେ ଆପେ ଆମ ଜୀବନକୁ ଦେଖି ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରିନେବେ । ଅବଶ୍ୟ ଆବଶ୍ୟକ ସ୍ଥଳେ ସେମାନଙ୍କୁ ଆକଟ କରିବାକୁ ହେବ, କହିବାକୁ ହେବ, ବୁଝାଇ ଦେବାକୁ ହେବ ଓ ଶିଖାଇ ଦେବାକୁ ହେବ । ସେମାନେ ନିଜେ ଆତ୍ମନିର୍ଭରଶୀଳ ଓ ଆତ୍ମସଚେତନ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ କହିବାକୁ ଓ ଶିଖାଇବାକୁ ହେବ । ତା'ପରେ ସେମାନଙ୍କୁ କିଛି ନ କହି ସେମାନଙ୍କ ଆଗ୍ରହ ଅନୁସାରେ ବାଟ ଚାଲିବାକୁ ଛାଡ଼ିଦେବାକୁ ହେବ । ସେମାନେ ଯେତେବେଳେ ପରାମର୍ଶ ଚାହିଁବେ ସେତେବେଳେ ତାହା ଦେବ ।

କିନ୍ତୁ ଏହି ଯେଉଁ କହିବା ତାହା ଯେପରି ଶୁଖିଲା ଉପଦେଶ ନ ହୁଏ । ତାହା ଯେପରି ନିଜ ଦ୍ୱାରା ସିଦ୍ଧ ହୋଇସାରିଥାଏ ଓ ଗଭୀର ଶ୍ରଦ୍ଧା ଓ ଶୁଭେଚ୍ଛାର ସହ କୁହାଯାଏ । ହଠାତ୍ ନ ମାନିଲେ କି ନ ଶୁଣିଲେ ବି ନିଜ ଭିତରେ ଯେପରି ଟିକିଏ ପ୍ରତିକ୍ରିୟା ଦେଖା ନ ଦିଏ । ଶିଶୁ ଅଗ୍ରଗତି କରୁ ବୋଲି ଯଦି ଆମେ ଚାହୁଁ ତେବେ ଆମକୁ ନିରନ୍ତର ଚେତନାରେ ଅଗ୍ରଗତି କରିବାକୁ ହେବ । ତେବେ ତା'ର ପ୍ରଭାବ ତା' ଉପରେ ପଡ଼ିବ । ଆମେ ଯଦି ଶୋଇ ଶୋଇ ଖାଲି ତାକୁ ଆଦେଶ ଦେବୁ ତେବେ ଆମର କିଛି ଉପକାର ହେବ ନାହିଁ କି ତା'ର କିଛି ଉପକାର ହେବ ନାହିଁ ।

ସେମାନଙ୍କ ନିକଟରେ ନିଜର ବ୍ୟବହାର, ଚାଲିଚଳଣ, କଥାବାର୍ତ୍ତା ଆଦିରେ ବହୁତ ସରଳ, ନିଷ୍କପଟ, ଶାନ୍ତ, ସଂଯତ ଓ ନିଷ୍ଠାପର ହେବାକୁ ହେବ । ପ୍ରତି ମୁହୂର୍ତ୍ତରେ ବଡ଼ ମଣିଷ ଅପେକ୍ଷା ସେମାନେ ଆମର ଭୁଲ୍‌କୁ ସଙ୍ଗେ ସଙ୍ଗେ ପଦାରେ ପକାଇ ଦିଅନ୍ତି । ଆମେ ଯଦି ସଚେତନ, ସତର୍କ ଥାଉ ତେବେ ନିଜକୁ ସଂଶୋଧନ କରି ସେମାନଙ୍କୁ ଉତ୍ତମ ମାର୍ଗରେ ନେବାର ବହୁତ ସୁଯୋଗ ପାଉ । ନଚେତ୍ ଖାମ୍‌ଖିଆଲି ଢଙ୍ଗରେ ଜୀବନଟା ବିତିଯାଏ ।

ତେଣୁ 'ଯେତେ କହିଲେ ବି ପିଲାଟି ଶୁଣୁ ନାହିଁ' ବୋଲି ଅଭିଯୋଗ ନ କରି, ଅଧୈର୍ଯ୍ୟ, ବ୍ୟତିବ୍ୟସ୍ତ ନ ହୋଇ ନିଜର ସତ୍ତାଗୁଡ଼ିକୁ ନିଜ ମଧ୍ୟସ୍ଥ ଉଚ୍ଚତମ ନିର୍ଦ୍ଦେଶକୁ ଶୁଣି ସେଇ ଅନୁସାରେ ଚଳିବାକୁ ଆହୁରି ନିବିଡ଼ ଭାବରେ ଶିଖାଇବାକୁ ହେବ । ଶିଶୁ ପ୍ରତି ନିଜ ଅନ୍ତରର ଶ୍ରଦ୍ଧା ଓ ଶୁଭେଚ୍ଛାର ଭାବକୁ (ବାହ୍ୟଦୃଷ୍ଟିରୁ ବିଶେଷ ନୁହେଁ) ଆହୁରି ବଢ଼ାଇବାକୁ ହେବ । ଆଜି ତୁମର ଯେଉଁ କଥା ସେ ଏତେ ବିରକ୍ତ ହେବା ସତ୍ତ୍ୱେ ଶୁଣୁ ନାହିଁ କାଲି ସେହି କଥା ଆନନ୍ଦରେ ସ୍ୱତଃସ୍ଫୂର୍ତ୍ତରୂପେ ତୁମେ ନ କହିଲେ ବି ସେ କରିଯିବ । ଏପରି ସମୟ ଆସିବ ଯେତେବେଳେ ସେ ତୁମ ଅନ୍ତରର ଭାବକୁ ଠଉରେଇ ତୁମ ମନରେ ଆଘାତ ନ ଦେବାଲାଗି ତୁମେ ଚାହୁଁଥିବା କାମ ବିନା ବାକ୍ୟବ୍ୟୟରେ କରିଯିବ । କିନ୍ତୁ ଏସବୁ ସାଧନା-ପଥର କଥା । ସାଧାରଣ ଜୀବନର କଥା ନୁହେଁ ।

## ତୁମ ଦୁଃଖର କାରଣ ତୁମ ଶିକ୍ଷା

ଟ୍ରେନ୍‌ଟିଏ ଅସଂଖ୍ୟ ଯାତ୍ରୀଙ୍କୁ କୋଳରେ ଧରି ତା' ଗନ୍ତବ୍ୟ ପଥରେ ଚାଲିଛି । ଆଉ ଅଳ୍ପ ବାଟରେ ଗଲେ ଗୋଟିଏ ଷ୍ଟେସନ ପଡ଼ିବ । ଗୋଟିଏ ଡବା ଭିତରକୁ ପଶି ଆସିଲା ବୁଲା ବିକାଳିଟିଏ । ଗୋଟିଏ ହାତ ସାହାଯ୍ୟରେ କାନ୍ଧରେ ରଖିଛି ଗୋଟିଏ ଟ୍ରେ । ଟ୍ରେଟିରେ ପିଜୁଳି ଭର୍ତ୍ତି ହୋଇଛି; ତା' ଉପରକୁ ତା' ଉପରକୁ ଖଞ୍ଜା ହୋଇ ଦେଉଳି ଭଳି ଦେଖାଯାଉଛି । ସେହି ଡବାରେ କେତେକ ଲୋକ ତା'ଠାରୁ ପିଜୁଳି କିଣିଲେ । ସବୁ ପିଜୁଳିର ଦାମ୍ ସମାନ । ସେ ପିଜୁଳି ବିକାଳିଟି ଖାଲି ଥିବା ତା'ର ଡାହାଣ ହାତଟିରେ ଲୋକମାନଙ୍କଠାରୁ ପଇସା ନେଇ ପକେଟରେ ରଖୁଥାଏ ଓ ଟ୍ରେରୁ ଗୋଟିଏ ଲେଖାଏଁ ପିଜୁଳି ଆଣି ସେମାନଙ୍କୁ ବଢ଼ାଇ ଦେଉଥାଏ ।

ସେହି ଡବାରେ ପୂରା ପ୍ୟାଣ୍ଟସାର୍ଟ ଓ ଜୋତା, ମୋଜା, ଟାଇ ପ୍ରଭୃତି ପିନ୍ଧି ଜଣେ ଯୁବକ ବସିଥା'ନ୍ତି । ସେ ବି ପିଜୁଳି ବିକାଳିକୁ ପଇସା ବଢ଼ାଇ ଦେଲେ ଗୋଟିଏ ପିଜୁଳି ଲାଗି । ପିଜୁଳି ବିକାଳିଟି ଗୋଟିଏ ପିଜୁଳି ଆଣି ତାଙ୍କୁ ଦେଲା । କିନ୍ତୁ ସେଇଟିରେ ତାଙ୍କର ମନ ନ ମାନିବାରୁ ସେ ସେଇଟିକୁ ତା' ଟ୍ରେରେ ରଖିଦେଇ ଆଉ ଗୋଟିଏ ପିଜୁଳି ମଝିରୁ ବାଛି ଆଣିଲେ । ଫଳରେ ଉପରୁ କେତେକ ପିଜୁଳି ଖସିପଡ଼ି ଡବାସାରା ଏଣେତେଣେ ଖେଳେଇ ହୋଇ ପଡ଼ିଲା । ପିଜୁଳି ବିକାଳିଟି ମନେ ମନେ ବିରକ୍ତ ହୋଇ ଉଠିଲେ ବି କିଛି କହିପାରିଲା ନାହିଁ । ବଲବଲ କରି ବାବୁଙ୍କ ମୁହଁକୁ ଚାହିଁ ରହିଲା । କାରଣ ଟ୍ରେଟିକୁ କୌଣସି ସ୍ଥାନରେ ରଖି ପିଜୁଳିଗୁଡ଼ିକୁ ଗୋଟାଇବାକୁ ତାକୁ ଅସୁବିଧା ହେଉଛି । ବାବୁ କିନ୍ତୁ ସେ ଆଡ଼କୁ ନ ଅନାଇ ତାଙ୍କ ବେଗ୍ ଭିତରେ କ'ଣ ଯେପରି ଖୋଜିବାର ଛଳନା କରୁଛନ୍ତି । ତାଙ୍କୁ ଲାଜ ମାଡୁଛି ପିଜୁଳିଗୁଡ଼ିକ ତଳୁ ଗୋଟାଇ ତା' ଟ୍ରେରେ ରଖିଦେବା ଲାଗି ।

କାରଣ ଶିକ୍ଷିତ ବ୍ୟକ୍ତି ହିସାବରେ ତାଙ୍କ ସମ୍ମାନରେ ଆଞ୍ଚ ଆସିପାରେ । କିନ୍ତୁ ସେହି ଡବାରେ ସାଧାରଣ ମୂର୍ଖ ଚାଷୀଟିଏ ଥିଲା, ସେ ପିଜୁଳିଗୁଡ଼ିକ ଗୋଟାଇ ତା' ଟ୍ରେରେ ଖଞ୍ଜି ରଖୁଥାଏ, ଏହିପରି ସମୟରେ ଟ୍ରେନ୍‌ଟି ଷ୍ଟେସନରେ ଯାଇ ଅଟକିଗଲା । ଯୁବକଜଣକ ତରବର ହୋଇ ତାଙ୍କ ବ୍ୟାଗ୍‌ଟି ଧରି ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଲେ । ପିଜୁଳି ବିକାଳିଟି ସେହିପରି ବଲବଲ କରି ତାଙ୍କୁ ଚାହିଁଥାଏ ।

ସେ ଯୁବକଜଣକ ମ୍ୟାଟ୍ରିକ୍ ପାସ୍ କରିଥା'ନ୍ତି । ଯାଉଥିଲେ କ'ଣ ଗୋଟିଏ ଇଣ୍ଟରଭ୍ୟୁରେ ଯୋଗ ଦେବାକୁ । ଇଣ୍ଟରଭ୍ୟୁ ଦେଇ ଆସିଲେ, କିନ୍ତୁ କିଛି ହେଲା ନାହିଁ ।

ଏହା ଭିତରେ ଅନେକ ଦିନ ବିତିଯାଇଛି । ଥରେ ସେ ଯୁବକକୁ ଏକ ଋଷି ଆଶ୍ରମରେ ଦେଖିବାକୁ ମିଳିଲା । ହଠାତ୍ ଆସି ପହଞ୍ଚି ଆଉ ଫେରିବା ପାଇଁ ନାରାଜ । ପଚାରିବାରୁ ସେ କହିଲେ, ''ମୁଁ ଏଠାରେ ରହିବି, ଆଉ ଘରକୁ ଫେରିବି ନାହିଁ । ଘରକୁ ଫେରି ଲାଭ କ'ଣ ? ଚାକିରି କରିପାରିଲି ନାହିଁ ବୋଲି ଘରେ ସବୁବେଳେ ମୋ ଉପରେ ପାଟି କରୁଛନ୍ତି । କେତେଦିନ ଆଉ ବସିବସି ଖାଇବି ? ଘରେ ବି ସେମାନଙ୍କର ଚଳିବା ବହୁତ ଖରାପ । ସେମାନେ ମୋର ରୋଜଗାରକୁ ଆଶା ରଖୁଛନ୍ତି । ବର୍ତ୍ତମାନ ତ ବିବାହ ହୋଇ ନାହିଁ । ବିବାହ କରିଦେଲେ ଆହୁରି ହଇରାଣ ହେବି । ମୁଁ ଆଉ ଘରକୁ ଯାଇ ସେମାନଙ୍କୁ ମୁହଁ ଦେଖାଇବାକୁ ଚାହେଁ ନାହିଁ । ମୋତେ ଏଇଠି କିଛି କାମ ଦିଅନ୍ତୁ, ମୁଁ ଏଇଠି ରହିଯିବି ।''

ସେଠାରେ ଆଶ୍ରମ ଲୋକମାନେ ତାଙ୍କୁ କହିଲେ, ''ଏଠାକୁ କେହି ଚାକିରି କରିବା ଉଦ୍ଦେଶ୍ୟରେ ଆସନ୍ତି ନାହିଁ । ଯେଉଁମାନେ ବୈରାଗ୍ୟବାନ୍ ବ୍ୟକ୍ତି, ଭଗବାନଙ୍କ ଲାଗି ନିଜ ଜୀବନ ଉତ୍ସର୍ଗ କରିବାକୁ ଅନ୍ତରରୁ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଅନୁଭବ କରନ୍ତି ସେହିମାନେ ଆସିଥାଆନ୍ତି । ସଂସାରର ଦୁଃଖକଷ୍ଟ ସହି ନ ପାରି କିଂବା ସଂସାର କ୍ଷେତ୍ରରେ ବିଫଳ ହୋଇ ଏଠାକୁ ଆସି ନ

ଥା'ନ୍ତି । ସେହିପରି ଭାବରେ ଯଦି ଆସିଥା'ନ୍ତି ତେବେ ଏଠାକାର ଦୁଃଖକଷ୍ଟ ଆହୁରି ବଳି ପଡ଼େ, କିଛିଦିନ ପରେ ଏଠୁ ଛାଟିପିଟି ହୋଇ ପଳାନ୍ତି ।''

ଯୁବକଜଣକ କହିଲେ, ''ନା, ମୋତେ ଆଉ ଏପରି କହନ୍ତୁ ନାହିଁ । ମୋ ଜୀବନର ଆଉ କୌଣସି ଆଶା ଭରସା ନାହିଁ । ଘରକୁ ଫେରିଯାଇ ବା ମୁଁ କରିବି କ'ଣ ? ଶେଷକୁ ଆତ୍ମହତ୍ୟା କରିବାହିଁ ସାର ହେବ ।''

— ତୁମର କ'ଣ କିଛି ଜମିବାଡ଼ି ନାହିଁ ?

— ଅଛି, କିନ୍ତୁ ବହୁତ କମ୍ । ତାକୁ ଚାଷ କଲେ ପରିବାର ବର୍ଷକ ଚଳିପାରିବେ ନାହିଁ କି ବର୍ଷସାରା ମୋତେ କାମ ମିଳିବ ନାହିଁ ।

— ତୁମେ ତୁମ ଜମିତକ ଚାଷ କର, ତା'ପରେ ଯେଉଁ ସମୟ ବଳିବ ଯାଇ ଅନ୍ୟ ଲୋକର ଜମିବାଡ଼ିରେ କାମ କରିବ ।

— ନାଇଁ, ନାଇଁ, ତା' ମୁଁ କରିପାରିବି ନାହିଁ । ଲୋକମାନେ କ'ଣ କହିବେ ? ଏତେ ପାଠପଢ଼ି ଏଇୟା କଲା ? ମୋତେ ତ ଆମରି ଯେତିକି ଜମିବାଡ଼ି ଅଛି ସେତକ ଚାଷ କରିବାକୁ ଲାଜ ମାଡୁଛି, ଆଉ ଯିବି ଅନ୍ୟର ମୂଲ ଲାଗିବାକୁ !

— ଭଗବାନ ତୁମ ଶରୀରରେ ଶକ୍ତି, ମନରେ ବୁଦ୍ଧି ଦେଇଛନ୍ତି । ତୁମେ କାହିଁକି ନିଜର ଜୀବିକାର୍ଜନ ଲାଗି ଅନ୍ୟ ଉପରେ ନିର୍ଭର କରୁଛ ? ଯଦି ଚାକିରି ନ ମିଳିଲା ଯାଇ ସ୍ୱାଧୀନ ଭାବରେ ଚାଷ କର, ମୂଲ ଲାଗ । ଏହା ତ ଅତି ସଚ୍ଚୋଟ କାମ । ଏଥିରେ ତୁମର ଜୀବିକାର୍ଜନ ସଙ୍ଗେ ସଙ୍ଗେ ଦେଶର ମଧ୍ୟ କଲ୍ୟାଣ ହେବ, ଦେଶର ଉତ୍ପାଦନ ବୃଦ୍ଧି ପାଇବ । ଚାକିରି କରି ପରର ଗୋଲାମି କରିବାରେ କ'ଣ ଏହାଠାରୁ ବେଶୀ ଆନନ୍ଦ ପାଇବ ?

— ମୁଁ ସବୁ ବୁଝୁଛି । ଏଇ ବେକାର ଜୀବନର ହତାଶା ଓ ନୈରାଶ୍ୟ ମଧ୍ୟରେ ବେଳେବେଳେ କୃଷିକ୍ଷେତ୍ରରେ କାମ କରିବାର ଆକର୍ଷଣ ଅନୁଭବ କରେ । କିନ୍ତୁ ଭିତରୁ ଗୋଟିଏ ଶିକ୍ଷିତ ବୋଧ, ସମ୍ମାନବୋଧ ମୋତେ ଯେପରି ଟାଣିଧରେ । ଲୋକମାନେ କାଳେ ହସିବେ, ଥଟ୍ଟା କରିବେ, ତେଣୁ ମୋତେ ଭୟ ଲାଗେ ।

— ଏଇତ, ତୁମ ଦୁଃଖର କାରଣ ହେଉଛି ତୁମର ଶିକ୍ଷା । ଶିକ୍ଷା ଅନୁଷ୍ଠାନରୁ ତୁମେ ଯେଉଁ ଶିକ୍ଷା ଲାଭ କରିଛ ତାହା ତୁମକୁ ଏକ ମିଥ୍ୟାର, ଛଳନାର ଆବରଣ ପିନ୍ଧାଇ ଦେଇଛି । ଜୀବନରୁ ତୁମକୁ ପୃଥକ୍ କରିଦେଇଛି । ଜୀବନ ସହ, ସମାଜ ସହ, କର୍ମ ସହ ତୁମର କିଛି ସଂପର୍କ ନାହିଁ । ନୀଳବର୍ଣ୍ଣ ଶୃଗାଳ ଭଳି ତୁମେ ନିଜକୁ ଅନ୍ୟମାନଙ୍କଠାରୁ ପୃଥକ୍ ଓ ବଡ଼ ମନେ କରୁଛ । ତେଣୁ ତୁମ ଚତୁଃପାର୍ଶ୍ୱସ୍ଥ ସମାଜ ସହ ମିଶି ପାରୁନା କି ନିଜ ଜୀବନକୁ ପରିଚାଳନା କରିପାରୁନା । କର୍ମ ମଧ୍ୟରେ ବଡ଼ସାନ ଭେଦଭାବ ଆଣି ଦେଇଥିବାରୁ ତୁମ ସମ୍ମୁଖରେ ଯେଉଁ କର୍ମ ପଡ଼ିଛି ତୁମେ ତାକୁ ନ କରି ଅଫିସରେ କେଉଁଠି ପିଅନ, ଚପରାସୀ କି କିରାନି ହେବାକୁ ଧାଇଁ ବୁଲୁଛ ।

ଏସବୁ ଆମ ଦେଶର ଶିକ୍ଷା ନୁହେଁ କି ସଂସ୍କୃତି ନୁହେଁ କି ଭାବଧାରା ନୁହେଁ । ଏସବୁ ବିଦେଶରୁ ଇଂରେଜମାନଙ୍କଠାରୁ ଆମଦାନି ହୋଇଛି । ଆମ ଦେଶର ଋଷିକୁଳ ଆଶ୍ରମମାନଙ୍କରେ ଯେଉଁ ଶିକ୍ଷା ଦିଆଯାଉଥିଲା ସେଥିରେ ଗଣିତ, ସାହିତ୍ୟ, ବିଜ୍ଞାନ, ବେଦବେଦାନ୍ତ ଆଦି ସହ କୃଷି, ରାଜନୀତି, ଯୁଦ୍ଧବିଦ୍ୟା ଓ ଅନ୍ୟ ସକଳ କର୍ମ ଯଥା : ଜଙ୍ଗଲକୁ ଯାଇ କାଠ ଆଣିବା, ଫୁଲ ଆଣିବା, ରୋଷାଇ କରିବା, ଗାଈ ଚରାଇବା, ବଗିଚାର ଯତ୍ନ ନେବା ଆଦି ବାଦ୍ ଯାଉ ନ ଥିଲା । ଏସବୁ ଥିଲା ଶିକ୍ଷାର ଅନ୍ତର୍ଭୁକ୍ତ । ସେସବୁରେ ମଧ୍ୟ ଛାତ୍ରମାନଙ୍କୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଥିଲା । ଆରୁଣୀ, ଉପମନ୍ୟୁ, ଏକଲବ୍ୟ ପ୍ରଭୃତିଙ୍କ କଥା ତ ତୁମେ ଜାଣିଛ । ସେସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ ବ୍ରହ୍ମବିଦ୍ୟା ଯାହାକି ସକଳ ବିଦ୍ୟାର ଆଧାର ତାହା ଲାଭ କରିବାର ସୁଯୋଗ ମିଳୁଥିଲା । ବର୍ତ୍ତମାନ ଭଳି ଖାଲି କେତୋଟି ବହି ଶୁଆ ପରି ମୁଖସ୍ଥ କରି କିଂବା ସେତକ ବି କରି ନ ପାରି କପିର ଆଶ୍ରୟ ନେଇ ପରୀକ୍ଷା ଦେଇ ସାର୍ଟିଫିକେଟ ଲାଭ କରିବାର ବ୍ୟବସ୍ଥା ନ ଥିଲା ।

ବର୍ତ୍ତମାନର ଏ ଶିକ୍ଷା ବିଦେଶୀ ଇଂରେଜମାନଙ୍କ ଦ୍ୱାରା ଆମ

ଦେଶରେ ପ୍ରଚଳନ କରାଯାଇଛି । ସେମାନେ ଚାହିଁ ନ ଥିଲେ ଆମ ଦେଶର ସଂସ୍କୃତି ଅନୁଯାୟୀ ଆମର ଓ ଆମ ଦେଶର ବିକାଶ । ସେମାନେ ଚାହିଁଥିଲେ ଆମେ ଯେପରି ପାଠ ପଢ଼ିସାରି ଜୀବନରେ ଆଉ କିଛି କରିବାକୁ ସକ୍ଷମ ନ ହୋଇ ତାଙ୍କରି ଅଫିସରେ ତାଙ୍କ ଅଧୀନରେ କିରାନି ହେଉ ବୋଲି । ତାହାହିଁ ହେଲା । ଆମେ ସ୍କୁଲ କଲେଜରୁ ବାହାରିବା ମାତ୍ରେ କୌଣସି ଅଫିସରେ କିରାନି ହେବା ଛଡ଼ା ଆଉ କୌଣସି କୂଳକିନାରା କି ଆଶ୍ରୟ ପାଉନୁ ।

ଖାଲି ଏତିକି ନୁହେଁ, ଏ ବିଦେଶୀ ଶିକ୍ଷା ଯେ ଆମକୁ ଜୀବନଛଡ଼ା, କର୍ମଛଡ଼ା, ସମାଜଛଡ଼ା କରିଛି ତା’ ନୁହେଁ, ଆମକୁ ମଧ୍ୟ ଆମର ସ୍ୱଧର୍ମଛଡ଼ା କରିଛି । ଆମେ ଆଜି ଆମ ଜାତିର ସଂସ୍କୃତି, ଆମ ଜାତିର ପରମ୍ପରା, ଆମ ଜାତିର ଅତୀତ, ଆମ ଜାତିର ମୂଳଦୁଆକୁ ଭୁଲିଯାଇ ଏକ ନକଲି, କୃତ୍ରିମ ରଙ୍ଗମଞ୍ଚରେ ଛିଡ଼ା ହୋଇ ମୁହଁରେ ପାଉଡର ବୋଳିହୋଇ ମିଥ୍ୟା ଅଭିନୟ କରି ଚାଲିଛୁ ଯାହାର ଅତୀତ ନାହିଁ କି ଭବିଷ୍ୟତ ନାହିଁ । ଆମ ଅତୀତ ପରମ୍ପରା, ଆମ ଜୀବନ ଓ ଶିକ୍ଷାର ମୂଳଦୁଆ ଆଧ୍ୟାତ୍ମିକତାକୁ ଜଳାଞ୍ଜଳି ଦେଇ ଆମେ ପାଶ୍ଚାତ୍ୟ ଜଡ଼ଧର୍ମୀ ଗୁଡ଼ାଏ ଶୁଖିଲା ଯୁକ୍ତିତର୍କକୁ ଅବଲମ୍ବନ କରି ଆମ ଜ୍ଞାନର ବାହାଦୁରି ଦେଖାଉଛୁ । ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ଆଦିର ଆଧ୍ୟାତ୍ମିକ ବାତାବରଣ, ଅଧ୍ୟାତ୍ମ ଆଲୋଚନା, ଛାତ୍ର ଓ ଶିକ୍ଷକମାନଙ୍କର ଅଧ୍ୟାତ୍ମ ମନୋଭାବ ଆମର ଜଡ଼ାଶ୍ରୟୀ ଯୁକ୍ତିବାଦୀ ମନକୁ ପ୍ରହସନ ଭଳି ବୋଧ ହେଉଛି ଓ ଆଧ୍ୟାତ୍ମିକତା ଆମକୁ ନିଶ୍ଚେଷ୍ଟ, ଭୀରୁ କରି ଦେଉଛି ବୋଲି ଯୁକ୍ତି ଆସୁଛି ।

ଏବେ ନିକଟ ଅତୀତରେ ସାହିତ୍ୟ ଦୃଷ୍ଟିରୁ ଓଡ଼ିଶାର ଏକ ବିଶିଷ୍ଟ ପତ୍ରିକାରେ ଜଣେ ବିଶିଷ୍ଟ ଅଧ୍ୟାପକଙ୍କର ଲେଖାରେ ଏଇଭଳି ଯୁକ୍ତି ଓ ବ୍ୟକ୍ତିଗତ ଆକ୍ଷେପମାନ ସବୁ ଦେଖିବାକୁ ମିଳିଥିଲା । ସେଥିରେ ସେ ପ୍ରଗତିଶୀଳ, ଅଧ୍ୟାତ୍ମଭାବାପନ୍ନ ନିଜ ସହକର୍ମୀ, ଅଧ୍ୟକ୍ଷ ତଥା ଛାତ୍ରମାନଙ୍କୁ

ନାନା ଭାବରେ ବୁଦ୍ଧି ଖଟାଇ ଉଦାହରଣ ଦେଇ ସମାଲୋଚନା କରିବା ସଙ୍ଗେ ସଙ୍ଗେ ଛାତ୍ରମାନେ କିପରି ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଶ୍ରମ ସହ ସଂପର୍କ ରଖି ପୂର୍ବରୁ ଯେପରି ତାଙ୍କ ଆଗରେ ଛାତି ଫୁଲାଇ ବୁଲୁଥିଲେ, ପ୍ରତି କଥାରେ ଯୁକ୍ତିତର୍କ କରୁଥିଲେ, ବେଳେ ବେଳେ ତାଙ୍କୁ ଘେରାଉ କରି ପକାଉଥିଲେ, ଆଉ ସେପରି ଉଚ୍ଛୃଙ୍ଖଳ ଭାବ ଦେଖାଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ଓ ସେମାନେ ମେଷଶାବକଠାରୁ ହୀନ ହୋଇ ପଡ଼ିଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି ।

ବିଦେଶୀ ଶିକ୍ଷାର ଆମ ପ୍ରତି ଆଶୀର୍ବାଦର ଇଏ ଆଉ ଏକ ନିଦର୍ଶନ । ଆଧ୍ୟାତ୍ମିକତାର ପଥ ଗ୍ରହଣ କରି ଛାତ୍ରମାନଙ୍କର ଉଚ୍ଛୃଙ୍ଖଳତା କଟିଯାଇ ସେମାନେ ଯଦି ଶାନ୍ତ, ସଂଯତ ହୁଅନ୍ତି ତେବେ ତାହା ହୀନବୀର୍ଯ୍ୟତାର ଚିହ୍ନ ନୁହେଁ । ପରମ ସାମର୍ଥ୍ୟବାନ୍‌ହିଁ ପରମ ଶାନ୍ତ ହୋଇପାରେ । ଆଉ ପରମ ଶାନ୍ତି ମଧ୍ୟରେହିଁ ପରମ ଅଗ୍ରଗତି ସମ୍ଭବ– ଉଚ୍ଛୃଙ୍ଖଳତା, ଧର୍ମଘଟ, ଘେରାଉ ମଧ୍ୟରେ ନୁହେଁ । ଆଉ ଆଜିର ଉଦ୍‌ଭ୍ରାନ୍ତ, ଉଚ୍ଛୃଙ୍ଖଳ ଛାତ୍ରସମାଜକୁ ଯଥାର୍ଥ ମାର୍ଗ ଦେଖାଇ ଶୃଙ୍ଖଳିତ କରିବାର ଯଦି କୌଣସି ଉପାୟ ଥାଏ ତା'ହେଲେ ତାହା ହେଉଛି ଏକମାତ୍ର ଶ୍ରୀଅରବିନ୍ଦଙ୍କ ଯୋଗ ।

ଏକଥା ସତ୍ୟ ଯେ ମଣିଷପ୍ରକୃତିରେ ରହିଛି ଅନେକ ଆବର୍ଜନା, ଅନେକ ମଇଳା । ମାଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଯେ ବ୍ୟକ୍ତି ସାଧୁ ପାଲଟିଯାଏ ତାହା ନୁହେଁ । ସେଥିଲାଗି ତାକୁ ସମୟ ଲାଗେ । ଯିଏ ମା'ଶ୍ରୀଅରବିନ୍ଦଙ୍କଠାରେ ନିଜକୁ ସମର୍ପଣ କରି ନିଜ ସ୍ୱଭାବର ପରିବର୍ତ୍ତନ ନିମନ୍ତେ ନିଷ୍ଠାର ସହ ଅଭୀପ୍ସା କରେ ତା'ର ପରିବର୍ତ୍ତନ ଖୁବ୍ ଦ୍ରୁତ ଗତିରେ ହୁଏ । ଯିଏ ନିଷ୍ଠାର ସହ ଅଭୀପ୍ସା ନ କରେ ତା'ର ପରିବର୍ତ୍ତନ ଖୁବ୍ ମନ୍ଥର ଗତିରେ ହୁଏ । ଯିଏ ଆଦୌ ନ ଚାହେଁ ତା'ର କୌଣସି ପରିବର୍ତ୍ତନ ବି ନ ହୋଇପାରେ । କିନ୍ତୁ ଏକଥା ନିଶ୍ଚିତ ଯେ ଘୋର ଅପରାଧୀ ହୋଇ ମଧ୍ୟ

ଯିଏ ଭଗବାନଙ୍କୁ ଗ୍ରହଣ କରିଛି ସିଏ ତଥାକଥିତ ଭଦ୍ରମୁଖାପିନ୍ଧା ଭଗବତ୍ ବିରୋଧୀ ବ୍ୟକ୍ତିଠାରୁ ବହୁ ଉଚ୍ଚରେ । କାରଣ ତା' ଜୀବନରେ ଏକ ବିରାଟ ପରିବର୍ତ୍ତନର ସମ୍ଭାବନା ସବୁବେଳେ ରହିଛି, କିନ୍ତୁ ଅନ୍ୟ ବ୍ୟକ୍ତିଟି ପରିବର୍ତ୍ତନର ପଥକୁ ଏପର୍ଯ୍ୟନ୍ତ ଆସି ନାହିଁ । ସେ ପରିବର୍ତ୍ତନର ସମସ୍ତ ଦ୍ୱାରକୁ ରୁଦ୍ଧ କରି ନିଜର ଅହଂକାର ମଧ୍ୟରେ ଆବଦ୍ଧ ରହି ଆତ୍ମ-ସନ୍ତୋଷ ଲାଭ କରୁଛି ।

ଭଗବାନଙ୍କୁ ଗ୍ରହଣ କରିସାରିବା ପରେ ଓ ଅଧ୍ୟାତ୍ମ ସାଧନାର ପଥରେ ପାଦ ଦେଇସାରିବା ପରେ ବ୍ୟକ୍ତିର ଆଚରଣରେ ଯଦି କୌଣସି ତ୍ରୁଟି ଥାଏ ତେବେ ତାହା ଭଗବାନଙ୍କୁ ଗ୍ରହଣ କରିବାର କି ଅଧ୍ୟାତ୍ମ ସାଧନାର ଦୋଷ ନୁହେଁ; ତାହା ହେଉଛି ସାଧାରଣ ମଣିଷପ୍ରକୃତିର ଦୋଷ ଯାହାକି କେବଳ ଅଧ୍ୟାତ୍ମ ସାଧନା ଦ୍ୱାରା, ଭଗବାନଙ୍କ ନିକଟରେ ସମର୍ପଣ ଦ୍ୱାରାହିଁ ଦୂର ହେବ । ଅଳ୍ପ ବହୁତେ ସବୁ ମଣିଷର ପ୍ରକୃତିରେ ତ୍ରୁଟି ରହିଛି । ଯେପର୍ଯ୍ୟନ୍ତ ମଣିଷର ଏ ପୁରାତନ ଶରୀର ନୂତନ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ ତ୍ରୁଟି ରହିଥିବ । ତେଣୁ ଭଗବତ୍ ଆଶ୍ରୟୀ ବ୍ୟକ୍ତିର ସ୍ୱଭାବରେ ଯଦି କୌଣସି ତ୍ରୁଟି ଥାଏ, ତେବେ ତା'ର ପରିଣାମ ସେ ଆପେ ଭୋଗ କରିବ ଓ ତା'ର ସମୟ ଆସିଲେ ସେ ସ୍ୱୟଂ ସଚେତନ ହେବାକୁ ବାଧ ହେବ । ଆମେ ତାକୁ ସମାଲୋଚନା କରି ବାଡ଼େଇ ପିଟି ହୋଇ ଅଯଥା ଆମର ନିଜ ଶକ୍ତିର ଅପଚୟ ନ ଘଟାଇ ନିଜ ସ୍ୱଭାବରେ ଥିବା ତ୍ରୁଟିକୁ ସଂଶୋଧନ କରିବାରେ ମନ ଦେବା ବହୁତ ଭଲ । ଆମର ଆମ ନିଜକୁ ପରିବର୍ତ୍ତନ କରିବାର ଶକ୍ତି ଅଛି । ଅନ୍ୟକୁ ପରିବର୍ତ୍ତନ କରିବାର ଶକ୍ତି ଆମର ନାହିଁ, ଅଛି ଭଗବାନଙ୍କର ।

ଏସବୁ ଆଲୋଚନା ଏତିକିରେ ବନ୍ଦ ରଖି ଆମେ ଆମର ମୂଳ ଆଲୋଚନାକୁ ଫେରି ଆସିବା । ବିଦେଶୀମାନଙ୍କ ଦ୍ୱାରା ଆମର ଜାତୀୟ ଶିକ୍ଷାର ଚରିତ୍ର ନଷ୍ଟ ହୋଇଛି । ଆମ ଦେଶକୁ ଶାସନ କରୁଥିବା ସମୟରେ ଆମେ କିପରି ସେମାନଙ୍କ ଗୋଲାମ ହୋଇ ରହିବୁ ସେଇପ୍ରକାର ଶିକ୍ଷା

ସେମାନେ ଆମ ଦେଶରେ ପ୍ରଚଳନ କରିଥିଲେ । ସେଇ ଗୋଲାମି-ଶିକ୍ଷା ସ୍ୱାଧୀନତା ପରେ ବି ଆମ ଦେଶରେ ଚାଲୁ ରହିଛି । ତାହା ଆମ ଜୀବନରେ, କର୍ମରେ କିଂବା ଆମ ଜୀବନର ପରମ ଲକ୍ଷ୍ୟସାଧନାରେ ଟିକିଏ ବି ସହାୟତା କରୁ ନାହିଁ, ବରଂ ଆମକୁ ଏକ ମିଥ୍ୟା ଆବରଣ ପିନ୍ଧାଇ ଏକ ନୀଳବର୍ଣ୍ଣ ଶୃଗାଳରେ ପରିଣତ କରୁଛି ।

ସେଇଥିପାଇଁ ଶ୍ରୀଅରବିନ୍ଦ ଆଶ୍ରମର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଯୁଗର ଅଗ୍ରଗତି ସଙ୍ଗେ ତାଳ ଦେଇ ଆମର ଜାତୀୟ ଶିକ୍ଷାର ପୁନର୍ଗଠନର ଉଦ୍ୟମ କରାଯାଉଛି । ସେଥିରେ ଶିଶୁର ମନ, ପ୍ରାଣ, ଶରୀର ଓ ଆତ୍ମାର ବିକାଶ ନିମନ୍ତେ ସବୁ ପ୍ରକାର ସୁବିଧା ରହିଛି । ଛାତ୍ରମାନେ ଏଠାରେ ସବୁ ବିଷୟ ଶିକ୍ଷା କରିବା ସଙ୍ଗେ ସଙ୍ଗେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ସମସ୍ତ ପ୍ରକାର କର୍ମ ଆନନ୍ଦରେ ଅକୁଣ୍ଠିତ ଚିତ୍ତରେ କରିଥା'ନ୍ତି । କୌଣସି କର୍ମକୁ ଛୋଟ ବଡ଼ ବିଚାର କରି ନ ଥା'ନ୍ତି । ସକଳ କର୍ମକୁ ଭଗବାନଙ୍କ ନିମନ୍ତେ ସାଧନାର ଏକ ମାଧ୍ୟମରୂପେ ବିବେଚନା କରିଥା'ନ୍ତି ।

ଯାହାହେଉ ସେ ଯୁବକଜଣକ ଶେଷକୁ କିଛି ପରିମାଣରେ ବାଧ୍ୟ ହୋଇ ଓ କିଛି ପରିମାଣରେ ନିଜେ ଇଚ୍ଛା କରି ସେ ଆଶ୍ରମରୁ ବିଦାୟ ନେଇ ଘରକୁ ଆସିଲେ । ଘରେ ତାଙ୍କର ପଡ଼ିଆ ପଡ଼ିଥିବା ବାଡ଼ି ଓ ଜମି ଚାଷ କରିବାକୁ ଆରମ୍ଭ କଲେ । ବାଡ଼ିଟି ଛୋଟିଆ ହେଲେ ବି ସେଥିରେ ପନିପରିବା, ଶାକସବଜି ସବୁବେଳେ ଭରି ରହିଲା । ଘର ଲାଗି ବାହାରୁ ପରିବାପତ୍ର କିଣିବା ଆବଶ୍ୟକ ପଡ଼ିଲା ନାହିଁ, ବରଂ ବଳକା ପରିବା ବିକ୍ରି ହେଲା । ଜମି ନିଜ ହାତରେ ଭଲ କରି ଚାଷ କରିବାରୁ କମ୍ ଜମିରୁ ମଧ୍ୟ ପ୍ରଚୁର ଶସ୍ୟ ଉତ୍ପାଦନ ହେଲା । ପ୍ରଥମେ ଅନ୍ୟର କାମ କରି ହଳ ବଳଦ ଟିକିଏ ମାଗି ଆଣି ନିଜର ଜମି ଚାଷ କରୁଥିଲେ । ଏବେ ନିଜର ହଳବଳଦ କଲେଣି । ବିବାହ ବି ହୋଇସାରିଲାଣି । ତାଙ୍କ ସ୍ତ୍ରୀ ଯଦିଓ କାମ କରିବାରେ ଅଭ୍ୟସ୍ତ ନ ଥିଲେ, ତଥାପି ସ୍ୱାମୀଙ୍କର ପ୍ରଭାବରେ ପଡ଼ି ଘରର

ରୋଷେଇବାସ କାମ କରି, ବାଡ଼ିରେ ପନିପରିବା ଚାଷରେ ସାହାଯ୍ୟ କରନ୍ତି ଓ ନିଜେ ଶିଖି ଅନେକ ଆବଶ୍ୟକ ବସ୍ତୁ ହାତରେ ତିଆରି କରନ୍ତି । ସେସବୁ ନିଜ ଘରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ବାହାରେ ମଧ୍ୟ ବିକ୍ରି ହୁଏ । ଖାଦ୍ୟଶସ୍ୟ ଟିକିଏ ନିଅଣ୍ଟ ହୋଇ ଯେଉଁ ଅସୁବିଧା ହେଉଥିଲା ତାହା ବର୍ତ୍ତମାନ ଦୂର ହୋଇଯାଇଛି । ନିଜ ପଇସାରେ ସେମାନେ ଆବଶ୍ୟକ ଖାଦ୍ୟଶସ୍ୟ କିଣି ଆଣିପାରୁଛନ୍ତି । ନିଜ ହାତରେ କରିଥିବା ଶସ୍ୟଭରା କ୍ଷେତ; ପନିପରିବାରେ ହସି ଉଠୁଥିବା ବାଡ଼ି ଓ ହାତକାମରେ ଶୋଭା ପାଉଥିବା ଘରକୁ ଦେଖିଲେ ଏକ ଅବ୍ୟକ୍ତ ଆନନ୍ଦରେ ହୃଦୟ ସେମାନଙ୍କର ପୂରିଯାଏ । ସେମାନେ ବିଶେଷ ଧନବାନ୍ ହେଲେ ନାହିଁ; କିନ୍ତୁ ବର୍ଷସାରା ତାଙ୍କର କିଛି ଅଭାବ ନ ଥାଏ ।

ପ୍ରଥମେ ପ୍ରଥମେ ଗାଁରେ ଲୋକମାନେ ଥଟ୍ଟାଟାପରା କରୁଥିଲେ । ଦେଖେଇ ଶିଖେଇ ହୋଇ ଅନେକ କଥା କହୁଥିଲେ । ଏବେ ଆସି ସମସ୍ତ କାମରେ ଏ ସ୍ୱାମୀସ୍ତ୍ରୀଙ୍କର ପରାମର୍ଶ ନେଉଛନ୍ତି । ସେ ଯୁବକଜଣକ ଏବେ ବହୁତ ଶାନ୍ତି, ସନ୍ତୋଷ ଅନୁଭବ କରୁଛନ୍ତି, ନିଜର ଆତ୍ମବିଶ୍ୱାସ ବହୁତ ବଢ଼ିଯାଇଛି । ଭଗବତ୍ ଆଲୋଚନା ଓ ସାଧନା ନିମନ୍ତେ ନିଜ ଘରେ ଓ ଗ୍ରାମରେ ଦୁଇଟି ଅନୁଷ୍ଠାନ ଗଠନ କରିଛନ୍ତି । ସେ ଅନୁଭବ କରିପାରୁଛନ୍ତି ଏ ସକଳ କର୍ମ ନିରର୍ଥକ, ଯଦି ତା' ପଶ୍ଚାତରେ ଭଗବାନଙ୍କୁ ପାଇବାର ଲକ୍ଷ୍ୟ ନ ରହେ । ସେ ଆଉ ଗାଁର ଲୋକମାନଙ୍କର ଥଟ୍ଟାର ପାତ୍ର ହୋଇ ନାହାନ୍ତି, ସେମାନଙ୍କର ଆଦର୍ଶରେ ପରିଣତ ହେଲେଣି ।

ଯେଉଁ ଆଶ୍ରମକୁ ସେ ଯାଇଥିଲେ ଓ ଯେଉଁଠୁ ଜୀବନର ନୂତନ ଦୀକ୍ଷା ଗ୍ରହଣ କରି ଆସିଥିଲେ ତା' ସହ ସଂପର୍କ ବହୁତ ଘନିଷ୍ଠ ହୋଇଉଠିଛି । ସେ ବର୍ତ୍ତମାନ ଅନୁଭବ କରୁଛନ୍ତି ମଣିଷ ତା'ର ଜୀବିକାର୍ଜନରେ ଅସମର୍ଥ ହୋଇ ଅଭାବ ଅନଟନରେ ଶଢ଼େ କେବଳ ନିଜର ଅଳସୁଆମି ଓ ଏକ ମିଥ୍ୟା ଆତ୍ମସମ୍ମାନବୋଧ ଯୋଗୁଁ । ସେତକ ଭଗବାନଙ୍କ ଦୟାରୁ

ଖସିପଡ଼ିଲେ ତା' ଆଗରେ ଜୀବନର, କର୍ମର, ପ୍ରଗତିର ସକଳ ଦ୍ୱାର ଖୋଲି ଯାଏ । ଥରେ ପୁରୁଣା କାଗଜସବୁ ଖେଳାଉ ଖେଳାଉ ତାଙ୍କର ଶିକ୍ଷାର ମାନପତ୍ର ମାଟ୍ରିକ୍ ପାସ୍ ସାର୍ଟିଫିକେଟଟି ଆଖିରେ ପଡ଼ିଲା । ହସ ଲାଗିଲା । ଯାହାକୁ ସେ ସବୁବେଳେ ଯତ୍ନର ସହ ଛାତିରେ ଜାକି ବୁଲୁଥିଲେ ତାହା ଆଜି ତାଙ୍କୁ ନିରର୍ଥକ କାଗଜଟିଏ ଭଳି ବୋଧ ହେଉଛି । ନିଜ ଭିତରେ ଚାକିରି କରିବାର ସ୍ପୃହା ଆଉ ଟିକିଏ ବି ନାହିଁ ।

ଏଇ ଘଟଣା ନେଇ ଶ୍ରୀଅରବିନ୍ଦଙ୍କର ଗୋଟିଏ ବାଣୀ ମନେପଡ଼େ :

"That alone will be a true and living education which helps to bring out to full advantage, makes ready for the full purpose and scope of human life all that is in the individual man, and which at the same time helps him to enter into his right relation with the life, mind and soul of humanity of which he himself is a unit and his people or nation, a living, a separate and yet inseparable member."

''ଏକ ଜୀବନ୍ତ ଓ ବାସ୍ତବ ଶିକ୍ଷା ହେଉଛି ସେଇ ଯାହା ବ୍ୟକ୍ତି ମଧ୍ୟରେ ଅନ୍ତର୍ନିହିତ ସବୁ କିଛିକୁ ପ୍ରକାଶ ହେବା ଲାଗି ପୂର୍ଣ୍ଣ ସୁଯୋଗ ଦେବାରେ ସହାୟକ ହୋଇଥାଏ ଓ ମାନବଜୀବନର ପୂର୍ଣ୍ଣ ଲକ୍ଷ୍ୟ ଓ ପୂର୍ଣ୍ଣ ସମ୍ଭାବନା ନିମନ୍ତେ ତାକୁ ପ୍ରସ୍ତୁତ କରିଥାଏ; ଏବଂ ଏଥିସହ ଯେଉଁ ମାନବସମାଜର, ରାଷ୍ଟ୍ର ବା ଜାତିର ସେ ନିଜେ ହେଉଛି ଏକ ଏକକ ଓ ଏକ ଜୀବନ୍ତ, ପୃଥକ୍ ଅଥଚ ଅପରିହାର୍ଯ୍ୟ ଅଙ୍ଗ, ସେସବୁର ପ୍ରାଣ, ମନ ଓ ଆତ୍ମା ସହ ଯଥାର୍ଥ ସଂପର୍କ ସ୍ଥାପନରେ ସହାୟକ ହୋଇଥାଏ ।''

# ଆମେ ଆଉ ନୂଆ ସ୍କୁଲ

ଆଶ୍ରମର ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଆଦର୍ଶ ଓ କାର୍ଯ୍ୟଧାରାକୁ ଅନୁକରଣ ଓ ଅନୁସରଣ କରି ଦେଶର ବିଭିନ୍ନ ସ୍ଥାନରେ ନୂତନ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରାଯିବାର ଉଦ୍ୟମ ହେଉଛି । ଏ ପ୍ରକାର ଶିକ୍ଷାନୁଷ୍ଠାନ ଛୋଟ ଛୋଟ ଶିଶୁମାନଙ୍କର ପ୍ରାରମ୍ଭିକ ଶିକ୍ଷାଠାରୁ ଆରମ୍ଭ କରାଯାଉଛି । ତା' ନ ହେଲେ ନୂତନ ଶିକ୍ଷାପଦ୍ଧତିର ନୂତନ ଆଦର୍ଶକୁ ସେମାନଙ୍କ ମଧ୍ୟରେ ପ୍ରବେଶ କରାଇବା ସମ୍ଭବ ହେବ ନାହିଁ । ଏହିଭଳି ଚାରୋଟି* ସ୍କୁଲ ଓଡ଼ିଶାରେ ମଧ୍ୟ ଆରମ୍ଭ କରାଯାଇଛି । କେବଳ ଆରମ୍ଭ କରାଯାଇ ନାହିଁ, ମା'ଙ୍କ କୃପାରୁ ସେହି ପୁରାତନ ପରିବେଶ ମଧ୍ୟରେ ସେଗୁଡ଼ିକ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇ ନୂତନ ପଥ ଆବିଷ୍କାର କରି ନୂତନ ଧାରା, ନୂତନ ଆଦର୍ଶ ପ୍ରତିଷ୍ଠା କରି ଚାଲିଛନ୍ତି ।

ଏଠାରେ ଗୋଟିଏ ପ୍ରଶ୍ନ ଉଠୁଛି ଯେ ଏ ପ୍ରକାର ନୂଆ ସ୍କୁଲ କାହିଁକି ଆରମ୍ଭ କରାଯାଉଛି ? ଯେଉଁ ପୁରାତନ ସ୍କୁଲଗୁଡ଼ିକ ଅଛି ସେଇଗୁଡ଼ିକୁ ତ ଏ ନୂତନ ଆଦର୍ଶରେ ପରିଚାଳିତ କଲେ ହୁଅନ୍ତା । କିନ୍ତୁ ତାହା ହୋଇପାରିବ ନାହିଁ । କାରଣ ବର୍ତ୍ତମାନର ଶିକ୍ଷାକ୍ଷେତ୍ରରେ ଥିବା ତ୍ରୁଟି ଓ ବିଶୃଙ୍ଖଳାକୁ ଦୂର କରିବା ନିମନ୍ତେ ସରକାର ବିଭିନ୍ନ କମିଶନ ବସାଇ ଅନେକ ସଂସ୍କାର କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ସବୁଗୁଡ଼ିକ ବ୍ୟର୍ଥ ହେଉଛି ଓ ହେବ । ଏହାର ଦୁଇଟି ପ୍ରଧାନ କାରଣ ରହିଛି । ଗୋଟିଏ ହେଉଛି ସରକାର ଜାଣୁ ନାହାନ୍ତି ଭାରତୀୟ ଶିକ୍ଷାର ମୂଳ ଭିତ୍ତି, ଲକ୍ଷ୍ୟ ଓ ସ୍ୱରୂପ କ'ଣ ଏବଂ ଦ୍ୱିତୀୟ କାରଣ ହେଉଛି କୌଣସି ପରିବର୍ତ୍ତନ ଯାହା ମଣିଷର ସ୍ୱଭାବ ଓ ପ୍ରକୃତି

---

* ଏ ଲେଖା ୧୯୭୩ ମସିହାରେ ଲେଖା ହୋଇଥିବା ସମୟରେ ଓଡ଼ିଶାରେ ଚାରୋଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହୋଇଥିଲା ।

ସହ ସଂପୃକ୍ତ ତାକୁ ଉପରୁ ଆଇନକାନୁନ ବଳରେ କରିହେବ ନାହିଁ । ମଣିଷ ସ୍ୱ-ଇଚ୍ଛାରେ ନ ଚାହିଁଲେ ବାଧ୍ୟବାଧକତା ଦ୍ୱାରା ତାହା ହୋଇପାରିବ ନାହିଁ । ସେସବୁ ସ୍କୁଲମାନଙ୍କରେ ରହିଥିବା କର୍ତ୍ତୃପକ୍ଷ, ଶିକ୍ଷକ ତଥା ଛାତ୍ରମାନଙ୍କ ମଧ୍ୟରେ ଏକ ନୂତନ ଚେତନାର ବିକାଶ ନ ହେଲେ ଶ୍ରୀଅରବିନ୍ଦଙ୍କ ନୂତନ ଆଦର୍ଶକୁ କାର୍ଯ୍ୟକାରୀ କରିବା ସମ୍ଭବପର ନୁହେଁ । ଏହି ଚେତନାର ବିକାଶ ଗୋଟିଏ ମୁହୂର୍ତ୍ତର କଥା ନୁହେଁ ଯେ ଆଇନକାନୁନ ବଳରେ ହୋଇଯିବ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ, ଦୀର୍ଘ, କ୍ରମାଗତ ପ୍ରସ୍ତୁତି ଆବଶ୍ୟକ । ସେଇଥିଯୋଗୁଁ କୌଣସି ଯୋଡ଼ା ତାଳିପକା ଉଦ୍ୟମ ଦ୍ୱାରା ଶିକ୍ଷାକ୍ଷେତ୍ରରେ ନୂତନ ବୈପ୍ଳବିକ ପରିବର୍ତ୍ତନ ଆଣିହେବ ନାହିଁ । ଏହା ଆଣିହେବ କେବଳ ଏକ ଆମୂଳ ପରିବର୍ତ୍ତନ ଦ୍ୱାରା ।

ଏହି ଦୃଷ୍ଟିକୋଣରୁ ଭୁବନେଶ୍ୱରରେ ''ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'', ରାଉରକେଲାରେ ''ଶ୍ରୀଅରବିନ୍ଦଙ୍କ ରାଉରକେଲା ସ୍କୁଲ'', ଗୋପୀନାଥପୁରରେ ''ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ'' ଓ ପୁରୀରେ ''ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମି'' ନାମକ ଯେଉଁ ଚାରିଟି ନୂଆ ସ୍କୁଲ ଆରମ୍ଭ କରାଯାଇଛି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ । ପୁରାତନ ପରିବେଶ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ନୂତନ ଆଦର୍ଶକୁ କାର୍ଯ୍ୟକାରୀ କରାଇବା ଦିଗରେ ଏମାନେ ହେବେ ଅଗ୍ରଦୂତ ଓ ପଥପ୍ରଦର୍ଶକ, କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ମଧ୍ୟ ।

ଖାଲି ସ୍କୁଲ ଗଠନ କରିଦେଇ ଆମେ ସନ୍ତୁଷ୍ଟ ହୋଇଗଲେ ଚଳିବ ନାହିଁ । ସବୁବେଳେ ସତର୍କ ରହିବାକୁ ହେବ, ପୁରାତନର ଚାପରେ ପଡ଼ି ଆମେ ଯେପରି ସେହି ପୁରାତନ ପ୍ରକୃତି ଓ ଧାରାର ପୁନରାବୃତ୍ତି ନ କରୁ । ଆମକୁ ସବୁବେଳେ ମନେ ରଖିବାକୁ ହେବ ଏସବୁ ଶିକ୍ଷା ତଥା ଶିକ୍ଷାନୁଷ୍ଠାନର ପଶ୍ଚାତ୍‌ରେ କି ଲକ୍ଷ୍ୟ ନିହିତ ଅଛି । ସେଇ ପୁରୁଣା ଢଙ୍ଗରେ କୌଣସି ରାଜନୈତିକ, ଧର୍ମଗତ, ସଂପ୍ରଦାୟଗତ, ଆଞ୍ଚଳିକ ସ୍ୱାର୍ଥ କିଂବା ଏହିପରି

ଅନ୍ୟ କୌଣସି କାରଣରୁ ସ୍କୁଲ କିଂବା କଲେଜଟାଏ ବସାଇ ଦେଇ ପିଲାମାନଙ୍କ ପାଇଁ ଯେକୌଣସି ପ୍ରକାରେ ଜୀବିକାର୍ଜନ କରିବା ଲାଗି ଡିଗ୍ରିଟିଏ ପାଇପାରିବା ବ୍ୟବସ୍ଥା କରିବା ନା ଆଉ କିଛି ?

ବାସ୍ତବରେ ଏସବୁ ନୂତନ ସ୍କୁଲର ନୂତନ ଶିକ୍ଷାପଦ୍ଧତି ଛାତ୍ରମାନଙ୍କୁ ସେମାନଙ୍କ ପ୍ରକୃତି ଓ ସ୍ୱଭାବନିର୍ବିଶେଷରେ ଜୀବିକାର୍ଜନ ଲାଗି ଯାନ୍ତ୍ରିକ ପଦ୍ଧତିରେ ଗୋଟିଏ ଛାଞ୍ଚରେ ପକାଇ ମାରି ପିଟି ଗଢ଼ିବା ଲାଗି ନୁହେଁ, ଏସବୁ ହେଉଛି ପ୍ରତ୍ୟେକ ଛାତ୍ରକୁ ତା'ର ସ୍ୱଭାବ ଅନୁଯାୟୀ ତାଲିମ ଦେଇ ତା' ସମ୍ମୁଖରେ ଏକ ଅନନ୍ତ ବିକାଶର ଦ୍ୱାର ଉନ୍ମୋଚନ କରିଦେବା । ଏଇ ଅନନ୍ତ ବିକାଶର ସମ୍ଭାବନା ନିକଟରେ ସେହି ପୁରାତନ କ୍ଷୁଦ୍ର ଜୀବିକାର୍ଜନର ମୋହ କେତେ ଯେ ହେୟ ଓ ନଗଣ୍ୟ ହୋଇପଡ଼େ ତାହା କେବଳ ସେଇ ଛାତ୍ରହିଁ ବୁଝିପାରେ । ସେତେବେଳେ ଏହି ଜୀବିକାର୍ଜନର ପନ୍ଥା ଏକ କ୍ଷୁଦ୍ର ସ୍ୱାର୍ଥପର ବ୍ୟାପାର ହୋଇ ନ ରହି ହୋଇପଡ଼େ ସେଇ ଅନ୍ତହୀନ ବିକାଶର ଏକ ଅଙ୍ଗସ୍ୱରୂପ । କ୍ଷମତା, ଧନସଂପଦ, ଭୋଗଲାଳସା ଆଦି ଆମର ଲକ୍ଷ୍ୟ ନ ହୋଇ ଜୀବନ ତଥା ଆମ କର୍ମର ପ୍ରଭୁ ଭଗବାନଙ୍କୁ ପାଇବା ଓ ତାଙ୍କର ଗୁଣଧର୍ମରେ ଆମ ସମଗ୍ର ପ୍ରକୃତିକୁ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଭଗବାନଙ୍କୁ ପାଇବା ଲାଗି ସଂସାର ତ୍ୟାଗ କରିବାକୁ ହୁଏ ନାହିଁ କିଂବା ଜୀବନ ତ୍ୟାଗ କରିବାକୁ ହୁଏ ନାହିଁ । ଏହି ଜୀବନରେ ଓ ଏହି ସଂସାରରେ ତାଙ୍କୁ ମୂର୍ତ୍ତ କରିବାକୁ ହୁଏ । ସେଇଥିଯୋଗୁଁ ସେଇ ଗୋଟିଏ ଲକ୍ଷ୍ୟରେହିଁ ଆମ ଜୀବନର ସବୁକିଛି ପୂରଣ ହୁଏ । ଆମ ଜୀବନର ପ୍ରତ୍ୟେକଟି ଗତିବୃତ୍ତି ଓ ପ୍ରତ୍ୟେକଟି କର୍ମ ହୋଇଉଠେ ସେଇ ଲକ୍ଷ୍ୟାଭିମୁଖୀ । ତେଣୁ ସେଥିରେ ଠକାମି, ଶଠତା, ଛଳନା ଓ ତ୍ରୁଟି ପୂରି ରହିବା ପରିବର୍ତ୍ତେ ଅଧିକରୁ ଅଧିକ ପ୍ରକାଶ ପାଏ ନିଷ୍ଠାପରତା, ସଚ୍ଚୋଟତା, ନିଃସ୍ୱାର୍ଥପରତା ଓ ନିର୍ଭୁଲତା । ନିଜ ଭିତରେ ଭଗବଦ୍ ଅନ୍ୱେଷଣ ଯୋଗୁଁ ଜୀବନ ଓ କର୍ମରେ ଆସେ ପୂର୍ଣ୍ଣତା । କାରଣ ଭଗବାନ ନିଜେ ସ୍ୱୟଂ ପୂର୍ଣ୍ଣତାର ବିଗ୍ରହ ।

ଆମେ ଯଦି ସରକାର ହିସାବରେ ଏଭଳି ନୂଆ ସ୍କୁଲକୁ ସାହାଯ୍ୟ ଦେଉଥାଉ ତେବେ ବିଚାର କରିବୁ ଯେ ଏସବୁ ସ୍କୁଲର ଲକ୍ଷ୍ୟ କ'ଣ ? ଏସବୁ ସ୍କୁଲ ଫଳରେ କ'ଣ ଶିକ୍ଷା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ଯଥାର୍ଥ ସମାଧାନ ହେଉଛି ? ଯଦି ହେଉଛି ତେବେ କେବଳ ଚାରିଟି ସ୍ଥାନରେ କାହିଁକି, ରାଜ୍ୟସାରା ଅଥବା ଦେଶସାରା ଏଇଭଳି ସ୍କୁଲ ହେବା ଦରକାର । ଏଇଭଳି ସ୍କୁଲ ହେବା ଲାଗି କ'ଣ ଆବଶ୍ୟକ ? ସେତେବେଳେ ଆମେ ଜାଣିପାରିବୁ ଏଭଳି ସ୍କୁଲ ହେବାଲାଗି ଆବଶ୍ୟକ ଉପଯୁକ୍ତ ଶିକ୍ଷକ ଓ ଅଭିଭାବକ ତଥା ସାଧାରଣ ଲୋକଙ୍କର ଏ ସମ୍ବନ୍ଧେ ସଚେତନତା । ତା' ଫଳରେ ଆମେ ସରକାରୀ କଳକୁ ଅଯଥା ଭୁଲ ବାଟରେ ପରିଚାଳିତ ନ କରି ଏହି ନୂତନ ଲକ୍ଷ୍ୟ ଓ ନୂତନ ଆଦର୍ଶ ପ୍ରସାର ଦିଗରେ ପରିଚାଳିତ କରିପାରିବୁ ।

ଆମେ ଯଦି ଅଭିଭାବକ ତେବେ ଆମେ ଆମ ପିଲାଟିକୁ ଖାଲି ଏସବୁ ନୂଆ ସ୍କୁଲକୁ ପଠାଇ ଦେଇ ତା'ଠାରୁ ସମସ୍ତ ପ୍ରକାର ସଚ୍ଚରିତ୍ରତା, ମନୋଯୋଗିତା, ସତ୍ୟବାଦିତା, ନିଷ୍ଠାପରତା, ସୁସ୍ଥସବଳତା, କର୍ମଠତା ଆଦି ଆଶା କଲେ ଚଳିବ ନାହିଁ । ଆମକୁ ମନେରଖିବାକୁ ହେବ ସ୍କୁଲର ଶିକ୍ଷକମାନେ କେବଳ ପିଲାର ଶିକ୍ଷକ ନୁହନ୍ତି । ଯେଉଁ ସମୟତକ ପିଲା ଆମ ପାଖରେ କଟାଉଛି ସେ ସମୟତକ ଆମଠାରୁ ସେ ସମସ୍ତ ଗୁଣ ସବୁରି ଅଲକ୍ଷ୍ୟରେ ଶିକ୍ଷା କରୁଛି । ତେଣୁ ଆମକୁ ବି ସେଇ ନୂତନ ଲକ୍ଷ୍ୟ ଦିଗରେ ସାଧନା କରିବାକୁ ହେବ । ଆମେ ବି ସବୁବେଳେ ସଚେତନ ରହିବୁ ଯେପରି କୌଣସି ନିମ୍ନତର ଆଦର୍ଶ ପିଲା ସମ୍ମୁଖରେ ଆମ ତରଫରୁ ଉପସ୍ଥାପିତ ନ ହୁଏ । ପିଲାର ସ୍ୱଚ୍ଛନ୍ଦ ବିକାଶ ଲାଗି ଘରେ ଆବଶ୍ୟକ ପରିବେଶ ସୃଷ୍ଟି କରିବାର ଭାର ଆମ ଉପରେ; ନଚେତ୍ ଘରେ ଆଉ ସ୍କୁଲରେ ପିଲା ଯଦି ଦୁଇ ପ୍ରକାର ଆଦର୍ଶର ସମ୍ମୁଖୀନ ହୁଏ ତେବେ ତା'ର ବିକାଶ ଏକମୁଖୀ, ଶୁଦ୍ଧ ଓ ଦ୍ରୁତ ହୋଇପାରେ ନାହିଁ । ଯେଉଁ ପିଲାମାନେ

ସବୁ ସମୟତକ ଛାତ୍ରାବାସରେ ରହନ୍ତି ସେମାନଙ୍କ ପାଇଁ ଏ ସମସ୍ୟା ଅନେକ ପରିମାଣରେ ସମାହିତ ହୋଇଯାଏ, ତଥାପି ଯେଉଁ ଅଳ୍ପ ସମୟତକ ସେ ଘରକୁ ଆସେ ସେ ସମୟରେ ଯେପରି ସେ ଦେଖିବାକୁ ପାଏ ତା'ର ମୁରବିମାନେ ମଧ୍ୟ ସେଇ ଏକା ନୂତନ ଆଦର୍ଶ ଓ ନୂତନ ଲକ୍ଷ୍ୟର ସଂଧାନରେ ଲାଗିଛନ୍ତି ।

ଯଦି ଆମେ ଶିକ୍ଷକ ତେବେ ସବୁବେଳେ ଆମକୁ ଭିତରେ ଛାତ୍ରର ମନୋଭାବ ରଖିବାକୁ ହେବ । ଶିକ୍ଷାଦାନକୁ ଆମେ ଚିରାଚରିତ ଶିକ୍ଷକଗିରି ଢଙ୍ଗରେ ଗ୍ରହଣ ନ କରି କିଂବା ଜୀବିକାର୍ଜନର ଉପାୟରୂପେ ଗ୍ରହଣ ନ କରି ଜୀବନରେ ଏକ ନୂତନ ଲକ୍ଷ୍ୟ ହାସଲ ଲାଗି ସାଧନାରୂପେ ଗ୍ରହଣ କରିବା ଉଚିତ । ଆମ ଜୀବନର ଯଥାର୍ଥ ଲକ୍ଷ୍ୟ ଯେପରି ଆମର ସକଳ କର୍ମରେ ଫୁଟିଉଠେ । ଛାତ୍ରକୁ ଶିକ୍ଷାଦେବା ଉପରେ ଗୁରୁତ୍ୱ ନ ଦେଇ ସେ ଯେପରି ଆପେ ଶିକ୍ଷା ପ୍ରତି ଆଗ୍ରହୀ ହୁଏ ସତର୍କତାର ସହିତ ସେହି ଉଦ୍ୟମ କରିବା ଦରକାର । ଥରେ ଛାତ୍ର ଆପେ ଆଗ୍ରହୀ ହୋଇଉଠିଲେ ଶିକ୍ଷକ କେବଳ ପଥପ୍ରଦର୍ଶକ ହୋଇଯାଏ । ସେ କେବଳ ନିଜକୁ ପ୍ରସ୍ତୁତ କରି ରଖେ ଛାତ୍ର ଯେତେବେଳେ ସାହାଯ୍ୟ ଆବଶ୍ୟକ କରୁଛି ସେତିକିବେଳେ ସାହାଯ୍ୟ କରିବାକୁ, ଛାତ୍ର ଯେତେବେଳେ ଅନାଗ୍ରହୀ ହୋଇପଡ଼ିଛି ସେତିକିବେଳେ ବିଭିନ୍ନ ଉପାୟ ଅବଲମ୍ବନ କରି ତାକୁ ଆଗ୍ରହୀ ଓ ଉତ୍ସାହୀ କରିବାକୁ । ଆମକୁ ସବୁବେଳେ ମନେ ରଖିବାକୁ ହେବ ଛାତ୍ରମାନଙ୍କୁ ଗୁଡ଼ାଏ ଉପଦେଶ ଦେବା ଅପେକ୍ଷା ଓ ସେମାନଙ୍କ ଆଗରେ ଗୁଡ଼ାଏ ଗପିବା ଅପେକ୍ଷା ସେମାନଙ୍କ ପ୍ରତି ଆମର ଆନ୍ତରିକ ଭାବ ଓ ସେମାନଙ୍କ ଆଗରେ ନିଜେ ଜ୍ୱଳନ୍ତ ଆଦର୍ଶ ହୋଇଉଠିବାହିଁ ସେମାନଙ୍କୁ ବେଶୀ ଗ୍ରହଣଶୀଳ କରିଥାଏ ।

ଆମେ ଯଦି ଅତି ଛୋଟ ଛାତ୍ର ହୋଇଥାଉ ତେବେ ଆମ କଥା ଛାଡ଼ । ସେତେବେଳେ ଆମର ଦାୟିତ୍ୱ ଅନ୍ୟମାନଙ୍କର, କିନ୍ତୁ ଯଦି ଆମେ ସାମାନ୍ୟ ପରିମାଣରେ ଦାୟିତ୍ୱଜ୍ଞାନସଂପନ୍ନ ଛାତ୍ର ହୋଇଛୁ ତେବେ ଆମର

ବୁଝିରଖିବା ଦରକାର ଯେ ଏହି ବାହାର ବହିପତ୍ରର ଶିକ୍ଷା କେବେ ବି ଆମ ଜୀବନର ପୂର୍ଣ୍ଣତା ଆଣିଦେଇପାରିବ ନାହିଁ । ଆମର ସମସ୍ତ ଶିକ୍ଷା ଆମ ନିଜ ଭିତରେ ଅଛି । ଯେତେଯେତେ ଆମେ ଆମ ନିଜ ଭିତରକୁ ଯିବୁ ସେତେସେତେ ଆମେ ଆମ ଜୀବନର ରହସ୍ୟ ଓ ସୃଷ୍ଟିର ରହସ୍ୟ ଭେଦ କରିପାରିବୁ । ସେତେବେଳେ ଆମେ ଏହି ବାହାର ପୋଥି-ପୁସ୍ତକକୁ ସହାୟକାରୀରୂପେ ଗ୍ରହଣ କରିପାରିବୁ ଓ ସେସବୁରେ କ'ଣ ଭୁଲ ଅଛି କ'ଣ ଠିକ୍ ଅଛି ତାହା ଜାଣିପାରିବୁ । ଆମେ ହୋଇଉଠିବୁ ଆମ ନିଜର ଶିକ୍ଷକ, ସେତେବେଳେ ଆମର କୌଣସି ରୀତିମତ ଶିକ୍ଷକ ପରିବର୍ତ୍ତେ ଖାଲି ଟିକିଏ ପଥପ୍ରଦର୍ଶକ ଆବଶ୍ୟକ ହେବେ । ଆମର ଶୃଙ୍ଖଳା ଲାଗି ଶିକ୍ଷାନୁଷ୍ଠାନର ଆଇନକାନୁନ କିଂବା ଶିକ୍ଷକର ନାଲି ଆଖି ଦରକାର ହେବ ନାହିଁ । ଆମେ ଏକ ଗଭୀର ଶୃଙ୍ଖଳାରେ ଆପେ ଶୃଙ୍ଖଳିତ ହେବୁ । ସେଇ ଶୃଙ୍ଖଳା ସାମାନ୍ୟ ଟିକିଏ ଭଙ୍ଗ କଲେ ଆମେ ଆପେ ଆପେ ଭିତରେ ଆଘାତ ପାଇ ପୁଣି ଆମକୁ ସଜାଡ଼ି ନେବୁ ।

ଆମେ ଯଦି ସ୍କୁଲର ଛାତ୍ର କିଂବା ଶିକ୍ଷକ ନ ହୋଇ ତା'ର ପରିଚାଳକ ବା ତତ୍ତ୍ୱାବଧାରକ ହିସାବରେ ରହିଛୁ ତେବେ ଆମକୁ ପୁରାତନ ଧାରାର ଚିରାଚରିତ କ୍ଷମତା ଓ ଅର୍ଥଲୋଭୀ ପରିଚାଳକଙ୍କ କଥା ଭୁଲିଯିବାକୁ ହେବ । ମା'ଙ୍କ ସମ୍ମୁଖରେ ଆମକୁ ଆମର କାର୍ଯ୍ୟକୁ ଏକ ସାଧନାରୂପେ ଗ୍ରହଣ କରିବାକୁ ହେବ । ମା'ଙ୍କ ସେବା ଭାବରେ ଏକ ନୂତନ ଆଦର୍ଶର ପ୍ରତିଷ୍ଠା ନିମନ୍ତେ, ଏକ ନୂତନ ଯୁଗ ନିର୍ମାଣରେ ସାହାଯ୍ୟ କରିବା ନିମନ୍ତେ ନିଃସ୍ୱାର୍ଥପର ନିରହଂକାର ଭାବରେ ଆମକୁ ସ୍କୁଲର ଆର୍ଥିକ ସ୍ୱଚ୍ଛଳତା, ଆବଶ୍ୟକ ଗୃହନିର୍ମାଣ, ଉପକରଣଯୋଗାଣ ଓ ଶିକ୍ଷକନିଯୁକ୍ତି ତଥା ଅନ୍ୟାନ୍ୟ ପରିଚାଳନାଗତ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ, ଶିକ୍ଷକ ଓ ଛାତ୍ରମାନଙ୍କର ସ୍ୱାଧୀନତା ଉପରେ ଯେପରି ଅଯଥା ହସ୍ତକ୍ଷେପ ନ ହୁଏ ସେଥିପ୍ରତି ସଜାଗ ରହିବାକୁ ଏବଂ ନିଜ କର୍ମର ପରିସର ସମ୍ବନ୍ଧେ ସବୁବେଳେ ସଚେତନ ହୋଇ

ସେତକ ଯେପରି ଯଥାସାଧ୍ୟ ନିର୍ଭୁଲ ଓ ନିଷ୍ଠାପରଭାବେ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ମା'ଙ୍କର ସେବା ଲାଗି ଓ ତାଙ୍କରି ପରିକଳ୍ପିତ ନୂତନ ଯୁଗର ନିର୍ମାଣରେ ସହାୟତା କରିବା ଲାଗି ନିଜର କ୍ଷୁଦ୍ର ସ୍ୱାର୍ଥ ଓ ଅହଂକାରକୁ ଜୋର କରି ଆହୁତି ଦେଇ ପରସ୍ପର ଭିତରେ ଗଭୀର ସମନ୍ୱୟ ଓ ସହଯୋଗ ରଖି ଶେଷ ପର୍ଯ୍ୟନ୍ତ ଚାଲିବାକୁ ହେବ । ସବୁବେଳେ ମନେ ରଖିବାକୁ ହେବ ଏସବୁ କାର୍ଯ୍ୟ ମା'ଙ୍କର, ଆମେ ତାଙ୍କରି ସେବା ଭାବରେ, ତାଙ୍କୁ ସମର୍ପଣ କରି, ତାଙ୍କରି କୃପାବଳରେ ଏହାକୁ ଆମ ପ୍ରକୃତିର ରୂପାନ୍ତର ଲାଗି କରୁଛୁ । ତେଣୁ ଯେତେ ବାଧାବିରୋଧ ଆସୁନା କାହିଁକି ଆମେ ପଛେ ଆମର ଛୋଟିଆ ସ୍ୱାର୍ଥ ଆଉ ଅହଂକାରଟିକୁ ଛାଡ଼ିଦେବୁ କିନ୍ତୁ ପ୍ରକୃତି ରୂପାନ୍ତରର ଏହି ମହାନ୍ ଦିବ୍ୟ କର୍ମର ଯଜ୍ଞରେ ନିଜକୁ ଆହୁତି ଦେବାରେ ଟିକିଏ ପଛାଇବୁ ନାହିଁ ।

ମା' ଆମକୁ ଆମର ସ୍ୱଭାବ ତଥା ଅବସ୍ଥା ଅନୁଯାୟୀ କାହାକୁ ଛାତ୍ର, କାହାକୁ ଶିକ୍ଷକ, କାହାକୁ ପରିଚାଳକ, କାହାକୁ ଅଭିଭାବକ ଆଦି କରିଛନ୍ତି । ଆମର ଆତ୍ମବିକାଶ ଲାଗି ସେଇ କର୍ମହିଁ ଆମର ଆବଶ୍ୟକ । ଯଦି ଅଧିକରୁ ଅଧିକ ଆମେ ଆମର କର୍ମକୁ ଭଲଭାବେ କରିବାକୁ ଚାହୁଁ ତେବେ ସବୁବେଳେ ଆମକୁ ମନେରଖିବାକୁ ହେବ ଏସବୁ କର୍ମର ପଶ୍ଚାତ୍‌ରେ ଥିବା ଆମର ସେଇ ନୂତନ ଲକ୍ଷ୍ୟଟିକୁ । ଆମ ଲକ୍ଷ୍ୟହିଁ ଆମ ଜୀବନକୁ ତଥା ଆମ କର୍ମକୁ ମୂଲ୍ୟ ପ୍ରଦାନ କରିଥାଏ ।

# ଅନ୍ୟ ସ୍କୁଲରେ ପଢୁଥିଲେ କେତେ ପଢ଼ନ୍ତାଣି !

ଥରେ ଗୋଟିଏ ଗାଁରେ ଦୁଇଜଣ ଜମିଦାର ଥିଲେ । ଦୁଇ ଜମିଦାର ପରିବାରର ପରସ୍ପର ସହ ବେଶ୍ ସଂପର୍କ ଥିଲା । ଦୁଇଟି ଯାକ ପରିବାର ଖୁବ୍ ସୌଖୀନ । ସୌଖୀନ ପରିବାରରେ ଜନ୍ମ ନେଇଥିବାରୁ ଦୁଇ ଜମିଦାରଙ୍କ ଦୁଇ ପୁଅଙ୍କର ସୌଖୀନପଣିଆ କଥା କହିଲେ ନସରେ । ଦୁହେଁ ସାଙ୍ଗ । ପାରା ପୋଷିବା, ବିଲେଇ ପୋଷିବା, କୁକୁର ପୋଷିବା, ବିଭିନ୍ନ ପ୍ରକାରର ଚଢ଼େଇ ପୋଷିବା, ବିଭିନ୍ନ ରଙ୍ଗର ମାଛ ପୋଷିବାଠାରୁ ଆରମ୍ଭ କରି ବଗିଚା କରି ବିଭିନ୍ନ ପ୍ରକାରର ଫୁଲଗଛ ଲଗାଇବା ପର୍ଯ୍ୟନ୍ତ କେତେ କଥା ଯେ ସେମାନେ ନ କରନ୍ତି ତା' କହିହେବ ନାହିଁ । ପଇସାପତ୍ର ଓ ଚାକରବାକରରେ ତ ଅଭାବ ନାହିଁ । ତା'ଛଡ଼ା ଏସବୁ କାମରେ ସେମାନେ ବହୁତ ଆନନ୍ଦ ପାଆନ୍ତି ।

ଥରେ ଦୁଇ ବନ୍ଧୁ ବିଚାର କଲେ ବଗିଚାରେ ପଦ୍ମଫୁଲ ଫୁଟାଇବେ । ପଙ୍କୁଆ ପୁଷ୍କରିଣୀ କିଂବା ଗଣ୍ଡରେ ସିନା ପଦ୍ମଫୁଲ ଫୁଟେ, କିନ୍ତୁ ଶୁଖିଲାରେ କିପରି ପଦ୍ମ ଫୁଟିବ ! ଶେଷରେ ସ୍ଥିର ହେଲା ସିମେଣ୍ଟରେ ବଡ଼ ବଡ଼ କୁଣ୍ଡ କରି ସେଥିରେ ପଙ୍କ ଓ ପାଣି ରଖି ପଦ୍ମଚାଷ କରିବେ । ସେଇଆ ହେଲା । ଦୁହେଁ ଏକ ସମୟରେ କୁଣ୍ଡ ତିଆରି କରି ସେଥିରେ ପଙ୍କ ଓ ପାଣି ଭରି ପଦ୍ମମୂଳ ଆଣି ଲଗାଇଲେ । କିଛି ଦିନ ଗଲା । ଲଗାଯାଇଥିବା ପଦ୍ମମୂଳରୁ ନୂଆ ନୂଆ ପତ୍ର ବାହାରିଲା । ଆଶ୍ଚର୍ଯ୍ୟର କଥା, ଦିନେ ଦେଖିଲାବେଳକୁ ଦୁହିଁଙ୍କ କୁଣ୍ଡରୁ ଏକସଙ୍ଗରେ ଗୋଟିଏ ଲେଖାଏଁ କଢ଼ ବାହାରିଛି । ଦୁଇଟିଯାକ ରକ୍ତପଦ୍ମର କଢ଼ । ଆବର୍ଜନାପୂର୍ଣ୍ଣ ପଙ୍କ ଓ ପାଣିର ଅନ୍ଧକାର କାରାଗୃହ ମଧ୍ୟରୁ ସଦ୍ୟ ମୁକ୍ତି ଲାଭ କରି ଦୁହେଁ ପରମେଶ୍ୱରଙ୍କ ନିକଟରେ କୃତଜ୍ଞତାସ୍ୱରୂପ ମୁଣ୍ଡ ହଲାଉଛନ୍ତି । ଗୋଟିଏ ବନ୍ଧୁ ମନରେ ଟିକିଏ

ପ୍ରତିଯୋଗିତାର ଭାବ ଉଦ୍ରେକ ହେଲା । ସେ ଚାହିଁଲା ତା' ଫୁଲଟି ଟିକିଏ କିପରି ଆଗେ ଫୁଟିଯାଉ । ତା' ହେଲେ ଲୋକମାନେ ଏ ଦିଗରେ ସେ ପ୍ରଥମ ହେଲା ବୋଲି କହିବେ । ତେଣୁ ସେ ଯାଇ ଫୁଲଟିର ପାଖୁଡ଼ାଗୁଡ଼ିକୁ ଜୋର କରି ନିଜ ହାତରେ ଖୋଲିଦେଲା । ସମସ୍ତେ ଦେଖି କହିଲେ : ଆରେ, ଦୁହିଁଙ୍କର ଏକ ସମୟରେ କଢ଼ ବାହାରିଥିଲେ ବି ୟା'ର ତ ଆଗେ ଫୁଟିଲା !

ଅନ୍ୟ ବନ୍ଧୁଟି ତରବର ହେଲା ନାହିଁ । ଅପେକ୍ଷା କଲା । ଗୋଟିଏ ଦିନ ପଛରେ ତା'ର ଫୁଲଟି ଫୁଟିଲା । କି ସୁନ୍ଦର ! ସୂର୍ଯ୍ୟଙ୍କୁ ଚାହିଁ କି ହସ ! ଫୁଲଟି ତା'ର ସ୍ରଷ୍ଟାଙ୍କ ନିକଟରେ ଆନନ୍ଦ ଗଦ୍‌ଗଦ ଚିତ୍ତରେ ନିଜକୁ ଯେପରି ସଂପୂର୍ଣ୍ଣରୂପେ ଖୋଲି ଧରିଛି । ପାଖୁଡ଼ାଗୁଡ଼ିକର ରଙ୍ଗ କି ତେଜୀୟାନ୍ ! ଲୋକମାନେ ଦେଖି ଖୁସୀ ହେଲେ, ଉପଭୋଗ କଲେ । ଦୀର୍ଘ ସମୟ ଧରି ଏହା ନିଜର ସୌନ୍ଦର୍ଯ୍ୟ ବିତରଣ କରି ଦର୍ଶକ ମନରେ ଆନନ୍ଦ ଜାତ କରାଇପାରିଲା । କିନ୍ତୁ ଅନ୍ୟ ବନ୍ଧୁର ଫୁଲଟିର ଅବସ୍ଥା କ'ଣ ହେଲା ? ସେଇଟି ଯେଉଁ ଦିନ ତାକୁ ଦେଖାଇହେବା ଲାଗି ଜୋର୍ କରି ହାତରେ ଖୋଲି ଦିଆଗଲା, ସେହିଦିନ ମଧ୍ୟାହ୍ନ ପୂର୍ବରୁ ଝାଉଁଳି ପଡ଼ିଲା । ପାଖୁଡ଼ାଗୁଡ଼ିକ ଅଧେ ଅଧେ ଶୁଖି କଳା ପଡ଼ିଗଲେ । ସତେ ଯେପରି ସେ ତା'ର ସ୍ରଷ୍ଟା ନିକଟରେ ବିଷଣ୍ଣ ବଦନରେ ଅଭିଯୋଗ କରୁଥିଲା ଯେ ସେ ଅତ୍ୟାଚାରିତ, ବଳାତ୍କାରିତ । ବନ୍ଧୁଟି ବର୍ତ୍ତମାନ ନିଜ ଭୁଲ ବୁଝିପାରିଲା । ସ୍ୱାଭାବିକ ଭାବରେ ଫୁଲଟିକୁ ତା' ନିଜସ୍ୱ ଧାରାରେ ଫୁଟିବାକୁ ନ ଦେଇ ନିଜ ମନଇଚ୍ଛା ତା' ଉପରେ ବଳପ୍ରୟୋଗ କରି ଫୁଟାଇବାକୁ ଚାହିଁବାରୁ ଫୁଲଟିର ସମସ୍ତ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଆୟୁଷ ଅଳ୍ପକ୍ଷଣ ମଧ୍ୟରେ ଶେଷ ହୋଇଗଲା । ତା'ର ବନ୍ଧୁ କିନ୍ତୁ ତରବର ନ ହୋଇ, ପ୍ରତିଯୋଗିତା ଭାବ ନ ରଖି, ଲୋକମାନଙ୍କୁ ଦେଖାଇ ହେବାର ଚେଷ୍ଟା ନ କରି ଫୁଲଟିକୁ ତା'ର ସ୍ୱାଭାବିକ ଉପାୟରେ ଫୁଟିବାକୁ ସୁବିଧା ସୁଯୋଗ ଦେଇଥିବାରୁ ତା'ର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଆୟୁଷ ଦୀର୍ଘକାଳ ସ୍ଥାୟୀ ହେଲା ।

ଆଜିକାଲି ମା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଆଦର୍ଶକୁ ଭିତ୍ତି କରି ଗଢ଼ିଉଠୁଥିବା ନୂଆ ସ୍କୁଲମାନଙ୍କରେ ପଢୁଥିବା କେତେକ ଛାତ୍ରମାନଙ୍କର ମୁରବିମାନେ ଠିକ୍ ଭାବରେ ବିଚାର ନ କରି କି ଖାଲି ସେମିତି ଗୋଟାଏ ଖାମ୍‌ଖିଆଲି ଭାବରେ ବେଳେବେଳେ କହିଥା'ନ୍ତି, ''ଅନ୍ୟ ସ୍କୁଲରେ ପଢ଼ିଥିଲେ ମୋ ପିଲା କେତେ ପାଠ ପଢ଼ନ୍ତାଣି !'' ଏହା କେତେଦୂର ଯଥାର୍ଥରେ ସତ୍ୟ ତା' ଜଣା ନାହିଁ । ଯଦି ବି ସତ୍ୟ ହୋଇଥାଏ ତେବେ ତାହା ଦେଖାଇ ହେବା ଲାଗି ପଦ୍ମକଢ଼ଟିର ପାଖୁଡ଼ାଗୁଡ଼ିକୁ ଜୋର୍ କରି ହାତରେ ଖୋଲିଦେଇ ଫୁଟାଇବା ସଦୃଶ । ସେ ପ୍ରସ୍ଫୁଟନ ସ୍ୱାଭାବିକ ଭାବେ ଭିତରୁ ହୋଇ ନ ଥାଏ, ତାହା କୃତ୍ରିମ ଉପାୟରେ ବାହାରୁ ଆରୋପ କରାଯାଇଥାଏ । ତାହାର ଫୁଲର ଜୀବନ ସହ କିଛି ସଂପର୍କ ନ ଥାଏ, ବରଂ ଅକାଳରେ ଫୁଲଟିକୁ ନଷ୍ଟ ହେବାରେ ସାହାଯ୍ୟ କରେ ।

ସେହିପରି ପୁରୁଣା ସ୍କୁଲମାନଙ୍କରେ ଯେଉଁ ଧରଣର ଶିକ୍ଷା ଦିଆଯାଉଛି ସେଥିରେ ହଠାତ୍ ମନେ ହୋଇପାରେ ଯେ ପିଲା ବହୁତ ପଢ଼ିଗଲାଣି । କାରଣ ପିଲା ସ୍କୁଲକୁ ଯିବା ମାତ୍ରେ ତାକୁ ମାରିପିଟି ଜୋର୍‌ଜବରଦସ୍ତି ଅକ୍ଷରଲେଖା ଅଭ୍ୟାସ କରିବା ଓ ବହି ପଢ଼ିବା ଆଦି ଶିକ୍ଷା ଦିଆଯାଏ, ତା'ର ବୟସ ଯାହା ହୋଇଥାଉ ନା କାହିଁକି । ଫଳରେ ଅଳ୍ପ କିଛିଦିନ ପରେ ବାପା ମା ଦେଖନ୍ତି ପିଲାର ଭିତରେ କ'ଣ ବିକାଶ ହେଉ ବା ନ ହେଉ ଲେଖାଲେଖି ପଢ଼ାପଢ଼ି ଆରମ୍ଭ କଲାଣି । ଏଇଟି ଯେ ମୁରବିମାନଙ୍କର ଭୁଲ ତାହା ନୁହେଁ; କାରଣ ସେମାନେ ଏଇ ଲେଖାଲେଖି ଓ ବହି ପଢ଼ାକୁହିଁ ଶିକ୍ଷା ବୋଲି ଭାବିଥା'ନ୍ତି । କିନ୍ତୁ ବାସ୍ତବରେ ଏତିକି କେବଳ ଶିକ୍ଷା ନୁହେଁ; ଏହା ଶିକ୍ଷାର କେବଳ ଏକ ସାମାନ୍ୟତମ ଅଙ୍ଗମାତ୍ର । ସେଇଟିକୁ ପୁଣି ଅକାଳରେ ଜୋର୍‌ଜବରଦସ୍ତି ମାଡ଼ଦେଇ ପିଆଇବା ଫଳରେ ପିଲାର ବଦହଜମି ହୁଏ ଓ ଶିକ୍ଷାଗତ ଶରୀର ତା'ର ରୋଗାକ୍ରାନ୍ତ ହୋଇପଡ଼େ । ଏଇଆକୁ ସେ ଶିକ୍ଷା ବୋଲି ଭାବି ସେଥିପ୍ରତି ତା'ର ଭୟ ଓ ବିରକ୍ତି ଜାତ

ହୁଏ । କେବଳ ବାପ ମା ଓ ଶିକ୍ଷକଙ୍କ ଭୟରେ ବହିପତ୍ର ଧରି ସ୍କୁଲକୁ ଆସୁଥାଏ । କିନ୍ତୁ ଜୀବନ ସହ ଶିକ୍ଷାର କିଛି ସଂପର୍କ ସେ ଖୋଜି ପାଏ ନାହିଁ । ଛୁଟି ଘଣ୍ଟା ବାଜିବାକୁ ସବୁବେଳେ କାନେଇ ଥାଏ । ବାଜିବାମାତ୍ରେ ଘରକୁ ଯାଇ ବହିପତ୍ର ଫୋପାଡ଼ି ଅନ୍ୟ କାମରେ ଲାଗେ । ଯଦିବା କେହି ମେଧାବୀ ପିଲା ନିଜ ଗୁଣରେ ପଢ଼ା ପ୍ରତି ଆଗ୍ରହୀ ହୁଏ, ତେବେ ତା'ର ପଢ଼ା କେବଳ ଏହି ବହିପତ୍ରରେହିଁ ସୀମାବଦ୍ଧ ହୁଏ । ସେଇଥିରେ ସେ ପଣ୍ଡିତ ହେବାକୁ ଚେଷ୍ଟା କରି ଶରୀରକୁ ରୋଗାକ୍ରାନ୍ତ କରେ । ଖୁବ୍ ଜୋର୍ ଲକ୍ଷ୍ୟ ରଖେ ଭଲ ପଢ଼ି ସାର୍ଟିଫିକେଟଟିଏ ପାଇ କିଛି ବଡ଼ ଚାକିରିଟିଏ କରିବ । ସାର୍ଟିଫିକେଟଟିଏ ପରୀକ୍ଷା ପରେ ଲାଭ କରିସାରି ଦେଖେ ଯେ ଯେଉଁ ପଢ଼ା ସେ ଏତେ କଷ୍ଟ କରି ଶୁଆ ଭଳି ପଢ଼ି ସ୍କୁଲ କଲେଜରେ ଏତେ ସୁଖ୍ୟାତି ଅର୍ଜନ କରିଥିଲା ଜୀବନ ସହ ତା'ର କିଛି ସଂପର୍କ ନାହିଁ । ତେଣୁ ତାହା ତା'ର ଆପେ ଆପେ ଭୁଲି ହୋଇଯାଏ ।

ଥରେ ଗୋଟିଏ ପରିବାରରେ ଦୁଇଟି ଭାଇ ଥାଆନ୍ତି । ଦୁଇ ଭାଇ ଅବଶ୍ୟ ନିକଟରେ ପୃଥକ୍ ହୋଇଯାଇଛନ୍ତି, କିନ୍ତୁ ଗୋଟିଏ ଘରେ ଥାଆନ୍ତି । ଗୋଟିଏ ଭାଇର ଗୋଟିଏ ପୁଅ ମା'ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଆଦର୍ଶରେ ଗଢ଼ିଉଠିଥିବା ଏକ ନୂଆ ସ୍କୁଲରେ ପଢୁଥାଏ ଓ ଅନ୍ୟ ଭାଇର ପୁଅଟି ଗୋଟିଏ ପୁରୁଣା ସ୍କୁଲରେ ପଢ଼େ । ପିଲା ଦୁଇଟିଙ୍କର ବୟସ ୫/୬ ବର୍ଷ ଭିତରେ ।

ଅଳ୍ପ କେତୋଟି ମାସ ପରେ ଦେଖାଗଲା ଯେ ପୁରୁଣା ସ୍କୁଲରେ ପଢୁଥିବା ପିଲାଟି ପଢ଼ିବା ଲେଖିବା କିଛି କିଛି ଶିଖିଲାଣି, ମାତ୍ର ନୂଆ ସ୍କୁଲରେ ପଢୁଥିବା ପିଲାଟି ପଢ଼ାଲେଖାର ବିନ୍ଦୁବିସର୍ଗ ବି ଜାଣି ନାହିଁ । କିନ୍ତୁ ତାକୁ ଦେଖିଲେ ପୁରୁଣା ସ୍କୁଲ ପିଲାଠାରୁ ବହୁତ ସ୍ଫୂର୍ତ୍ତି, ବହୁତ ଖୁସୀ ଓ ବହୁତ କିଛି ଜାଣିଥିଲା ପରି ବୋଧ ହେଉଛି । ଭାଷାର ଉଚ୍ଚାରଣ ଯେପରି ସହଜ, ସ୍ୱଚ୍ଛନ୍ଦ, ସ୍ପଷ୍ଟ ଓ ସୁନ୍ଦର ଭାବରେ କରିପାରୁଛି ଅନ୍ୟ ପିଲାଟି ସେପରି କରିପାରୁ ନାହିଁ । ତେବେ ଯାହାହେଉ ପଢ଼ାଲେଖା ଏପର୍ଯ୍ୟନ୍ତ ଶିଖି ପାରି ନ ଥିବାରୁ

ଅନ୍ୟ ପିଲାର ବାପା ତା' ଭାଇକୁ କହିଲା, ''କ'ଣ ପୁଅକୁ ସେଠି ପଢ଼ାଉଛୁ ! ଆଜି ପର୍ଯ୍ୟନ୍ତ ତ ପଢ଼ାଲେଖା ଶିଖିଲା ନାହିଁ । ତା'ରି ସାଙ୍ଗର ମୋ ପୁଅ କିପରି ପୁରୁଣା ସ୍କୁଲରେ ପଢ଼ି ପଢ଼ାଲେଖା ଆରମ୍ଭ କଲାଣି । ସେଠୁ ପୁଅକୁ ଉଠାଇ ଆଣି ପୁରୁଣା ସ୍କୁଲରେ ପଢ଼ା, ଦେଖିବୁ ମାସ ଦୁଇଟାରେ ସେ ତୋତେ ଭାଗବତ ପଢ଼ି ଶୁଣାଇବ, ତୋର କେଉଁଠିକି ଚିଠି ଲେଖିବାକୁ ଦରକାର ପଡ଼ିଲେ ଲେଖିଦେବ ।''

କିନ୍ତୁ ଭାଇ ତା'ର କହିଲା, ''ନାଇଁ ଭାଇ, କେତେକଷ୍ଟରେ କୁହାବୋଲା କରି ମୁଁ ପୁଅକୁ ସେ ନୂଆ ସ୍କୁଲରେ ଭର୍ତ୍ତି କରିଛି । ସେମାନେ ତ ତାଙ୍କର ଶିକ୍ଷକ ଓ ଘର ଯେତିକି ଅଛି ସେଇ ଅନୁପାତରେ ଯେତେଜଣ ପିଲା ନେବା କଥା ତା'ଠାରୁ ଆଉ ଜମା ଅଧିକା ନେଉ ନାହାନ୍ତି । ଆଉ ମୁଁ ଦେଖୁଛି ମୋ ପୁଅ ସେ ସ୍କୁଲରେ ପଢ଼ିବା ଦିନଠାରୁ ଦଣ୍ଡେ ଆଉ ଘରେ ରହିବାକୁ ଇଚ୍ଛା କରୁ ନାହିଁ । ତାକୁ ବାଡ଼େଇଲେ ବି ସେ ଆଉ ପୁରୁଣା ସ୍କୁଲକୁ ଯିବାକୁ ରାଜି ହେବ ନାହିଁ । ସ୍କୁଲକୁ ଯିବାରେ ସେ କେତେ ଖୁସି; ଯେପରି ଶିକ୍ଷକମାନେ ତା'ର ଖେଳସାଥୀ । କିନ୍ତୁ ତୁମ ପୁଅ ତ ଅନେକ ଥର ବାଟରେ ଲୁଚି ସ୍କୁଲକୁ ନ ଯିବାର ମୁଁ ଦେଖିଲିଣି । ସ୍କୁଲକୁ ଯିବାକୁ ସେ ଭୟ କରୁଛି । ଶିକ୍ଷକ, ପାଠ ତାକୁ ବିଷ ଭଳି ଲାଗୁଛି । ଖାଲି ଭୟରେ ଗଧପେଲା ଭଳି ସ୍କୁଲକୁ ଯାଉଛି, ନଇଲେ ତା'ର ଆଦୌ ଇଚ୍ଛା ନାହିଁ । ମୋ ପୁଅ ସହ କଥାବାର୍ତ୍ତା ହେଲାବେଳେ ଶୁଣିଛି ସବୁବେଳେ ତା'ର ଇଚ୍ଛା ନୂଆ ସ୍କୁଲରେ ପଢ଼ିବାକୁ । ନୂଆ ସ୍କୁଲରେ ପିଲାମାନଙ୍କର କେତେ ଯତ୍ନ ନେଉଛନ୍ତି ! ସେମାନଙ୍କ ଲାଗି କେତେ ଖେଳନା, କେତେ ଛବିବହି, କେତେ ଖେଳ, ନାଚ, ଗୀତ, ନାଟକ, ଅନ୍ୟାନ୍ୟ କାର୍ଯ୍ୟ ଆଦିର ବ୍ୟବସ୍ଥା ! ଶିକ୍ଷକମାନେ କି ନିଷ୍ଠାପର, ତ୍ୟାଗ ମନୋଭାବ ନେଇ ମା'ଶ୍ରୀଅରବିନ୍ଦଙ୍କୁ ସମର୍ପଣ କରି ତାଙ୍କରି ସେବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛନ୍ତି ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତି କମ୍‌ରେ ନିଜର

ଚଳିବା ଲାଗି ଯେତିକି ପ୍ରୟୋଜନ ସେତିକି ଛଡ଼ା ଆଉ ଅଧିକା ନେବାକୁ ରାଜୀ ନୁହନ୍ତି । କେତେକେ ସେତକ ବି ନେଉ ନାହାନ୍ତି । ଘରୁ ଗାଳି ଖାଇ ଆନନ୍ଦରେ ଆସି ସ୍କୁଲରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ପୁରୁଣା ସ୍କୁଲରେ ମାସ ଶେଷରେ ଦରମା ଗଣ୍ଡାକ ମିଳିବାକୁହିଁ ବଡ଼ କରି ଧରି ବସିଥା'ନ୍ତି । ପିଲାର ଗଠନ, ପିଲାର ଶିକ୍ଷା ସେମାନଙ୍କର ଲକ୍ଷ୍ୟ ନ ଥାଏ । ସରକାରୀ ସିଲାବସ୍ ଅନୁସାରେ ଯେତିକି ପଢ଼ାଇବା କଥା, ସେଇ ସେତକ କଷ୍ଟେମଷ୍ଟେ ପୂରଣ କରିବାକୁ ଚେଷ୍ଟା କରିଥା'ନ୍ତି ।

ତେବେ ତୁମେ ଯେଉଁ ମୋ ପୁଅ ପଢ଼ାଲେଖା ଏ ପର୍ଯ୍ୟନ୍ତ ଶିଖିପାରି ନ ଥିବାର ଦୋଷ ଦେଉଛ ସେ ସମ୍ବନ୍ଧେ ମୁଁ କିଛି ଜାଣି ନାହିଁ । ମୁଁ ତ ମୂର୍ଖ ଲୋକ । ମୁଁ ତା'ର ଶିକ୍ଷକମାନଙ୍କୁ ଏକଥା ପଚାରି ବୁଝିବି । କିନ୍ତୁ ଏକଥା ମୁଁ ଭଲ କରି ଜାଣେ ଯେ ଶିକ୍ଷକମାନଙ୍କର ଅବହେଳା ଯୋଗୁଁ ଏପରି ଘଟି ନାହିଁ । ସେମାନଙ୍କର ଆଉ କିଛି ଉଦ୍ଦେଶ୍ୟ ଥିବ ।''

ଦିନେ ନୂଆ ସ୍କୁଲର ଶିକ୍ଷକ ଓ ମୁରବିମାନଙ୍କ ମଧ୍ୟରେ ମିଟିଂ ହେଉଥିବା ସମୟରେ ସେ ପିଲାର ବାପଟି ପଚାରିଲା, ''ମୋ ପୁଅକୁ ପାଞ୍ଚ ବର୍ଷ ପୂରିଗଲାଣି । ତା'ରି ସାଙ୍ଗରେ ମୋ ଭାଇପୁଅ ପୁରୁଣା ସ୍କୁଲରେ ପଢ଼ି ପଢ଼ାଲେଖା ଶିଖିଲାଣି, ସେ କାହିଁକି ଏ ପର୍ଯ୍ୟନ୍ତ ଶିଖି ନାହିଁ ?''

ଶିକ୍ଷକମାନଙ୍କ ପ୍ରତିନିଧି କହିଲେ, ''ଭଲ, ଏଇଭଳି ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଦେବା ଉଚିତ । ସାଧାରଣତଃ ଏ ସ୍କୁଲରେ ପିଲାମାନଙ୍କୁ ୫/୬ ବର୍ଷ ପର୍ଯ୍ୟନ୍ତ ପଢ଼ାଲେଖା ଶିଖିବା ଉପରେ ଆଦୌ ଗୁରୁତ୍ୱ ଦିଆଯାଏ ନାହିଁ । ଏ ସମୟରେ ସେମାନଙ୍କ ମନ ବହୁତ କୋମଳ ଥାଏ, ତା' ଉପରେ ବିଶେଷ ଚାପ ପକାଯାଏ ନାହିଁ । ମନ ଉପରେ ଚାପ ନ ପଡ଼ି କିପରି ସେମାନେ ଶିକ୍ଷା କରିପାରିବେ ତାହାରି ଉପରେ ଗୁରୁତ୍ୱ ଦିଆଯାଏ । ଏହି ସମୟରେ ସେମାନଙ୍କୁ ନାଚ, ଗୀତ, କାହାଣୀ, ନାଟକ, ଖେଳ ଆଦି ମାଧ୍ୟମରେ ବିଭିନ୍ନ ଭାଷାର ସହଜ ଓ ସ୍ପଷ୍ଟ ଉଚ୍ଚାରଣ ସମ୍ବନ୍ଧେ

ଶିକ୍ଷା ଦିଆଯାଏ । ସେ ଜାଣିପାରେ ନାହିଁ ଯେ ସେ ପଢୁଛି ବୋଲି । ପ୍ରଥମେ ଶୁଷ୍କ ଅକ୍ଷର ଶିକ୍ଷା କରିବାକୁ ଦିଆ ନ ଯାଇ ବିଭିନ୍ନ ହାତକାମ ଓ ଛବି ଆଦି ଆଙ୍କିବା ମାଧ୍ୟମରେ ତା'ର ହସ୍ତଚାଳନାକୁ ସୁଶୃଙ୍ଖଳ କରାଯାଏ । ଏହା ସେ ଖୁସିରେ, ଆନନ୍ଦରେ କରେ । ଏହା ଫଳରେ ପରବର୍ତ୍ତୀ ଜୀବନରେ ସେ ଖୁବ୍ ସହଜରେ ଲେଖାପଢ଼ା କରିପାରେ । କିନ୍ତୁ ବର୍ତ୍ତମାନ ତାକୁ ଶୁଷ୍କ ଅକ୍ଷର ମଡ଼ାଇବା ଲାଗି ଓ ବହି ପଢ଼ିବା ଲାଗି ବାଧ୍ୟ କଲେ ପାଠ ପ୍ରତି ତା'ର ସମସ୍ତ ଆଗ୍ରହ ତୁଟିଯିବ । ତା'ର କଅଁଳ ମନ ରୁକ୍ଷ, ଶୁଷ୍କ, ଭାରାକ୍ରାନ୍ତ ହୋଇଯିବ । ପାଞ୍ଚ ଛଅ ବର୍ଷ ପରେ ଯେଉଁ ପଢ଼ା ଲେଖା ତାକୁ ଶିଖାଯାଏ ତାହା ପୁଣି ପାରମ୍ପରିକ ରୀତିରେ ନୁହେଁ, ଅନ୍ୟ ଏକ ଆଗ୍ରହପ୍ରଦ ଉପାୟରେ ।

ଆମ୍ଭେମାନେ କୌଣସି କଥା ପିଲାକୁ ଜୋରଜବରଦସ୍ତି କରି ଶିଖାଉ ନାହିଁ । ଶିଶୁର ମନସ୍ତତ୍ତ୍ୱକୁ ନେଇ ତାକୁ ହସାଇ, ଖେଳାଇ ସ୍ୱାଭାବିକ ଭାବେ ଯାହା ସମ୍ଭବ ସେତିକି ତାକୁ ନିଜେ ଶିକ୍ଷା କରିବାରେ ସାହାଯ୍ୟ କରିଥାଉ । ଆମେ ଶିକ୍ଷା ଦେବାକୁ ବେଶୀ ଚେଷ୍ଟା କରି ନ ଥାଉ, ଶିଶୁକୁ ନିଜେ ଶିକ୍ଷା କରିବା ଲାଗି ଆଗ୍ରହୀ ହେବାରେ ସାହାଯ୍ୟ କରିଥାଉ । ଶିଶୁ ଥରେ ଆଗ୍ରହୀ ହୋଇଗଲେ ଶିକ୍ଷା ତା' ପକ୍ଷରେ ଏକ କଷ୍ଟକର ବ୍ୟାପାର ନ ହୋଇ ଏକ ଆମୋଦଦାୟକ ବସ୍ତୁରେ ପରିଣତ ହୁଏ । ମା ଶ୍ରୀଅରବିନ୍ଦ କହିଛନ୍ତି ଶିଶୁ ମଧ୍ୟରେ ଭବିଷ୍ୟତ ପୂର୍ଣ୍ଣ ମଣିଷର ସମସ୍ତ ଗୁଣ ଭରି ରହିଛି । ତା'ର ଅନ୍ତରରେ ରହିଛି ସକଳ ଜ୍ଞାନର ଚାବିକାଠି । ସେଇଟି ହେଉଛି ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷ । ସେ ସମ୍ବନ୍ଧେ ଥରେ ଶିଶୁ ସଚେତନ ହୋଇଗଲେ ସେ ତା'ର ଯଥାର୍ଥ ଶିକ୍ଷକ ପାଇଯାଏ, ତା' ଆଗରେ ବିଶ୍ୱର ସମସ୍ତ ରହସ୍ୟ ଧୀରେ ଧୀରେ ଉନ୍ମୋଚିତ ହୁଏ । ଆମ୍ଭେମାନେ ଯଥାର୍ଥରେ ଶିକ୍ଷାଦାତା ନୋହୁ, କେବଳ ଶିକ୍ଷା ଗ୍ରହଣରେ ସହାୟକାରୀ ମାତ୍ର । ଶ୍ରୀଅରବିନ୍ଦ କହିଛନ୍ତି :

"The first principle of true teaching is that nothing can be taught. The teacher is not an instructor

or task-master, he is a helper and a guide. His business is to suggest and not to impose. He does not actually train the pupil's mind, he only shows him how to perfect his instruments of knowledge and helps and encourages him in the process. He does not impart knowledge to him, he shows him how to acquire knowledge for himself. He does not call forth the knowledge that is within; he only shows him where it lies and how it can be habituated to rise to the surface. The distinction that reserves this principle for the teaching of adolescent and adult minds and denies its application to the child, is a conservative and unintelligent doctrine. Child or man, boy or girl, there in only one sound principle of good teaching. Difference of age only serves to diminish or increase the amount of help and guidance necessary; it does not change its nature."

''ଯଥାର୍ଥ ଶିକ୍ଷାଦାନର ପ୍ରଥମ ନିୟମ ହେଉଛି କିଛି ବି ଶିକ୍ଷା ଦିଆଯାଇପାରେ ନାହିଁ । ଶିକ୍ଷକ ଜଣେ ନିର୍ଦ୍ଦେଶକ ବା କଠୋର ତତ୍ତ୍ୱାବଧାରକ ନୁହନ୍ତି, ସେ ଜଣେ ସହାୟକ ଓ ପଥପ୍ରଦର୍ଶକ । ତାଙ୍କର କାର୍ଯ୍ୟ ହେଉଛି ପରାମର୍ଶ ଦେବା, ଚାପ ଦେବା ନୁହେଁ । ସେ ବାସ୍ତବରେ ଛାତ୍ରର ମନକୁ ତାଲିମ ଦିଅନ୍ତି ନାହିଁ, ସେ କେବଳ ତା'ର ଜ୍ଞାନର ଯନ୍ତ୍ରକୁ କିପରି ତ୍ରୁଟିଶୂନ୍ୟ କରିବାକୁ ହେବ ତାହାହିଁ ଦେଖାଇ ଦିଅନ୍ତି ଓ ସେହି ମାର୍ଗରେ ତାକୁ ସାହାଯ୍ୟ ତଥା ଉତ୍ସାହିତ କରନ୍ତି । ସେ ତାକୁ ଜ୍ଞାନ ପ୍ରଦାନ କରନ୍ତି ନାହିଁ, କିପରି

ନିଜେ ନିଜେ ଜ୍ଞାନ ଲାଭ କରିବାକୁ ହୁଏ ତାହା ସେ ବତାଇ ଦିଅନ୍ତି । ଅନ୍ତର୍ନିହିତ ଜ୍ଞାନକୁ ସେ ବାହାରକୁ ଆଣନ୍ତି ନାହିଁ, ସେ କେବଳ ଦେଖାଇ ଦିଅନ୍ତି କେଉଁଠି ଏହା ରହିଛି ଓ କିପରି ଏହାକୁ ବାହାରକୁ ଆଣିବାର ଅଭ୍ୟାସ କରାଯାଇ ପାରିବ । ଯେଉଁ ମତବାଦ ଏହି ପ୍ରଣାଳୀକୁ ଯୁବକ ଓ ପ୍ରୌଢ଼ମାନଙ୍କ ମନକୁ ଶିକ୍ଷା ଦେବାର ପ୍ରଣାଳୀ ବୋଲି କହି, ଶିଶୁ କ୍ଷେତ୍ରରେ ଏହାର ପ୍ରୟୋଗକୁ ନିଷେଧ କରେ, ତାହା ଏକ ରକ୍ଷଣଶୀଳ ଓ ବୁଦ୍ଧିହୀନ ମତବାଦ । ଶିଶୁ ଅଥବା ପ୍ରୌଢ଼, ବାଳକ ଅଥବା ବାଳିକା ସମସ୍ତଙ୍କ ଲାଗି ଉତ୍ତମ ଶିକ୍ଷାଦାନର କେବଳ ଏକମାତ୍ର ସୁସ୍ଥ ପ୍ରଣାଳୀ ରହିଛି । ବୟସର ତାରତମ୍ୟ କେବଳ ଆବଶ୍ୟକ ସାହାଯ୍ୟ ଓ ପଥପ୍ରଦର୍ଶକ ପରିମାଣକୁ କମ୍ କିଂବା ବେଶୀ କରିପାରେ, କିନ୍ତୁ ଏହାର ପ୍ରକୃତିକୁ ବଦଳାଇ ଦିଏ ନାହିଁ ।''

ଶିକ୍ଷା କହିଲେ ଆମେ ଖାଲି ପଢ଼ାଲେଖାକୁ ବୁଝୁ ନାହିଁ । ଏଠାରେ ଶିଶୁ ତା'ର ସମଗ୍ର ଜୀବନକୁ ଶିକ୍ଷା ବୋଲି ଭାବେ । ସିଲାବସ୍ ଅନୁସାରେ ଶିକ୍ଷକଙ୍କ ଶ୍ରୀମୁଖରୁ ଯାହା ବାହାରିବ ସେଇଆକୁ ସେ ଯୋଡ଼ହସ୍ତ, ଭୀତତ୍ରସ୍ତ ହୋଇ ଚାହିଁ ରହେ ନାହିଁ । ବାଟରେ ଆସିଲା ବେଳେ ସେ ଯଦି ଦେଖେ ସୂର୍ଯ୍ୟ ଉଦୟ ହେଉଛନ୍ତି ତେବେ ସ୍କୁଲକୁ ଆସି ପଚାରେ, ''ସୂର୍ଯ୍ୟ କାହିଁକି ସେଇ ଗୋଟାଏ ପାଖରୁ ସବୁଦିନେ ଆସୁଛନ୍ତି ? ତାଙ୍କର ଏତେ ଆଲୁଅ କେଉଁଠୁ ଆସିଲା ? ସକାଳ ଅପେକ୍ଷା ମଧ୍ୟାହ୍ନରେ କାହିଁକି ଖରା ଟାଣ ଲାଗେ ?'' ଆମେ ତା'ର ଏଇଭଳି ପ୍ରଶ୍ନକୁ କେନ୍ଦ୍ରକରି ସାହିତ୍ୟ, ବିଜ୍ଞାନ, ଅଙ୍କ ସବୁ ପଢ଼ାଇବାକୁ ଚେଷ୍ଟା କରୁ । ସେ ତାହା ଆଗ୍ରହରେ ଗ୍ରହଣ କରେ । ଶିଶୁର ଆଗ୍ରହ ଅନୁଯାୟୀ ଆମେ ପଢ଼ାକୁ ପରିଚାଳିତ କରୁ । ଆମର ପୂର୍ବନିର୍ଦ୍ଧାରିତ ସିଲାବସ୍ ଅନୁଯାୟୀ ନୁହେଁ । ଜଣେ ଶିକ୍ଷକଙ୍କୁ ମଧ୍ୟ ସାହିତ୍ୟ, ଅଙ୍କ, ବିଜ୍ଞାନ ଆଦି ସବୁକିଛି ଜାଣିବାକୁ ପଡ଼େ । ବେଳେବେଳେ କେହି କେହି ଶିଶୁ ଆସି ପଚାରେ, ''ଘରେ ବାପା ବୋଉ ସମୟେ ସମୟେ ଏତେ ରାଗି ମୋତେ ମାରୁଛନ୍ତି କାହିଁକି ? ଏ ରାଗ କେଉଁଠୁ ଆସୁଛି ? ସବୁବେଳେ

ତ ରାଗୁ ନାହାନ୍ତି ?'' ଆଉ କେହି କେହି ପଚାରନ୍ତି, ''ଫୁଲର ଏତେ ସବୁ ରଙ୍ଗ କେଉଁଠୁ ଆସିଲା ? ସବୁ ମଣିଷ କାହିଁକି ଏକା ଭଳିଆ ଦେଖାଯାଆନ୍ତି ନାହିଁ ? ଏ ମଣିଷ, ଫୁଲ ଇତ୍ୟାଦି ସବୁ କେଉଁଠୁ ଆସୁଛି ?'' ଏସବୁ ପ୍ରଶ୍ନକୁ ଆମେ ଶିକ୍ଷାର ବାହାର ବୋଲି ଭାବୁ ନାହିଁ । ସେଇଆକୁ କେନ୍ଦ୍ର କରି ତାକୁ ତା'ର ବିଷୟ ଶିକ୍ଷା ଦେବାକୁ ଚେଷ୍ଟା କରୁ । ଏସବୁ ପ୍ରଶ୍ନ କଲାବେଳେ ତାକୁ ଆମେ ଚପାଇ ଦେଇ କହୁ ନାହିଁ ଯେ କ୍ଲାସରେ ଏସବୁ ବାଜେ ପ୍ରଶ୍ନ କ'ଣ ପଚାରୁଛୁ ! ତା' ପାଇଁ ସବୁକିଛି ଅର୍ଥପୂର୍ଣ୍ଣ, ବିସ୍ମୟକର ଓ ଶିକ୍ଷାପ୍ରଦ ବୋଧହୁଏ । ସେ ଭାବେ ନାହିଁ ଯେ ସ୍କୁଲର ପଢ଼ାଲେଖା ଖାଲି ପାଠ ଓ ଅନ୍ୟସବୁ ପାଠର ବାହାର । ଖାଇବା, ଗାଧୋଇବା ତା'ର ଯେପରି ଅଭ୍ୟାସ, ନ ହେଲେ ନ ଚଳେ, ଖେଳିବା ବି ସେହିପରି ।

ସ୍କୁଲର ଶିକ୍ଷକମାନେ ବି ଖାଲି ପଢ଼ାଲେଖା ଦେଖି ତା'ର କୃତିତ୍ୱ ବିଚାର କରନ୍ତି ନାହିଁ । ପ୍ରତ୍ୟେକ କାର୍ଯ୍ୟରେ ତା'ର ନିୟମିତତା, ସାଥୀପିଲାମାନଙ୍କ ପ୍ରତି ବ୍ୟବହାର, ଶିକ୍ଷକମାନଙ୍କ ପ୍ରତି ବ୍ୟବହାର, ଖେଳପଡ଼ିଆ ଓ କ୍ଲାସରେ ଶୃଙ୍ଖଳା, କ୍ରୀଡ଼ା ପ୍ରତିଯୋଗିତାରେ ପାରଦର୍ଶିତା, ନାଚ, ଗୀତ, ଅଭିନୟ ଓ ଅନ୍ୟାନ୍ୟ ସାମୂହିକ କାର୍ଯ୍ୟରେ ଆଗ୍ରହ ଓ ସହଯୋଗ, ଆଚରଣ ଓ କଥାବାର୍ତ୍ତାରେ ସତ୍ୟ ପ୍ରତି ନିଷ୍ଠା, ନୂଆ ନୂଆ କଥା ଶିଖିବା ଓ ଜାଣିବାରେ ଆଗ୍ରହ, ଛାତ୍ରାବାସରେ ତା'ର ଆଚରଣ ଆଦି ବିଭିନ୍ନ ବିଷୟ ପ୍ରତି ଆରମ୍ଭରୁ ଶିକ୍ଷକମାନେ ନଜର ରଖିଥା'ନ୍ତି ।

ଯେଉଁମାନେ ଦ୍ରୁତ ଅଗ୍ରଗତି କରନ୍ତି ସେମାନଙ୍କୁ ଅନ୍ୟମାନଙ୍କ ସହ ପକାଇ ରଖା ନ ଯାଇ ଶୀଘ୍ର ଉପର କ୍ଲାସକୁ ଉନ୍ନୀତ କରିଦିଆଯାଏ । ଏଠାରେ ପିଲାକୁ ପ୍ରଚୁର ସ୍ୱାଧୀନତା ଦିଆଯାଇଛି । ସ୍ୱାଧୀନତା ଭିତରେ ତା'ର ଯାହା ବିକାଶ ହେବ ତାହା ଯଥାର୍ଥ ବିକାଶ । ମାରି ପିଟି ଜୋର୍ ଜବରଦସ୍ତି କିଛି ଶିଖାଇବାକୁ ଚାହିଁଲେ ତାହା ତା' ମଧ୍ୟରେ ବେଶୀ କାଳ ସ୍ଥାୟୀ ହୁଏ ନାହିଁ ଓ ସେ ନିଜେ ଶିକ୍ଷା ପ୍ରତି ବୀତସ୍ପୃହ ହୋଇପଡ଼େ । ଏଠାରେ

ସ୍ୱାଧୀନତା ଦିଆଯାଇଛି, କିନ୍ତୁ ତାହା ବିଶୃଙ୍ଖଳ ସ୍ୱାଧୀନତା ନୁହେଁ । ସାଧାରଣ ଶୃଙ୍ଖଳା ମଧ୍ୟରେ ସେମାନେ ସ୍ୱାଧୀନ ଭାବରେ ଚଳିବେ । ବାହାର ଅପେକ୍ଷା ଅନ୍ତରରେ ସେମାନେ ସ୍ୱାଧୀନ ବୋଲି ଅଧିକରୁ ଅଧିକ ଅନୁଭବ କରିବେ । କୌଣସି ଗତାନୁଗତିକ ବାହ୍ୟ ନିୟମକାନୁନର ଦାସ ହେବାକୁ ସେମାନଙ୍କୁ ବାଧ୍ୟ କରାଯାଏ ନାହିଁ । ଯାହା ଉପରେ ଗୁରୁତ୍ୱ ଦିଆଯାଏ ତାହା ହେଉଛି ଏକ ଆନ୍ତର ଶୃଙ୍ଖଳା, ଯାହା ଥିଲେ ଆପେ ବାହ୍ୟ ଶୃଙ୍ଖଳା ଆସିବ । ଏଠାରେ କେତେକ ପିଲା ସ୍ୱାଧୀନତାର ଅପବ୍ୟବହାର କରିପାରନ୍ତି ଓ ଦୁଷ୍ଟାମି ମଧ୍ୟ କରିପାରନ୍ତି । ସେଥିରେ ମଧ୍ୟ ଶିକ୍ଷକମାନଙ୍କୁ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଓ ସହନଶୀଳତାର ସହ ସେମାନଙ୍କ ପରିବର୍ତ୍ତନ ପାଇଁ ଅପେକ୍ଷା କରିବାକୁ ହୁଏ । ନିଜର ସାଧନା ପ୍ରତି ତାହା ଏକ ଆହ୍ୱାନରୂପେ ସେମାନେ ଗ୍ରହଣ କରନ୍ତି । ଏଠାକାର ପିଲାମାନେ କୌଣସି କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ, ତାହା ସାଧାରଣ ଦୃଷ୍ଟିରେ ଯେତେ ଅସମ୍ମାନଜନକ ହେଉପଛେ । ତେଣୁ ପଢ଼ିସାରି ସେମାନେ ଚାକିରିକୁ ଅପେକ୍ଷା କରି ବସନ୍ତି ନାହିଁ । ସେମାନଙ୍କ ସୃଜନଶୀଳ ଚେତନାକୁ ନେଇ ସେମାନେ ନିର୍ଭୟରେ ଜୀବନର ସମ୍ମୁଖୀନ ହୁଅନ୍ତି ।

ସେମାନଙ୍କୁ ଜୀବନର ଯେଉଁ ମହାନ୍ ଲକ୍ଷ୍ୟ ବିଷୟରେ ଏଠି ସଚେତନ କରାଇବାକୁ ଚେଷ୍ଟା କରାଯାଏ ତାହା ଅନ୍ୟ କୌଣସି ଅନୁଷ୍ଠାନରେ ସମ୍ଭବ ହୁଏ ନାହିଁ । ଏଠାରେ ସେ ସ୍ୱତଃସ୍ଫୂର୍ତ୍ତରୂପେ ଅନୁଭବ କରେ ଅନ୍ତରରେ ତାକୁ ଏକ ଦିବ୍ୟ ସତ୍ୟକୁ ଆବିଷ୍କାର କରି, ସେଇ ସତ୍ୟ ଅନୁଯାୟୀ ଚଳି, ନିଜ ବାହ୍ୟ ଜୀବନରେ ତାହାକୁହିଁ ରୂପ ଦେବାକୁ ହେବ । ମଣିଷର ଜନ୍ମଲାଭର ଏହାହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ସେ ପିଲାଦିନଠାରୁ ବୋଧ କରିବାକୁ ଶିଖେ ।

ତେଣୁ ଏଠା ସ୍କୁଲର ପିଲାର ଖାଲି ଲେଖାପଢ଼ା ଦେଖି ତା'ର ବିକାଶର ପରିମାଣ ଜାଣିହେବ ନାହିଁ । ଲେଖାପଢ଼ାରେ ଯେ ସେ ଦୁର୍ବଳ ହେବ ତା' ନୁହେଁ, ବରଂ ତା'ର ଲେଖାପଢ଼ାରେ ରହିବ ଅଭିନବ ଦୃଷ୍ଟିଭଙ୍ଗୀ, ଅଭିନବ ବିଚାରଧାରା ଯାହା ସମ୍ବନ୍ଧେ ଅନ୍ୟମାନେ ଏ ପର୍ଯ୍ୟନ୍ତ ସଚେତନ

ହୋଇ ନାହାନ୍ତି । କିନ୍ତୁ କଥା ହେଉଛି ଖାଲି ଲେଖାପଢ଼ାରୁ ତା'ର ବିକାଶର ପରିମାଣ ଜାଣିହେବ ନାହିଁ । ତା'ର ବିକାଶର ପରିମାଣ ଜାଣିବାକୁ ହେଲେ ଏକ ଗଭୀର ଅନ୍ତର୍ଦୃଷ୍ଟି ଆବଶ୍ୟକ, ଯାହାକି ଖୁବ୍ କମ୍ ଲୋକଙ୍କର ଥାଏ ।

ତେବେ ଯାହା ହେଉ ଶିକ୍ଷକ ଓ ଅଭିଭାବକ ହିସାବରେ ଶିଶୁମାନଙ୍କ ପ୍ରତି ଆମର କର୍ତ୍ତବ୍ୟ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେତିକି ଯେପରି ଆମେ ପାଳନ କରିବାକୁ ଚେଷ୍ଟା କରୁ । ସେ କହିଛନ୍ତି :

"The business of both parent and teacher is to enable and to help the child to educate himself, to develop his own intellectual, moral, aesthetic and practical capacities and to grow freely as an organic being, not to be kneaded and pressured into form like an inert plastic material.... The true secret, whether with child or man, is to help him to find his deeper self, the real psychic entity within."

''ଉଭୟେ ପିତାମାତା ଓ ଶିକ୍ଷକଙ୍କର କର୍ତ୍ତବ୍ୟ ହେଉଛି ଶିଶୁକୁ ନିଜେ ନିଜେ ଶିକ୍ଷା କରିବାରେ, ନିଜର ମାନସିକ, ନୈତିକ ଓ ସୌନ୍ଦର୍ଯ୍ୟଗତ ଓ ବ୍ୟାବହାରିକ ସାମର୍ଥ୍ୟର ବିକାଶ ଘଟାଇବାରେ ଏବଂ ଏକ ଅବୟବଧାରୀ ଜୀବ ହିସାବରେ ସ୍ୱଚ୍ଛନ୍ଦଭାବେ ଅଭିବୃଦ୍ଧି ସାଧନ କରିବାରେ ସାହାଯ୍ୟ ଓ ସାମର୍ଥ୍ୟ ପ୍ରଦାନ କରିବା; ତାକୁ ଏକ ଜଡ଼ ନରମ ପଦାର୍ଥ ଭଳି ଦଳିପେଷି, ଜବରଦସ୍ତି ଏକ ରୂପପ୍ରଦାନ ନୁହେଁ... ସେ ଶିଶୁ ହେଉ ଅଥବା ବୟସ୍କ ବ୍ୟକ୍ତି ହେଉ, ଯଥାର୍ଥ ରହସ୍ୟ ହେଉଛି ତା'ର ଅନ୍ତର୍ନିହିତ ଗଭୀରତର ସତ୍ତା, ଯଥାର୍ଥ ଚୈତ୍ୟପୁରୁଷଙ୍କୁ ଆବିଷ୍କାର କରିବାରେ ତାକୁ ସାହାଯ୍ୟ କରିବା ।''

## ଏ ପରିସ୍ଥିତିରେ କିପରି ଶିକ୍ଷକତା କରିବି ?

''ନୂଆ ସ୍କୁଲ । କିଛି ନାହିଁ । ଘର ନାହିଁ, ପିଲାମାନେ ବସିବାକୁ ଜାଗା ପାଉ ନାହାନ୍ତି । ସେମାନଙ୍କୁ ପଢ଼ାଇବା ଲାଗି ବିଶେଷ କିଛି ଉପକରଣ ନାହିଁ । ଆମମାନଙ୍କ ସୁବିଧା କଥା ତ ଛାଡ଼ । ତା' ଛଡ଼ା ଲୋକମାନଙ୍କର ଏ ନୂତନ ଶିକ୍ଷା ପ୍ରତି ଯେଉଁ ଧାରଣା ସେ କଥା କହିଲେ ନ ସରେ ।

ଯାହାହେଉ ସେଇ ପରିସ୍ଥିତି ଭିତରେ ଆମମାନଙ୍କୁ କଠୋର ସଂଗ୍ରାମ କରି ଚାଲିବାକୁ ପଡୁଛି । ବିଭିନ୍ନ ଉପାୟରେ ଆମେ ଆର୍ଥିକ ତଥା ଅନ୍ୟ ସକଳ ଅସୁବିଧାର ସମ୍ମୁଖୀନ ହୋଇ ସେସବୁକୁ ସମାଧାନ କରିବାକୁ ଚେଷ୍ଟା କରୁଛୁ । ମାଟିଖୋଳାଠାରୁ ଆରମ୍ଭ କରି ସ୍କୁଲର ଯାବତୀୟ କାମ ହାତରେ କରୁଛୁ । କିନ୍ତୁ ସ୍କୁଲ ପରିଚାଳନା ଦାୟିତ୍ୱରେ ଥିବା ଲୋକମାନଙ୍କର ବ୍ୟବହାର ଦେଖିଲେ ସବୁ ଆଗ୍ରହ ତୁଟିଯାଏ । ସେମାନେ ଖାଲି ବେଳେ ବେଳେ ସ୍କୁଲକୁ ବୁଲିଆସି କୈଫିୟତ ଚାହିଁବେ । ଶିକ୍ଷକର ଚଳିବା ନିମନ୍ତେ ଅନ୍ୟୂନ ଖର୍ଚ୍ଚ ଗଣ୍ଡାକ ବି ମିଳିବା ବହୁତ ମୁସ୍କିଲ । ସେମାନେ ଶିକ୍ଷକମାନଙ୍କୁ ସେଇ ପୁରୁଣା ଘରୋଇ ସ୍କୁଲର ଶିକ୍ଷକ ଭଳି ବ୍ୟବହାର କରୁଛନ୍ତି ।''

ଏସବୁ ଠିକ୍ କଥା । ସେହିପରି ପରିସ୍ଥିତି ନିଶ୍ଚୟ ଦେଖାଦେଉଥିବ । ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସେମାନଙ୍କ ପୁରାତନ ସ୍ୱଭାବ ଓ ମନୋଭାବ ନେଇ ଶିକ୍ଷକମାନଙ୍କୁ ପୁରୁଣା ଘରୋଇ ସ୍କୁଲର ଶିକ୍ଷକ ଭଳି ବ୍ୟବହାର ଦେଖାଇବା କିଛି ବିଚିତ୍ର କଥା ନୁହେଁ । କାରଣ ଖାଲି ମା ଶ୍ରୀଅରବିନ୍ଦଙ୍କ ନାମରେ ନୂଆ ସ୍କୁଲଟିଏ, ନୂଆ ଘରେ, ନୂତନ ଶିକ୍ଷକଙ୍କୁ, ନୂତନ ଛାତ୍ରଙ୍କୁ ନେଇ, ନୂଆ ସାଇନ୍‌ବୋର୍ଡ଼ ମାରି ଆରମ୍ଭ କରିଦେଲେ ଯେ ସେଥିରେ ସଂପୃକ୍ତ ଥିବା ସମସ୍ତ ବ୍ୟକ୍ତି ନୂଆ ହୋଇଯାଇଛନ୍ତି– ଏପରି ଧାରଣା କରିବା ସଂପୂର୍ଣ୍ଣ ଭୁଲ୍ ।

ତେବେ ଯାହାହେଉ, ସେମାନେ ଆମକୁ ପୁରୁଣା ଘରୋଇ ସ୍କୁଲର ଶିକ୍ଷକ ଦୃଷ୍ଟିରେ ଦେଖନ୍ତୁ ପଛେ, ଆମେ କ'ଣ ପ୍ରକୃତରେ ପୁରୁଣା ଘରୋଇ ସ୍କୁଲର ଶିକ୍ଷକ ? ଆମେ ଯଦି ତା ନୋହୁଁ ତେବେ ସେମାନଙ୍କ ବ୍ୟବହାରରେ ବ୍ୟସ୍ତ ହେବାର ଦରକାର କ'ଣ ?

ଆମେ ସ୍କୁଲ ପାଇଁ ମାଟି ହାଣୁଛେ, ଚାନ୍ଦା ଆଦାୟ କରୁଛେ, ଅନ୍ୟାନ୍ୟ କାମ କରୁଛେ, ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛେ– ଏସବୁ କ'ଣ କୌଣସି ପାରିଶ୍ରମିକ ପାଇବା ଆଶାରେ, ପ୍ରଶଂସା ପାଇବା ଆଶାରେ ନା କ୍ଷମତା ଲୋଭ ଆଶାରେ ? ଏହି କାମ, ଏହି ଅସୁବିଧାର ସମ୍ମୁଖୀନ ହେବା ଯଦି ଆମକୁ ଆନନ୍ଦ ନ ଦେଉଥାଏ ତେବେ ଜାଣିବାକୁ ହେବ ଆମ ନିଜ ଭିତରେ ଶିକ୍ଷକ ହେବା ପାଇଁ କେଉଁଠି ଅନୁପଯୁକ୍ତତା ରହିଛି । ସେହି ପୁରାତନ ଶିକ୍ଷକର ମନୋଭାବ ଚେତନାରେ କେଉଁଠି ଲୁଚି ରହିଛି । ଆମକୁ ପରିଚାଳକଙ୍କ ବିରୋଧରେ ଅଭିଯୋଗ ନ କରି ପ୍ରଥମେ ନିଜ ପ୍ରତି ଦୃଷ୍ଟି ଫେରାଇବାକୁ ହେବ । ଆମ ଭିତରୁ ସେଇ ସ୍ୱାର୍ଥପରତା, ଅସହିଷ୍ଣୁତା, ଅହଂକାର ଆଦି ପ୍ରାଚୀନ ଦୁର୍ଗୁଣରାଜିକୁ ବିଦାୟ ଦେବାକୁ ପଡ଼ିବ । ତେବେ ଯାଇ ଆମର ଆଉକିଛି ଅଭିଯୋଗ ରହିବ ନାହିଁ । ପ୍ରତିକାରର ଚାବିକାଠି ଆମ ନିଜ ଭିତରେ, ପରିଚାଳନାମଣ୍ଡଳୀଙ୍କ ଭିତରେ ନାହିଁ । ଆମର ସେମାନଙ୍କୁ ବଦଳାଇ ପାରିବାର କ୍ଷମତା ନାହିଁ, ନିଜକୁ ଆମେ ବଦଳାଇ ଦେଇପାରୁ । ନିଜକୁ ବଦଳାଇ ଦେଲେ ଅଡୁଆଟି ସରିଲା । ଅବଶ୍ୟ କଷ୍ଟ, କିନ୍ତୁ ଅସାଧ୍ୟ ନୁହେଁ ।

ଆମକୁ ସବୁବେଳେ ମନେରଖିବାକୁ ହେବ ଯେ ଆମେ କାହିଁକି ଏ ଶିକ୍ଷକତା କରୁଛେ । କ'ଣ ପରିବାର ପୋଷିବାକୁ, ଆରାମରେ ରହିବାକୁ, ସମାଜସେବା କରିବାକୁ ? ଯଦି ଏଥିପାଇଁ କରୁଥାଉ ତେବେ ସାଧାରଣ ଶିକ୍ଷକ ଭଳି ସବୁବେଳେ ଆମର ଆପତ୍ତି, ଅଭିଯୋଗ ଓ ଅସନ୍ତୋଷ ରହିବ । କିନ୍ତୁ ନୂଆ ସ୍କୁଲର ଶିକ୍ଷକ ହେବାକୁ ହେଲେ ନୂତନ ମନୋଭାବ ଆବଶ୍ୟକ ।

କାର୍ଯ୍ୟଟି ଆମକୁ ମା'ଙ୍କ ସେବା ଭାବରେ ଆଗ୍ରହରେ କରିବାକୁ ହେବ । ଆମେ ଯେ ଏ ଶିକ୍ଷକତା ପାଇଁ ଉପଯୁକ୍ତ, ଆମ ଦ୍ୱାରା ଏ କାର୍ଯ୍ୟ ଭଲ ଭାବରେ ହୋଇପାରିବ ଓ ଏହି କାର୍ଯ୍ୟ କରିବା ଫଳରେ ଆମେ ନିରକ୍ଷରତା-ଦୂରୀକରଣରେ ତଥା ମା'ଙ୍କ ଆଦର୍ଶ ପ୍ରସାରରେ ସାହାଯ୍ୟ କରୁଛୁ– ଏ ଭାବ ଠିକ୍ ନୁହେଁ । ଅନ୍ୟ ପକ୍ଷରେ ଆମକୁ ଭାବିବାକୁ ହେବ ମା'ଙ୍କ କୃପାରୁ ଏ କାର୍ଯ୍ୟ ମୋତେ ମିଳିଛି । ଏହି କାର୍ଯ୍ୟ ମାଧ୍ୟମରେ ମୋର ସାଧନା ଦ୍ରୁତତର ହୋଇପାରିବ ବୋଲି ମା ମୋତେ ଏ କାର୍ଯ୍ୟ ଦେଇଛନ୍ତି, ମୁଁ ଏ କାର୍ଯ୍ୟ ଲାଗି ଉପଯୁକ୍ତ ବୋଲି ନୁହେଁ । ଯେଉଁ ବାଧାବିଘ୍ନ ଆସୁଛି ସେସବୁ ମୋର ଅଗ୍ରଗତି ପାଇଁ ଆବଶ୍ୟକ ବୋଲି ଆସୁଛି । ତେଣୁ ମୁଁ ଏହାକୁ ମା'ଙ୍କୁ ସମର୍ପଣ କରି ଶାନ୍ତ, ସ୍ଥିର ଭାବରେ ଅତିକ୍ରମ କରିବି । ଦେଖେ, ମୋ ନିଜ ଭିତରେ କେଉଁ ଦୁର୍ବଳତା ଲୁଚି ରହିଥିବାରୁ ବାହାରର ଏ ବାଧା ଆସୁଛି । ଏହା କ'ଣ କ୍ରୋଧ, ଲୋଭ, ଅସହିଷ୍ଣୁତା, ଈର୍ଷା, ହିଂସା, ଅଳସୁଆମି ନା ଆଉ କିଛି ? ଯଦି ଏସବୁରୁ କେହି ଥାଆନ୍ତି ତେବେ ବାହାରର ବାଧା ଆସି ତାଙ୍କୁ ଜାଗ୍ରତ କରିଦିଏ ରୂପାନ୍ତର ଲାଗି । ବାଧା ନ ଆସିଲେ କେବେବି ଆମେ ଆମ ନିଜର ଭୁଲ୍ ଜାଣି ପାରିବୁ ନାହିଁ । ବାଧା, ପ୍ରତିବନ୍ଧକ ଆମର ଦୋଷକୁ ଯେପରି ଜଣାଇଦିଏ, ସେହିପରି ଆମର ଅଗ୍ରଗତିକୁ ମଧ୍ୟ ଜଣାଇଦିଏ । ଯେତେବେଳେ ଆମେ ଆବଶ୍ୟକ ଅଗ୍ରଗତି କରିନେଉ ସେତେବେଳେ ଆଉ ସେ ପ୍ରକାର ବାଧା ନ ରହି ଅନ୍ୟପ୍ରକାର ବାଧା ଆସେ ଅନ୍ୟପ୍ରକାର ଦୁର୍ବଳତାକୁ ଜଣାଇଦେବା ଲାଗି । ମା ଆମଠାରୁ ଖାଲି କାମଟି ଚାହାନ୍ତି ନାହିଁ । କାମ ମାଧ୍ୟମରେ ସେ ଆମର ଚେତନାକୁ ପରିବର୍ତ୍ତନ କରି ଏକ ଉଚ୍ଚତର ଜୀବନ ନିମନ୍ତେ ଆମକୁ ପ୍ରସ୍ତୁତ କରିବାକୁ ଚାହାନ୍ତି । ସେଇଥିଲାଗି ତାଙ୍କ କାର୍ଯ୍ୟରେ ଆମ ପ୍ରକୃତି ଅନୁଯାୟୀ ବାଧା ଆସେ ଓ ଆମର ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟଟି ବି ଅଗ୍ରଗତି କରିଚାଲେ । କିନ୍ତୁ ବାଧା ସେତିକି ଆସେ ଯେତିକି ଆମେ ଚେଷ୍ଟାକଲେ ଅତିକ୍ରମ କରିପାରିବୁ । ତା'ଠାରୁ ବେଶୀ ଆସେ ନାହିଁ ।

ଆମର ଗୋଟିଏ ଅସୁବିଧା ହେଉଛି ଯେ ଆମେ ଶିକ୍ଷକମାନେ ଛାତ୍ରଙ୍କ ଶିକ୍ଷା ସହ ସଂପୃକ୍ତ । ଆମେ ଭଲ କରି ଜାଣୁ ଆମର ବର୍ତ୍ତମାନ ପରିସ୍ଥିତିରେ ଛାତ୍ରମାନଙ୍କୁ କ'ଣ ପଢ଼ାଇବା ଓ କିପରି ପଢ଼ାଇବା ଉଚିତ । ଆମକୁ ଆମ କାମ ସ୍ୱଚ୍ଛନ୍ଦ ଭାବେ କରିବାକୁ ଛାଡ଼ି ନ ଦେଇ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି କିଂବା ଅନ୍ୟାନ୍ୟ ପ୍ରତିପତ୍ତିଶାଳୀ ବ୍ୟକ୍ତିମାନେ, ଏପରି କର, ସେପରି କର କହି, ଆମ କାମରେ ଅଯଥା ହସ୍ତକ୍ଷେପ କରି, ମାମଲତକାରୀ ଦେଖାଇ ବିଶୃଙ୍ଖଳା ଓ ଅସନ୍ତୋଷ ସୃଷ୍ଟି କରୁ ନାହାନ୍ତି କି ?

ହଁ, ଏହା ଅବଶ୍ୟ ଠିକ୍ । ଯେଉଁମାନଙ୍କର ଶିକ୍ଷା, ଶିକ୍ଷାଦାନ ଓ ଛାତ୍ରମାନଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ନାହିଁ ସେମାନେ ଏସବୁ ସମ୍ବନ୍ଧରେ ଅଯଥା ପରାମର୍ଶ ଦେଇ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଶିକ୍ଷକମାନଙ୍କୁ ସାଧ ମୁତାବକ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେଇ ସେମାନଙ୍କ ଉପରେ ସଂପୂର୍ଣ୍ଣରୂପେ ଏ କାର୍ଯ୍ୟ ଛାଡ଼ିଦେବା ଉଚିତ । ସ୍କୁଲ ପାଇଁ ନିଜକୁ ଯେଉଁ କାର୍ଯ୍ୟ ମିଳିଛି ତାକୁ ଉତ୍ତମରୂପେ ନିଷ୍ଠାର ସହ କରିବା ଉଚିତ । ତା'ହେଲେ ଶିକ୍ଷକ ବାଧ ହେବ ତା କାର୍ଯ୍ୟ ବି ଉତ୍ତମରୂପେ ନିଷ୍ଠାର ସହ କରିବାକୁ । କିନ୍ତୁ ସବୁ ଲୋକ ତ ସମାନ ନୁହନ୍ତି । ତେଣୁ ଯେଉଁ କ୍ଷେତ୍ରରେ ଅଯଥା ପରାମର୍ଶ ଓ ହସ୍ତକ୍ଷେପ ଆସୁଛି ସେ କ୍ଷେତ୍ରରେ ଆମକୁ ନୀରବ ରହି ଯାହା ଯଥାର୍ଥରେ ଛାତ୍ରମାନଙ୍କ ପାଇଁ ଓ ସ୍କୁଲ ପାଇଁ କଲ୍ୟାଣକର ଓ ବିକାଶମୂଳକ ତାହା କରିବାକୁ ହେବ ଓ ଆବଶ୍ୟକ ସ୍ଥଳେ ଶାନ୍ତି ସଦିଚ୍ଛାର ସହ ସେମାନଙ୍କୁ ବୁଝାଇ ଦେବାକୁ ହେବ । କିନ୍ତୁ ସେମାନଙ୍କ କଥାରେ ବିକ୍ଷୁବ୍ଧ ହୋଇ ପ୍ରତିବାଦ କଲେ ଆମେ ଆମ କାମ ତ କରିପାରୁ ନାହିଁ, ତା'ଛଡ଼ା ସେମାନଙ୍କୁ ଉତ୍ତ୍ୟକ୍ତ କରି ପରିସ୍ଥିତିକୁ ଆହୁରି ଅପ୍ରୀତିକର କରିଦେଉ । ପ୍ରଥମେ ପ୍ରଥମେ ସେମାନେ ସେପରି ଟିକିଏ ଅଯଥା ମୁରବିଆନା ଦେଖାଇ ପାରନ୍ତି; କିନ୍ତୁ ସ୍କୁଲ କିଛି କାଳ ଚାଲୁ ହୋଇଗଲା ପରେ ଶିକ୍ଷାଦାନର ସମସ୍ତ ଦାୟିତ୍ୱ ସ୍ୱତଃସ୍ଫୂର୍ତ୍ତରୂପେ ଶିକ୍ଷକ ଉପରକୁ ଆସିବ ।

ଯଦି ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ନିଜର ଅଯଥା ମତକୁ ଶିକ୍ଷକ ଉପରେ ବଳାତ୍କାର କରି ଲଦି ଦେବାକୁ ଚାହେଁ ଓ ଶିକ୍ଷକ ଜାଣିପାରେ ଯେ ତାହା ଶିକ୍ଷାଦାନ ପକ୍ଷରେ ଅନୁକୂଳ ନୁହେଁ ତେବେ ସେ ବିଶେଷ ପ୍ରତିବାଦ ନ କରି ନୀରବରେ କିଂବା ଆବଶ୍ୟକ ସ୍ଥଳେ ତାଙ୍କୁ ଘଟଣାଟା ବୁଝାଇ ଦେଇ ନିଜସ୍ୱ ଧାରାରେ ଚାଲିବା ଉଚିତ । ଯେପର୍ଯ୍ୟନ୍ତ ସେ ସ୍କୁଲରୁ ତଡ଼ି ନ ଦେଇଛନ୍ତି ସେପର୍ଯ୍ୟନ୍ତ ନିଜର କାର୍ଯ୍ୟ ଶାନ୍ତ ଭାବରେ କରିଚାଲିବା ଉଚିତ । ଯଦି ସେ କେବେ କେବଳ ଏଇ କାରଣରୁ, ଅନ୍ୟ କୌଣସି କାରଣରୁ ନୁହେଁ, କ୍ରୋଧାନ୍ୱିତ ହୋଇ ଶିକ୍ଷକଙ୍କୁ ତଡ଼ି ଦିଅନ୍ତି ସେତେବେଳେ ନୀରବରେ ନିଜ କାମରୁ ଅପସରି ଆସିବା ଉଚିତ ।

ସବୁବେଳେ ଯେ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପରାମର୍ଶ ଅଯଥା ତା' ନୁହେଁ । ଅନେକ ସମୟରେ କେତେକ ପରାମର୍ଶ ମଧ୍ୟ ଯଥାର୍ଥ ଓ ବିକାଶମୂଳକ ହୋଇଥାଏ । ସେ କ୍ଷେତ୍ରରେ ତାକୁ ଗ୍ରହଣ କରିନେବା ଉଚିତ । ଯେଉଁମାନେ ଏ ନୂତନ ଶିକ୍ଷାପଦ୍ଧତି ସଂପର୍କରେ ଅଭିଜ୍ଞ ଓ ଯଥାର୍ଥରେ ଏହାର ବିକାଶ ଚାହାନ୍ତି ସେଭଳି ପରାମର୍ଶଦାତା ବା ପରାମର୍ଶ ବୋର୍ଡ଼ର ପରାମର୍ଶ ସବୁବେଳେ ଗ୍ରହଣ କରିବା ଉଚିତ ।

ଅନ୍ୟ ଗୋଟିଏ ଅସୁବିଧା ହେଉଛି ଯେ ଆମର ସ୍କୁଲ ତରଫରୁ ରହିବାର କୌଣସି ବ୍ୟବସ୍ଥା କରାଯାଉ ନାହିଁ । ଆମେ ଘରେ କିଂବା ଅନ୍ୟମାନଙ୍କ ଘରେ ରହି ସେ ପରିବେଶରେ ଠିକ୍‌ଭାବେ ପଢ଼ା ପ୍ରସ୍ତୁତ କରିପାରୁନୁ ।

ଏକଥା ଠିକ୍ । କିନ୍ତୁ ଏ ସମ୍ବନ୍ଧେ ଅଭିଯୋଗ କରାଯାଇ ପାରିବ ନାହିଁ । କାରଣ ନୂଆ ସ୍କୁଲ ହିସାବରେ ସେଇ ପରିସ୍ଥିତିକୁ ସ୍ୱୀକାର କରି ଆମେ ଆମର କର୍ମ ଗ୍ରହଣ କରିଛୁ । ଭବିଷ୍ୟତରେ ଯେତେବେଳେ ସୁବିଧା ହେବ ସେତେବେଳେ ଆମ ଭିତରୁ ଯେଉଁମାନଙ୍କର ସ୍କୁଲରେ ରହିବା ଏକାନ୍ତ ଆବଶ୍ୟକ ସେ ବ୍ୟବସ୍ଥା ହୋଇପାରିବ । ପରେ ସମସ୍ତଙ୍କ ଲାଗି ହୋଇପାରିବ ।

ଆଉ ଗୋଟିଏ ଅସୁବିଧା ହେଉଛି ଯେ ଆମକୁ ଠିକ୍ ସମୟରେ ଠିକ୍ ମୁତାବକ ଆମର ଦରମା ମିଳୁ ନାହିଁ ।

ଅବଶ୍ୟ ଏହାକୁ ଆମେ ଆମର ପୂର୍ବ ଅଭ୍ୟାସ ଓ ପ୍ରଥା ଅନୁଯାୟୀ ଦରମା ବୋଲି କହୁଛୁ । କିନ୍ତୁ ବାସ୍ତବରେ ଏହା କୌଣସି ଧରାବନ୍ଧା ଦରମା ବା ପାରିଶ୍ରମିକ ନୁହେଁ, ଏହା କେବଳ ନିଜର ଆବଶ୍ୟକ ଖର୍ଚ୍ଚ ମାତ୍ର । ଏହା ଅବଶ୍ୟ ଠିକ୍ ସମୟରେ ଉପଯୁକ୍ତ ପରିମାଣରେ ମିଳିବା ଉଚିତ । ନଚେତ୍ ଶିକ୍ଷକ ସେଥିରେ ମୁଣ୍ଡ ଖେଳାଇବା ଫଳରେ ସ୍କୁଲ କାର୍ଯ୍ୟ ବାଧାପ୍ରାପ୍ତ ହେବ । ଏ କ୍ଷେତ୍ରରେ ଶିକ୍ଷକ ଓ ପରିଚାଳକଙ୍କ ମଧ୍ୟରେ ଏକ ଆନ୍ତରିକ ବୁଝାମଣା ରହିବା ଉଚିତ । ପରିଚାଳକଙ୍କ ବ୍ୟବହାର ଏପରି ହେବା ଉଚିତ ଯେପରି ଶିକ୍ଷକ ନିଜେ ନିଜକୁ ସ୍କୁଲ ପରିଚାଳନାର ଅଂଶୀଦାର ବୋଲି ଭାବିବ ଓ ଅଯଥା ତାକୁ ହଇରାଣ କରାଯାଉଛି ବୋଲି ବୋଧ କରିବ ନାହିଁ । ଯାହାହେଉ ଏ କ୍ଷେତ୍ରରେ ବି ଶିକ୍ଷକକୁ ସାଧନାର ପଥ ଗ୍ରହଣ କରିବାକୁ ହେବ । ସବୁ ଅସୁବିଧା ଭିତର ଦେଇ ସେ ତା' ପାରୁପର୍ଯ୍ୟନ୍ତ ଆନନ୍ଦରେ କାର୍ଯ୍ୟ ତୁଲାଇବାକୁ ଚେଷ୍ଟା କରିବ । ନିଷ୍ପାପର, ନିଃସ୍ୱାର୍ଥ କର୍ମ ନିକଟରେ ଅର୍ଥର ଅଭାବ ସବୁଦିନେ ତିଷ୍ଠିପାରିବ ନାହିଁ । କିନ୍ତୁ ନିଜ ଛଡ଼ା ଅନ୍ୟ କେହି ଯଦି ଅର୍ଥ ପାଇଁ ତା' ଉପରେ ନିର୍ଭର କରୁଥାନ୍ତି ତେବେ ତାହା ଭିନ୍ନ କଥା । ସେ କ୍ଷେତ୍ରରେ ସେ ସଂପୂର୍ଣ୍ଣ ମୁକ୍ତ ନୁହେଁ । ତେଣୁ ପରିସ୍ଥିତି ଦେଖି ନିଜ ପାଇଁ ଯାହା ସୁବିଧାଜନକ ସେ ତାହା କରିବ ।

ଆଉ ଗୋଟିଏ ଅସୁବିଧା ହେଉଛି ଯେ ମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁଯାୟୀ ନୂତନ ସ୍କୁଲ ହେଲେ ବି ସବୁ ଯେପରି ସେହି ପୁରାତନ ମନୋଭାବର ସହ ପରିଚାଳିତ ହେଉଛି ।

ବାସ୍ତବରେ, ବାହାରର ନାମକରଣ, ଶୃଙ୍ଖଳା କିଂବା ଚାଲିଚଳନରେ ଯଥାର୍ଥ ନୂତନତ୍ୱ ନ ଥାଏ । ନୂତନତ୍ୱ ଥାଏ ବ୍ୟକ୍ତିର ଚେତନାରେ । ଏହା ତ ସହଜ କଥା ନୁହେଁ । ତେବେ ଯିଏ ଯାହା ହୁଅନ୍ତୁ ପଛେ ନିଜକୁ କିନ୍ତୁ ନୂତନ

ଚେତନାରେ ବାସ କରିବାକୁ ଅଭ୍ୟାସ କରିବାକୁ ହେବ ଓ ନୂତନ ଦୃଷ୍ଟିକୋଣ ନେଇ କାମ କରିବାକୁ ହେବ । ଏହା କରିବା ସାଙ୍ଗେ ସାଙ୍ଗେ ଏକ ସଙ୍ଗତିପୂର୍ଣ୍ଣ ବାତାବରଣ ମଧ୍ୟ ରକ୍ଷା କରିବାକୁ ହେବ । ସଙ୍ଗତିପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜ ଭିତରେ ସବୁବେଳେ ସଙ୍ଗତିପୂର୍ଣ୍ଣ ହୋଇ ରହିବାକୁ ଚେଷ୍ଟା କରିବା । ଅନ୍ୟ ଯିଏ ଯାହା କରନ୍ତୁ, ଯେତେ ବାଧା ଆସୁ ପଛକେ ମା ମୋତେ ଏ କାର୍ଯ୍ୟଟି ମୋର ଯୋଗ୍ୟତା ଦୃଷ୍ଟିରୁ ନୁହେଁ ମୋର ସାଧନାରେ ଅଗ୍ରଗତି କରିବା ଲାଗି ଦେଇଛନ୍ତି ଭାବି ଗଭୀର କୃତଜ୍ଞତା ଓ ଆଗ୍ରହର ସହ କରିବାକୁ ହେବ । ଏପରି ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ ଆଗ୍ରହ ଥିବ ଯାହାକୁ କୌଣସି ବାଧା ଦଳିଦେଇ ପାରିବ ନାହିଁ । ଜଣେ ଇଂରେଜ କବିଙ୍କ କଥା ମନେପଡ଼େ । ବୋଧହୁଏ ତାଙ୍କ ନାମ ଆଲେକ୍‌ଜାଣ୍ଡର ପୋପ୍ । ସେ ପିଲାଦିନେ ସବୁବେଳେ ଖାଲି କବିତା ଲେଖି ଅନ୍ୟସବୁ କଥା ଅବହେଳା କରୁଥିବାରୁ ତାଙ୍କ ବାପା ତାଙ୍କ ଉପରେ ବହୁତ ବିରକ୍ତ ହେଉଥିଲେ । ସେ ଭାବୁଥିଲେ ଏଗୁଡ଼ାକ ଲେଖି ସେ ଅଯଥା ସମୟ ନଷ୍ଟ କରୁଛି । ତେଣୁ ସେ ତାଙ୍କୁ ଏଥିଲାଗି ଥରେ ରାଗି ଭୀଷଣ ଦଣ୍ଡ ଦେଲେ । ପୋପ୍ କାନ୍ଦି କାନ୍ଦି କହିଲେ :

''Father, father pity take,
No more verses shall I make.''
''ବାପା, ବାପା, ଦୟାକର,
କବିତା ରଚନା ଏତିକି ମୋର ।''

ଏକଥା ଶୁଣି ତାଙ୍କ ବାପା ଆଉ ତାଙ୍କୁ ଦଣ୍ଡ ଦେବେ କ'ଣ ! ସେହିପରି ନୂଆ ସ୍କୁଲରେ ଶିକ୍ଷକତା କରିବା ଲାଗି ସକଳ ବାଧା ସତ୍ତ୍ୱେ ଆମର ଆଗ୍ରହକୁ ସ୍ୱତଃସ୍ଫୂର୍ତ୍ତ କରିବାକୁ ହେବ ଯାହାଫଳରେ ସେ ଆନନ୍ଦ ଆମର ସକଳ ବାଧାଜନିତ ଗ୍ଲାନିକୁ ପୋଛିଦେଇ ଆମକୁ ଆହୁରି ଅଗ୍ରଗତି କରାଇ ନେବ । ଆମେ କିଛି ଗୋଟାଏ କଷ୍ଟ କରି କରୁଛୁ ବୋଲି ସେ ବୋଧ ରହିବ ନାହିଁ ।

ଶେଷରେ ଆମ ପାଇଁ ମା'ଙ୍କ ଲେଖାର ଅଳ୍ପ କେଇଟି ଧାଡ଼ି ଲେଖି ଶେଷ କରିବା :

''Teachers who do not possess a perfect calm, an unfailing endurance, an unshakable quietness, who are full of self-conceit will reach nowhere.

One must be a saint and a hero to become a good teacher.

One must be a great yogi to bocome a good teacher.

One must have the perfect attitude in order to be able to exact from one's pupils a perfect attitude.

You cannot ask of a person what you do not do yourself. It is a rule.

...It is very good to be nice, to render service, to become useful. It is fine, naturally, and it is a very fine thing; but it is only one side and perhaps the lesser side of the question. The important side is this that a grace has been granted to you so that you may gain self-mastery, gain an understanding of the subject and of others which you would not have without this occasion.''

''ଯେଉଁ ଶିକ୍ଷକମାନେ ଏକ ଅଖଣ୍ଡ ଶାନ୍ତି, ସ୍ଥିର ସହନଶୀଳତା ଓ ନିଶ୍ଚଳ ନୀରବତାର ଅଧିକାରୀ ନୁହନ୍ତି, ଯେଉଁମାନେ ଆତ୍ମପ୍ରତାରଣାରେ ପୂର୍ଣ୍ଣ ସେମାନେ କିଛି ବି କରିପାରିବେ ନାହିଁ ।

ତୁମକୁ ଉତ୍ତମ ଶିକ୍ଷକ ହେବାକୁ ହେଲେ ଜଣେ ସନ୍ଥ ଓ ବୀର ହେବାକୁ ହେବ ।

ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ତୁମକୁ ଏକ ମହାନ୍ ଯୋଗୀ ହେବାକୁ ହେବ ।

ଛାତ୍ର ମଧ୍ୟରେ ତ୍ରୁଟିଶୂନ୍ୟ ମନୋଭାବ ଆଣିବା ନିମନ୍ତେ ସକ୍ଷମ ହେବାକୁ ହେଲେ ନିଜର ମନୋଭାବ ତ୍ରୁଟିଶୂନ୍ୟ ହେବା ଉଚିତ ।

ତୁମେ ନିଜେ ଯାହା କର ନାହିଁ, ତାହା ଅନ୍ୟକୁ କହିପାରିବ ନାହିଁ । ଏହା ହେଉଛି ଏକ ନିୟମ ।

...ସୁନ୍ଦର ବ୍ୟବହାରଯୁକ୍ତ ହେବା, ସେବା କରିବା ଓ ଦରକାରୀ ହୋଇଉଠିବା ବହୁତ ଭଲ । ସ୍ୱଭାବତଃ, ଏହା ସୁନ୍ଦର, ବହୁତ ସୁନ୍ଦର କଥା; କିନ୍ତୁ ଘଟଣାଟିର ଏହା କେବଳ ଗୋଟିଏ ଦିଗ ମାତ୍ର, ବୋଧହୁଏ ନ୍ୟୂନତର ଦିଗ । ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଯେ ଭଗବତ୍ କୃପା ତୁମକୁ ଏହି କାର୍ଯ୍ୟଟି ଦେଇଛି ଯାହାଫଳରେ ତୁମେ ଆତ୍ମ-କର୍ତ୍ତୃତ୍ୱ ଏବଂ ବିଷୟବସ୍ତୁ ତଥା ଅନ୍ୟମାନଙ୍କ ସଂପର୍କରେ ଏକ ବୁଝାମଣା ଲାଭ କରିପାରିବ ଯାହାକି ଏ ବ୍ୟବସ୍ଥା ବ୍ୟତୀତ ସମ୍ଭବ ହୋଇପାରି ନ ଥାନ୍ତା ।''

## ଆମର ଯଥାର୍ଥ ସମସ୍ୟା କ'ଣ ?

ଗାଁଟିଏ । ସେ ଗାଁରେ ଥାଏ ଗୋଟିଏ କ୍ଲବ । ଗାଁର ଯୁବକମାନେ ସେ କ୍ଲବର ସଭ୍ୟ । ଥରେ ସେମାନେ ସ୍ଥିର କଲେ ଗୋଟିଏ ନାଟକ କରିବେ । ସେମାନଙ୍କ ଭିତରେ ଯିଏ ମୁଖିଆ ସେ ଥିଲେ ଟିକିଏ ଶିକ୍ଷିତ, ବୟସ୍କ ଓ ଅଭିଜ୍ଞ ଯୁବକ । ତାଙ୍କରି ପରାମର୍ଶ ଅନୁଯାୟୀ ବହି ବଛାଗଲା ଓ ସମସ୍ତଙ୍କୁ ପାର୍ଟ ବାଣ୍ଟି ଦିଆଗଲା । କାମ ଧନ୍ଦାରୁ ଫେରି ସଂଧ୍ୟା କେତେଟା ସମୟରେ ସମସ୍ତେ ଆସି କ୍ଲବ ଘରେ ଏକଜୁଟ ହେବେ ତାହା ସ୍ଥିର କରିଦିଆଗଲା । ରୀତିମତ ଅଭ୍ୟାସ ଆରମ୍ଭ ହୋଇଗଲା ।

ନାଟକଟିର ଅଭ୍ୟାସ ନିୟମିତ ଚାଲିଲା । କିଛିଦିନ ପରେ ଗୋଟିଏ ପିଲା କହିଲା, ''ମୋର ଟିକିଏ ସଂଧ୍ୟାବେଳେ ଘରେ କାମ ପଡୁଛି । ମୁଁ ଟିକିଏ ଡେରି କରିଆସିବି । ମୋ ପାର୍ଟ ପଡ଼ିଲାବେଳକୁ ମୁଁ ଆସି ପହଞ୍ଚି ଯାଇଥିବି ।'' ଅଧିକାଂଶ ସଭ୍ୟ ଏକାବେଳେକେ କହିଉଠିଲେ, ''ନା, ନା, ତା କେମିତି ହେବ ? ଆମେ ସବୁ ଆସିବୁ ଠିକ୍ ସମୟରେ; ତୁ କାହିଁକି ଆସିବୁ ଏତେ ଡେରିରେ ?'' କିଛି ସମୟ ଗୋଳମାଳ ଚାଲିଲା । ଶେଷରେ ତାଙ୍କ ଭିତରେ ଯିଏ ନେତା ସେ କହିଲେ, ''ନା, ନା, ତା ହୋଇପାରିବ ନାହିଁ । ତୁମକୁ ଆମ ଭିତରେ ରହିବାକୁ ହେଲେ ଆମର ନିୟମ ମାନିବାକୁ ପଡ଼ିବ । ଯଦି ଠିକ୍ ସମୟରେ ଆସି ଏଠାରେ ପହଞ୍ଚି ନ ପାରିବ, ତେବେ ତୁମର ପାର୍ଟ ଛାଡ଼ିଦିଅ ।''

ପିଲାଟି ନିରୁପାୟ ହୋଇ ଶେଷକୁ ତା'ର ପାର୍ଟ ଛାଡ଼ିଦେଲା । ସେ ଗୋଟିଏ ଭିକାରି ପାର୍ଟ ନେଇଥିଲା । ତା'ର ବିଶେଷ ଅସୁବିଧା ଦୃଷ୍ଟିରୁ ତାକୁ ଟିକିଏ ବିଳମ୍ବରେ ଆସିବା ଲାଗି ଅନୁମତି ଦେଇଥିଲେ ନାଟକ ଅଭ୍ୟାସରେ କିଛି ବ୍ୟାଘାତ ଘଟି ନ ଥା'ନ୍ତା । କାରଣ ନାଟକର ମଝିରେ

ତା'ର ଅଳ୍ପ ସମୟ ମାତ୍ର ଥରୁଟିଏ ପାର୍ଟ ଥିଲା । ସେ ବି ତା'ର ପାର୍ଟ ସୁନ୍ଦରରୂପେ ଆଗ୍ରହର ସହ କରୁଥିଲା । କିନ୍ତୁ ତା'ର ବ୍ୟକ୍ତିଗତ ଅସୁବିଧା ପ୍ରତି ଦୃଷ୍ଟି ଦିଆ ନ ଯାଇ, ସାମୂହିକ କାର୍ଯ୍ୟରେ କିଛି ବାଧା ନ ପଡୁଥିଲେ ବି ସାମୂହିକ ନିୟମକୁ ତା ଉପରେ ଅଯଥା ଜୋର୍ କରି ଲଦି ଦେବାରୁ ସେ ବାଧ୍ୟ ହୋଇ ଗୋଷ୍ଠୀ ମଧ୍ୟରୁ ଅଲଗା ହୋଇଗଲା ।

ତାପରେ ସେ ପାର୍ଟଟି କିଏ ନେବ ବୋଲି ପଚରାଗଲା । ଭିକାରି ପାର୍ଟଟାଏ, ପୁଣି ଅଳ୍ପ ସମୟ ଲାଗି ଥରୁଟିଏ ହୋଇଥିବାରୁ କେହି ରାଜୀ ହେଲେ ନାହିଁ । ସମସ୍ତେ ଚାହିଁଲେ ବଡ଼ ବଡ଼ ମାନସମ୍ମାନ ଥିବା ପାର୍ଟ ନେବାକୁ, କାରଣ ଗାଁରେ କାଲେ କିଏ ତାଙ୍କୁ କହିଦେବ ଭିକାରି ପାର୍ଟଟାଏ ନେଇଥିଲା ବୋଲି ! ଅଭିନୟର କଳା ଦୃଷ୍ଟିରୁ ଅଭିନୟକୁ ନିପୁଣ ଭାବରେ ଫୁଟାଇ ପାରିବାହିଁ ଯଥାର୍ଥ ସାର୍ଥକତା ଓ ସମ୍ମାନଜନକ କଥା ବୋଲି କେହି ବୁଝିଲେ ନାହିଁ । କ'ଣ କରାଯିବ ? କିଛିଦିନ ସେ ଭୂମିକାରେ କେହି ନ ଥାଇ ଅଭ୍ୟାସ ଚାଲିଲା । କେହି ରାଜୀ ନ ହେବାରୁ ପୁଣିଥରେ ସେ ପିଲା ଯିଏକି କ୍ଲବରୁ ବାହାରି ଯାଇଛି ତାକୁ ଅନୁରୋଧ କଲେ ସେ ପାର୍ଟ ନେବାକୁ । ଏଥର ତାକୁ ତା'ର ସୁବିଧା ଅନୁଯାୟୀ ସମୟ କରି ଆସିବାକୁ କୁହାଗଲା । କିନ୍ତୁ ସେ ପିଲାର ପୂର୍ବ ଆଗ୍ରହ ଆଘାତ ପାଇ ମରିଯାଇଥିଲା । ସେ ଆଉ ଯୋଗ ଦେବାକୁ ରାଜୀ ହେଲା ନାହିଁ । ଶେଷକୁ ନାଟକଟି ମଞ୍ଚସ୍ଥ ହେବାକୁ ଅଳ୍ପ ଦିନ ବାକୀ ଅଛି, ଗୋଟିଏ ପିଲାକୁ ବହୁତ ଖୋସାମତ କରି ପାର୍ଟଟି ଦିଆଗଲା । ସେ ବି କହୁଥିଲା, ନାଟକ ତୁମର ଭଲ ହେଉ ନ ହେଉ ମୋର ସେଥିରେ କ'ଣ ଅଛି, ଆଉ କାହାକୁ ସେ ପାର୍ଟ ଦିଅ । ଯାହାହେଉ ଶେଷକୁ ନେଲା ।

ନାଟକ ମଞ୍ଚସ୍ଥ ହେବାର ସମୟ ପହଞ୍ଚିଗଲା । ସେଥିଲାଗି ଆବଶ୍ୟକ ଖର୍ଚ୍ଚଠାରୁ ଅଧିକ ଟଙ୍କା ପଇସା ଲୋକମାନଙ୍କଠାରୁ ଆଦାୟ ହୋଇଛି । ବହୁତ ଆଗ୍ରହରେ ଆଖପାଖ ଗାଁ ଲୋକମାନେ ନୂଆକଥା କ'ଣ ଦେଖିବେ

ବୋଲି ଖୁସିରେ ଟଙ୍କା ପଇସା ଦେଇଛନ୍ତି । ଆଉ ଦୁଇଦିନ ବାକି, ଷ୍ଟେଜ୍ ପ୍ରଭୃତି ବନ୍ଧା ହେବା କଥା । କିନ୍ତୁ ନାଟକରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ମଧ୍ୟରୁ ୨-୪ ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କର ଦେଖା ନାହିଁ । କିଏ କହୁଛି ମୋର ପାର୍ଟ ମୁଖସ୍ଥ ସରି ନାହିଁ । କିଏ କହୁଛି ମୋର ଅନ୍ୟ କାମ ଅଛି । ଶେଷକୁ ମୂଲିଆଙ୍କ ଦ୍ୱାରା ଷ୍ଟେଜ୍ ଇତ୍ୟାଦି ବନ୍ଧା ସରିଲା । ବହୁତ ଟଙ୍କା ଦିଆଯାଇ ମୂଲ୍ୟବାନ୍ ପୋଷାକ ଓ ସୁନ୍ଦର ସୁନ୍ଦର ସିନ୍‌ସବୁ ଆସିଥାଏ ।

ଆଜି ସଂଧ୍ୟାରେ ନାଟକ ହେବ । ଲୋକମାନେ ସବୁ ବେଳାବେଳି ରୋଷେଇ ବାସ ସାରି ଖାଇପିଇ ଦେଇ ନାଟକ ଦେଖିବା ଲାଗି ଆସି ଜମା ହେଲେଣି । ଷ୍ଟେଜ୍‌ର କେତେକ ବନ୍ଧାବନ୍ଧି କାର୍ଯ୍ୟ ସେ ପର୍ଯ୍ୟନ୍ତ ଚାଲିଛି । ପଛଆଡ଼େ ପିଲାମାନେ ସବୁ ପେଣ୍ଟିଙ୍ଗ୍ ହେଉଛନ୍ତି । ନିଜ ନିଜର ପେଣ୍ଟିଙ୍ଗ୍ ଓ ପୋଷାକ ପିନ୍ଧା ଆଗ ସାରିଦେବା ଲାଗି ସେମାନଙ୍କ ଭିତରେ ଟଣା ଓଟରା ଓ କଳିକଜିଆ ଲାଗିଛି । ଯାହାର ପଛରେ ପାର୍ଟ ଅଛି ତା'ର ପେଣ୍ଟିଙ୍ଗ୍ ସରିଗଲାଣି, କିନ୍ତୁ ଯାହାର ପ୍ରଥମେ ଅଛି ତା'ର କିଛି ହୋଇ ନ ଥିବାରୁ ସେ ଅଭିମାନ କରି ବସିଛି । ସେ ଭିକାରି ପାର୍ଟ ଯେଉଁ ପିଲାଟି ନେଇଥିଲା ସେ କହୁଛି : ସମସ୍ତେ ଭଲ ଭଲ ପୋଷାକ ପିନ୍ଧୁଛନ୍ତି, ମୁଁ କାହିଁକି ଛିଣ୍ଡା ଲୁଗା ପିନ୍ଧିବି ? ସେ ବି ଭଲ ପୋଷାକ ଦାବି କରି ତାକୁ ଦିଆଯାଇଥିବା ପୋଷାକ ପିନ୍ଧୁ ନାହିଁ । କେହି ତାଙ୍କର ନିର୍ଦ୍ଦେଶକଙ୍କ କଥା ମାନୁ ନାହାନ୍ତି । ପ୍ରତ୍ୟେକେ ନିଜର ଯାହା ଇଚ୍ଛା ହେଉଛି ତା' କରିବାରେ ଲାଗିଛନ୍ତି ।

ନିର୍ଦ୍ଦିଷ୍ଟ ସମୟରୁ ଘଣ୍ଟାଏ ଡେରି ହୋଇଗଲାଣି । ଷ୍ଟେଜ୍ ଉପରେ କାହାରି ଦେଖା ନାହିଁ । ଖାଲି ପଛଆଡ଼େ ଖଡ଼ଖାଡ଼୍, ଧଡ଼ଧାଡ଼୍ କ'ଣସବୁ କରୁଛନ୍ତି । ଲୋକମାନେ ଥଣ୍ଡାଟାରେ ବସି ବସି ବ୍ୟତିବ୍ୟସ୍ତ ଓ ବିରକ୍ତ ହୋଇପଡ଼ିଗଲେଣି । କେତେକ ଦୁଷ୍ଟପିଲା ତାଳିମାରି କମ୍ପାଇ ଦେଉଥା'ନ୍ତି । ଶେଷକୁ ସେମାନଙ୍କ ଆଶା ସଫଳ ହେଲା । ପରଦା ଉଠିଲା । ଷ୍ଟେଜ୍ ଉପରେ

ଆଲୁଅ ଦେଖାଗଲା । ସମସ୍ତେ ନୀରବ ଉତ୍କଣ୍ଠାର ସହ ସିଆଡ଼େ ଚାହିଁ ରହିଲେ । ଦେଖିଲା ବେଳକୁ ଗୋଟିଏ ମନ୍ଦିର ସିନ୍ ପଡ଼ିଛି, ଜଣେ ଶିକ୍ଷକ ବସି କେତେକ ଛାତ୍ରଙ୍କୁ ପଢ଼ାଉଛନ୍ତି । ଯେଉଁମାନଙ୍କର ନାଟକ ସମ୍ବନ୍ଧେ କିଛି ଅଭିଜ୍ଞତା ନାହିଁ ସେମାନେ ବସି ଦେଖୁଛନ୍ତି; ଅଳ୍ପ କେଇଜଣ ଯେଉଁମାନେ ସହର ଆଦି ସ୍ଥାନରେ ଥିଏଟର ଦେଖିଛନ୍ତି ସେମାନେ ନିଜ ନିଜ ଭିତରେ ଫୁସ୍‌ଫାସ୍ ହେଉଛନ୍ତି । ହଠାତ୍ ସେହି ନାଟକରେ ଅଂଶ ଗ୍ରହଣ କରିଥିବା ପିଲାଙ୍କ ମଧ୍ୟରୁ କାହାର ନଜର ପଡ଼ିଗଲା ଯେ ସ୍କୁଲ୍ ସିନ୍ ନ ପଡ଼ି ମନ୍ଦିର ସିନ୍‌ଟାଏ ପଡ଼ିଛି । ସେ ଅନ୍ୟମାନଙ୍କୁ କହିଦେବାରୁ ସଙ୍ଗେସଙ୍ଗେ ମଞ୍ଚ ଅନ୍ଧାର କରିଦିଆଗଲା । ଷ୍ଟେଜ୍ ଉପରେ ଥିବା ପିଲା ଓ ଶିକ୍ଷକ କ'ଣ ହେଲା ବୋଲି ବୁଝି ନ ପାରି ଉଠିପଡ଼ି ଟିକିଏ ଇତସ୍ତତଃ ହୋଇପଡ଼ିଲେ । ଏତିକିବେଳେ ସେ ମନ୍ଦିର ସିନ୍‌ଟା ଉଠିଯାଇ ଦୁମ୍ କରି ଆଉ ଗୋଟିଏ ସିନ୍ ପଡ଼ିଲା । ଯୋଗକୁ ସେ ପିଲା କିଂବା ଶିକ୍ଷକ କାହାରି ମୁଣ୍ଡ ଉପରେ ପଡ଼ିଲା ନାହିଁ । ଆଲୁଅ ଜଳିଲାବେଳକୁ ଦେଖାଗଲା ସ୍କୁଲ୍ ସିନ୍‌ଟାଏ ପଡ଼ିଛି । ଲୋକମାନେ ହସିଲେ, ତାଳିମାରି ସେମାନଙ୍କ ଆନନ୍ଦ ଜଣାଇଦେଲେ । ଏ ଗୋଳମାଳ ଭିତରେ ସେମାନେ ଯାହା ପାର୍ଟ କରିଥିବେ ତାହା ସହଜରେ ଜଣା । ପାର୍ଟ କଲାବେଳେ ଅଭିନେତା-ଅଭିନେତ୍ରୀଙ୍କର କଥା ଦର୍ଶକମାନେ ବିଶେଷ କିଛି ନ ଶୁଣି ପଛଆଡୁ ଜଣେ କିଏ ବଡ଼ ବଡ଼ ପାଟିରେ ସବୁ କହୁଥିବାର ଶୁଣୁଥାଆନ୍ତି । ଭିକାରିଟାକୁ ଦେଖିଲାବେଳକୁ ସୁନ୍ଦର ଦାମିକା ଧୋତି ପିନ୍ଧି ପାର୍ଟ କରୁଛି । ବେଳେବେଳେ ମଞ୍ଚ ଉପରେ କାହାରି ପାର୍ଟ ମନେ ନ ପଡ଼ିଲେ କିଂବା ଭୁଲ୍‌ଭାଲ୍ କରି କହିଲେ ପଛରୁ ଗର୍ଜନ ତର୍ଜନ ଶୁଭୁଥାଏ ।

ଗାଉଁଲି ଲୋକ । ଥିଏଟରରେ ଏସବୁ ତ୍ରୁଟି ବିଶେଷ ଜାଣି ପାରୁ ନ ଥିଲେ ବି ସେମାନଙ୍କୁ କାହିଁକି କିଛି ଭଲ ଲାଗୁ ନ ଥାଏ । ନାଟକ ଅଧା ହେଲା ବେଳକୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଘରକୁ ପଳାଇଲେଣି । ଅଳ୍ପ କେତେଜଣ ପିଲା ବସି ନିଜ ନିଜ ଭିତରେ ଆଲୋଚନା କରୁଥାଆନ୍ତି ଓ

ବେଳବେଳେ ମଞ୍ଚ ଆଡ଼କୁ ଚାହିଁ ଦେଉଥାଆନ୍ତି । ସକାଳରୁ ଗାଁରେ ଯେଉଁ ଟୀକା ଟିପ୍ପଣୀ ଓ ମନ୍ତବ୍ୟସବୁ ପ୍ରକାଶ ପାଇଲା ସେଥିରେ ଅଭିନୟକାରୀମାନେ କିଛିଦିନ ପର୍ଯ୍ୟନ୍ତ ଲଜ୍ଜା ଓ ଅପମାନରେ ଲୁଚି ଲୁଚି ଚଳପ୍ରଚଳ ହେଲେ ।

କିଛିଦିନ ପରେ ସେଇ ନାଟକଟି ସ୍ଥାନୀୟ ସ୍କୁଲରେ ହେଲା, ବହୁତ ସୁନ୍ଦର ହେଲା । ଏମାନଙ୍କ ଭଳି ସେମାନେ ଏତେ ମୂଲ୍ୟବାନ୍ ବେଶ ପୋଷାକ, ସିନ୍ ଆଦି ଆଣି ନ ଥିଲେ କି ଏତେ ଟଙ୍କା ମଧ୍ୟ ଖର୍ଚ୍ଚ କରି ନ ଥିଲେ । ଜଣେ ଦକ୍ଷ, ନିଷ୍ଠାପର ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସବୁ ପରିଚାଳିତ ହୋଇଥିଲା ।

*

ଗୋଟିଏ ପରିବାର । ସହରରେ ବାସ କରୁଥାଆନ୍ତି । ପ୍ରଚୁର ସମ୍ପତ୍ତି । ସ୍ୱାମୀ ଖୁବ୍ ବଡ଼ ଚାକିରି କରିଥା'ନ୍ତି, ସ୍ତ୍ରୀ ମଧ୍ୟ ଚାକିରି କରିଥା'ନ୍ତି । ଯେତେ ଆଡ୍ଡାରେ ରହି ପିଲାମାନଙ୍କ ଲାଗି ଖର୍ଚ୍ଚ କରି ବି ଅର୍ଥ ବଳେ । କିନ୍ତୁ ଘର ଭିତରେ ଶାନ୍ତି ନ ଥାଏ । ସଂଧ୍ୟା ହେଲେ ସ୍ୱାମୀ ତାଙ୍କର ସିନେମା, ମଦଦୋକାନ ଆଦିରେ ସମୟ କଟାଇ ଗଭୀର ରାତ୍ରୀରେ ଘରକୁ ଫେରନ୍ତି । ସ୍ତ୍ରୀ ବି ତାଙ୍କର କୁଆଡ଼େ ମନ ଇଚ୍ଛା ବୁଲି ବୁଲି ଘରକୁ ଫେରନ୍ତି । ଘରେ ଯେଉଁ ସମୟତକ ଉଭୟେ ରହନ୍ତି, ସବୁବେଳେ କଳିକଜିଆ, ମନାନ୍ତର ଓ ମାରପିଟ୍ ଚାଲେ । ପିଲାମାନଙ୍କ ଖବର ଚାକର-ପୂଝାରୀମାନେ ବୁଝନ୍ତି । ସେମାନେ ବି ବାପମା'ଙ୍କ ଢଙ୍ଗ ଦେଖି ନିଜ ନିଜ ରାସ୍ତା ବାଛିନେଲେଣି । ବାପମା'ଙ୍କ କଥାକୁ ସେମାନେ ମାନନ୍ତି ନାହିଁ । ଫଳରେ ତାଙ୍କ ଉପରେ ବି ବାଡ଼ିଆପିଟା ଚାଲି ଘର ସବୁବେଳେ କମ୍ପୁଥାଏ ।

*

ପିଲାଟିଏ ସୁନ୍ଦରଭାବେ ସଜ୍ଜିତ ତା'ର ପଢ଼ାଘରେ ବସିଛି । ଗୋଟିଏ ପଢ଼ାବହି ଆଗରେ ଓଲଟା ହୋଇ ପଡ଼ିଛି । କିନ୍ତୁ ମନ ଯାଇ କେତେ କୁଆଡ଼େ

ଘୂରୁଛି । ବହିର ଯେଉଁ ପାଖଟି ଖୋଲା ହୋଇଛି ସେହି ପାଖଟି । ଆଉ ଆର ପଟ ଓଲଟା ହୋଇ ନାହିଁ । ଖୁବ୍ ଜୋର୍ ୪-୫ ଧାଡ଼ି ପଢ଼ିଦେଲା ପରେ ମନ ଯାଇ ଆଉ କୁଆଡ଼େ । ପରୀକ୍ଷା ନିକଟ ହେଲାଣି । ସେ କଥା ମନେ ପଡ଼ିଲାବେଳକୁ ଛାତି ଥରି ଉଠୁଛି । କିନ୍ତୁ ମନଟା ତା'ର ନିଜ ବାଟରେ ଚାଲିଛି । ବସି ବସି କେତେବେଳେ ନିଦ ଆସିଯାଇଛି । ପୁଣି ରାତିରେ ଉଠି ପଢ଼ିବ ବୋଲି ଠିକ୍ କରି ଶୋଇ ପଡ଼ିଛି । ଆଉ ରାତିରେ ନିଦ ଭାଙ୍ଗି ନାହିଁ । ସକାଳୁ ଉଠି ମହାବ୍ୟସ୍ତ । ଦିନସାରା ଦ୍ୱନ୍ଦ୍ୱ, ଭୟ, ଆଶଙ୍କାରେ ସମୟ ଯାଉଛି । ଜୀବନଟା ବିଷମୟ ଲାଗୁଛି ।

*

ରୋଗୀଟିଏ । ଜ୍ୱରରେ କମ୍ପୁଛି । କାଲି ଭଲ ଥିଲା । ହଠାତ୍ ଏ ଜ୍ୱରଟା କୁଆଡୁ ଆସିଲା । ଅନେକ କାମ ବାକୀ ଅଛି, ଉଠି କରିବାକୁ ଇଚ୍ଛା କରୁଛି; କିନ୍ତୁ ଶରୀର ଅସମର୍ଥ । ମଥା ବାତଚକ୍ର ଭଳି ଘୂରୁଛି । ଖାଇବା ପଦାର୍ଥ ବି ଭଲ ଲାଗୁ ନାହିଁ । କିଏ କ'ଣ କହିଲେ ଚିଡ଼ି ଲାଗୁଛି । ଗୋଡ଼ ଠାଏ ପକାଇଲା ବେଳକୁ ଆଉଠାଏ ପଡୁଛି ।

*

ହାର୍‌ମୋନିୟମ ବଜାଇ ଜଣେ ଗୀତ ବୋଲୁଛି । କେହି ତାକୁ ଶୁଣିବାକୁ ଇଚ୍ଛା କରୁ ନାହାନ୍ତି । ବିରକ୍ତିକର ବୋଧ ହେଉଛି । ହାରମୋନିୟମ ଗୋଟିଏ ପ୍ରକାର ବାଜୁଛି ତ' ତା'ର ଗୀତର ସ୍ୱର ଭିନ୍ନପ୍ରକାର ଶୁଭୁଛି ।

*

ଜଙ୍ଗଲରେ ବହୁତ ପ୍ରକାର ଗଛ ଉଠିଛି । ସୁନ୍ଦର ଦେଖାଯାଉ ନାହିଁ; ବରଂ ଭୟ ସଞ୍ଚାର କରୁଛି । କିନ୍ତୁ ସେହିସବୁ ଗଛକୁ ସରକାର ଆଣି ଗୋଟିଏ ବଟାନିକାଲ ଗାର୍ଡେ଼ନ୍ କରିଛନ୍ତି, ସୁନ୍ଦର ଦେଖାଯାଉଛି ।

*

ପୃଥିବୀର ସବୁ ବଡ଼ ବଡ଼ ଉନ୍ନତ ଦେଶ ମିଶି ମିଳିତ ଜାତିସଂଘ

ଗଢ଼ିଛନ୍ତି । କିନ୍ତୁ ଦେଶ ଦେଶ ଭିତରେ ଝଗଡ଼ା ବୃଦ୍ଧି ପାଇବାରେ ଲାଗିଛି । କେହି ତାଙ୍କ କଥା ମାନିବାକୁ ରାଜୀ ନୁହନ୍ତି ।

*

କାରଖାନାଟିଏ । ସେଥିରେ ସବୁବେଳେ ମାଲିକ ବିରୋଧରେ ଶ୍ରମିକମାନଙ୍କର ଧର୍ମଘଟ । ଯେତେ ସେମାନଙ୍କର ଦରମା ବୃଦ୍ଧି କଲେ ବି କିଛି ଦିନ ପରେ ପୁଣି ଯେଉଁ କଥାକୁ ସେହି କଥା ।

*

ଚାଷୀଟିଏ । ସମସ୍ତେ ବିଲରେ ଖାଲି ଧାନ ବୁଣିଲେ । ସେ କ'ଣ କଲା ନା ଧାନ, ବିରି, ହରଡ଼, ମୁଗ, ସୋରିଷ ସବୁ ଏକାଠି ମିଶାଇ ତା' ବିଲରେ ବୁଣିଲା । ସବୁ ଗଜା ହେଲା, ଅଳ୍ପ ବଢ଼ି ନଷ୍ଟ ହୋଇଗଲା । ସମସ୍ତେ ସୁନ୍ଦର ଭାବରେ ଧାନ କାଟିଲେ, ସେ କିଛି ପାଇଲା ନାହିଁ ।

*

ଛାତ୍ରଟିଏ । ମନ ତା'ର ସବୁବେଳେ ଚାହୁଁଛି ଡାକ୍ତରି କିଂବା ଇଞ୍ଜିନିୟରିଂ ପଢ଼ିବ; କିନ୍ତୁ ଏଣେ ପରୀକ୍ଷାରେ ପାସ୍ କରିପାରୁ ନାହିଁ ।

*

ଲୋକଟିଏ । କିଛି ଅଭାବ ନାହିଁ । କିନ୍ତୁ ସବୁବେଳେ ଅଶାନ୍ତି । ସବୁବେଳେ ବିରକ୍ତି । କେତେଥର ଆତ୍ମହତ୍ୟା କରିବାକୁ ବାହାରିଲାଣି । କେବେ ଯେ ତାହା କରିବ ଜଣା ନାହିଁ । କ'ଣ ଗୋଟାଏ ଭିତରେ ଚାହୁଁଛି, ତାହା ପାଉ ନାହିଁ । ଯାହା ଚାହୁଁଛି ବୋଲି ଭାବୁଛି ତାହା ପାଇଲେ ବି ଶାନ୍ତି ନାହିଁ । କ'ଣ ଯେ ଚାହୁଁଛି ତାହା ନିଜେ ଠିକ୍ କରି ଜାଣିପାରୁ ନାହିଁ । ଭିତରେ ସବୁବେଳେ ଦ୍ୱନ୍ଦ୍ୱ, ସଂଘର୍ଷ । କାହାରି ସହ ଭଲ ପଡୁ ନାହିଁ, କିଂବା ଭଲ କଥାବାର୍ତ୍ତା ନାହିଁ ।

ଉପରେ ଯେତେସବୁ ସମସ୍ୟା, ଯେତେସବୁ ଅସୁବିଧା କଥା କୁହାଗଲା, ସେସବୁର କାରଣ କ'ଣ ? କାହିଁକି ଆମେ ରୋଗ ଭୋଗ

କରୁଛୁ, କାହିଁକି ଆମର ଅନ୍ୟ ସହ କଳି ଝଗଡ଼ା ହେଉଛି, କାହିଁକି ଆମେ ସବୁ ଥାଇ ମଧ୍ୟ ହତାଶା, ଅଶାନ୍ତି ଭୋଗ କରୁଛୁ, କାହିଁକି ଆମେ ଜୀବନରେ ବିଫଳ ହେଉଛୁ, କାହିଁକି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଝଗଡ଼ା ଓ ସଂଘର୍ଷ ଜାତ ହେଉଛି ? ଏସବୁର ଏକମାତ୍ର ଗୋଟିଏ କାରଣ ଅଛି । ସେଇଟି ହେଉଛି ସଙ୍ଗତି (Harmony) ର ଅଭାବ । ଏଇ ସଙ୍ଗତିର ଅଭାବରୁ ସବୁକିଛି ବିଭ୍ରାଟ, ବିଶୃଙ୍ଖଳା, ସଂଘର୍ଷ, ଝଗଡ଼ା ଆଦି ସୃଷ୍ଟି ହେଉଛି । କାମ ଚଳିବା ଲାଗି ଆମେ ଜୀବନ କ୍ଷେତ୍ରରେ ଅସଙ୍ଗତି ସକଳକୁ ଉପରେ ଉପରେ ଟିକିଏ ଆପୋଷ ସମାଧାନ କରିଦେଇ ଚାଲିଯାଉଛୁ, କିନ୍ତୁ ଅସଲ ଅସଙ୍ଗତି ଆମ ଚେତନାରେ ଲୁଚି ରହୁଛି, ତାହା ସମୟ ଓ ସୁଯୋଗ ପାଇଲେ ବଡ଼ ଆକାରରେ ନିଜକୁ ପ୍ରକାଶ କରୁଛି । ଯେତେବେଳେ ବଡ଼ ଆକାରରେ ପ୍ରକାଶ ପାଉଛି ସେତେବେଳେ ସେ ଚାହୁଁଛି ଧ୍ୱଂସ, ନଚେତ୍ ଏକ ବୃହତ୍ତର ସଙ୍ଗତି । ଶ୍ରୀଅରବିନ୍ଦ ତାଙ୍କ Life Divine ଗ୍ରନ୍ଥର ଆରମ୍ଭରେ ଏଇ କଥା ଉପରେହିଁ ଗୁରୁତ୍ୱ ଦେଇଛନ୍ତି । ସେ ଲେଖିଛନ୍ତି :

"For all problems of existence are essentially problems of harmony. They arise from the perception of an unsolved discord and the instinct of an undiscovered agreement or unity. To rest content with an unsolved discord is possible for the practical and more animal part of man, but impossible for his fully awakened mind, and usually even his practical parts only escape from the general necessity either by shutting out the problem or by accepting a rough, utilitarian and unillumined compromise. For essentially, all nature seeks a harmony, life and matter

in their own sphere as much as mind in the arrangement of its perceptions. The greater the apparent disorder of the materials offered on the apparent disparateness, even to irreconcilable opposition, of the elements that have to be utilised, the stronger is the spur, and it drives towards a more subtle and puissant order than can normally be the result of a less difficult endeavour."

''ଜୀବନର ଯେତେ ସମସ୍ୟା, ସବୁକିଛି ହେଉଛି ସଙ୍ଗତି ବା ସାମଞ୍ଜସ୍ୟର ସମସ୍ୟା । ଗୋଟିଏ ଦିଗରେ ମନେ ହେଉଥିବ କେଉଁଠି କୌଣସି ଅଡୁଆ ଅସମାହିତ ହୋଇ ରହିଛି, ଏଣେ ଅନ୍ୟ ଦିଗରେ ବୋଧ ହେଉଥିବ ଏକ ଐକ୍ୟ ବା ସମାଧାନ ବି ଲୁଚି ରହିଛି– ଏଇଥିରୁହିଁ ସବୁ ସମସ୍ୟାର ସୃଷ୍ଟି । ଜୀବନରେ କୌଣସି ଅସମାହିତ ଅଡୁଆର ସମାଧାନ ଖୋଜି ନ ପାଇଥିଲେ ମଧ ମନୁଷ୍ୟର ବ୍ୟାବହାରିକ ଓ ଅପେକ୍ଷାକୃତ ଅଧିକ ପଶୁଧର୍ମୀ ମନ ସେଥିରେ ବେଶ୍ ସନ୍ତୁଷ୍ଟ ହୋଇ ରହିଯାଇପାରେ; କିନ୍ତୁ ତା'ର ପୂର୍ଣ୍ଣ ଜାଗ୍ରତ ମନ ପକ୍ଷରେ ଏହା ସମ୍ଭବ ହୋଇପାରେ ନାହିଁ । ସାଧାରଣତଃ ତା'ର ବ୍ୟାବହାରିକ ଅଂଶଗୁଡ଼ିକ କ'ଣ କରିଥା'ନ୍ତି ନା ସମସ୍ୟାଟିକୁ ଅବରୁଦ୍ଧ କରିଦେଇ କିଂବା ସମସ୍ୟା ସହିତ ଏକ ବାଜେ, କାମଚଳା, ଯଥାର୍ଥ ଜ୍ଞାନହୀନ ସାଲିସ୍ କରିନେଇ ସେମାନେ ସମାଧାନର ଆବଶ୍ୟକତାଟିକୁ ଏଡ଼ାଇ ଦେଇଥା'ନ୍ତି । ମୂଳତଃ, ସମଗ୍ର ପ୍ରକୃତି ଏହି ସଙ୍ଗତି ଖୋଜୁଛି, ଜଡ଼ ଏବଂ ପ୍ରାଣ ସେମାନଙ୍କ ନିଜ ନିଜ ସ୍ତରରେ ଓ ମନ ତା'ର ନିଜସ୍ୱ ଦୃଷ୍ଟିର ଧାରାରେ । ବାହାରର ଦୃଶ୍ୟମାନ ଦ୍ୱନ୍ଦ୍ୱ ବା ଅସଙ୍ଗତି ଯେତିକି ପ୍ରବଳ ହେଉଥାଏ, ସେଗୁଡ଼ିକ ମଧରେ ସାମଞ୍ଜସ୍ୟ ଆଣିପାରିବା ଯେତିକି ଅସମ୍ଭବ ବୋଲି ମନେ ହେଉଥାଏ, ଏଣେ ସଙ୍ଗତିର ଆକାଙ୍କ୍ଷା ଓ

ସେଥିଲାଗି ଚେଷ୍ଟା ମଧ୍ୟ ସେତିକି ତୀବ୍ର ହେଉଥାଏ । ଏହି ତୀବ୍ରତା, ସାଧାରଣତଃ ଅପେକ୍ଷାକୃତ ଅଳ୍ପତର ଆୟାସରେ ଯେତିକି ସଙ୍ଗତି ସାଧିତ ହୋଇ ପାରିଥା'ନ୍ତା ତାହାଠାରୁ ଏକ ସୂକ୍ଷ୍ମତର ଓ ଅଧିକ ଶକ୍ତିଶାଳୀ ସଙ୍ଗତି ଅଭିମୁଖରେ ନେଇଚାଲେ ।''

ବ୍ୟକ୍ତିଗତ ଜୀବନ କୁହ, ରାଷ୍ଟ୍ରୀୟ ଜୀବନ କୁହ, ଅନ୍ତର୍ରାଷ୍ଟ୍ରୀୟ ଜୀବନ କୁହ ବା ସମଗ୍ର ବିଶ୍ୱଜୀବନ କୁହ, ସବୁକିଛି ଏହି ସଂଗତି ବଳରେ ଚାଲୁଛି । ଯେଉଁଠି ସଙ୍ଗତିରେ ଟିକିଏ ଏପାଖ ସେପାଖ ହୋଇଯାଉଛି ସେଠି ସବୁକିଛି ଗୋଳମାଳିଆ ହୋଇଯାଉଛି ।

ଏହି ସଙ୍ଗତି ବା ସାମଞ୍ଜସ୍ୟ, ଯାହା ଉପରେ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସମଗ୍ର ଜଗତର ସ୍ଥିତି ନିର୍ଭର କରୁଛି ତାହା ଆସିବ କିପରି ? ଆମେ କ'ଣ କରୁ ନା ବାହ୍ୟ ଉପାୟ ଅବଲମ୍ବନ କରି ବିଭିନ୍ନ ଉପାୟରେ ଆପୋଷ ମିଳାମିଶା, ଉପରଠାଉରିଆ ସାଲିସ୍ ଦ୍ୱାରା ସଙ୍ଗତି ରଖିବାକୁ ଚେଷ୍ଟା କରିଥାଉ । ମନେକର ଦୁଇ ଭାଇଙ୍କ ମଧ୍ୟରେ କଳି ଲାଗୁଛି । କେହି କାହାରି କଥା ସହିପାରୁ ନାହାନ୍ତି । ଯେତେବେଳେ ଝଗଡ଼ା ଟିକିଏ ଗୁରୁତର ଆକାର ଧାରଣ କରୁଛି ଆମେ ଭଦ୍ର ଲୋକ ବସାଇ ଯେଉଁ ଘଟଣାରୁ ଏ କଳହ ଉପୁଜିଲା ସେଇ ଶେଷ ଘଟଣାକୁ କାରଣ ବୋଲି ଧରିନେଇ ସେମାନଙ୍କ ମଧ୍ୟରେ ଏକ କାମଚଳା ସାଲିସ୍ କରିଦେଉଛୁ । କିନ୍ତୁ ବାସ୍ତବରେ ସେଇ ଶେଷ ଘଟଣା ବା କୌଣସି ଗୋଟିଏ ଘଟଣା ଅସଙ୍ଗତି ବା କଳହର କାରଣ ନୁହେଁ । କଳହର କାରଣ ହେଉଛି, ସେମାନଙ୍କ ଚେତନାରେ କୌଣସି କାରଣରୁ ଅସଙ୍ଗତି ବା ଅସାମଞ୍ଜସ୍ୟ ରହିଛି । ବାହ୍ୟ ଘଟଣା ତା'ରି ଏକ ପରିପ୍ରକାଶର ମାଧ୍ୟମ ମାତ୍ର; କାରଣ ନୁହେଁ । ତେଣୁ ଉପରଠାଉରିଆ ସାଲିସ୍ ଦ୍ୱାରା ଯେତେ ଏହି ଅସଙ୍ଗତିକୁ ଚାପି ଦେବାକୁ ଚେଷ୍ଟା କଲେ ତାହା ପୁଣି ଦିନେ ଗୁରୁତର ଆକାରରେ ଆତ୍ମପ୍ରକାଶ କରେ, ହୁଏତ ଧ୍ୱଂସସାଧନ ଘଟାଏ, ନଚେତ୍ ବୃହତ୍ତର ସଙ୍ଗତି ପ୍ରତିଷ୍ଠା କରେ ।

ତେଣୁ ଅସଙ୍ଗତି ବ୍ୟକ୍ତିଚେତନାରେ ଥାଏ । ନିଜ ଚେତନାରୁହିଁ ତାକୁ ଦୂର କରିବାକୁ ହେବ । ତାହେଲେ ଆମେ ରୋଗ, ଦୁଃଖ, କଳହ, ଦୁର୍ଘଟଣା, ଯୁଦ୍ଧ, ସଂଘର୍ଷ ଓ ଶେଷକୁ ମୃତ୍ୟୁ ମୁଖରୁ ମଧ୍ଯ ରକ୍ଷା ପାଇପାରିବା । ଏହି ଅସଙ୍ଗତି ଦୂର କରି ସଙ୍ଗତି ସ୍ଥାପନର ଉପାୟ ସମ୍ପର୍କରେ ମା କହିଛନ୍ତି :

"It is only in union with the Divine and in the Divine that harmony and peace can be established."

''କେବଳ ଭଗବାନଙ୍କ ସହ ମିଳନ ଫଳରେ ଓ କେବଳ ତାଙ୍କରି ମଧ୍ଯରେ ସଙ୍ଗତି ଓ ଶାନ୍ତି ପ୍ରତିଷ୍ଠିତ ହୋଇପାରିବ ।''

ତେଣୁ ଯିଏ ଆମର ମୂଳ ଉତ୍ସ, ଯେଉଁଠୁ ଆମର ସକଳ ସତ୍ତା, ସକଳ ଜଗତ ସୃଷ୍ଟି କେବଳ ତାଙ୍କରି ମଧ୍ଯରେହିଁ ଯଥାର୍ଥ ସଙ୍ଗତିର ଚାବିକାଠି ରହିଛି । ସେ ଆମ ଅନ୍ତରର ଗଭୀରରେ ଅଛନ୍ତି ଓ ଆମ ଊର୍ଦ୍ଧ୍ୱରେ ରହିଛନ୍ତି । ତାଙ୍କରି ସହ ସଂଯୋଗ ସ୍ଥାପନ ଫଳରେ, ତାଙ୍କରି ଦ୍ୱାରା ଆମର ଅନ୍ୟାନ୍ୟ ମନ-ପ୍ରାଣ-ଶରୀର ଅଂଶକୁ ପରିଚାଳିତ ହେବାକୁ ଦେବାରେ ଆମ ନିଜ ଭିତରେ ଓ ବାହାରେ ସଙ୍ଗତି ପ୍ରତିଷ୍ଠା ହୋଇଥାଏ । ନଚେତ୍ ମନର ଗୋଟିଏ ଅଂଶ ଚାହୁଁଥାଏ ଗୋଟିଏ କଥା, ଅନ୍ୟ ଅଂଶ ଚାହୁଁଥାଏ ଅନ୍ୟ କଥା, ପ୍ରାଣର ଗୋଟିଏ ଅଂଶ ଚାହୁଁଥାଏ ଗୋଟିଏ କଥା, ଅନ୍ୟ ଅଂଶ ଚାହୁଁଥାଏ ତା'ର ବିପରୀତ କଥା, ଶରୀର ବି ଚାହୁଁଥାଏ ଅନ୍ୟ ଏକ କଥା; ତେଣୁ ବ୍ୟକ୍ତିର ନିଜ ଭିତରେ ଚାଲିଥାଏ ତୁମୁଳ ସଂଘର୍ଷ । ଏ କ୍ଷେତ୍ରରେ ସେ ବାହାରେ ବା କିପରି ସଙ୍ଗତି ସ୍ଥାପନ କରିପାରିବ ? କେବଳ ନିଜ ଚେତନାରେ ଭଗବାନଙ୍କ ସହ ସଂଯୋଗ ରଖିପାରିଲେ, ନିଜର ମନ, ପ୍ରାଣ, ଶରୀରକୁ ତାଙ୍କରି ପ୍ରଭାବର ଅଧୀନରେ ରଖିଲେ, ବାହାରେ ସଙ୍ଗତି ଥାଉ ବା ଅସଙ୍ଗତି ଦ୍ୱନ୍ଦ୍ୱ ଆଦି ଥାଉ– ବ୍ୟକ୍ତି ନିଜ ଭିତରେ ଶାନ୍ତି, ସଙ୍ଗତି ଅନୁଭବ କରେ । ତାହାର ପ୍ରଭାବ ମଧ୍ଯ ବାହାର ଉପରେ ପଡ଼େ । ନଚେତ୍ ଉପର ଠାଉରିଆ, କାମଚଳା ସମାଧାନ ପାଇଁ ବ୍ୟସ୍ତ ହେଲେ ତାହା ବେଶୀ କାଳ ସ୍ଥାୟୀ ହୁଏ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଚେତନାରୁହିଁ ଅସଙ୍ଗତିର ବୀଜକୁ ନଷ୍ଟ କରିବାକୁ ହେବ । ତେବେ ଦୁନିଆ ଯାହା ଥାଉ ନା କାହିଁକି, ଅନ୍ତତଃପକ୍ଷେ ସେ ନିଜେ ଅଧିକ ସଙ୍ଗତି ମଧ୍ୟରେ ବାସ କରିପାରିବ । ଥରେ ମା'ଙ୍କୁ ଆଶ୍ରମର ଜଣେ କେହି ପ୍ରଶ୍ନ କରିଥିଲେ :

''ମା, ମୁଁ ବାସ୍ତବରେ ଅନୁଭବ କରୁଛି ଏଠାରେ ଆମମାନଙ୍କ ମଧ୍ୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସଙ୍ଗତି ଓ ସହଯୋଗର ଏକ ବିରାଟ ଅଭାବ ରହିଛି । ଏହା ଫଳରେ ଅର୍ଥ ଓ ଶକ୍ତିର ପ୍ରବଳ ଅପଚୟ ଘଟୁଛି । ଏ ଅସଙ୍ଗତି କାହିଁକି ଘଟୁଛି ଓ ଏହା କେବେ ଯିବ ?

ଅଥବା, ଏପରି ମୋର ବୋଧ ହେବାର କାରଣ ମୋ ନିଜ ପ୍ରକୃତିର ଏକ ପ୍ରତିଫଳନ ?''

ଏହା ଉତ୍ତରରେ ମା କହିଲେ :

''ତୋର ପ୍ରଶ୍ନର ସର୍ବୋତ୍ତମ ଉତ୍ତର ଶ୍ରୀଅରବିନ୍ଦଙ୍କ ଏଇ ଲେଖାରେ ରହିଛି : ପ୍ରତ୍ୟେକ ବ୍ୟକ୍ତି ତା' ନିଜ ମଧ୍ୟରେ ଅସଙ୍ଗତିର ବୀଜକୁ ବହନ କରି ଚାଲିଛି ଓ ତା ପକ୍ଷରେ ସବୁଠାରୁ ଜରୁରୀ କାର୍ଯ୍ୟ ହେଉଛି ଏକ ନିରନ୍ତର ଅଭୀପ୍ସା ଦ୍ୱାରା ନିଜକୁ ଶୁଦ୍ଧ କରିବା । (Each one carries in himself the seeds of this disharmony and his most urgent work is to purify himself by a constant aspiration.)''

## ବନ୍ଧୁ ଯଦି ନିନ୍ଦା କରେ ?

ବନ୍ଧୁ କାହିଁକି ନିନ୍ଦା କରୁଛି ?

ତୁମେ କ'ଣ ବନ୍ଧୁର କିଛି ନିନ୍ଦା କରିଛ କି ? ତା' ମନରେ କୌଣସି ଆଘାତ କିଂବା ଭୟ ସୃଷ୍ଟି କରିଚ କି ? ତା'ର ସ୍ୱାର୍ଥ କିଂବା ଇଚ୍ଛାରେ କିଛି ବାଧା ଦେଇଛ କି ? ତା' ନ ହେଲେ ସେ କାହିଁକି ତୁମର ନିନ୍ଦା କରନ୍ତା !

ତେବେ ଯାହା ବି ହେଉ, ଯଥାର୍ଥ ବନ୍ଧୁ ଯେତେ ଆଘାତ ପାଇଲେ ବି କେବେ ନିନ୍ଦା କରେ ନାହିଁ । ବନ୍ଧୁର ଭୁଲ ଦେଖିଲେ ସେ ବୁଝାଇ ଦିଏ, ବେଶୀ ଅନ୍ତରଙ୍ଗତା ଥିଲେ ଗାଳି ଦେଇପାରେ; ଯଦି ବନ୍ଧୁ ଗାଳି ସହି ନ ପାରେ ତେବେ ନୀରବ ରହି ତା'ର ଶୁଭେଚ୍ଛା କାମନା କରିପାରେ ।

ପରସ୍ପର ଭିତରେ ମନାନ୍ତର ହେଲେ କିଂବା ବିରୋଧୀ ପ୍ରଭାବ ଫଳରେ ଝଗଡ଼ା ସୃଷ୍ଟି ହେଲେ ଉଭୟଙ୍କ ଚେତନାରେ ତ୍ରୁଟି ଥିଲେ ବି ଶୁଭେଚ୍ଛାସଂପନ୍ନ ବନ୍ଧୁ ପରିସ୍ଥିତିକୁ ଶାନ୍ତ, ସ୍ୱାଭାବିକ କରିଦେବା ଲାଗି ନୀରବ ରହେ, ନଚେତ୍ ନିଜେ ଭୁଲ୍‌କୁ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରିନିଏ । ନିଜକୁ ପରିବର୍ତ୍ତିତ କରି ସେ ବନ୍ଧୁ ମଧ୍ୟରେ ପରିବର୍ତ୍ତନ ଆଣିବାର ଆଶା କରେ । ବନ୍ଧୁ ଯଦି ପରିବର୍ତ୍ତନ ନ ଚାହେଁ କି ବନ୍ଧୁତ୍ୱ ନ ଚାହେଁ ଆବଶ୍ୟକ ପଡ଼ିଲେ ଅନ୍ତରରେ ଶୁଭେଚ୍ଛା ରଖି ବନ୍ଧୁତ୍ୱ ତ୍ୟାଗ କରେ; କିନ୍ତୁ ନିନ୍ଦା କରିବାକୁ ଇଚ୍ଛା କରେ ନାହିଁ । କାରଣ ସେ ଜାଣେ ତା'ଫଳରେ ତା'ର ନିଜର କିଛି ଉପକାର ହୁଏ ନାହିଁ, ବରଂ ନିଜକୁ ଅନ୍ୟ ଆଗରେ ଦୋଷମୁକ୍ତ ବୋଲି ପ୍ରତିପାଦିତ କରିବା ନିମନ୍ତେ ନାନା ପ୍ରକାର ପ୍ରତାରଣାମୂଳକ ମିଥ୍ୟା ମଧ୍ୟ ପାଟିରୁ ବାହାରି ପଡ଼େ, ଯାହାଫଳରେ ନିଜ ମଧ୍ୟସ୍ଥ ଦୋଷ ଘୋଡ଼ାଇ ହୋଇ ରହିଯାଏ ଓ ବନ୍ଧୁ ଯଦି ସଦିଚ୍ଛାସଂପନ୍ନ ନ ହୋଇଥାଏ ସେ ବି ପ୍ରତିକ୍ରିୟାଶୀଳ ହୋଇଉଠେ । ବନ୍ଧୁର ଦୋଷ ସମ୍ବନ୍ଧେ ଯଦି ବିଶେଷ ଆବଶ୍ୟକତା ଦୃଷ୍ଟିରୁ କେବେ କହିବାକୁ

ପଡ଼େ ତେବେ କୌଣସି ବିଦ୍ୱେଷ, ଘୃଣା, କ୍ରୋଧ କିଂବା ଶତ୍ରୁତା ମନୋଭାବ ନ ରଖି ଗଭୀର ଶୁଭେଚ୍ଛାର ସହ ଯେତିକି ଆବଶ୍ୟକ ସେତିକି କହେ । ସେତକ ବି କହିବାକୁ ତା'ର ଇଚ୍ଛା ନ ଥାଏ ।

ଯାହାହେଉ, ତୁମେ ଯଦି ସାଧାରଣ ସଂସାରୀ ନୁହଁ, ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ ପଥରେ ପାଦ ଦେଇଛ ଓ ବନ୍ଧୁ ତୁମର ନିନ୍ଦା କରୁଛି ତେବେ ତାକୁ ନୀରବ ଆନନ୍ଦରେ ଭଗବାନଙ୍କ ଆଶୀର୍ବାଦରୂପେ ଗ୍ରହଣ କର । ନିଜ ମଧ୍ୟରେ କ'ଣ ସଂଶୋଧନ କରିବାକୁ ହେବ, ନିଜକୁ କ'ଣ ହେବାକୁ ହେବ, ତା'ଉପରେ ଗୁରୁତ୍ୱ ଦିଅ । ବନ୍ଧୁର ପ୍ରଶଂସାକୁ ଯେପରି ଉପଭୋଗ କରିଥିଲ ନିନ୍ଦାକୁ ବି ସେହିପରି ନିର୍ବିକାର ଭାବରେ ଉପଭୋଗ କର । ନିନ୍ଦା ଶୁଣି ଅହଂକାରକୁ ବାଧୁଛି ବୋଲି ପ୍ରତିବାଦରେ ଚିତ୍କାର କରିଉଠନା । ସେ ନିନ୍ଦା ସତ୍ୟ ହେଉ ବା ମିଥ୍ୟା ହେଉ ସେଥିରେହିଁ ତୁମର ପରୀକ୍ଷା । ନିନ୍ଦା ଶୁଣି ବ୍ୟସ୍ତ କିଂବା ପ୍ରତିକ୍ରିୟାଶୀଳ ହୋଇଉଠିଲେ ସେଇଠିହିଁ ତୁମେ ଭୁଲ୍ କର ।

ଥରେ ଜଣେ ମୂର୍ତ୍ତିକାର ଥିଲେ । ସେ ଶଙ୍ଖମର୍ମର ପଥରରେ ଏପରି ମୂର୍ତ୍ତିସବୁ ତିଆରି କରୁଥିଲେ ଯେ ଯିଏ ଦେଖୁଥିଲା ସିଏ ଘଡ଼ିଏ କାଳ ତଟସ୍ଥ ହୋଇ ଚାହିଁ ରହୁଥିଲା । ରୂପ ଦେବାରେ ସେ ପ୍ରକୃତିକୁ ବି ବଳିଗଲେ । ପ୍ରକୃତିରେ କୌଣସି ରୂପ ଅପୂର୍ଣ୍ଣ ବା ବିକୃତ ହୋଇପାରେ କିନ୍ତୁ ତାଙ୍କ ମୂର୍ତ୍ତିରେ ଟିକିଏ ଅପୂର୍ଣ୍ଣତା କି ବିକୃତି ନ ଥିଲା । କେବଳ ଗୋଟିଏ କଥାରେ ସେ ପ୍ରକୃତି ପାଖରେ ହାର ମାନୁଥିଲେ । ସେଇଟି ହେଉଛି ନିଜର ମୂର୍ତ୍ତିଗୁଡ଼ିକରେ ସେ ପ୍ରକୃତି ଭଳି ପ୍ରାଣସଞ୍ଚାର କରିପାରୁ ନ ଥିଲେ । ସେତକ କରିପାରୁଥିଲେ ସେ ପ୍ରକୃତିକୁ ବଳିଯାଇଥା'ନ୍ତେ ।

ନିଜର କଳାକୁଶଳତା ନେଇ ତାଙ୍କର ବହୁତ ଅହଂକାର ଥିଲା । କେହି ଯଦି ତାଙ୍କ ମୂର୍ତ୍ତିରେ କିଛି ଦୋଷ ବାରିଦିଏ ତେବେ ତାଙ୍କ ପ୍ରାଣରେ ନିଆଁ ଲାଗିଗଲା ଭଳି ସେ ବୋଧ କରନ୍ତି ।

ଧୀରେ ଧୀରେ ସେ ବୁଢ଼ା ହୋଇଗଲେ । ଦିନେ ଶୋଇଥିବା ବେଳେ ଗୋଟିଏ ସ୍ୱପ୍ନ ଦେଖିଲେ ଯେ ସେ ଆଜିଠାରୁ ଠିକ୍ ଏକ ବର୍ଷ ପରେ ମରିଯିବେ । ନିଜ ମୃତ୍ୟୁ କଥା ଭାବିଲା ବେଳକୁ ତାଙ୍କୁ ବହୁତ ଡର ମାଡ଼ିଲା । ସେ ମରିବାକୁ ଚାହୁଁ ନ ଥିଲେ । ଏ ସଂସାର ଓ ନିଜ ତିଆରି ଅଗଣିତ ମୂର୍ତ୍ତିଗୁଡ଼ିକ ପ୍ରତି ସେ ଏତେ ଆସକ୍ତ ହୋଇ ପଡ଼ିଥିଲେ ଯେ ସେଗୁଡ଼ିକୁ ସେ ଛାଡ଼ିଯିବାକୁ ଚାହୁଁ ନ ଥିଲେ । ସ୍ୱପ୍ନଟି କିନ୍ତୁ ତାଙ୍କୁ ସତ ବୋଲି ବୋଧ ହେଲା । କ'ଣ କରିବେ କିଛି ଉପାୟ ପାଇଲେ ନାହିଁ ।

ଶେଷକୁ ଭାବି ଭାବି କ'ଣ କଲେ ନା ଶଙ୍ଖମର୍ମର ପଥରରେ ଗୋଟିଏ ଏପରି ମୂର୍ତ୍ତି ତିଆରି କଲେ ଯେ ତାହା ଦେଖିବାକୁ ଠିକ୍ ତାଙ୍କରି ପରି । ଆଉ ଗୋଟିଏ ସେଇପରି ମୂର୍ତ୍ତି ତିଆରି କଲେ । ପୁଣି ଗୋଟିଏ । ଏହିପରି ତିଆରି କରୁ କରୁ ଏକ ବର୍ଷ ପୂରିଲା ବେଳକୁ ବାରଟି ମୂର୍ତ୍ତି ତିଆରି କରିସାରିଥିଲେ । ଏହି ମୂର୍ତ୍ତିଗୁଡ଼ିକ ବିଷୟରେ ବହୁତ ଚର୍ଚ୍ଚା ହେଲା । ଦୂର ଦୂରାନ୍ତରୁ ଲୋକମାନେ ଏହା ଦେଖିବାକୁ ଆସିଲେ । ଯଦି ମୂର୍ତ୍ତିକାର ଏଇ ମୂର୍ତ୍ତିଗୁଡ଼ିକ ପାଖରେ ଠିଆ ହେଉଥିଲେ ତେବେ ଏଥିମଧ୍ୟରୁ ମୂର୍ତ୍ତି କିଏ ଓ କଳାକାର କିଏ, ଚିହ୍ନିବା ମୁସ୍କିଲ ହେଉଥିଲା ।

ବର୍ଷେ ପୂରିଗଲା । ନିର୍ଦ୍ଦିଷ୍ଟ ଦିନଟି ଆସିଲା । ଯମରାଜାଙ୍କ ଦୂତ ମୂର୍ତ୍ତିକାରଙ୍କୁ ନେବାକୁ ଆସି ପହଞ୍ଚିଗଲେ । ଦେଖିଲା ବେଳକୁ ମୂର୍ତ୍ତିକାର ଘରେ ନାହାନ୍ତି । ସବୁ ଘର ବୁଲି ଦେଖିଲେ, କେଉଁଠି ନାହାନ୍ତି । ଶେଷକୁ ତାଙ୍କର ମୂର୍ତ୍ତିସବୁ ଥିବା ଘରକୁ ଗଲେ । ସେଠାରେ କିନ୍ତୁ ବହୁତ ହଇରାଣରେ ପଡ଼ିଲେ । ଦେଖିଲେ ଏକାଭଳି ତେରଟି ମୂର୍ତ୍ତି । କାହାକୁ ଅବା ନେବେ ? ଯାହାର ସିନା ଆୟୁ ଶେଷ ହୋଇଛି ତାକୁ ନେବେ, ଅନ୍ୟଠାରେ ହାତ ଦେବାକୁ ତ ତାଙ୍କୁ ହୁକୁମ ନାହିଁ । କରିବେ କ'ଣ ?

ସମୟ ହୋଇଗଲାଣି । ସମୟ ଟପିଗଲେ ଆଉ ନେଇ ପାରିବେ ନାହିଁ । ଖାଲି ହାତରେ ଫେରିଗଲେ ଯମରାଜାଙ୍କଠାରୁ କଠୋର ଦଣ୍ଡ

ପାଇବେ । କ'ଣ କରିବେ ବୋଲି ମୁଣ୍ଡ ଘୂରାଇଦେଲା । ମୂର୍ତ୍ତିଗୁଡ଼ିକୁ ଚାହିଁ ଚାହିଁ ଖାଲି ଭାବୁଥା'ନ୍ତି । ଶେଷକୁ ମନକୁ ଗୋଟିଏ ବୁଦ୍ଧି ଜୁଟିଗଲା, କହିଲେ, ''କିଏ ଏଇ ବିଚିତ୍ର ମୂର୍ତ୍ତିଗୁଡ଼ିକ ତିଆରି କରିଛି ? ଖୁବ୍ ସୁନ୍ଦର, ଚମତ୍କାର ହୋଇଛି ! ଏପରି ମୂର୍ତ୍ତି କେଉଁଠି ଦେଖିଲା ଭଳି ମନେ ହେଉ ନାହିଁ । କିନ୍ତୁ ହେଲେ କ'ଣ ହେଲା ଏଥିରେ ତ ଗୋଟିଏ ତ୍ରୁଟି ରହିଗଲା... ।''

ମୂର୍ତ୍ତିଗୁଡ଼ିକ ପାଖରେ ଠିଆ ହୋଇ ମୂର୍ତ୍ତିକାର ସବୁ ଶୁଣୁଥିଲେ । ପ୍ରଥମେ ନିଜର ପ୍ରଶଂସା ଶୁଣି ଗର୍ବରେ ଫୁଲି ଉଠୁଥିଲେ; କିନ୍ତୁ ଯେତେବେଳେ ଯମଦୂତଙ୍କ ମୁହଁରୁ ମୂର୍ତ୍ତିରେ ଗୋଟିଏ ତ୍ରୁଟି ଥିବାର ଶୁଣିଲେ ସେତେବେଳେ ସେ ନିଜକୁ ସମ୍ଭାଳି ନ ପାରି ରାଗରେ କହିପକାଇଲେ, ''ତ୍ରୁଟି ଅଛି ? ସତେ ? କେଉଁଠି ତ୍ରୁଟି ଅଛି ଟିକିଏ ଦେଖାଇଦେଲେ ?''

ଯମଦୂତ ଖୁସୀ ହୋଇ ଆଉ ତ୍ରୁଟି ଦେଖାଇବେ କ'ଣ, କଳାକାରଙ୍କୁ ତାଙ୍କ ପାଶରେ ଭଲ କରି ବାନ୍ଧି କହିଲେ, ''ଏଇଠି ଠିଆହୋଇ ମୋତେ ଏତେ ହଇରାଣ କଲଣି, ହଉ ଏବେ ଯମାଳୟକୁ ଚାଲ । ଡେରି ହୋଇଗଲାଣି । ଆଉ ତ୍ରୁଟି ଦେଖାଇବାକୁ ବେଳ ନାହିଁ ।''

ମୂର୍ତ୍ତିକାର ବିଚାରା କାନମୁଣ୍ଡା ଆଉଁସି ଆଉଁସି ଯମଦୂତଙ୍କ ସଙ୍ଗରେ ଚାଲିଲେ । ବାଟରେ ଭାବୁଥା'ନ୍ତି, ''ଆହା, ମୁଁ ପ୍ରଶଂସା ଓ ନିନ୍ଦା ଶୁଣି ବିଚଳିତ ନ ହୋଇ ଯଦି ଚୁପ୍ ହୋଇ ରହିପାରିଥାନ୍ତି ତେବେ କେତେ ଭଲ ହୋଇ ନ ଥା'ନ୍ତା ! ଯମଦୂତ ବି ମୋ ପାଖରେ ହାର ମାନିଥା'ନ୍ତା । ଛାଡ଼, ପ୍ରକୃତି ଦୋଷ, ଆଉ ଭାବିଲେ କ'ଣ ହେବ ?''

ନିନ୍ଦା ଆମକୁ କଠୋର ପରୀକ୍ଷାର ସମ୍ମୁଖୀନ କରାଇଥାଏ । ସାଧନା ଦୃଷ୍ଟିରୁ ପ୍ରଶଂସା ଅପେକ୍ଷା ନିନ୍ଦା ବରଂ ଭଲ, ଯଦି ଆମେ ଯଥାର୍ଥ ମନୋଭାବର ସହ ନିନ୍ଦାକୁ ଗ୍ରହଣ କରୁ । ପ୍ରଶଂସାରେ ଅହଂକାର ପୁଷ୍ଟ ହୁଏ । ନିନ୍ଦାରେ ଆଘାତ ପାଇ ବ୍ୟକ୍ତି ସହଜରେ ଅନ୍ତର୍ମୁଖୀ ହୁଏ ଓ ନିଜକୁ ସଂଶୋଧନ କରି ଆବଶ୍ୟକ ଅଗ୍ରଗତି ସାଧନ କରେ । ଥରେ ଈଶ୍ୱରଚନ୍ଦ୍ର

ବିଦ୍ୟାସାଗରଙ୍କୁ କେହି ଜଣେ କହିଲା, ''ଅମୁକ ବ୍ୟକ୍ତି ଆପଣଙ୍କର ନିନ୍ଦା କରୁଛି ।'' ସେ ଖୁସୀ ହୋଇ କହିଲେ, ''କାହିଁ, ମୁଁ ତ କେବେ ତା'ର କିଛି ଉପକାର କରିଥିଲା ଭଳି ମନେପଡୁ ନାହିଁ !''

ବନ୍ଧୁତ୍ୱ ଭଗବାନ ଦେଇଥା'ନ୍ତି । ଦରକାର ପଡ଼ିଲେ ସେ ପୁଣି ନେଇଯା'ନ୍ତି କିଂବା ସେଥିରେ ଥିବା ଆସକ୍ତି ଓ ମୋହକୁ କାଟି ତାକୁ ଶୁଦ୍ଧ ନିରାସକ୍ତ କରିଦିଅନ୍ତି । ବନ୍ଧୁତ୍ୱ ତାଙ୍କର, ଆମର ନୁହେଁ । ଆମରି ବିକାଶ ଲାଗି, ପରିବର୍ତ୍ତନ ଲାଗି ସବୁକିଛି ସେ କରୁଛନ୍ତି । ସବୁକିଛି ଭିତରେ ତାଙ୍କୁ ଦେଖିଲେ ନିନ୍ଦାରେ ବି ହୃଦୟ ତାଙ୍କ ପ୍ରତି ଅଶେଷ କୃତଜ୍ଞତାରେ ଭରିଉଠେ । ନିନ୍ଦାକାରୀ ପ୍ରତି ଘୃଣା କିଂବା କ୍ରୋଧ ନ ଆସି କିଂବା ନିନ୍ଦା ବଦଳରେ ତା'ର ନିନ୍ଦା କରିବାର ଭାବ ନ ଆସି ଆସେ ଗଭୀର ନୀରବ ଶୁଭେଚ୍ଛା ଭାବ । (ସେ ଶୁଭେଚ୍ଛା ବାହାର ଲୋକଦେଖାଣିଆ ନ ହୋଇପାରେ ) ଆଉ ନିନ୍ଦା ହୋଇଉଠେ ଏକ ମହାନ୍ ଅଗ୍ରଗତିରେ ଗୋଟିଏ ସହଜ ଉପାୟ ।

ନିନ୍ଦା ଆଉ ପ୍ରଶଂସା, ଦୋଷ ଆଉ ଗୁଣ– ଏ କ୍ଷେତ୍ରରେ ସବୁବେଳେ ଶ୍ରୀଅରବିନ୍ଦଙ୍କର ଦୁଇଟି ବାଣୀ ମନେପଡ଼େ । ଗୋଟିଏ ହେଉଛି :

''Accept the world as God's theatre; be thou the mask of the Actor and let Him act through thee. If men praise or hiss thee, know that they too are masks; and take God within for thy only critic and audience.''

''ଏ ଜଗତକୁ ଦେଖ ଭଗବାନଙ୍କର ଏକ ରଙ୍ଗମଞ୍ଚରୂପେ । ନିଜେ ହୁଅ ଏକ ଦିବ୍ୟ ଅଭିନେତାଙ୍କର ମୁଖା ଓ ତୁମ ଭିତରେ ତାଙ୍କୁ ଅଭିନୟ କରିବାକୁ ଦିଅ । ଯଦି ଲୋକମାନେ ତୁମକୁ ପ୍ରଶଂସା ବା ନିନ୍ଦା କରନ୍ତି, ଜାଣ ଯେ ସେମାନେ ମଧ୍ୟ ସେଇ ମୁଖା; ଏବଂ ଅନ୍ତରରେ କେବଳ ଭଗବାନଙ୍କୁହିଁ ତୁମର ସମାଲୋଚକ ଓ ତାଙ୍କୁହିଁ ଶ୍ରୋତାରୂପେ ଗ୍ରହଣ କର ।''

ଅନ୍ୟଟି :

''Be not decieved by men's shows of virtue, neither disgusted by their open or secret vices. These things are the necessary shufflings in a long transition period of humanity.''

''ଲୋକମାନଙ୍କର ଗୁଣ ପ୍ରଦର୍ଶନରେ ପ୍ରତାରିତ ହୁଅ ନାହିଁ କିଂବା ସେମାନଙ୍କର ପ୍ରକାଶ୍ୟ ଅଥବା ଗୋପନ ଦୋଷ ଦେଖି ବିବ୍ରତ ହୋଇପଡ଼ ନାହିଁ । ମଣିଷ ଜାତିର ଏକ ଦୀର୍ଘ ପରିବର୍ତ୍ତନକାଳ ମଧ୍ୟରେ ଏସବୁ ହେଉଛି ଏକ ଦରକାରୀ ଗୋଳିଆମିଶା ।''

## ସିଏ ମୋତେ ଏତେ ଗାଳିଦେଲା !

ବହୁତ ଦିନ ତଳର କଥା । ଜଣେ ପ୍ରସିଦ୍ଧ ପଣ୍ଡିତ ଥିଲେ । ବିଦ୍ୟାବୁଦ୍ଧିରେ ଧୁରନ୍ଧର । ସବୁବେଳେ ଶାସ୍ତ୍ର ପୁରାଣ ଚର୍ଚ୍ଚାରେ ଦିନ ଯାଏ । ସଭାସମିତିରେ ଲୋକମାନଙ୍କୁ ବହୁତ ଧର୍ମ, ଆଧ୍ୟାତ୍ମିକତା ଆଦି ସମ୍ବନ୍ଧେ ଭାଷଣ ଦିଅନ୍ତି । ଥରେ ପଣ୍ଡିତେ ଘର ଭିତରେ ବସି ଶାସ୍ତ୍ରଚର୍ଚ୍ଚା କରୁଛନ୍ତି । ବହୁତ ଲୋକ ଘେରି ବସିଛନ୍ତି । ସମସ୍ତେ ଶାନ୍ତ, ନୀରବ ହୋଇ ଶୁଣୁଛନ୍ତି । ଏତିକିବେଳେ ବାହାରେ ଜଣେ ଭିକାରି ବଡ଼ ପାଟି କରି ଭିକ୍ଷା ମାଗିବାର ଶୁଣାଗଲା । ଥରେ ଗଲା, ଦୁଇ ଥର ଗଲା, ତିନି ଥର ଗଲା, ସେ ଭିକାରିଟି ସେମିତି ଚିତ୍କାର କରୁଥାଏ । ଶେଷକୁ ପଣ୍ଡିତ ମହାଶୟ ଆଉ ସମ୍ଭାଳି ହୋଇ ରହି ପାରିଲେ ନାହିଁ । ପୁରାଣଚର୍ଚ୍ଚା ବନ୍ଦ କରି ବାହାରକୁ ବାହାରି ଆସିଲେ । କ୍ରୋଧରେ ଯାହା ପାଟିରେ ପଶିଲା ସେ ଭିକାରିକୁ କହିଗଲେ ।

ଶାନ୍ତ, ନୀରବ ଭିକାରିଟି ପଣ୍ଡିତ ମହାଶୟଙ୍କ ଆଡ଼େ ଟିକିଏ ଚାହିଁଲା । ଦେଖିଲା ପଣ୍ଡିତ ମହାଶୟ କ୍ରୋଧରେ ଥରୁଛନ୍ତି । ଯେଉଁ ମୁଖରୁ ଗୀତା, ଉପନିଷଦ୍, ଶାସ୍ତ୍ର, ପୁରାଣର ବାକ୍ୟ ଉଚ୍ଚାରିତ ହେଉଥିଲା, ସେଇ ମୁଖରୁ ଅଭଦ୍ର ଭାଷାରେ ଗାଳି ନିର୍ଗତ ହେଉଛି । ଅଳପ ହସି ସେ କହିଲା, ‘‘ମହାଶୟ, ଆପଣ ଯେଉଁ ଭିକ୍ଷା ମୋତେ ଦେଇଥା’ନ୍ତେ, ତାକୁ ମୁଁ ନ ନେଲେ ତାହା କାହାର ହୋଇ ରହିଥା’ନ୍ତା ?’’

‘‘ତାହା କାହାର ହୋଇ ରହିଥା’ନ୍ତା ? ମୋ ଜିନିଷ ମୋର ହୋଇ ରହିଥାଆନ୍ତା !’’ କ୍ରୁଦ୍ଧ ପଣ୍ଡିତେ ଉତ୍ତର ଦେଲେ ।

ଆଉ ଥରେ ଅର୍ଥପୂର୍ଣ୍ଣ ହସ ହସି ଭିକାରିଟି କହିଲା, ‘‘ଆପଣ ଯେଉଁ ଗାଳି ମୋତେ ଦେଲେ ତାକୁ ଯଦି ମୁଁ ନ ନିଏ ତା’ହେଲେ ସେସବୁ କାହାର ହେବ ?’’

ହଠାତ୍ ପଣ୍ଡିତେ ସ୍ତବ୍ଧ ହୋଇଗଲେ । ଲଜ୍ଜାରେ ମୁହଁ ତାଙ୍କର ତଳକୁ ହୋଇଗଲା । କେତେ ସମୟ ସେହିପରି ଛିଡ଼ା ହୋଇଛନ୍ତି ଜଣା ନାହିଁ । ମୁହଁ ଟେକିଲା ବେଳକୁ ଭିକାରିଟି ଚାଲିଗଲାଣି । ଦାଣ୍ଡକୁ ଆସି ଭିକାରିଟିକୁ ଚାହିଁଲେ, କିନ୍ତୁ ଦେଖିବାକୁ ପାଇଲେ ନାହିଁ । ଭିତରେ ସେ ବହୁତ ଆଘାତ ପାଇଲେ । ତାଙ୍କର ସମସ୍ତ ଶାସ୍ତ୍ରଚର୍ଚ୍ଚା ଯେପରି ନିରର୍ଥକ ନିଷ୍ଫଳ ଭଳି ବୋଧହେଲା । ଭାରି ଛଟପଟ ଲାଗିଲା । ଭାବିଲେ, ଭିକ୍ଷା ନ ଦେଇ ଶାନ୍ତ ଭାବରେ ମନା କରିଦେଇ ପାରିଥାନ୍ତି, ଏପରି ଅଭଦ୍ର ଭାଷାରେ କ୍ରୁଦ୍ଧ ହୋଇ ଗାଳି ଦେବାରେ କ'ଣ ଆବଶ୍ୟକତା ଥିଲା ?

ସବୁବେଳେ ସେ ଶୁଷ୍କ ଶାସ୍ତ୍ରଚର୍ଚ୍ଚାରେ ବ୍ୟସ୍ତ ଥିଲେ, ଏତେ ଗଭୀର ଭାବରେ କୌଣସି କଥା ତାଙ୍କୁ ସ୍ପର୍ଶ କରି ନ ଥିଲା । ପଣ୍ଡିତେ ଯାହା କହୁଛନ୍ତି, ଯାହା କରୁଛନ୍ତି ଠିକ୍ ବୋଲି ସମସ୍ତେ ଧରିନେଉଥିଲେ । ପଣ୍ଡିତେ କ'ଣ କେବେ ଭୁଲ କରନ୍ତି ! ଏବେ କିନ୍ତୁ ପଣ୍ଡିତେ ସାମାନ୍ୟ ଭିକାରିଠାରୁ ମହାନ୍ ଶିକ୍ଷା ପାଇଲେ । ଖାଲି ଶିକ୍ଷା ନୁହେଁ, ଶିକ୍ଷା ସହ ଅନୁଭୂତି ମଧ୍ୟ । ଭିକାରିଠାରୁ ପାଇଥିବା ଏହି ଅମୂଲ୍ୟ ଭିକ୍ଷା ତାଙ୍କ ଆନ୍ତର ଗୃହରେ ଚିରଦିନ ପାଇଁ ସାଇତା ହୋଇ ରହିଲା ।

କିନ୍ତୁ ଆମ ସାଧାରଣ ପ୍ରକୃତିର ଗତିଧାରା ହେଉଛି କେହି ଆମକୁ ଗାଳିଦେଲେ ଆମେ ସଙ୍ଗେ ସଙ୍ଗେ ତା'ର ପ୍ରତ୍ୟୁତ୍ତରରେ ତାକୁ ମଧ୍ୟ ଗାଳି ଦେଇଥାଉ । ଯେକୌଣସି କାରଣ ଦେଖାଇ ହେଉ, ରାଗି କାହାକୁ ଗାଳିଦେବା ଅର୍ଥ ଏକ ବିରୋଧୀ ଶକ୍ତିକୁ ନିମନ୍ତ୍ରଣ କରି ବାତାବରଣ ମଧ୍ୟକୁ ଫିଙ୍ଗିବା । ଯେଉଁ ବ୍ୟକ୍ତି ପ୍ରତି ଗାଳି ପ୍ରୟୋଗ କରାଯାଉଛି ସେ ଯଦି ସେଥିରେ ପ୍ରତିକ୍ରିୟାଶୀଳ ନ ହୋଇ ଶାନ୍ତ, ସ୍ଥିର ରହି ତା'ର ଯାହା କହିବାର କଥା କହେ କିଂବା ନୀରବ ରହେ ତେବେ ତା ପ୍ରତି ନିକ୍ଷିପ୍ତ ହୋଇଥିବା ବିରୋଧୀ ଶକ୍ତି ତା ମଧ୍ୟରେ କ୍ରିୟା ନ କରି ଫେରିଯାଏ । ବିରୋଧୀ ଶକ୍ତି ସବୁବେଳେ ଚେଷ୍ଟା କରୁଥାଏ ବାତାବରଣକୁ ନିଜ ଅଧୀନରେ ରଖିବାକୁ । କିନ୍ତୁ ଏ ବ୍ୟକ୍ତି

ଶାନ୍ତ, ସ୍ଥିର ରହିବା ଫଳରେ ତା'ର କ୍ରିୟା ବାତାବରଣରେ ଅଧିକ ବୃଦ୍ଧି ପାଏ ନାହିଁ । କିନ୍ତୁ ଯେହେତୁ ଏହା ଏକ ସକ୍ରିୟ ଶକ୍ତି ଏହା ସବୁବେଳେ ଚାହୁଁଥାଏ ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ । ତେଣୁ ଯେଉଁ ବ୍ୟକ୍ତି ପ୍ରତି ଏହା ପ୍ରେରିତ ହୋଇଥିଲା ସେ ବ୍ୟକ୍ତି ମଧ୍ୟରେ ଗ୍ରହଣଶୀଳତା ନ ପାଇ ଏହା ଦ୍ୱିଗୁଣିତ ବେଗରେ ପ୍ରୟୋଗ କରିଥିବା ବ୍ୟକ୍ତି ନିକଟକୁ ଫେରିଆସେ ତାକୁ ଆଘାତ କରେ । ସେ ଯଦି ସଚେତନ ଭାବେ ତାହା ବୁଝିପାରେ ତେବେ ଭବିଷ୍ୟତ ପାଇଁ ସତର୍କ ହୁଏ, ନଚେତ୍ ବାରଂବାର ସେହିପରି ଆଘାତର ସମ୍ମୁଖୀନ ହେଉଥାଏ ।

ଅନେକ ସମୟରେ ବ୍ୟକ୍ତି ଗାଳି ଶୁଣି ବାହାରେ ନୀରବ ରହିଲେ ବି ଭିତରେ ପ୍ରତିକ୍ରିୟା, ଅଶାନ୍ତି, ବିକ୍ଷୋଭ ଅନୁଭବ କରିଥାଏ । ଏହା ସାଧାରଣ ଅବସ୍ଥାଠାରୁ ଆହୁରି ଉନ୍ନତ; କିନ୍ତୁ ତଥାପି ନିଜ ପ୍ରକୃତିରେ ସେହି ଅପଶକ୍ତି ପ୍ରତି କେଉଁଠି ଟିକିଏ ଗ୍ରହଣଶୀଳତା ଥିବାରୁ ଏପରି ଘଟିଥାଏ । ସେତକ ଶୁଦ୍ଧ ହୋଇଗଲେ ଭିତରଟି ଶାନ୍ତ, ଶୁଦ୍ଧ, ଅବିଚଳିତ, ପ୍ରତିକ୍ରିୟାଶୂନ୍ୟ ରହେ । ଏସବୁ ମନ୍ଦ ଶକ୍ତିକୁ ଭିତରକୁ ଗ୍ରହଣ ନ କରିବାର ସର୍ବୋତ୍ତମ ଉପାୟ ହେଉଛି ସବୁବେଳେ ସଚେତନ ରହିବା, ନିଜ ମଧ୍ୟରେ, ନିଜ ଚାରିପଟେ ସେହି ଦିବ୍ୟ ଉପସ୍ଥିତିକୁ ଧରିରଖିବାକୁ ଚେଷ୍ଟା କରିବା । ତା ଫଳରେ କୌଣସି ବିଦେଶୀ ପ୍ରଭାବ ଆସିବା ମାତ୍ରେ ତାହା ଚେତନାରେ ଜଣାପଡ଼ିଯିବ ଓ ବ୍ୟକ୍ତି ତାକୁ ସହଜରେ ପ୍ରତ୍ୟାଖ୍ୟାନ କରିପାରିବ । ତା' ନ ହେଲେ କୌଣସି ଏକ ଅସତର୍କ, ଅସଂଯତ ମୁହୂର୍ତ୍ତରେ ତାହା ନିଜ ଭିତରକୁ ପଶିଆସି ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରିବ, ଏପରିକି ବ୍ୟକ୍ତିକୁ ଅନେକ ସମୟରେ ଅସୁସ୍ଥ ମଧ୍ୟ କରିପକାଇବ । ତେଣୁ ସବୁବେଳେ ବ୍ୟକ୍ତି ସଚେତନ ଭାବେ ଉଚ୍ଚତର ଚେତନାରେ ରହିବାକୁ ଚେଷ୍ଟା କରିବା ଉଚିତ । ତା ଫଳରେ ତା ପ୍ରତି କେହି ଯଦି ଖରାପ ଭାବ ପୋଷଣ କରିଥାଏ ତେବେ ତା'ର ଅଜାଣତରେ ମଧ୍ୟ ସେହି ଭାବ ତା ବାତାବରଣ ମଧ୍ୟରେ ପ୍ରବେଶ କରି ନ ପାରି ଫେରିଯାଇ ପୋଷଣ କରିଥିବା ବ୍ୟକ୍ତିକୁ ଆଘାତ କରିଥାଏ ।

ଅନ୍ୟ ବ୍ୟକ୍ତିର ଗାଳିଗୁଲଜ ଶୁଣି ତାକୁ ଗାଳି ନ ଦେଇ କିଂବା ଭିତରେ ପ୍ରତିକ୍ରିୟାଶୀଳ ନ ହୋଇ ସ୍ଥିର, ଶାନ୍ତ ରହିବା ତ ଭଲ । ତାଠାରୁ ଆହୁରି ଭଲ, ଯଦି ସମ୍ଭବ ହୁଏ, ଯିଏ ତୁମ ପ୍ରତି ମନ୍ଦଭାବ ପୋଷଣ କରିଛି ତା ପ୍ରତି ମଧ୍ୟ ସ୍ନେହ ଓ ଶୁଭେଚ୍ଛାର ଭାବ ପୋଷଣ କରିବା । ଫଳରେ ଦୁଇଟି କଥା ହୁଏ । ତୁମେ ତ ନିଜେ ସେହି କଦର୍ଯ୍ୟ ଶକ୍ତିର ମନ୍ଦ ପ୍ରଭାବରୁ ମୁକ୍ତ ରୁହ । ତାଛଡ଼ା ସେହି ଶକ୍ତି ପ୍ରୟୋଗ କରିଥିବା ବ୍ୟକ୍ତି ମଧ୍ୟ ନିଜର ଭୁଲ୍ ବୁଝିପାରି ପରିବର୍ତ୍ତିତ ହୋଇଯାଏ । ବାତାବରଣ ମଧ୍ୟକୁ ଯେଉଁ ବିରୋଧୀ ଶକ୍ତି ଆସିଥାଏ ତାହା ଦିବ୍ୟ ଭାବର ପ୍ରଭାବରେ ରୂପାନ୍ତରିତ ହୋଇଯାଏ । ତା'ର ସମସ୍ତ ପ୍ରଭାବ ଲୋପ ପାଏ ।

ଅନେକ ସମୟରେ କ୍ରୁଦ୍ଧ ହୋଇ ଗାଳି ଦିଆଯାଇଥାଏ; କିନ୍ତୁ ତା ସହ କୌଣସି ଅଶୁଭ ଇଚ୍ଛା, ହିଂସା, ଈର୍ଷା କିଂବା ଘୃଣା ଭାବ ନ ଥିବାରୁ ତା ଫଳରେ କେହି କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ । ବରଂ ଉପକାର ହୋଇଥାଏ । ଯେତେବେଳେ ମା ତା'ର ଶିଶୁକୁ ଦୁଷ୍ଟାମି ଲାଗି କିଂବା କୌଣସି ଅପକାରୀ କାର୍ଯ୍ୟରୁ ନିବୃତ୍ତ କରାଇବା ଲାଗି ତାକୁ ଆକଟ କରିଥାଏ, ଧମକ ଦେଇଥାଏ କି ଗାଳି ଦେଇଥାଏ, ସେଥିରେ ଶିଶୁର ମଙ୍ଗଳ ହୋଇଥାଏ ଓ ମା ବି କୌଣସି ଆଘାତ ପାଇ ନ ଥାଏ । ଏଭଳି କୃତ୍ରିମ ଧମକ ବା ଗାଳି ଦେବା ସମୟରେ ମଧ୍ୟ ବହୁତ ସଚେତନ ରହିବାକୁ ହେବ । କାରଣ ଏଇଆକୁ ଆଳ କରି ବିରୋଧୀ ଶକ୍ତିମାନେ ମଧ୍ୟ ବ୍ୟକ୍ତି ମଧ୍ୟକୁ ପ୍ରବେଶ କରିଥା'ନ୍ତି । ବ୍ୟକ୍ତି ମିଛରେ ରାଗୁ ରାଗୁ ସତରେ ରାଗିଯାଏ । ଫଳରେ ଯାହା ପ୍ରତି ରାଗେ ତା'ର କଲ୍ୟାଣ ହୁଏ ନାହିଁ କି ନିଜର କଲ୍ୟାଣ ହୁଏ ନାହିଁ । ତେଣୁ ଏ କ୍ଷେତ୍ରରେ ନିଜ ଭିତରେ ବହୁତ ସଂଯତ ଓ ସତର୍କ ରହି ଧମକ କି ଗାଳି ଦେବାକୁ ହେବ, ଯାହାର ପରିଣାମରେ ନିଜେ କୌଣସି ଅସ୍ୱସ୍ତି ଅନୁଭବ କରିବ ନାହିଁ, ବରଂ ସ୍ନେହ, ଶୁଭେଚ୍ଛା, ଶକ୍ତି, ଶାନ୍ତିରେ ନିଜ ଅନ୍ତର ପୂରି ରହିଥିବ । ଏହା ମଧ୍ୟ ସମସ୍ତଙ୍କ ପ୍ରତି କରି ହେବ ନାହିଁ, କେବଳ ଯିଏ ତୁମ

କଥା ମାନେ, ଯାହା ସହ ତୁମର ଅନ୍ତରଙ୍ଗତା ଅଛି, ତାହାରି ପ୍ରତି । ଯେଉଁ ବ୍ୟକ୍ତି ସହ ତୁମର ଅନ୍ତରଙ୍ଗତା ନାହିଁ କିଂବା ଯିଏ ତୁମ କଥା ଶୁଣିବାକୁ କିଂବା ମାନିବାକୁ ପ୍ରସ୍ତୁତ ନୁହେଁ ସେଭଳି କ୍ଷେତ୍ରରେ ତୁମେ ଯଦି ଏପରି ଆଚରଣ କର ତେବେ ଦିଅଁ ଗଢୁ ଗଢୁ ମାଙ୍କଡ଼ ହୋଇଯିବ ।

ଏ ଦୁନିଆରେ ବାସ୍ତବରେ କୌଣସି କଥା ଭଲ କିଂବା ମନ୍ଦ ନାହିଁ । ପ୍ରତ୍ୟେକ କଥା, ପ୍ରତ୍ୟେକ କାର୍ଯ୍ୟ ଯେଉଁ ଭାବ ସହ, ଯେଉଁ ଚେତନା ସହ କରାଯାଏ ତାହାରି ଉପରେ ତା'ର ଭଲ ମନ୍ଦ ନିର୍ଭର କରେ । ବାଘ ଯେତେବେଳେ ମଣିଷ ମାରେ, ଯୁଦ୍ଧକ୍ଷେତ୍ରରେ ସୈନିକ ଯେତେବେଳେ ଶତ୍ରୁ ସୈନ୍ୟକୁ ମାରେ ସେତେବେଳେ ତାହା ମନ୍ଦ କର୍ମ ନୁହେଁ । କାରଣ ଏହା ପଶ୍ଚାତରେ ସେମାନଙ୍କର କୌଣସି ମନ୍ଦ ଇଚ୍ଛା, ଈର୍ଷା, ହିଂସା ବା ଘୃଣା ନ ଥାଏ । ସେମାନେ ଏହି କାର୍ଯ୍ୟ ସେମାନଙ୍କର ସ୍ୱାଭାବିକ ସ୍ୱଧର୍ମ ଭାବେ କରିଥା'ନ୍ତି । କିନ୍ତୁ ଯେତେବେଳେ ଭାଇ ଭାଇ ଭିତରେ ଜମିବାଡ଼ି ଲାଗି କିଂବା କୌଣସି କାରଣରୁ କଳି ଲାଗି ଜଣେ ଜଣକୁ ହାଣି ମାରିଦିଏ ସେତେବେଳେ ଏହା ଏକ ମନ୍ଦ କର୍ମରେ ପରିଣତ ହୁଏ । କାରଣ ଏହାର ପଶ୍ଚାତରେ ଥାଏ କ୍ରୋଧ, ହିଂସା, ଈର୍ଷା, ଘୃଣା, ସ୍ୱାର୍ଥପରତା ଆଦି ନୀଚ, ହୀନ ଭାବ । ସେହିପରି ସ୍ଥଳବିଶେଷରେ ଗାଳିଦେବାର ଆବଶ୍ୟକତା ଥାଏ । କିନ୍ତୁ ଗାଳିଦେବାର ପଶ୍ଚାତରେ ଯଦି କ୍ରୋଧ, ହିଂସା, ଘୃଣା, ଅଶୁଭ ଇଚ୍ଛା ଆଦି ରହିଥାଏ ତେବେ ତାହା ଭୟଙ୍କର ପରିଣାମ ଘଟାଏ । ଯେଉଁ ବ୍ୟକ୍ତି ପ୍ରତି ତାହା ପ୍ରୟୋଗ କରାଯାଏ ସେ ଯଦି ଦୁର୍ବଳମନା ଥାଏ, ସଜାଗ, ସଚେତନ ନ ଥାଏ ତେବେ ତା'ର କ୍ଷତି ଘଟାଏ; ନଚେତ୍ ସେ ଯଦି ଦୃଢ଼ମନା, ସଚେତନଭାବେ ଭଗବାନଙ୍କର ଆଶ୍ରିତ ହୋଇ ଉଚ୍ଚତର ଚେତନାରେ ଥାଏ ତେବେ ତା'ର କିଛି କ୍ଷତି ଘଟାଇ ନ ପାରି ଫେରିଯାଇ ପ୍ରୟୋଗକାରୀ ବ୍ୟକ୍ତିକୁ ପ୍ରଚଣ୍ଡ ଭାବେ ଆଘାତ ଦେଇଥାଏ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି :

"Hatred is a sword of power, but its edge is always double. It is like the *kriya* of the ancient magicians which, if baulked of its prey, returned in fury to devour its sender."

''ଘୃଣା ଏକ ଶକ୍ତିର ଖଡ୍‌ଗ; କିନ୍ତୁ ସଦାସର୍ବଦା ଏହାର ଦୁଇ ପାର୍ଶ୍ୱ ଧାରଯୁକ୍ତ । ଏହା ପ୍ରାଚୀନ ଯାଦୁକରଙ୍କର 'କ୍ରିୟା' ସଦୃଶ; ଯାହା ଶିକାର ମଧ୍ୟକୁ ପ୍ରବେଶ କରି ନ ପାରି ବାଧାପ୍ରାପ୍ତ ହେଲେ ତା'ର ପ୍ରେରକକୁ ବିନାଶ କରିବା ନିମନ୍ତେ ପ୍ରଚଣ୍ଡ ବେଗରେ ଫେରି ଆସିଥାଏ ।''

ମା' କହିଛନ୍ତି : ଅନେକ ସମୟରେ କୌଣସି ବ୍ୟକ୍ତି ଯଦି ଅନ୍ୟ ବ୍ୟକ୍ତି ପ୍ରତି କ୍ରୋଧାନ୍ୱିତ ହୁଏ, ତା'ର ଅଶୁଭ ଚିନ୍ତା କରେ, ତେବେ ଶୋଇଥିବା ସମୟରେ ସେ ବେଳେବେଳେ ସ୍ୱପ୍ନ ଦେଖିଥାଏ ଯେ ସେହି ବ୍ୟକ୍ତି ପ୍ରଚଣ୍ଡ ଭାବରେ ତାକୁ ଆକ୍ରମଣ କରିବାକୁ କି ଆଘାତ ଦେବାକୁ ଆସୁଛି । ସେତେବେଳେ ତା'ର ଯଦି ଯଥାର୍ଥ ଜ୍ଞାନ ନ ଥାଏ, ସେ ସେହି ଘଟଣାକୁ ବୁଝିପାରେ ନାହିଁ, କହେ : ''ତା'ହେଲେ, ମୁଁ ତା' ପ୍ରତି କ୍ରୋଧାନ୍ୱିତ ହୋଇ ଠିକ୍ କରିଛି, ବାସ୍ତବରେ ସେ ମୋର ଶତ୍ରୁ !'' କିନ୍ତୁ ପ୍ରକୃତ କଥାଟି ତାହା ନୁହେଁ । ନିଜେ ସେହି ବ୍ୟକ୍ତିର ଅଶୁଭ ଚିନ୍ତା ଅନ୍ୟ ବ୍ୟକ୍ତିର ରୂପ ଧାରଣ କରି ତାକୁ ଆକ୍ରମଣ କରିବା ପାଇଁ ତା' ପାଖକୁ ସ୍ୱପ୍ନରେ ଫେରିଆସିଲା । ସେ ବ୍ୟକ୍ତି (ସ୍ୱପ୍ନରେ ଆକ୍ରମଣକାରୀ) ଏକଥା ଆଦୌ ଜାଣିପାରି ନ ଥାଏ । ସେହିଭଳି ତୁମେ ଯଦି କାହାର ଦୁର୍ଘଟଣା କାମନା କର ଓ ସେ ବ୍ୟକ୍ତିର ତୁମ ପ୍ରତି କୌଣସି ମନ୍ଦଭାବ ନ ଥାଏ, ସେ ଏକ ଉଚ୍ଚତର ଚେତନାରେ ରହି ନିର୍ବିକାର ଭାବେ ତା'ର କାର୍ଯ୍ୟରେ ଲାଗିଥାଏ ତେବେ ସେହି ଚିନ୍ତାର ଗଠନଟି ତୁମ ପାଖକୁ ଫେରିଆସି ତୁମର ଗୁରୁତର ଦୁର୍ଘଟଣା ଘଟାଏ । ତୁମେ ଯଦି ତାକୁ ମାରିଦେବାକୁ ଚାହୁଁଥାଅ ତେବେ ତା'ର କିଛି ହୁଏ ନାହିଁ, ତୁମକୁ ମରିବାକୁ ପଡ଼େ । ସୂକ୍ଷ୍ମଜଗତର ଏହାହିଁ ଅଖଣ୍ଡ ନିୟମ । ଏହାକୁ

କେହି ବ୍ୟତିକ୍ରମ କରିପାରିବେ ନାହିଁ । ତୁମେ ସଚେତନ ଭାବେ ଯେଉଁ ଇଚ୍ଛାଟି ଗଠନ କଲ, ତାହା ଭଲ ହୋଇଥାଉ ବା ମନ୍ଦ ହୋଇଥାଉ, ତାହା ତା'ର କାର୍ଯ୍ୟ ଶେଷ ନ କରି ରହିବ ନାହିଁ । କାର୍ଯ୍ୟଟି ଶେଷ ହେଲେ ସେ ଗଠନଟି ଶକ୍ତିହୀନ ହୋଇ ନଷ୍ଟ ହୋଇଯାଏ ।

ତେଣୁ ''ସିଏ ମୋତେ ଏତେ ଗାଳି ଦେଲା'' ବୋଲି ନିଜେ ଅଭିମାନ କରିବା ବା ଓଲଟି ତାକୁ ବହେ ଗାଳିଦେବା ବା ତା' ପ୍ରତି ଅଶୁଭ ଇଚ୍ଛା ପୋଷଣ କରିବା ଫଳରେ ଆମେ ନିଜେ ଆମ ଅଜାଣତରେ ସେ ବ୍ୟକ୍ତି ପ୍ରେରଣ କରିଥିବା ଅଶୁଭ ଶକ୍ତିକୁ ଗ୍ରହଣ କରିଥାଉ । ତେଣୁ ନିଜେ ନୀରବ, ନିର୍ବିକାର ରହି ସେ ବ୍ୟକ୍ତି କିଂବା ତା' ଆଚରଣ କିଂବା କଥା ପ୍ରତି ଗୁରୁତ୍ୱ ନ ଦେଇ କିଂବା ତା' ବିଷୟରେ ଆଦୌ ଚିନ୍ତା ନ କରି ନିଜର କାର୍ଯ୍ୟ କରିଗଲେ ତା'ର ଅଶୁଭ ଇଚ୍ଛା ଆମ ଉପରେ କିଛି ପ୍ରଭାବ ନ ପକାଇ ତା'ର ନିକଟକୁ ଫେରି ଯାଇଥାଏ । କିନ୍ତୁ ଆମେ ସେ ବିଷୟକୁ ନେଇ ବ୍ୟସ୍ତ ହେଲେ ତାହା ତା'ର ଉଦ୍ଦେଶ୍ୟ ପୂରଣ କରିବାକୁ ସୁଯୋଗ ପାଇଥାଏ । ତେଣୁ ବିକ୍ଷୁବ୍ଧ ନ ହୋଇ ଯଦି ପାରୁ ସେ ବ୍ୟକ୍ତିର କଲ୍ୟାଣ କାମନା କରିପାରିବା ବହୁତ ଭଲ । ନ ହେଲେ ନିଜେ ଭଗବାନଙ୍କ ଅଭୟ ବାହୁଛାୟା ତଳେ ଶାନ୍ତ, ନିର୍ବିଚଳ ଭାବେ ନିଜର କାର୍ଯ୍ୟ କରିଯିବା ଭଲ । ସେ ବ୍ୟକ୍ତି ଭିତରେ ଥିବା ଘୃଣା, କ୍ରୋଧ ବା ହିଂସାକୁ ଆମେ ବି ଘୃଣା କରିବା ଉଚିତ ନୁହେଁ । କାରଣ ବିଶ୍ୱତତ୍ତ୍ୱରେ ଏହି ଭାବ ମିଶିକରି ରହିଛି । ତା'ର ସଂପୂର୍ଣ୍ଣ ରୂପାନ୍ତର ହୋଇ ନାହିଁ । ବରଂ ଆମ ଭିତରେ ସେସବୁ ଯେପରି ନ ରହେ ସେ ସମ୍ବନ୍ଧେ ସଚେତନ ରହିବାକୁ ହେବ । ଶ୍ରୀଅରବିନ୍ଦ କହିଛନ୍ତି :

"Meanness and selfishness are the only sins that I find it difficult to pardon; yet they alone are almost universal. Therefore these also must not be hated in others, but in ourselves annihilated."

''ହୀନଭାବ ଓ ସ୍ୱାର୍ଥପରତା ହେଉଛି ଏକମାତ୍ର ପାପ ଯାହାକୁ କି କ୍ଷମା କରିବା ଲାଗି ମୁଁ କଷ୍ଟ ବୋଧ କରେ; ତଥାପି ସେସବୁ ସଂପୂର୍ଣ୍ଣ ରୂପେ ବିଶ୍ୱଗତ । ତେଣୁ ଅନ୍ୟମାନଙ୍କ ମଧ୍ୟରେ ଏସବୁକୁ ଘୃଣା କରିବା ଉଚିତ ନୁହେଁ, କିନ୍ତୁ ନିଜ ମଧ୍ୟରୁ ବିଲୋପ କରିବା ଉଚିତ ।''

# ମୁଁ କିପରି ଏହା କଲି ?

ଗୋଟିଏ ଗାଁରେ ଜଣେ ଜମିଦାର ଥାଆନ୍ତି । ସେ ଜମିଦାର ବହୁତ ପ୍ରତିପତ୍ତିଶାଳୀ । ତାଙ୍କର ପ୍ରଜାମାନଙ୍କୁ ମନ ଇଚ୍ଛା ଶୋଷଣ କରନ୍ତି, ନିଜର ବେଠି ଖଟାନ୍ତି । ଝିଅ, ବୋହୂମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରନ୍ତି । ସମସ୍ତେ ତାଙ୍କ ଭୟରେ ଥରହର । କେହି ତାଙ୍କୁ କିଛି ପାଟି ଫିଟାଇ କହିପାରନ୍ତି ନାହିଁ । ପାଟି ଫିଟାଇଲେ ତିନି ପାଞ୍ଚିରୁ ନାମ ଗଲା । ଯେକୌଣସି ପ୍ରକାରେ ସେ ତାକୁ ସର୍ବସ୍ୱାନ୍ତ କରାଇବେ । ନଚେତ୍ ଶେଷକୁ ତା'ର ଜୀବନ ନେବାକୁ ପଛାଇବେ ନାହିଁ ।

ଗାଁ ନିକଟରେ ଥାଏ ଗୋଟିଏ ଛୋଟ ଜଙ୍ଗଲ । ସେ ଜଙ୍ଗଲ ଭିତରେ ଥାଏ ଜମିଦାରଙ୍କର ଏକ ପ୍ରମୋଦ-ଉଦ୍ୟାନ ଓ ପ୍ରମୋଦ-ଗୃହ । ସେ ସ୍ଥାନ ଜମିଦାରଙ୍କର ସମସ୍ତ ବୀଭତ୍ସ କାମର ଥାଏ ଆଡ୍‌ଡା ସ୍ଥଳୀ । ଜମିଦାରଙ୍କର ଥାଆନ୍ତି କେତେକ ଚର । ହୁକୁମ ପାଇଲା ମାତ୍ରେ ସେମାନେ ଯାହା ଇଚ୍ଛା ତାହା କରିପାରନ୍ତି ।

ସେହି ଜଙ୍ଗଲକୁ ଗାଁର ଝିଅବୋହୂମାନେ ଜାଳ ସଂଗ୍ରହ ପାଇଁ ଅନେକ ସମୟରେ ଯାଆନ୍ତି । ଥରେ ଗୋଟିଏ ଝିଅ ଜାଳ ସଂଗ୍ରହ କରୁଥିବା ସମୟରେ ଜମିଦାରଙ୍କ ହୁକୁମରେ ତାଙ୍କର ଦୁଇଜଣ ଚର ତାକୁ ଜୋର୍ କରି ପ୍ରମୋଦ-ଗୃହ ଆଡ଼କୁ ନେଇଯାଉଥିଲେ । ତା'ର ବିକଳ ଚିତ୍କାର ଶୁଣି ପାଖରେ ଶୁଖିଲା କାଠ ଖୋଜୁଥିବା ଗାଁର ଜଣେ ଯୁବକ ଆସି ଘଟଣାସ୍ଥଳରେ ଉପସ୍ଥିତ ହେଲା । ତା' ହାତରେ ଥିଲା କାଠ କାଟିବା ନିମନ୍ତେ ଏକ ଛୋଟ ଟାଙ୍ଗିଆ । ସେ ସେଇଟିକୁ ଉଞ୍ଚାଇ ସେ ଲୋକ ଦୁଇଟିଙ୍କ ଆଡ଼କୁ ଝପଟି ଆସିବାରୁ ସେମାନେ ପ୍ରାଣ ବିକଳରେ ସେ ଝିଅକୁ ଛାଡ଼ିଦେଇ ପ୍ରମୋଦଗୃହ ଆଡ଼କୁ ପଳାଇ ଗଲେ । ସେ ଯୁବକଟି ସେ ଝିଅଟିକୁ ତା'ର ଜାଳ ସହ ନେଇ ତା' ଘରେ ଛାଡ଼ି ଦେଇ ଆସିଲା ।

ସେ ଲୋକ ଦୁଇଜଣ ଯାଇ ଜମିଦାରଙ୍କୁ ସବୁ ଘଟଣା କହିଲେ । ଏକଥା ଶୁଣି ଜମିଦାର କ୍ରୋଧରେ କମ୍ପି ଉଠିଲେ । ''କ'ଣ ଏତେ ସାହସ ! ମୋର ଚରମାନଙ୍କୁ ଘଉଡ଼ାଇ ଦେଲା ! ଆଚ୍ଛା, ତେବେ ଦେଖିବା !'' ଏହା କହି ଜମିଦାର ସଙ୍ଗେ ସଙ୍ଗେ ତାଙ୍କର ଚରମାନଙ୍କୁ ଆଦେଶ ଦେଲେ ଯେ ସେ ଲୋକକୁ ଯେକୌଣସି ପ୍ରକାରେ ଖତମ କରିଦେବାକୁ ହେବ । ସେହିଦିନଠାରୁ ଚରମାନେ ସେମାନଙ୍କ ସନ୍ଧାନରେ ରହିଲେ ।

ଥରେ ସେହି ଯୁବକଟି ଜଙ୍ଗଲକୁ କାଠ ପାଇଁ ଆସିଥିଲା । ଯୋଗକୁ ଜମିଦାରଙ୍କର ଗୋଟିଏ ଚର ତାକୁ ଦେଖିପାରିଲା । ସଙ୍ଗେ ସଙ୍ଗେ ଯାଇ ଜମିଦାର ଓ ଅନ୍ୟ ଚରମାନଙ୍କୁ ଜଣାଇ ଦେଲା । ସେମାନେ ସମସ୍ତେ ଠେଙ୍ଗାବାଡ଼ି ଧରି ଆସି ପହଞ୍ଚିଗଲେ । ଲୋକଟି ସହ ବହୁ ସମୟ ଧରି ଧସ୍ତାଧସ୍ତି ଲାଗିଲା । ଜମିଦାର ବି ନିଜେ ଆସି ଉପସ୍ଥିତ ଥାଆନ୍ତି । ତାଙ୍କର ଚରମାନଙ୍କ ଭିତରୁ ଜଣେ ଦୁଇଜଣ ବି ଗୁରୁତର ଭାବେ ଆଘାତ ପ୍ରାପ୍ତ ହେଲେ । ଶେଷରେ ସେ ଯୁବକ କ୍ରୋଧରେ ପାଖରେ ଠିଆ ହୋଇଥିବା ସେ ଜମିଦାରଙ୍କୁ ମାରିବାକୁ କ୍ଷେପି ଆସୁଥିବା ସମୟରେ ତାଙ୍କର ଜଣେ ଚରର ପ୍ରଚଣ୍ଡ ଲାଠି ପ୍ରହାର ତା' ମୁଣ୍ଡରେ ବାଜିଲା । ସେଥିରେ ତା' ମୁଣ୍ଡ ଫାଟିଗଲା ଓ ସେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଯିବା ସମୟରେ ନିଜେ ଜମିଦାର ତା' ତଣ୍ଟି ଚିପିଧରି ମାରିଦେଲେ ।

ଏସବୁ କାଣ୍ଡ ପାଖ ଗଛରେ ଚଢ଼ି ଗାଁର ଆଉ ଜଣେ ଯୁବକ ଦେଖୁଥିଲା । ସେ ସେଇ ବାଟ ଦେଇ କୌଣସି ସ୍ଥାନରୁ ଫେରୁଥିବା ସମୟରେ ଏମାନଙ୍କ ଧସ୍ତାଧସ୍ତି ଓ ଚିତ୍କାର ଶୁଣି ଭୟରେ ଗୋଟିଏ ଗଛରେ ଚଢ଼ିଯାଇ ସବୁ ଦେଖୁଥିଲା । ସେ ବି ଦେଖିଲା ଲୋକଟିକୁ କିପରି ନେଇ ଗୋଟିଏ ସ୍ଥାନରେ ପୋତି ପକାଇଲେ । ଭୟରେ ସେ ରାତି ହେବା ପର୍ଯ୍ୟନ୍ତ ସେ ଗଛରୁ ଓହ୍ଲାଇଲା ନାହିଁ । ରାତି ହେବାରୁ ଧୀରେ ଧୀରେ ଓହ୍ଲାଇ ଗାଁକୁ ଆସିଲା । ଅନ୍ୟମାନଙ୍କୁ ମଧ୍ୟ ଏସମ୍ବନ୍ଧେ କହିଲା । କିନ୍ତୁ ଭୟରେ କେହି

ଜମିଦାରଙ୍କ ବିରୋଧରେ କିଛି କରିପାରିଲେ ନାହିଁ କାରଣ ଏହିପରି କାଣ୍ଡ ପୂର୍ବରୁ ସେ କେତେ କରିଛି ।

କିନ୍ତୁ ଏ ଯୁବକଟି ମନରୁ ସେ ଦୃଶ୍ୟ ଗଲା ନାହିଁ । ସେ ଥିଲା ସେ ଗାଁର ଏକ ସରଳ, ଶାନ୍ତ, ବଳିଷ୍ଠ ଯୁବକ । ସବୁବେଳେ ବେପରୁଆ ଭାବରେ ଚଳୁଥାଏ । ତା' ମନରେ କାହିଁକି ଜମିଦାର ପ୍ରତି ପ୍ରତିହିଂସା ଜାଗି ଉଠିଲା । ଜାମିଦାରଙ୍କୁ ଜୀବନରୁ ମାରିଦେବା ଲାଗି ସବୁବେଳେ ସେ ଉପାୟ ଖୋଜୁଥାଏ । ନିଜେ ଜାଣିପାରେ ନାହିଁ ଏପରି ତା'ର ସ୍ୱଭାବବିରୁଦ୍ଧ ଭାବ ତା' ମଧ୍ୟରେ କିପରି ଆସୁଛି । ଜମିଦାରଙ୍କୁ ମାରିବା ପାଇଁ ସେ ସବୁବେଳେ ହାତରେ ଗୋଟିଏ ଖୁବ୍ ମଜଭୁତ ଛୋଟ ବାଡ଼ି ଧରି ବୁଲୁଥାଏ । କିନ୍ତୁ ଅନେକ ବାର ଚେଷ୍ଟା କରି ବି ସଫଳ ହୋଇପାରିଲା ନାହିଁ ।

ଥରେ ସଂଧ୍ୟା ହୋଇ ଆସୁଛି । ଜମିଦାର ତାଙ୍କର ଦୁଇଜଣ ଚରଙ୍କ ସହ ଗାଁରୁ ସେହି ପ୍ରମୋଦଗୃହକୁ ବାହାରିଛନ୍ତି । ଏଇ ସମୟରେ ସେ ଯୁବକଟି ଯାଇ ଜଙ୍ଗଲ ବାଟର ଗୋଟିଏ ଗଛ ପଛଆଡ଼େ ଲୁଚି ରହିଲା । ଜମିଦାର ଯେମିତି ସେ ବାଟ ଦେଇ ଯାଇଛନ୍ତି, ହଠାତ୍ ସେ ବାହାରି ପଡ଼ି ଲଗାଇଲା ଏକ ପାହାର ତାଙ୍କ ମୁଣ୍ଡରେ ଯେ, ଏକା ପାହାରକେ ତାଙ୍କ ମୁଣ୍ଡ ଫାଟି ଛିନ୍ ଛତର ହୋଇଗଲା । ପାହାରଟି ଦେଇସାରି ଯିଏ ଦଉଡ଼ା ଦଉଡ଼ିଛି ଯେ ଆଉ ପଛକୁ ବି ଟିକିଏ ଚାହିଁ ନାହିଁ । ଚର ଦୁଇଜଣ ଭୟ ଓ ବିସ୍ମୟରେ କ'ଣ ଘଟିଲା, କ'ଣ କରିବେ ବୋଲି ହଠାତ୍ କିଛି ଜାଣି ପାରିଲେ ନାହିଁ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେମାନେ ଦେଖିଲା ବେଳକୁ ଜମିଦାରଙ୍କ ପ୍ରାଣବାୟୁ ଉଡ଼ି ଯାଇଛି ଓ ସେ ଯୁବକର ଆଉ କୌଣସି ପତ୍ତା ନାହିଁ ।

ସଙ୍ଗେ ସଙ୍ଗେ ପୋଲିସ୍‌କୁ ଖବର ଦିଆହେଲା । ପୋଲିସ୍ ଆସିଲେ । ଘଟଣାର ତଦନ୍ତ କଲେ । ସେ ଯୁବକ ନାମରେ ୱାରଣ୍ଟ୍ ଜାରି ହେଲା । ତାକୁ ଧରି ଦେଇ ପାରିଲେ ଧରିବା ବ୍ୟକ୍ତିକୁ ପୁରସ୍କାର ଦିଆଯିବାର ମଧ୍ୟ ଘୋଷଣା କରାହେଲା । ଗାଁ ଲୋକ କିଏ କାହିଁକି ଯିବେ ତାକୁ ଧରିବାକୁ । ବରଂ

ସେମାନେ ଜମିଦାର ମରିଥିବାରୁ ଖୁସୀ । ଖାଲି ଖୁସୀ ନୁହଁ, ଭୟଶୂନ୍ୟ ମଧ୍ୟ । ଝିଅ ବୋହୂମାନେ ନିର୍ବିଘ୍ନରେ ଚଳପ୍ରଚଳ ହୋଇ ପାରୁଛନ୍ତି । ଚାରିଆଡ଼େ ଶାନ୍ତି । ଜମିଦାରର ଦୁଷ୍ଟ ଚରମାନେ ବି ଏଣିକି ଭୟରେ ଗାଁ ଲୋକଙ୍କ ସଙ୍ଗେ ମିଳିମିଶି ଚଳିଲେଣି ।

କିନ୍ତୁ ସେ ଯୁବକ ଆଉ ଫେରିଲା ନାହିଁ । ସେ ଲୁଚି କରି ବୁଲି ବୁଲି ଯାଇ ଗୋଟିଏ ଡକାୟତ ଦଳରେ ଯୋଗ ଦେଲା । ସେଥିରେ ଯୋଗ ଦେଇ ଆହୁରି କେତେ ଲୋକଙ୍କୁ ମଧ୍ୟ ଖୁନ୍ କଲା । କିନ୍ତୁ ଯେତେ ଯାହା କଲେ ବି ତା'ର ହୃଦୟ ଏସବୁ କାର୍ଯ୍ୟକୁ ସ୍ୱୀକାର କରୁ ନ ଥାଏ । ତା'ର ସେହି ସରଳ, ଶାନ୍ତ, ଗ୍ରାମ୍ୟ ପ୍ରକୃତି ମନେ ପଡ଼ିଯାଉଥାଏ, ମାତ୍ର ଆଉ କୌଣସି ଗୋଟିଏ ପ୍ରବଳ ଶକ୍ତିର ଚାପରେ ତାହା କୁଆଡ଼େ ଲୁଚି ଯାଉଥାଏ । ସେ ଭାବିପାରେ ନାହିଁ ଏସବୁ ସେ କାହିଁକି କରୁଛି ଓ ଏଥିରୁ କେବେ ମୁକ୍ତ ହେବ ।

କିନ୍ତୁ ଏଥିରୁ ମୁକ୍ତ ହେବା ନିମନ୍ତେ ତା' ଅନ୍ତରର ଯେଉଁ ଯଥାର୍ଥ ଅଭୀପ୍ସା ତା'ର ଉତ୍ତର ଦିନେ ଭଗବାନଙ୍କଠାରୁ ମିଳିଲା । ସେ ଯେଉଁ ଜଙ୍ଗଲରେ ଆଡ୍‌ଡା କରିଥିଲା ସେଇ ଜଙ୍ଗଲ ବାଟ ଦେଇ ଦିନେ ଜଣେ ସାଧୁ ଯାଉଥିଲେ । ସାଧୁଙ୍କର କିନ୍ତୁ ଗେରୁଆ ବସ୍ତ୍ର କି ନିଶଦାଢ଼ି ନ ଥିଲା । ତେଣୁ ସେ ଜଣେ ସାଧୁ ବୋଲି ଚିହ୍ନ ହେଉ ନ ଥିଲେ । ହଠାତ୍ ଏ ଯୁବକ ଛୁରିଟିଏ ହାତରେ ଧରି ଯାଇ ତାଙ୍କ ପଥ ଓଗାଳି ଛିଡ଼ା ହେଲା । ସାଧୁ ଭଗବତ୍-ପ୍ରେରିତ ଥିଲେ । ଏ ଆକସ୍ମିକ ଘଟଣାରେ ତାଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲା ନାହିଁ । ସେ ସ୍ଥିର, ଶାନ୍ତ, କୋମଳତାପୂର୍ଣ୍ଣ ଦୃଷ୍ଟି ସହ ହସ ହସ ମୁଖରେ ସେ ଯୁବକକୁ ଚାହିଁ ଛିଡ଼ା ହେଲେ । କହିଲେ, ''ମୋତେ ମାରିବୁ, ମାରି ଲାଭ କ'ଣ ?'' ଏତିକି କଥା– ମୋତେ ମାରିବୁ, ମାରି ଲାଭ କ'ଣ– ତା' କାନରେ ପଡ଼ିବା ମାତ୍ରେ ତା' ଭିତରୁ ଯେପରି ଗୋଟିଏ ଭୂତ ଛାଡ଼ିଗଲା । ତାକୁ ବହୁତ ସହଜ, ସ୍ୱାଭାବିକ ଓ ହାଲୁକା ଲାଗିଲା । ସେ ସାଧୁଙ୍କ ପାଦ ତଳେ ପଡ଼ି ପ୍ରଣାମ କଲା । ସାଧୁ ତାକୁ ତଳୁ ଉଠାଇ ତା'ର ମୁଣ୍ଡ ଆଉଁସି

ଦେଇ କହିଲେ, ''ଏଥର ଯା, ଗାଁକୁ ଫେରି ଯା । ତୋର ବିଶେଷ କିଛି କ୍ଷତି ହେବ ନାହିଁ ।''

ଯୁବକଟି ଗାଁକୁ ଫେରି ଆସିଲା । ଏହା ମଧ୍ୟରେ ପୋଲିସ୍ ଗାଁ ଲୋକଙ୍କଠାରୁ ଜମିଦାର ବିରୋଧରେ ଅନେକ ଖୁନ୍ ଓ ଅତ୍ୟାଚାରର ପ୍ରମାଣ ପାଇସାରିଲେଣି । ଯୁବକଟି ସିଧା ଯାଇ ପୋଲିସ୍ ଥାନାରେ ନିଜର ସମସ୍ତ ଦୋଷ ମାନିଗଲା । ବିଚାରରେ କିଛି ମାସ ତାକୁ ସଶ୍ରମ ଜେଲଦଣ୍ଡ ମିଳିଲା । ତା'ପରେ ସେ ତା'ର ଗାଁକୁ ଫେରିଆସି ଶାନ୍ତିରେ କାମ କରି ରହିଲା । ଆଉ କେବେ ତା' ମନରେ ମଣିଷକୁ ଖୁନ୍ କରିବାର ଭାବ ଜାଗିନି । ବରଂ ମଣିଷ ପ୍ରତି ସାଧାରଣ ମଣିଷ ଅପେକ୍ଷା ତା'ର ସହୃଦୟତା ବଢ଼ିଛି ।

ବେଳେବେଳେ ସେ ଯୁବକ ମନରେ ପ୍ରଶ୍ନ ଉଠେ, ''ମୁଁ କିପରି ଏହା କଲି ?'' ତା'ର ଉତ୍ତର ଆମେ ମା'ଙ୍କର ଗୋଟିଏ ବାଣୀରୁ ପାଇବା । ମା କହିଛନ୍ତି :

''Indeed, one can have also an inspiration to commit a murder ! In countries where they decapitate murderers, cut off their heads, this causes a very brutal death which throws out the vital being, not allowing it the time to decompose for coming out of the body; the vital being is violently thrown out of the body, with all its impulses; and generally it goes and lodges itself in one of those present there, men half horrified, half with a kind of unhealthy curiosity. That makes the opening and it enters within. Statistics have proved that most young murderers admit that the impulse came to them when they were present at

the death of another murderer. It was an ‘‘Inspiration’’, but of a detestable kind.

‘‘Fundamentally it is a moment of openness to something which was not within your personal consciousness, which comes from outside and rushes into you and makes you do something. This is the widest formula that can be given.’’

‘‘ବାସ୍ତବରେ, ତୁମେ ମଧ୍ୟ ଏକ ଖୁନ୍ କରିବା ନିମନ୍ତେ ପ୍ରେରଣା ପାଇପାର । ଦେଶରେ ଯେଉଁଠାରେ ହତ୍ୟାକାରୀମାନଙ୍କର ମସ୍ତକ ଛେଦନ କରାଯାଏ, ଏହା ସେଠାରେ ଏକ ପାଶବିକ ମୃତ୍ୟୁ ସୃଷ୍ଟି କରେ ଯାହାକି ପ୍ରାଣସତ୍ତାକୁ ବଳାତ୍କାର କରି ବାହାରକୁ ଫିଙ୍ଗିଦିଏ, ଶରୀରରୁ ବହିଷ୍କୃତ ହେବା ନିମନ୍ତେ ଯେଉଁ ପଚନ ଆବଶ୍ୟକ ସେଥିଲାଗି ଏହାକୁ ସମୟ ଦିଏ ନାହିଁ; ପ୍ରାଣଶକ୍ତି ଅତି ପ୍ରଚଣ୍ଡ ଭାବରେ ତାହାର ସମସ୍ତ ପ୍ରବୃତ୍ତି ସହ ଶରୀର ବାହାରକୁ ନିକ୍ଷିପ୍ତ ହୁଏ । ସାଧାରଣତଃ ଏହା ବାହାରି ଯାଏ ଓ ସେଠାରେ ଉପସ୍ଥିତ ଥିବା କେହି ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଆଶ୍ରୟ ନିଏ । ସେହି ବ୍ୟକ୍ତି ମଧ୍ୟରେ ଆଶ୍ରୟ ନିଏ ଯିଏ କେତେକ ପରିମାଣରେ ଭୟଭୀତ ଓ କେତେକ ପରିମାଣରେ ଏକ ପ୍ରକାର ଅବାଞ୍ଛିତ ଭାବେ କୌତୂହଳୀ ହୋଇ ଉଠିଥାଏ । ଏସବୁ ତା’ ମଧ୍ୟରେ ସୃଷ୍ଟି କରେ ଏକ ଛିଦ୍ର ଓ ସେହି ବାଟ ଦେଇ ଏହା ଭିତରକୁ ପ୍ରବେଶ କରେ । ପରିସଂଖ୍ୟାନକାରୀମାନେ ପ୍ରମାଣିତ କରି ଦେଖାଇ ଦେଇଛନ୍ତି ଯେ ଅଧିକାଂଶ ତରୁଣ ହତ୍ୟାକାରୀ ସ୍ୱୀକାର କରିଛନ୍ତି ଯେ ସେମାନେ ଅନ୍ୟ ଏକ ହତ୍ୟାକାରୀର ମୃତ୍ୟୁ ସମୟରେ ଉପସ୍ଥିତ ଥିବା ସମୟରେ ହତ୍ୟାର ପ୍ରବୃତ୍ତି ସେମାନଙ୍କ ମଧ୍ୟକୁ ଆସିଛି । ଏହା ଏକ ‘‘ପ୍ରେରଣା’’ କିନ୍ତୁ ଅବାଞ୍ଛିତ ଧରଣର ।

‘‘ମୂଳତଃ ଏହା ହେଉଛି ତୁମ ବ୍ୟକ୍ତିଗତ ଚେତନା ମଧ୍ୟରେ ନ ଥିବା ଅନ୍ୟ କିଛି ପ୍ରତି ଏକ ଉନ୍ମୀଳନର ମୁହୂର୍ତ୍ତ, ଯାହାକି ବାହାରୁ ଆସେ ଓ ତୁମ

ମଧ୍ୟରେ ଧସେଇ ପଶେ ଓ ତୁମ ଦ୍ୱାରା କିଛି କରାଇ ନିଏ । ଏସବୁ ଘଟଣାର ଏଇ ହେଉଛି ବ୍ୟାପକତମ ସୂତ୍ର ।''

ଏହିପରି ଅନେକ ସମୟରେ ବ୍ୟକ୍ତିର ନିଜର ଇଚ୍ଛା ନ ଥିଲେ ବି ତା'ର ଅଜଣାରେ ବାହାରର ଏକ ଅତୃପ୍ତ ପ୍ରାଣଶକ୍ତି ତା ମଧ୍ୟରେ ପ୍ରବେଶ କରି କାର୍ଯ୍ୟ କରାଇ ନିଏ । (ଏମାନଙ୍କ ଛଡ଼ା ବି ଅନେକ କ୍ଷୁଦ୍ର କ୍ଷୁଦ୍ର କାମନାବାସନା ବାତାବରଣ ମଧ୍ୟରେ ଘୂରି ବୁଲୁଥାଆନ୍ତି । ବ୍ୟକ୍ତି ମଧ୍ୟରେ ଟିକିଏ ଛିଦ୍ର ପାଇଲେ ସେମାନେ ତା ମଧ୍ୟରେ ପ୍ରବେଶ କରି ନିଜ ନିଜର ଉଦ୍ଦେଶ୍ୟ ସାଧନ କରାଇ ନେବାକୁ ଚେଷ୍ଟା କରନ୍ତି ।) ସାଧାରଣ ମଣିଷ କ୍ଷେତ୍ରରେ ସେ ଯଦି ସଚେତନ ନ ହୁଏ ତେବେ ଏହା ତା'ର ଜୀବନର ଶେଷ ପର୍ଯ୍ୟନ୍ତ ଆବୋରି ରହିପାରେ । ମଣିଷ ତା'ର ନିଜ ପ୍ରକୃତିର ଦୋଷତ୍ରୁଟି ହେତୁ ଯେଉଁ ଭୁଲ କର୍ମ କରେ ତାହା ଅପେକ୍ଷା ଏହି ଶକ୍ତିର ପ୍ରଭାବରେ ଯେଉଁ ଭୁଲ କର୍ମ କରିବାର ପ୍ରେରଣା ପାଏ ତାହା ଅତି ପ୍ରଚଣ୍ଡ । ସାଧାରଣ ବ୍ୟକ୍ତି ଏମାନଙ୍କୁ ଜାଣିପାରେ ନାହିଁ; ତା ପ୍ରକୃତିରେ ଥିବା ଦୁର୍ବଳତାକୁ ଏମାନେ ଆଶ୍ରୟ କରି ରହନ୍ତି । ସେ ସେମାନଙ୍କୁ ନିଜର ସ୍ୱାଭାବିକ ପ୍ରକୃତି ବୋଲି ଗ୍ରହଣ କରିନିଏ । ତେଣୁ ସେମାନେ ସହଜରେ ତା ମଧ୍ୟରେ ବାସ କରିପାରନ୍ତି ।

କିନ୍ତୁ ଯେଉଁମାନେ ଭଗବାନଙ୍କ ଆଶ୍ରିତ, ବିଶେଷ କରି ରୂପାନ୍ତର ଯୋଗ ସାଧନାର ପଥରେ ନିଷ୍ଠାର ସହ ଯାତ୍ରା କରୁଛନ୍ତି ସେମାନଙ୍କ ମଧ୍ୟକୁ ଏହି ଶକ୍ତି ଆସିଲେ ସେମାନେ ତାକୁ ଏକ ବିଦେଶୀ ଶକ୍ତି ବୋଲି ଜାଣିପାରନ୍ତି । ଆସିବା ପୂର୍ବରୁ ସଚେତନ ରହି ତାକୁ ଏଡ଼ାଇ ଦେଇ ପାରନ୍ତି, ନଚେତ୍ ଆସିବା ପରେ ତାକୁ ଭଗବାନଙ୍କୁ ସମର୍ପଣ କରନ୍ତି । ଭଗବତୀ ଶକ୍ତିର କ୍ରିୟା ଫଳରେ ତାହା ସାମାନ୍ୟ କ୍ଷୟକ୍ଷତିର ସହ ବ୍ୟକ୍ତିକୁ ଛାଡ଼ି ଚାଲିଯାଏ, ନଚେତ୍ ରୂପାନ୍ତରିତ ହୋଇଯାଏ । ବ୍ୟକ୍ତି ଯଥାର୍ଥରେ ନିଷ୍ଠାପର ଥିଲେ ଏମାନଙ୍କ ପ୍ରଭାବର ତାଡ଼ନାରେ କିଛିକାଳ ଭୁଲ୍ କଲେ ବି ଅନ୍ତରରେ ତା'ର ଜ୍ୱଳନ୍ତ ଅଭୀପ୍ସା ସବୁବେଳେ ରହିଥାଏ ଏଥିରୁ ମୁକ୍ତ ହେବାକୁ କିଂବା

ଏହାକୁ ରୂପାନ୍ତର କରିବାକୁ । ଫଳରେ ଆପାତ ଦୃଷ୍ଟିରେ ତା'ର କ୍ଷତି ହେଲା ଭଳି ଜଣାପଡ଼ିଲେ ବି ପରିଣାମରେ ତା'ର ଆଉ ଏକ ପାଦ ଅଗ୍ରଗତି ହୁଏ । କିନ୍ତୁ ସେ ଏହାକୁ ଯଥାର୍ଥ ଶକ୍ତି ନୁହେଁ ବୋଲି ଜାଣି ପରିବର୍ତ୍ତନ ପାଇଁ ନିଷ୍ଠାର ସହ ଚାହୁଁଥିବା ଦରକାର । ତେବେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ତା ଆସିବ । ସେଇଥି ଯୋଗୁଁ ମା କହିଛନ୍ତି :

''For those who are truly sincere, truly good-willed, all these fits can be changed into a means for progress. Each time that you have an attack of this kind, a sort of storm, you can change the crisis into a new progress, into one more step towards the goal... you can purify the weakness and turn it into a new consciousness. And you find after the storm that you have grown a little more, you have truly made a progress.''

''ଯେଉଁମାନେ ଯଥାର୍ଥରେ ନିଷ୍ଠାପର, ଯଥାର୍ଥରେ ସଦିଚ୍ଛାସଂପନ୍ନ, ସେମାନଙ୍କ କ୍ଷେତ୍ରରେ ଏହିସବୁ ଆକସ୍ମିକ ଆକ୍ରମଣ ଏକ ଅଗ୍ରଗତିର ଉପାୟରେ ପରିଣତ ହୋଇପାରେ । ପ୍ରତ୍ୟେକ ଥର ଯେତେବେଳେ ତୁମେ ଏହି ପ୍ରକାର ଆକ୍ରମଣ, ଏହି ପ୍ରକାର ଝଡ଼ର ସମ୍ମୁଖୀନ ହୁଅ, ସେତେବେଳେ ତୁମେ ଏହି ସଂକଟକୁ ଏକ ନୂତନ ଅଗ୍ରଗତି, ଲକ୍ଷ୍ୟ ଦିଗରେ ଆଉ ଏକ ଅଧିକ ପଦକ୍ଷେପରେ ପରିଣତ କରିପାର । ...ତୁମେ ଏହି ଦୁର୍ବଳତାଟିକୁ ଶୁଦ୍ଧ କରି ତାକୁ ଏକ ନୂତନ ଚେତନାରେ ପରିଣତ କରିପାର । ଏବଂ ଝଡ଼ ପରେ ତୁମେ ଦେଖିବ ତୁମର ଆଉ ଟିକିଏ ଅଭିବୃଦ୍ଧି ସାଧିତ ହୋଇଛି ଓ ତୁମେ ଯଥାର୍ଥରେ ଏକ ଅଗ୍ରଗତି ସାଧନ କରିଛ !''

## ପାଇଲେ ଅବହେଳା, ନ ପାଇଲେ ଝୁରୁ

''ଭାତ କେତେବେଳୁ ବଢ଼ା ହେଲାଣି, ଶୁଖିଯାଉଛି, ଖାଇଦେଇ ଯା; ତା'ପରେ ତୋର ତୁ କ'ଣ କରୁଛୁ କରୁଥା ।''

''ନାଇଁ ନାଇଁ ମୁଁ ଏଇନେ ଖାଇବି ନାଇଁ । ତୋତେ କିଏ କହୁଥିଲା କି ଭାତ ବାଢ଼ିବାକୁ ?''

''ଏ ଧୂମୁଧୂମିଆ ଖରାବେଳଟାରେ ବୁଲୁଚୁ କାଇଁକି ? ଏଇନେ ଟିକିଏ ଶୋଇପଡ଼; ଛାଇ ଆଡ଼ଉ, ଉଠି ଖେଳିବୁ କି ଯାହା କରିବୁ ।''

''ତୋର କ'ଣ ଅଛି ? ତୁ ଯାଉନୁ ଶୋଇବୁ ।''

''ଗଲୁ ଟିକିଏ ବଜାରରୁ ଅମୁକ ସଉଦାଟା ଆଣିବୁ ।''

''ମୋର ଏଇନେ ବେଳ ନାଇଁ, ତୁ ଆଉ କାହାକୁ ପଠେଇ ଦଉନୁ ।''

ଗୋଟିଏ ମା'ର ଏଇସବୁ ଆଦର ଅନୁରୋଧର ଉତ୍ତର ତା'ର ପୁଅ ଏଇପରି ଦିଏ । କୌଣସି କିଛିକୁ ଖାତିର ନ ଥାଏ । ବୁଲେ, ଖେଳେ; ମା ଗୋଟାଏ ଅଛି, ତା'ର ଗୋଟାଏ ଆବଶ୍ୟକତା ଅଛି, କି ତା'ର ଗୋଟିଏ କଥାର ମୂଲ୍ୟ ଅଛି– ଏସବୁ ଚିନ୍ତା ତା ମୁଣ୍ଡରେ ପଶେ ନାହିଁ ।

ହଠାତ୍ ମା'ଟିର କୌଣସି ଅସୁସ୍ଥତା ହେତୁ ଅକାଳ ବିୟୋଗ ଘଟେ । ତା'ପରେ ପୁଅଟିର ସବୁ ମନେପଡ଼େ । ଏଣିକି ଆଉ କେହି ଖାଇବା ଲାଗି ଆଦର ଯତ୍ନ କରି ଖୋସାମତ କରୁ ନାହାନ୍ତି । ଅନ୍ୟାନ୍ୟ ଭାଇଭଉଣୀଙ୍କ ସହ ହାତରେ ରାନ୍ଧି ଖାଇବାକୁ ହେଉଛି । ସୁଆଦ ଅସୁଆଦ କଥା କିଏ ପଚାରେ ! ଖରାବେଳେ ନ ଶୋଇ ବୁଲିଲେ କି ଯାହା କଲେ ଆଉ କେହି କହିବାକୁ ନାହିଁ । ପାଠପଢ଼ା ହେଉଛି କି ନାହିଁ, ସାର୍ଟ ପ୍ୟାଣ୍ଟ ମଇଳା ହେଲାଣି କି ଚିରି ଗଲାଣି ସେଥିପ୍ରତି ଆଉ କାହାର ନଜର ନାହିଁ । ମନେପଡ଼େ ମା

ଥିଲା ବେଳର କଥା । ମଣିଷଟାଏ ଥିଲା ବୋଲି ଖାତିର ନ ଥିଲା କି ଗୁରୁତ୍ୱ ନ ଥିଲା । କିନ୍ତୁ ବର୍ତ୍ତମାନ ତା'ର ଅନୁପସ୍ଥିତିରେ ସେସବୁ ଆନ୍ତରିକ ସ୍ନେହ ଶ୍ରଦ୍ଧାର ବୋଧ ସ୍ପଷ୍ଟ ହୋଇଉଠିଛି । ହେଲେ ସେ ସମୟ ଚାଲିଯାଇଛି ଓ ଏମିତି ସମସ୍ତଙ୍କ ଅଜଣାରେ ଚାଲିଯାଏ ।

ଏ ଅବଶ୍ୟ ସାଧାରଣ ଜୀବନ କଥା । କାରଣ ଏ ସ୍ନେହ ଶ୍ରଦ୍ଧା ଆନ୍ତରିକ ହେଲେ ବି ଆସକ୍ତି ମିଶି ରହିଥାଏ ଯାହାକି ଦୁଃଖ, ହତାଶାର କାରଣ ହୋଇଥାଏ । କିନ୍ତୁ ସାଧନାର ଜୀବନ କଥା ଭିନ୍ନ । ସେଠାରେ ବି ସ୍ନେହ ଶ୍ରଦ୍ଧା ଥାଏ, ତାହା କିନ୍ତୁ ଗଭୀର, ପ୍ରଶାନ୍ତ, ସ୍ଥିର, ନିରାସକ୍ତ; ସ୍ଥୂଳ ଉପସ୍ଥିତି କିଂବା ଅନୁପସ୍ଥିତିରେ ତା'ର ବିଶେଷ କିଛି ଯାଏ ଆସେ ନାହିଁ, କିଂବା ତାହା ଦୁଃଖର କାରଣ ହୋଇ ନ ଥାଏ ।

ହଁ, ଆମ କଥାରୁ ଆମେ ବାହାରକୁ ଚାଲିଗଲେ । ପିଲାଟି ବର୍ତ୍ତମାନ ମାଟ୍ରିକ୍ ଶେଷ କ୍ଲାସରେ ପଢୁଛି । ବେଳେବେଳେ କ୍ଲାସରେ ଅଙ୍କ, ଇଂରାଜୀ ଯେତେବେଳେ କଷ୍ଟ ଲାଗୁଛି ସେତେବେଳେ ଭାବୁଛି ମୁଁ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ପଢୁଥା'ନ୍ତି କି ସବୁ ବିଷୟ ଭଲ କରି ବୁଝିପାରନ୍ତି, ନୋଟ୍ କରନ୍ତି, ସମସ୍ତଙ୍କଠାରୁ ଭଲ କରିପାରନ୍ତି । ପାଠ୍ୟକ୍ରମର କୌଣସି ବିଷୟ ପ୍ରତି ଭୟ ରହନ୍ତା ନାହିଁ । ପାଠଟା ବହୁତ ସହଜ ଲାଗନ୍ତା । କିନ୍ତୁ ଆଉ କ'ଣ ଅଷ୍ଟମ ଶ୍ରେଣୀରେ ପଢ଼ି ହେବ ? ସେ ସମୟ ଚାଲିଯାଇଛି ।

ବେଳେବେଳେ ତା'ର ମନେହୁଏ ପିଲାଦିନଟିକୁ ମୋର କେତେ ଅବହେଳାରେ କଟାଇ ଦେଇଛି । ଯଦି ପୁଣି ଥରେ ପିଲା ହୋଇଯାଆନ୍ତି ତେବେ ନିଜକୁ ଭଲ କରି ଗଢ଼ିନିଅନ୍ତି । କିନ୍ତୁ ପିଲାଦିନ ଆଉ କ'ଣ ଆସିବ ?

*

ସୁନ୍ଦର ପଲ୍ଲି ଗାଁଟିଏ । ଗୋଟିଏ ଦିଗରେ ଏହାର ହୃତ୍ ସ୍ପନ୍ଦନ ସଦୃଶ କୁଳୁ କୁଳୁ ହୋଇ ଚିରସ୍ରୋତା ନଈଟିଏ ପ୍ରବାହିତ ହେଉଛି; ଆଉ ଗୋଟିଏ

ଦିଗରେ ସୁନ୍ଦର ଏକ ଗାଡ଼ି ମୋଟରର ରାସ୍ତା । ମଫସଲ ଅଞ୍ଚଳ । ଅଧିକାଂଶ ସମୟ ନୀରବ ନିର୍ଜନ ଥାଏ । ଆଉ ଗୋଟିଏ ଦିଗରେ ଆମ୍ବ ପଣସର ସୁଶୀତଳ ଛାୟାପ୍ରଦ ଏକ ବିଶାଳ ତୋଟା ଓ ଅନ୍ୟ ଏକ ଦିଗ ସବୁଜ ଫସଲ ଓ ଶସ୍ୟକ୍ଷେତ୍ରରେ ହସିଉଠୁଛି । ସେ ଗାଁରେ ଶିକ୍ଷିତ, ମୂର୍ଖ, ଧନୀ, ଗରିବ ଅନେକ ଲୋକ । ରାତି ପାହିଲେ ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ ।

ଗାଁଟିର ଗୋଟିଏ ପରିବାରରେ ଜଣେ ବ୍ୟକ୍ତି ବାସ କରୁଥିଲେ । ତାଙ୍କର ସ୍ୱଭାବ ଭିନ୍ନ ଧରଣର । ସେ ସେହି ଗାଁ ନିକଟରେ କୌଣସି ଏକ ଅଫିସରେ କାମ କରୁଥିଲେ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ କାମ କରିବାରେ ସେ ଯେତେ ଆନନ୍ଦ ନ ପାଆନ୍ତି ଗାଁର ଉନ୍ନତିମୂଳକ କାର୍ଯ୍ୟ କରିବାରେ ସେତେ ଆନନ୍ଦ ପାଆନ୍ତି । ଗାଁରେ ପାଠାଗାର କରିବା, କ୍ଲବ କରିବା, ଭାଗବତ ଚର୍ଚ୍ଚା କେନ୍ଦ୍ର ଗଠନ କରି ସେଠାରେ ନିୟମିତ ଧ୍ୟାନ, ପ୍ରାର୍ଥନା, ଆଧ୍ୟାତ୍ମିକ ଆଲୋଚନା ଆଦି କରିବା, ନିୟମିତ ଖେଳ କସରତ କରି ସୁସ୍ଥ ଶରୀର ଗଠନ ନିମନ୍ତେ କେନ୍ଦ୍ର ଗଠନ କରିବା ଇତ୍ୟାଦି ଯେପରି ତାଙ୍କର ନିଜର କାର୍ଯ୍ୟ । ଗାଁରେ କେହି ଅସୁସ୍ଥ ହେଲେ ତାଙ୍କୁ ଔଷଧ ଦେଇ ତାଙ୍କର ସେବା ଶୁଶ୍ରୂଷାର ବ୍ୟବସ୍ଥା କରନ୍ତି ଓ ଗୁରୁତର କିଛି ହେଲେ ବଡ଼ ଡାକ୍ତରଖାନାକୁ ପଠାନ୍ତି । ଗାଁର ଚାଷଜମି ତାଙ୍କର ଅତି ପ୍ରିୟ ଭୂଇଁ । ସେଠାକୁ ଗଲେ ସେ ହୃଦୟରେ କିପରି ଏକ ଅବ୍ୟକ୍ତ ଶାନ୍ତି ଓ ଆନନ୍ଦ ଅନୁଭବ କରନ୍ତି । ଗାଁର ଚାଷୀମାନଙ୍କୁ ଉନ୍ନତ ଚାଷ, ଉନ୍ନତ ବିହନ, ଉନ୍ନତ ସାର ଆଦିର ପ୍ରଚଳନ ସମ୍ବନ୍ଧେ ବୁଝାନ୍ତି, ନିଜେ ସେମାନଙ୍କ ସହ ବେଳେବେଳେ କାର୍ଯ୍ୟ କରନ୍ତି, ପାଖକୁ ପାଖ ଲାଗିଥିବା ଜମିଗୁଡ଼ିକର ଚାଷୀମାନଙ୍କୁ ଏକାଠି କରି କେତେକ ଚାଷ ସମବାୟ ସୂତ୍ରରେ କରାନ୍ତି । ଗାଁର ଝିଅ ବୋହୂମାନେ ଘରକାମ କରି ବିଭିନ୍ନ ଆବଶ୍ୟକ କୁଟୀର ଶିଳ୍ପରେ ନିଜକୁ ନିୟୋଜିତ କରିବା ନିମନ୍ତେ ସୁବିଧା କରିଦିଅନ୍ତି । ଗାଁର ପିଲାମାନେ କିପରି ପାଠପଢ଼ା ପ୍ରତି

ଆଗ୍ରହୀ ହେବେ ଓ ଆବଶ୍ୟକ ସମସ୍ତ ସାହାଯ୍ୟ ସହଯୋଗ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତି । ଗାଁର ରାସ୍ତାଘାଟ, ଘରଦ୍ୱାର ଆଦି ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ଲୋକଙ୍କୁ ପ୍ରବର୍ତ୍ତାନ୍ତି ଓ ନିଜେ ନିଜର ସହକର୍ମୀଙ୍କୁ ନେଇ ସେ ଦିଗରେ କାର୍ଯ୍ୟ କରନ୍ତି । ଗାଁର ସାଂସ୍କୃତିକ ଉତ୍ସବଗୁଡ଼ିକ କିପରି ଶାନ୍ତି, ଶୃଙ୍ଖଳା, ଶିକ୍ଷା ତଥା ସହଯୋଗମୂଳକ ଭିତ୍ତିରେ ହୋଇପାରିବ ଓ ଲୋକମାନଙ୍କର ବ୍ୟକ୍ତିଗତ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ଜୀବନକୁ ପ୍ରଭାବିତ କରିପାରିବ ସେଇଭଳି ଭାବେ ସଂଗଠିତ କରାଇ ଥାଆନ୍ତି । ଆଉ ଏହିପରି ଯେତେ ବିକାଶମୂଳକ କାର୍ଯ୍ୟ ହୋଇପାରେ ସେସବୁ ପାଇଁ ଆନନ୍ଦରେ ନିଜକୁ ଉତ୍ସର୍ଗ କରନ୍ତି ।

ଗାଁର ଲୋକମାନେ ତାଙ୍କୁ ସମ୍ମାନ କରନ୍ତି, ଆଦର କରନ୍ତି କିନ୍ତୁ କେହି ତାଙ୍କର ଉପସ୍ଥିତିର ଗୁରୁତ୍ୱ ଓ ଆବଶ୍ୟକତା ଗଭୀରଭାବେ ଉପଲବ୍ଧି କରିପାରନ୍ତି ନାହିଁ । କେତେକ ଈର୍ଷାପରାୟଣ ବ୍ୟକ୍ତି ବି ତାଙ୍କୁ ସମାଲୋଚନା କରି ପରୋକ୍ଷରେ କିଂବା ପ୍ରତ୍ୟକ୍ଷରେ ତାଙ୍କର ବିରୋଧ କରନ୍ତି । କୌଣସି ସାମୂହିକ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ସାହାଯ୍ୟ ଲୋଡ଼ିଲା ବେଳେ ଅନେକ ବ୍ୟକ୍ତି ମୁହଁ ଆଡ଼େଇ ଦେଇଥାଆନ୍ତି । ଏଥିରେ ସେ ଆଘାତ ପାଆନ୍ତି; କିନ୍ତୁ ହତାଶ ହୁଅନ୍ତି ନାହିଁ । ଲୋକମାନେ ଯଦି ତାଙ୍କ ସହ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥାନ୍ତେ ତେବେ ସେମାନଙ୍କ ବ୍ୟକ୍ତିଗତ ଜୀବନର ଓ ସାମୂହିକ ଜୀବନର ବହୁତ ଅଗ୍ରଗତି ହୋଇପାରିଥାନ୍ତା । କିନ୍ତୁ ସେତେବେଳେ ସେମାନେ ଏହା ହୃଦୟଙ୍ଗମ କରିପାରୁ ନ ଥିଲେ । ହଠାତ୍ ଦିନେ ସେ ବ୍ୟକ୍ତିଙ୍କର ବଦଳି ଆଦେଶ ଆସିଲା । ସେଠା ଅଫିସ ଛାଡ଼ି ତାଙ୍କୁ ଅନ୍ୟତ୍ର ଯିବାକୁ ହେଲା । ଗାଁ ସହ ବିଶେଷ କିଛି ସଂପର୍କ ରହିଲା ନାହିଁ । ତାଙ୍କର ଅନୁପସ୍ଥିତିରେ ଲୋକମାନେ ବର୍ତ୍ତମାନ ତାଙ୍କ ଉପସ୍ଥିତିର ଗୁରୁତ୍ୱ ଓ ତାଙ୍କ ଅନୁପସ୍ଥିତିରେ ସେମାନଙ୍କର ଯେଉଁ କ୍ଷତି ତାହା ଅଙ୍ଗେ ଲିଭେଇବାକୁ ଆରମ୍ଭ କଲେ । ସମସ୍ତେ ତାଙ୍କୁ ପୁଣି ଝୁରିଲେ, ଅନେକ ଚିଠି ଦେଲେ, ଅନେକ

ବ୍ୟକ୍ତିଗତଭାବେ ଯାଇ ଅନୁରୋଧ କଲେ ପୁଣି ଚେଷ୍ଟା କରି ଗାଁ ପାଖକୁ ଫେରିଆସିବାକୁ ।

ସେ କିନ୍ତୁ ଆଉ ଫେରିଲେ ନାହିଁ । କହିଲେ : ଭଗବାନ ଯେଉଁଠି ମୋତେ ଆଣି କାର୍ଯ୍ୟ ଦେଲେ, ସେଇଠି କରିବି । ପୁଣି ଯଦି ତାଙ୍କର ଇଚ୍ଛା ଥାଏ ସେ ସେଠାକୁ ନିଅନ୍ତି ଯିବି । ନଚେତ୍ ଏଇଠି କାର୍ଯ୍ୟ କରିବି । ତୁମେମାନେ ଯେଉଁପରି ଧାରାରେ କାର୍ଯ୍ୟସବୁ ଆରମ୍ଭ ହୋଇଥିଲା, ସେଇପରି ଧାରାରେ ତାହା କର । ଭଗବାନଙ୍କ ଦୟାରୁ ଆବଶ୍ୟକ ସୁବିଧା ଓ ବିକାଶ ହେବ । ଯେତେ ଯାହା ହେଲେ ବି ଗାଁ ଲୋକେ ବେଶ୍ ଅନୁଭବ କଲେ, କ'ଣ ସେମାନେ ହରାଇଲେ । କିନ୍ତୁ ସେ ଥିଲାବେଳେ କେହି ସେ ବିଷୟରେ ଚିନ୍ତା କରୁ ନ ଥିଲେ ।

ସେହିପରି ଭଗବାନ ଯେତେବେଳେ ଆମରି ରୂପ ନେଇ ପୃଥିବୀପୃଷ୍ଠକୁ ଜୀବକୁଳ ପ୍ରତି ଅସୀମ କୃପାର ସହ ଅବତରଣ କରନ୍ତି ସେତେବେଳେ ଆମେ ତାଙ୍କୁ ସାଧାରଣ ମଣିଷ ଭାବି ଅବହେଳା କରୁ । ତାଙ୍କ ଉପସ୍ଥିତିର ସୁଯୋଗ ଗ୍ରହଣ କରିପାରୁ ନାହିଁ । ପରେ ପୁଣି ତାଙ୍କୁ ଝୁରୁ, ତାଙ୍କରି ଲାଗି ତପସ୍ୟା କରୁ, ତାଙ୍କର ଫଟୋ ପୂଜା କରୁ । କିନ୍ତୁ ତାଙ୍କର ସ୍ଥୂଳ ଜୀବନକାଳ ମଧ୍ୟରେ ଆମେ ତାଙ୍କୁ ଅବହେଳା କରୁ ।

'Champaklal Speaks' ପୁସ୍ତକରେ ଚମ୍ପକଲାଲ ଲେଖିଛନ୍ତି : ମା ଆଶ୍ରମର କେତେକ ବ୍ୟକ୍ତିଙ୍କ ଲାଗି ପ୍ରତିଦିନ ଗୋଟିଏ ଗୋଟିଏ କାର୍ଡ଼ ପ୍ରସ୍ତୁତ କରି ପଠାନ୍ତି ଓ ସେ (ଚମ୍ପକଲାଲ) ନିଜେ ନେଇ ସେସବୁ ସାଧକଙ୍କ ଘରେ ସେମାନେ ଯେଉଁ ସମୟରେ ଘରେ ଥିବେ ସେଇ ସମୟରେ ଦେଇ ଆସନ୍ତି । କିନ୍ତୁ ଭଗବାନଙ୍କର ଏଇ ଅଯାଚିତ, ଅସୀମ କରୁଣା ଆଉ ପ୍ରେମ ନିକଟରେ କୃତକୃତ୍ୟ ହୋଇ କୃତଜ୍ଞତା ଜଣାଇବା ପରିବର୍ତ୍ତେ ସେମାନେ ଭାବନ୍ତି, ସେମାନେ ଏତେ ବଡ଼ ଯେ ମା ଚମ୍ପକଲାଲଙ୍କ ହାତରେ ସେମାନଙ୍କ ପାଖକୁ ପ୍ରତିଦିନ କାର୍ଡ଼ ପଠାଉଛନ୍ତି । ବେଳେବେଳେ ମଧ୍ୟ ସେମାନେ ମା'ଙ୍କ

ନିକଟରେ ଚମ୍ପକଲାଲଙ୍କ ବିରୋଧରେ ଅଭିଯୋଗ କରନ୍ତି ଯେ ଚମ୍ପକଲାଲ ଠିକ୍ ସମୟରେ ସେମାନେ ଘରେ ଥିବାବେଳେ ନେଇ କାର୍ଡ଼ ଦେଇ ଆସି ପାରୁ ନାହାନ୍ତି ।

ଏତ ହେଲେ ଗୋଟାଏ ପ୍ରକାର, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକେ ଭାଗବତୀ ଦିବ୍ୟଜନନୀଙ୍କର ଏଇ ଦେବଦୁର୍ଲଭ କାର୍ଡ଼କୁ ବେଖାତିର କରି ଫେରାଇ ଦିଅନ୍ତି । କିନ୍ତୁ ବର୍ତ୍ତମାନ ଆଉ ମୁଣ୍ଡ ବାଡ଼େଇଲେ ତାହା ମିଳିବ କି ?

ଆଉ ଗୋଟିଏ ଘଟଣା ମଧ୍ୟ ସେଇ ବହିରେ ଉଲ୍ଲେଖ ଅଛି । ଥରେ ଜଣେ ବ୍ୟକ୍ତିଙ୍କର ପୁଅ ଆଶ୍ରମ ସ୍କୁଲରେ ପଢୁଥିଲେ । ତା'ର ନାମ ଥିଲା ନିଖିଳ । ମା ତାକୁ ବହୁତ ଭଲ ପାଉଥିଲେ । ସେ ପିଲାଟି ଏଠି ପଢ଼ିବାକୁ ବହୁତ ଆଗ୍ରହୀ ଥିଲା; କିନ୍ତୁ ତା'ର ବାପାର କଥାକୁ ବହୁତ ମାନେ ।

ସେ ପିତାମାତାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ତା'ର ମା ତାକୁ ଛାଡ଼ି ରହିପାରିଲା ନାହିଁ । ତେଣୁ ତା'ର ବାପା ତାକୁ ଫେରାଇ ନେବା ଲାଗି ତାର କଲେ । ମା ଏହାର ଉତ୍ତରରେ ଚମ୍ପକଲାଲଙ୍କୁ ନିମ୍ନମତେ ତାର କରିଦେବାକୁ କହିଲେ : ନିଖିଳକୁ ଏଠାରେ ରଖିବା ଭଲ ହେବ । ତରବରିଆ ହୋଇ କୌଣସି ସିଦ୍ଧାନ୍ତ ଗ୍ରହଣ କର ନାହିଁ । ତୁମ ଆତ୍ମାର ବାଣୀକୁ ଶୁଣ । ତୁମର ଉତ୍ତରକୁ ଅପେକ୍ଷା ରହିଲା ।                ଆଶୀର୍ବାଦ, ମା ।

କିନ୍ତୁ ତା'ର ବାପା ତାକୁ ନେଇଯିବାର ସ୍ଥିର କରିସାରିଥିଲେ ଓ ତାଙ୍କର ମତ ପରିବର୍ତ୍ତନ କରିବାକୁ ଚାହୁଁ ନ ଥିଲେ । ମା ତାଙ୍କର ଏହି ନିରୁପାୟ ଅବସ୍ଥା ଦେଖି ଚମ୍ପକଲାଲଙ୍କୁ ଏହିପ୍ରକାର ତାର କରିଦେବାକୁ କହିଲେ : ଭଗବାନଙ୍କ ଇଚ୍ଛା ନ ହେଲେ ନାହିଁ ତୁମର ଇଚ୍ଛା ପୂରଣ ହେଉ । ମୋର ପ୍ରେମ ଓ ଆଶୀର୍ବାଦ ତୁମ ସହ ରହିବ ।        (୧.୬.୧୯୬୫)

ସେ ବ୍ୟକ୍ତି ତାଙ୍କର ପୁଅକୁ ଏଠାରୁ ନେଇଗଲେ । ପରେ ସେ ବ୍ୟକ୍ତି ଯେତେବେଳେ ଆଶ୍ରମ ଆସିବା ଲାଗି ମା'ଙ୍କ ଅନୁମତି ପ୍ରାର୍ଥନା କରିଥିଲେ

ସେତେବେଳେ ମା ଚମ୍ପକଲାଲଙ୍କୁ ଏହିପ୍ରକାରେ ତାର କରିବାକୁ କହିଲେ : ମା ତୁମକୁ ଆସିବା ଲାଗି ଅନୁମତି ଦେଲେ କିନ୍ତୁ ଏ କଥା ନିଶ୍ଚିତ ଯେ ସେ ତୁମ ସହ କୌଣସି କଥାବାର୍ତ୍ତା ହେବେ ନାହିଁ କିଂବା ଆଲୋଚନା କରିବେ ନାହିଁ ।

ଅନେକ ସମୟରେ ସ୍ୱତଃସ୍ଫୂର୍ତ୍ତରୂପେ ଆମ ଭିତରେ ଯେତେବେଳେ ନୀରବତା, ଶାନ୍ତି, ସ୍ଥିରତା ଆଦି ଆସେ ଆମେ ସେତେବେଳେ ତାକୁ ଦୀର୍ଘ ସମୟ ସ୍ଥାୟୀ କରିବା ନିମନ୍ତେ ତା ସହ ସହଯୋଗ ନ କରି, ତାକୁ ଏକ ସାଧାରଣ କଥା ଭାବି ତା' ଉପରେ ଗୁରୁତ୍ୱ ନ ଦେଇ ଅନାବଶ୍ୟକ ଗପସପ ଆରମ୍ଭ କରିଦେଉ । ଫଳରେ ସେଇ ଅନୁଭୂତି ଆମ ଚେତନାରେ ବିଶେଷ କିଛି ପ୍ରଭାବ ପକାଇବା ପୂର୍ବରୁ ଚାଲିଯାଏ । ଆଉ ଥରେ ଆମେ ଇଚ୍ଛା କଲେ ଯେ ତାହା ଆସେ ତାହା ନୁହେଁ, ପୁଣି ଥରେ ଆସିବା ବହୁତ କଷ୍ଟ । ବେଳେବେଳେ ଆସେ; କିନ୍ତୁ ତାହା ବହୁତ ଦୀର୍ଘ ସମୟ ଓ ପ୍ରଯତ୍ନ ପରେ ।

ସେଇଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି :

A spiritual opportunity is not a thing that should be lightly thrown away with the idea that it will be all right some other time– one cannot be so sure of the other time. Besides, these things leave a mark and at the place of the mark there can be a recurrence. – Sri Aurobindo

ଅନ୍ୟ ଏକ ସମୟରେ ଏହାକୁ ଗ୍ରହଣ କଲେ ଭଲ ହେବ ଭାବି କୌଣସି ଆଧ୍ୟାତ୍ମିକ ସୁଯୋଗକୁ ଗୁରୁତ୍ୱହୀନଭାବେ ଆଡ଼େଇ ଦେବା ଉଚିତ ନୁହେଁ । କାରଣ ଅନ୍ୟ ସମୟରେ ଏହା ଯେ ଆସିବ ସେ କଥା ନିଶ୍ଚିତରୂପେ କହିହେବ ନାହିଁ । ତେବେ ଏସବୁ କଥା ଏକ ଚିହ୍ନ ଛାଡ଼ିଯାଇଥାଏ ଏବଂ ସେହି ଚିହ୍ନ ସ୍ଥାନରେ ପୁନର୍ବାର ଘଟିବାର ସମ୍ଭାବନା ଥାଏ ।

– ଶ୍ରୀଅରବିନ୍ଦ

## ଭଲ ମନ୍ଦ କିପରି ଜାଣିବ

ରଙ୍ଗ କି ସୁନ୍ଦର ଜିନିଷ ! ତା'ରି ସାହାଯ୍ୟରେ ଆମେ କେତେ ଚିତ୍ର ଆଙ୍କୁଛୁ । ଆମର ଅନ୍ତରର ଭାବ ଅକ୍ଷର, ଛବି, ବିଭିନ୍ନ ଅଙ୍କନ ମାଧ୍ୟମରେ ପ୍ରକାଶ କରିପାରୁଛୁ । କେତେ ଉପକାରୀ, କେତେ ଦରକାରୀ, କେତେ ଅପରିହାର୍ଯ୍ୟ ଜିନିଷ ! କିନ୍ତୁ ରଙ୍ଗଗୁଡ଼ାଏ ଆଣି ଯଦି କିଏ ଆମ ସିଲ୍କ ପଞ୍ଜାବିରେ ବୋଳିଦିଏ କି ଆମ ବିଛଣା ଚାଦରରେ ଢାଳିଦିଏ କି ଆମ ମୁହଁରେ ମାରିଦିଏ ତେବେ ଆମେ କେତେ ବିରକ୍ତ ନ ହେଉ ! ତାକୁ କୌଣସି ମତେ ଛଡ଼ାଇବା ଲାଗି କେତେ ଚେଷ୍ଟା ନ କରୁ !

ସମୁଦ୍ରତଟ, ନଦୀକୂଳର ବାଲୁକାଶଯ୍ୟା କି ସୁନ୍ଦର ! କି ମନୋହର ! ଆଉ ସକାଳ ସଂଧ୍ୟାରେ କି ଆରାମଦାୟକ ! ଏହି ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା କବି ମନରେ କେତେ କବିତା, ଭାବୁକ ମନରେ କେତେ ଭାବନା, ଅତୀନ୍ଦ୍ରିୟବାଦୀ ମନରେ କେତେ ଅତୀନ୍ଦ୍ରିୟତା, ଶିଶୁ ମନରେ କେତେ କ୍ରୀଡାଚପଳତା ଭରି ନ ଦିଏ ! ପୁଣି ଏହି ବାଲି ଆମର ଘର ତିଆରିଠାରୁ ଆରମ୍ଭ କରି କେତେ କେତେ ଉପକାରରେ ନ ଲାଗେ ! କିନ୍ତୁ ସେହି ବାଲିକୁ ଆଣି ଯଦି କେହି ଆମ ଆଖିରେ ଭର୍ତ୍ତି କରୁ ତେବେ ଆମେ କ'ଣ ତାକୁ ପସନ୍ଦ କରୁ, ତାହା କ'ଣ ଆମକୁ ପ୍ରୀତିପ୍ରଦ ବୋଧହୁଏ ?

ଘର ନିକଟରେ, ପଥ ପାର୍ଶ୍ୱରେ ଲୋକମାନେ ଯଦି ମଳତ୍ୟାଗ କରନ୍ତି ତେବେ ତାହା କେତେ ଦୁର୍ଗନ୍ଧଦାୟକ, ଅସ୍ୱସ୍ତିକର, ଅସ୍ୱାସ୍ଥ୍ୟକର ବୋଧ ନ ହୁଏ ! ସେ ବାଟରେ ଯିବାକୁ ବି ଘୃଣା ବୋଧହୁଏ । କିନ୍ତୁ ଘୁଷୁରିର ତାହା କେଡ଼େ ପ୍ରିୟ ଖାଦ୍ୟ ! ଜମିବାଡ଼ିର ଉତ୍ପାଦିକା ଶକ୍ତି ବୃଦ୍ଧି ନିମନ୍ତେ ତାହା କିପରି ଏକ ଉତ୍କୃଷ୍ଟ ସାରରୂପେ ବ୍ୟବହୃତ ହୋଇଥାଏ !

ସେଇଥି ପାଇଁ ମା କହିଛନ୍ତି : ''If everything were in its

place, in nations, in the material world, in the actions and thoughts and feelings of individuals, the greater part of human suffering would disappear.''

''ରାଷ୍ଟ୍ର ସକଳ ମଧ୍ୟରେ, ପାର୍ଥିବ ଜଗତରେ, ବ୍ୟକ୍ତିର କର୍ମରେ, ଚିନ୍ତାରେ ଓ ଭାବାନୁଭୂତିରେ ଯଦି ପ୍ରତ୍ୟେକ କଥା ତା'ର ଯଥା ସ୍ଥାନରେ ରହେ ତେବେ ମାନବିକ ଦୁଃଖଯନ୍ତ୍ରଣାର ବୃହତ୍ତର ଅଂଶ ଦୂର ହୋଇଯିବ ।''

ସାପ କି ଭୟଙ୍କର ! ଆଉ ତା'ର ବିଷ କି ମାରାତ୍ମକ ! ସାପକୁ ଦେଖିବା ମାତ୍ରେ ବ୍ୟକ୍ତି ମଧ୍ୟରେ କିପରି ଏକ ଭୟମିଶ୍ରିତ ବିଜାତୀୟ ଭାବ ସୃଷ୍ଟି ହୁଏ । ସେ ମରିଗଲେ ବି ତାକୁ ସ୍ପର୍ଶ କରିବାକୁ ଭୟ ଲାଗେ । ସେହି ସାପ ଯଦି କାହାକୁ ଦଂଶନ କରେ, ତେବେ ତା'ର ବିଷଜ୍ୱାଳାରେ ବ୍ୟକ୍ତିକୁ ପ୍ରାଣ ହରାଇବାକୁ ପଡ଼ିଥାଏ । କିନ୍ତୁ ସାପୁଆ କେଳାଟି ପକ୍ଷରେ ତା'ର ସାପଟି ତା' ଲାଗି କେଡ଼େ ପ୍ରିୟ ! ଯେତେ ବିଷଧର, ଯେତେ ମାରାତ୍ମକ ସେ ହେବ ତା' ପକ୍ଷରେ ସେ ସେତେ ପ୍ରିୟ, ସେତେ ଆୟପ୍ରଦ । ଆଉ ଚିକିତ୍ସା-ବିଜ୍ଞାନର କ୍ଷେତ୍ରରେ ସାପବିଷ କେତେ ପ୍ରୟୋଜନୀୟ ବସ୍ତୁ ନୁହେଁ ! ସାପ ଚମଡ଼ାରୁ କେତେ ସୁନ୍ଦର ସୁନ୍ଦର ଜିନିଷ ତିଆରି ନ ହେଉଛି ! କେତେକ ବ୍ୟକ୍ତି ତ ଖୁବ୍ ଆନନ୍ଦରେ ସାପ-ମାଂସ ଭକ୍ଷଣ କରିଥା'ନ୍ତି ।

ରତ୍ନାକର କେତେ ଶକ୍ତି ଦସ୍ୟୁବୃତ୍ତିରେ ବିନିଯୋଗ କରୁ ନ ଥିଲା ! କେତେ ନୃଶଂସ ମାରାତ୍ମକ ଡକାୟତ ସେ ନ ଥିଲା ! କିନ୍ତୁ ଦେବର୍ଷି ନାରଦଙ୍କ ପ୍ରଭାବରେ ଯେତେବେଳେ ତା'ର ଜୀବନର ଗତିପଥ ଘୂରିଗଲା ସେତେବେଳେ ସେ କେଡ଼େ ମହାନ୍ ତପସ୍ୱୀରେ ପରିଣତ ନ ହେଲା ! ଦସ୍ୟୁ ରତ୍ନାକର ମଧ୍ୟରେ ଋଷି ବାଲ୍ମୀକି ମଧ୍ୟ ରହିଥିଲେ ।

ତେଣୁ ଏ ସୃଷ୍ଟିର କୌଣସି ବସ୍ତୁକୁ ଆମେ ଚିରନ୍ତନରୂପେ ଖରାପ ବୋଲି କହିପାରିବା ନାହିଁ । କାରଣ ଯେଉଁ ମୂଳ ଉତ୍ସରୁ ସେମାନେ ସୃଷ୍ଟ ହୋଇଛନ୍ତି ତାହା ଯେ ଶାଶ୍ୱତ ସଦ୍‌ବସ୍ତୁ । ଯଦିଓ ସେହି ଉଚ୍ଚତର ଭୂମିରୁ

ଆସି ଏହି ନିମ୍ନ ପାର୍ଥିବ ଭୂମିରେ ପ୍ରକାଶ ହେବାରେ ସେମାନେ ବହୁ ପରିମାଣରେ ବିକୃତ ହୋଇଛନ୍ତି ତଥାପି ଭିତରେ ସେହି ଶାଶ୍ୱତ ସଦ୍‌ବସ୍ତୁ ଲୁଚି ରହିଛି । ତେଣୁ କୌଣସି କଥା ପୂରାପୂରି ଖରାପ ନୁହେଁ । ଗୋଟିଏ ସ୍ଥାନ, ଗୋଟିଏ କାଳ, ଗୋଟିଏ ପାତ୍ର ଦୃଷ୍ଟିରୁ ଯାହା ଖରାପ ଲାଗୁଛି, ଅନ୍ୟ ସ୍ଥାନ, ଅନ୍ୟ କାଳ, ଅନ୍ୟ ପାତ୍ରରେ ତାହା ଭଲ ଲାଗିଥାଏ ।

ଶୀତ ଦିନେ ଗରମ କୋଟ ପିନ୍ଧିବାକୁ ଭଲ ଲାଗେ । କିନ୍ତୁ ଖରା ଦିନେ ସେଇ କୋଟକୁ ଚାହିଁବାକୁ ଇଚ୍ଛା ହୁଏ ନାହିଁ । ତେଣୁ କୋଟଟି ଖରାପ ନୁହେଁ । ପରିବେଶ, ପରିସ୍ଥିତି ବଦଳି ଯାଇଥିବାରୁ ତାହାର ଆବଶ୍ୟକତା ବୋଧ ହେଉ ନାହିଁ । ବରଂ ତାହାର ବ୍ୟବହାର ଅପକାର କରୁଛି ।

ଜଣେ ବ୍ୟକ୍ତି ଦୃଷ୍ଟିରୁ ଯାହା ଭଲ ଓ ଦରକାରୀ ବୋଲି ବୋଧ ହେଉଛି, ଅନ୍ୟ ବ୍ୟକ୍ତି ଦୃଷ୍ଟିରୁ ତାହା ଠିକ୍ ତା'ର ବିପରୀତ । ପରିବାରରେ ପିତାମାତା, ସ୍ୱାମୀ ସ୍ତ୍ରୀ, ସନ୍ତାନସନ୍ତତିମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ମାୟା, ମମତା ତାହା ସଂସାରୀକୁ ଅମୃତତୁଲ୍ୟ ବୋଧହୁଏ, କିନ୍ତୁ ସଂସାର-ବିରାଗୀ ସନ୍ନ୍ୟାସୀ ପକ୍ଷରେ ତାହା ବିଷ, ବନ୍ଧନ ।

ଚିରନ୍ତନଭାବେ କିଛି ମନ୍ଦ ନ ଥିଲେ ବି ବ୍ୟକ୍ତିବିଶେଷରେ, ସ୍ଥଳବିଶେଷରେ ଓ କାଳବିଶେଷରେ କାହା ପାଇଁ କେଉଁ କଥା କେତେବେଳେ ଭଲ ହୋଇପାରେ ଓ କେତେବେଳେ ଖରାପ ହୋଇଥାଏ ତାହା ନିର୍ଭର କରେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ, ପରିବେଶ ଓ ପରିସ୍ଥିତି ଉପରେ । ନିଜର ଲକ୍ଷ୍ୟକୁ ସାମନାରେ ରଖି ପ୍ରତ୍ୟେକ ବ୍ୟକ୍ତି ତା' ନିଜ ଲାଗି କ'ଣ ଭଲ, କ'ଣ ମନ୍ଦ ବାଛିପାରେ ।

ଜଣେ ଯେତେବେଳେ ଆସନ୍ତାକାଲି ତା'ର ପରୀକ୍ଷା ଲାଗି ପ୍ରସ୍ତୁତ ହେଉଛି ସେତେବେଳେ ତାକୁ ଯଦି କେହି ସିନେମା ଦେଖିବା ଲାଗି ଡାକେ ତେବେ ସେ ଆଗରୁ ଯେତେ ସିନେମାପ୍ରିୟ ହୋଇଥିଲେ ବି ସେଦିନ ତାକୁ ପସନ୍ଦ ନ କରିପାରେ ।

ଯିଏ ଜୀବନରେ କିଛି ନୂଆ କଥା ଆବିଷ୍କାର ବା ଉଦ୍ଭାବନ ନିମନ୍ତେ ଲାଗି ପଡ଼ିଛି ତାକୁ ଯଦି ରାଜନୀତିରେ ପଶି ଭୋଟ ଲଢ଼ି ମନ୍ତ୍ରୀହେବା ପାଇଁ କୁହାଯାଏ ସେ କେବେ ବି ତାକୁ ପସନ୍ଦ କରିବ ନାହିଁ । ଆଉ ଯିଏ ରାଜନୀତି କରି ଭୋଟ ଲଢ଼ି ମନ୍ତ୍ରୀ ଅଥବା ବ୍ୟବସ୍ଥାପକ ସଭ୍ୟ ହେବା ପାଇଁ ବ୍ୟଗ୍ର ତାକୁ ଯଦି କିଛି ନୂତନ ତଥ୍ୟ ଗବେଷଣା ନିମନ୍ତେ କୁହାଯାଏ ତେବେ ସେସବୁ ତାକୁ ବିଷ ଭଳି ଲାଗିବ ।

ଚୋରକୁ ଚୋରମାନଙ୍କ ମେଳ ଭଲ ଲାଗିବ, ଗଞ୍ଜୋଡ଼କୁ ଗଞ୍ଜୋଡ଼ମାନଙ୍କ ମେଳ ଭଲ ଲାଗିବ, ମଦୁଆକୁ ମଦୁଆମାନଙ୍କ ମେଳ ଭଲ ଲାଗିବ, ସାଧୁକୁ ସାଧୁମାନଙ୍କ ମେଳ ଭଲ ଲାଗିବ, ପଣ୍ଡିତକୁ ପଣ୍ଡିତମାନଙ୍କ ମେଳ ଭଲ ଲାଗିବ ।

ଜୀବନର ଲକ୍ଷ୍ୟ, ଜୀବନର କର୍ମହିଁ ଭଲ ମନ୍ଦ ନିର୍ଦ୍ଧାରଣ କରିଥାଏ । ନିଜ ପାଇଁ କ'ଣ ଭଲ, କ'ଣ ମନ୍ଦ ବହି ପଢ଼ି କିଂବା ଅନ୍ୟଠାରୁ ଶୁଣି ସ୍ପଷ୍ଟରୂପେ ଜାଣିହୁଏ ନାହିଁ । ସ୍ପଷ୍ଟରୂପେ ଜାଣିବାର ସର୍ବୋତ୍ତମ ଉପାୟ ହେଉଛି ଚେତନାର ସ୍ପନ୍ଦନ । ବ୍ୟକ୍ତି ଜାଣିକରି ହେଉ ବା ନ ଜାଣିକରି ହେଉ, ସେ ଜୀବନରେ ଯେଉଁ ଲକ୍ଷ୍ୟକୁ ନେଇ କାମ କରୁଥାଏ ତା' ଚାରିପଟେ ସେଇ ଲକ୍ଷ୍ୟର ଅନୁକୂଳ ସ୍ପନ୍ଦନ ଘେରି ରହିଥାଏ । ଅନ୍ୟପ୍ରକାର ଲକ୍ଷ୍ୟ ଥିବା ବ୍ୟକ୍ତିର ସଂସ୍ପର୍ଶରେ ଆସିଲେ ସେ ଏକ ବିଜାତୀୟ ସ୍ପନ୍ଦନ ଅନୁଭବ କରେ । ବ୍ୟକ୍ତି ସଚେତନ ଥିଲେ ତାହା ଜାଣିପାରେ, ନଚେତ୍ ସେପରି କାହିଁକି ଅନୁଭୂତ ହେଉଛି ତା'ର କାରଣ ଜାଣିପାରେ ନାହିଁ । ବ୍ୟକ୍ତିର ଅନ୍ତରର ଭାବ ତୁମ ପ୍ରତି ବନ୍ଧୁତାପୂର୍ଣ୍ଣ କି ଶତ୍ରୁତାପୂର୍ଣ୍ଣ, ଆନ୍ତରିକତାପୂର୍ଣ୍ଣ କି ଛଳନାପୂର୍ଣ୍ଣ ତାହା ଚେତନାରେହିଁ ସ୍ପଷ୍ଟ ବାରିହୁଏ, ମନର ବିଚାର କିଂବା ଅନ୍ୟ କାହାରି କଥା ଶୁଣି ନୁହେଁ ।

ତେଣୁ ଅଧ୍ୟାତ୍ମ ସାଧନାରେ ଲୋକମାନେ କାହା ବିଷୟରେ କ'ଣ କହୁଛନ୍ତି ତାହା ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ସାଧାରଣ ଲୋକ ବ୍ୟକ୍ତିର

ଅନ୍ତରର ଯଥାର୍ଥ ଗତିବୃତ୍ତିକୁ ଜାଣିପାରେ ନାହିଁ, ତା'ର ବାହ୍ୟ ଆଚରଣ କିଂବା ଅନ୍ୟ କାହାରିଠାରୁ ତା' ସମ୍ବନ୍ଧେ ଶୁଣି ମନ୍ତବ୍ୟ ପ୍ରକାଶ କରିଥାଏ । ଅନେକ ସମୟରେ କୌଣସି କାରଣରୁ ବ୍ୟକ୍ତିର ବାହାର ଆଚରଣ ତ୍ରୁଟିପୂର୍ଣ୍ଣ ହେଉଥିଲେ ବି ତା'ର ଅନ୍ତରର ଭାବ ସ୍ୱଚ୍ଛ, ନିର୍ଭୁଲ ଓ ଆନ୍ତରିକତାପୂର୍ଣ୍ଣ ଥାଏ । ସେହିପରି ମଧ୍ୟ ଅନେକ ସମୟରେ ବ୍ୟକ୍ତିର ବାହ୍ୟ ଆଚରଣ ସୁନ୍ଦର ଜଣାପଡୁଥିଲେ ବି, ସେ ମୁହଁରେ ଆତ୍ମୀୟତାପୂର୍ଣ୍ଣ କଥା କହୁଥିଲେ ବି ଭିତରେ ତା'ର ଛଳନା, ପ୍ରବଞ୍ଚନା ଭରି ରହିଥାଏ । ତେଣୁ କାହାରି କଥା ଶୁଣି, ବାହାର ଆଚରଣ ଦେଖି ମନରେ କୌଣସି ଧାରଣା ନ କରି ନିଜ ଅନ୍ତରର ଶାନ୍ତ, ସ୍ଥିର, ସ୍ୱଚ୍ଛ ଚେତନା ସହ ଅନ୍ୟ ବ୍ୟକ୍ତିକୁ ଜାଣିବାକୁ ହେବ ତା' ମଧ୍ୟସ୍ଥ ସ୍ପନ୍ଦନ ଦେଇ । ନିଜର ଚେତନା ଯେତେ ଶୁଦ୍ଧ ହେବ ଏହି ସ୍ପନ୍ଦନାନୁଭୂତି ସେତେ ତୀବ୍ର, ସେତେ ନିର୍ଭୁଲ ହେବ ।

ରାମକୃଷ୍ଣ ପରମହଂସ ଟଙ୍କା ପଇସା ସ୍ପର୍ଶ କରନ୍ତି ନାହିଁ । ଥରେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ପରୀକ୍ଷା କରିବା ନିମନ୍ତେ ତାଙ୍କ ବିଛଣା ତଳେ ଗୋଟିଏ ମୁଦ୍ରା ରଖିଦେଇଥିଲେ । ରାମକୃଷ୍ଣ ପରମହଂସ ବିଛଣାରେ ଉପବେଶନ କରିବା ମାତ୍ରେ ତାଙ୍କୁ ତୀବ୍ର ଜ୍ୱାଳା ଅନୁଭୂତ ହେଲା । ସେ ଛଟପଟ ହେଲେ । ଶେଷକୁ ବିବେକାନନ୍ଦ ତାଙ୍କ ବିଛଣା ତଳୁ ସେ ମୁଦ୍ରାଟିକୁ ବାହାର କରିବାରୁ ସେ ଆଶ୍ୱସ୍ତ ହେଲେ । ସେ କିନ୍ତୁ ବିଛଣା ତଳେ ମୁଦ୍ରା ଥିବାର ଦେଖି ନ ଥିଲେ କି ଜାଣି ନ ଥିଲେ । ସେ ମୁଦ୍ରାର ସ୍ପନ୍ଦନହିଁ ତାଙ୍କୁ ପ୍ରତିକୂଳ ବୋଧ ହୋଇଥିଲା ।

ବିବେକାନନ୍ଦଙ୍କ ବିରୋଧରେ ଅନେକ ବ୍ୟକ୍ତି ଅନେକ କଥା ରାମକୃଷ୍ଣ ପରମହଂସଙ୍କୁ କହିଛନ୍ତି । କିନ୍ତୁ ସେ ତାଙ୍କ ବାହ୍ୟ ଆଚରଣ କିଂବା ଲୋକମାନଙ୍କ କଥାରେ ପ୍ରଭାବିତ ହୋଇ ନାହାନ୍ତି । କାରଣ ସେ ବିବେକାନନ୍ଦଙ୍କୁ ଠିକ୍ ରୂପେ ଜାଣନ୍ତି । ତେଣୁ ସେ କହିଛନ୍ତି : ନରେନ୍*

* 'ନରେନ୍' ବିବେକାନନ୍ଦଙ୍କ ପିଲାଦିନର ନାମ ।

ଖାଣ୍ଟି ସୁନା, ସୁନା ନିଆଁରେ ପୋଡ଼ିହେଲେ ଉଜ୍ଜ୍ୱଳ ହୁଏ, ନଷ୍ଟ ହୋଇଯାଏ ନାହିଁ ।

ଥରେ ଜଣେ ସାଧୁ ଗୋଟିଏ ଛୁରୀ ନିଜ ହାତରେ ଧରିବା ମାତ୍ରେ ଏକ ବିଚିତ୍ର ସ୍ପନ୍ଦନ ଅନୁଭବ କଲେ । ସେହି ସ୍ପନ୍ଦନ ତାଙ୍କ ମଧ୍ୟରେ ନରହତ୍ୟାର ପ୍ରେରଣା ଜାଗ୍ରତ କଲା । ହଠାତ୍ ସେ ବୁଝିପାରିଲେ ନାହିଁ ଯେ ତାଙ୍କ ମଧ୍ୟରେ ଏ ପ୍ରକାର ଜଘନ୍ୟ ପ୍ରେରଣା କିପରି ଆସୁଛି । ପରେ ସେ ଅନୁସନ୍ଧାନ କରି ଜାଣିଲେ ଯେ ସେ ଛୁରୀଟି ଜଣେ ହତ୍ୟାକାରୀର । ସେ ଛୁରୀ ସାହାଯ୍ୟରେ ଅନେକ ନରହତ୍ୟା କରାଯାଇଥିଲା । ତା'ପରେ ସେ ସେହି ଛୁରୀକୁ ନ ରଖି ଜଳରେ ଫିଙ୍ଗି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ନିର୍ଜୀବ ଧାତବ ପଦାର୍ଥ ଏପରି ଭାବରେ ସ୍ପନ୍ଦନକୁ ଯଦି ବହନ କରିପାରେ ତେବେ ଜୀବନ୍ତ ବ୍ୟକ୍ତି ମଧ୍ୟରେ ସେହି ସ୍ପନ୍ଦନ କେତେ ଶକ୍ତିଶାଳୀ ହୋଇ ନ ଥିବ !

ସେଇଥିପାଇଁ ଅଧ୍ୟାତ୍ମ ସାଧନାରେ ସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଉତ୍ତମ ବ୍ୟକ୍ତିର ସଙ୍ଗଲାଭ ଫଳରେ ବ୍ୟକ୍ତି ଉତ୍ତମ ସ୍ପନ୍ଦନ ଗ୍ରହଣ କରିଥାଏ । ପ୍ରତିକୂଳ ବ୍ୟକ୍ତିର ସଂସ୍ପର୍ଶରେ ଆସିଲେ ପ୍ରତିକୂଳ ସ୍ପନ୍ଦନ ଗ୍ରହଣ କରିଥାଏ । କିନ୍ତୁ ଏହା ଏତେ ପ୍ରଚ୍ଛନ୍ନ ଯେ ବାହାରକୁ ଜଣାପଡ଼େ ନାହିଁ । ମାତ୍ର କିଛି କାଳ ପରେ ଏହାର ପରିଣାମ ଜଣାପଡ଼େ । ବ୍ୟକ୍ତି ସଚେତନ ଥିଲେ ଜାଣିପାରେ, ନଚେତ୍ ସେଇଥିରେ ଭାସିଯାଏ ।

ଖାଲି ସଜୀବ ବ୍ୟକ୍ତି କିଂବା ପ୍ରାଣୀର ସଙ୍ଗକୁ ଆମେ ସାଧାରଣତଃ ସଙ୍ଗ ବୋଲି ଭାବିଥାଉ । କିନ୍ତୁ ନିର୍ଜୀବ ପଦାର୍ଥ ବି ଏ ଦୃଷ୍ଟିରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । କେତେକ ପଦାର୍ଥର ବ୍ୟବହାର ବ୍ୟକ୍ତି-ଚେତନାର ଊର୍ଦ୍ଧ୍ୱାୟନରେ ସହାୟକ ହୋଇଥାଏ, କେତେକ ପଦାର୍ଥର ବ୍ୟବହାର ବ୍ୟକ୍ତି-ଚେତନାକୁ ନିମ୍ନଗାମୀ କରାଇଥାଏ ।

ଥରେ ଗୋଟିଏ ଜଙ୍ଗଲରେ ଜଣେ ସନ୍ୟାସୀ ଥିଲେ । ସ୍ନାନ, ଭୋଜନ ଛଡ଼ା ସବୁ ସମୟରେ ସେ ଜପତପରେ ରତ ଥାଆନ୍ତି । ଦିନେ

ଜଣେ ରାଜା ପାରିଧି ନିମନ୍ତେ ସେଇ ଜଙ୍ଗଲକୁ ଯାଇଥିଲେ । ପଥଭ୍ରଷ୍ଟ ହୋଇ ବୁଲୁ ବୁଲୁ ସେ ଭାରି ତୃଷା ଅନୁଭବ କଲେ । ଯୋଗକୁ ସନ୍ନ୍ୟାସୀଙ୍କୁ ଦେଖି ତୃଷା ନିବାରଣ ନିମନ୍ତେ କିଛି ଜଳ ପାଇଁ ତାଙ୍କ ପାଖକୁ ଆସିଲେ । ସନ୍ନ୍ୟାସୀ ମୃଗଛାଲ ଉପରେ ବସି ଧ୍ୟାନରତ । ରାଜା ତାଙ୍କର ଖଣ୍ଡାଟି ତଳେ ରଖି କିଛି ସମୟ ଅପେକ୍ଷା କଲେ । ସନ୍ନ୍ୟାସୀଙ୍କ ଧ୍ୟାନ ଭାଙ୍ଗିବା ପରେ ସେ ତାଙ୍କୁ କିଛି ଜଳ ମାଗିଲେ । ସନ୍ନ୍ୟାସୀ ତାଙ୍କ କମଣ୍ଡଳୁରେ ଥିବା ଜଳତକ ରାଜାଙ୍କୁ ଦେଲେ । ରାଜା ସେତକ ପିଇ ତୃପ୍ତ ହୋଇ ତାଙ୍କ ସୈନ୍ୟସାମନ୍ତମାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଉଠି ଚାଲିଗଲେ । ଗଲାବେଳେ ଅନ୍ୟମନସ୍କ ହୋଇ ଖଣ୍ଡାଟି ନେବାକୁ ଭୁଲିଗଲେ । ସେ ଯିବାର କିଛି ସମୟ ପରେ ଖଣ୍ଡାଟି ଉପରେ ସନ୍ନ୍ୟାସୀଙ୍କର ନଜର ପଡ଼ିଲା । ରାଜା ଭୁଲରେ ଛାଡ଼ିଯାଇଛନ୍ତି, ପୁଣି ତାଙ୍କର ମନେ ପଡ଼ିଲେ ଆସି ନେବେ ବୋଲି ଭାବି ସେ ଖଣ୍ଡାଟିକୁ ଖୁବ୍ ଯତ୍ନରେ ତାଙ୍କ ମୃଗଛାଲ ତଳେ ଲୁଚାଇ ରଖିଲେ । ପରଦିନ ସ୍ନାନ କରିବାକୁ ଯିବା ସମୟରେ ଖଣ୍ଡାଟିକୁ ସେ ସ୍ଥାନରେ ଛାଡ଼ିଗଲେ କାଳେ କିଏ ନେଇଯିବ ଭାବି ସେଇଟିକୁ ହାତରେ ଧରି ଝରଣାରେ ସ୍ନାନ କରିବାକୁ ଗଲେ । ପୁଣି ହାତରେ ଧରି ଆସିଲେ । ଏହିପରି ପ୍ରତିଦିନ ସ୍ନାନ କରିବାକୁ ଯିବା ସମୟରେ ଖଣ୍ଡାଟିକୁ ଧରି କରିଯାଆନ୍ତି ଓ ଧରିକରି ଫେରନ୍ତି । କିଛିଦିନ ପରେ ଦିନେ ଖଣ୍ଡାଟିକୁ ଧରି ଯାଉଯାଉ ହଠାତ୍ ତାଙ୍କର ମନ ହେଲା ବାଟ କଡ଼ରେ ଥିବା ବଣ ବୁଦାର ଡାଳ ପତ୍ର ସବୁ ହାଣିବା ଲାଗି । ବେଳେବେଳେ ବି ହାତ ତାଙ୍କର ଆପେ ଚାଲିଯାଇ ଡାଳପତ୍ର ସବୁ ହାଣି ପକାଇଲା । ଏ ପର୍ଯ୍ୟନ୍ତ ରାଜା ଖଣ୍ଡା ନେବାକୁ ଫେରିଲେ ନାହିଁ । ହୁଏତ ଇଚ୍ଛା କଲେ ନାହିଁ କିଂବା ବାଟ ପାଇଲେ ନାହିଁ । ଖଣ୍ଡାଟି ଏଣେ ସନ୍ନ୍ୟାସୀଙ୍କର ନିତ୍ୟ ସହଚର ହୋଇ ଉଠିଲାଣି । ଏଣିକି ଖଣ୍ଡା ସାହାଯ୍ୟରେ ଜୀବଜନ୍ତୁମାନଙ୍କୁ ମାରି ସେମାନଙ୍କର ମାଂସ ଭକ୍ଷଣ ନିମନ୍ତେ ସନ୍ନ୍ୟାସୀଙ୍କର ଇଚ୍ଛା ହେଲାଣି ।

ଦିନେ ନିକଟରେ ନିର୍ଭୟରେ ଚରୁଥିବା ଏକ ହରିଣଶିଶୁକୁ ସନ୍ନ୍ୟାସୀ ଖଣ୍ଡା ସାହାଯ୍ୟରେ ହାଣିଦେଇ ତାକୁ ଉଠାଇ ଆଣିବାକୁ ଯିବା ସମୟରେ ଅଳ୍ପ ଦୂରରେ ନିଃସହାୟ ଭାବେ ଚାହିଁ ରହିଥିବା ପୁତ୍ରଶୋକବିଧୁରା ହରିଣୀଟିର ଛଳଛଳ ନେତ୍ରକୁ ଚାହିଁଦେବା ମାତ୍ରେ ତାଙ୍କ ଭିତରେ ହଠାତ୍ ଏକ ଭାବାନ୍ତର ଆସିଲା । ସେ ଏପରି କାର୍ଯ୍ୟ କିପରି କରିପାରିଲେ ତାହା କଳ୍ପନା କରିପାରିଲେ ନାହିଁ । ଏଣେ ପୁଣି ରକ୍ତାକ୍ତ ହରିଣଶିଶୁଟିକୁ ଚାହିଁଦେବା ମାତ୍ରେ ସେ କ୍ଷଣେମାତ୍ର ସେ ସ୍ଥାନରେ ରହିପାରିଲେ ନାହିଁ । ଅନୁତାପାନଳରେ ହୃଦୟ ତାଙ୍କର ଦଗ୍ଧ ହୋଇଗଲା । ଖଣ୍ଡାଟିକୁ ଧରି ସେ ଦଉଡ଼ି ଦଉଡ଼ି ଯାଇ ଝରଣାଜଳରେ ନିକ୍ଷେପ କରି କୁଆଡ଼େ ଯେ ଗଲେ ଆଉ ତାଙ୍କର ପତ୍ତା ମିଳିଲା ନାହିଁ ।

ଆଉ ଥରକର କଥା । ଜଣେ ଲୋକ ଥାଏ । ବହୁତ ନାସ୍ତିକ । ଆଦୌ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ । କେହି ତା’ ଆଗରେ ଭଗବାନଙ୍କ ନାମ ଉଚ୍ଚାରଣ କଲେ ଭୀରୁ, ଦୁର୍ବଳମନା ବୋଲି ସମାଲୋଚନା କରେ । ତା’ର ଜଣେ ବନ୍ଧୁ କଲିକତାରେ ଚାକିରି କରେ । ଅନେକ ଦିନ ପରେ ସେ ଘରକୁ ଫେରିଲା । ଘରକୁ ଫେରି ଏହି ବନ୍ଧୁ ଘରକୁ ଆସିଲା । ବନ୍ଧୁ ପାଇଁ କଲିକତାରୁ ଦୁଇଟି ସୁନ୍ଦର ଫୁଲଦାନି ଆଣିଥିଲା । ଦେଖାହେବା ମାତ୍ରେ ସେ ଦୁଇଟି ତାକୁ ଉପହାର ଦେଲା ।

ସେ ଦୁଇଟି କି କାମରେ ଲାଗିବ ବୋଲି ଉକ୍ତ ବ୍ୟକ୍ତିଟି ପଚାରିବାରେ ବନ୍ଧୁ କହିଲା ଯେ ସେଥିରେ ଫୁଲ ରହେ । ଫୁଲ ରହିଲେ ବହୁତ ସୁନ୍ଦର ଦେଖାଯାଏ । ବନ୍ଧୁ ଚାଲିଯିବାର ଅନେକ ଦିନ ବିତିଗଲାଣି । ସେ ଦୁଇଟି ସେମିତି ପଡ଼ିଥିଲା । ଥରେ ସେ ଦୁଇଟିରେ ଲାଗିଥିବା ଧୂଳି ଝାଡୁ ଝାଡୁ ଲୋକଟିର କାହିଁକି ମନ ହେଲା ସେଥିରେ କିଛି ଫୁଲ ରଖିବାକୁ । କିନ୍ତୁ ନିଜ ବାଡ଼ିରେ ତ ଫୁଲ ନାହିଁ । ପାଖ ସ୍କୁଲ ବଗିଚାକୁ ଯାଇ ଲୁଚାଇ କରି କିଛି ଫୁଲ ଆଣି ସେଥିରେ ରଖିଲା । ଫୁଲଦାନି ଦୁଇଟିରେ ଫୁଲ ରଖି ବାରଂବାର

ତାକୁ ଚାହୁଁଥାଏ । ତା'ର ଶୁଷ୍କ, କଠୋର ପ୍ରାଣକୁ ଫୁଲର କୋମଳ ମଧୁର ସ୍ପନ୍ଦନ ଦୋହଲାଇ ଦେଲା । ଫୁଲଦାନି ଭିତରେ ଫୁଲଗୁଡ଼ିକ କେଡ଼େ ସୁନ୍ଦର ଦେଖାଯାଉଛି ! କାମରୁ ଫେରି ଘଡ଼ିଏ ବସି ସେ ଫୁଲକୁ ଚାହେଁ । ଫୁଲଗୁଡ଼ିକ ମଉଳି ଯିବା ପରେ ପୁଣି ଫୁଲ ଆଣି ରଖିଲା । ଥରେ ପଡ଼ିଶା ଘରକୁ ଯାଇଥିଲା । ଦେଖିଲା ସେମାନେ ଘର ଭିତରେ ଏକ ଶ୍ରୀକୃଷ୍ଣଙ୍କ ଫଟୋ ସାମନାରେ ଗୋଟିଏ ପ୍ଲେଟରେ କିଛି ଫୁଲ ରଖିଛନ୍ତି । ଫଟୋ ସାଙ୍ଗକୁ ସେ ଫୁଲ ବହୁତ ସୁନ୍ଦର ଦେଖାଯାଉଛି । ସେ ଭାବିଲା ସେ ବି ଯଦି ସେହି ଫଟୋ ସାମନାରେ ତା' ଫୁଲଦାନି ଦୁଇଟିକୁ ରଖେ ସେ ତ ଆହୁରି ସୁନ୍ଦର ଦେଖାଯିବ । ସେହିଦିନ ବଜାରରୁ ଶ୍ରୀକୃଷ୍ଣଙ୍କର ଏକ ସୁନ୍ଦର ଫଟୋ କିଣି ଆଣିଲା । ଘର ମଧ୍ୟରେ ଏକ ଉଚ୍ଚ ସ୍ଥାନରେ ଫଟୋ ରଖି ତା' ଆଗରେ ଫୁଲଦାନି ଦୁଇଟିକୁ ରଖି ବାରଂବାର ଚାହୁଁଥାଏ । କି ଚମତ୍କାର ! ପଡ଼ିଶା ଘରଠାରୁ ଆହୁରି ସୁନ୍ଦର ! ଦିନଯାକର ଶ୍ରମ ତା'ର ଘରକୁ ଫେରି ଫଟୋ ଆଉ ଫୁଲକୁ ଚାହିଁଲେ ମେଣ୍ଟିଯାଏ ।

ସ୍କୁଲ ବଗିଚାରୁ କେତେ ଆଉ ଫୁଲ ଚୋରି କରି ଆଣି ଦେବ । ଏବେ ଘର ପଛକୁ ଛୋଟିଆ କରି ଗୋଟିଏ ବଗିଚା କଲାଣି । ବଗିଚାରେ ନାନା ଜାତିର ଫୁଲ । ଯେଉଁଦିନ ପ୍ରଥମ କରି ନିଜ ବଗିଚାରୁ ଫୁଲ ଆଣି ଦେଲା ଦେଖିଲା ଫଟୋ ଭିତରୁ ତ୍ରିଭଙ୍ଗୀ ଠାଣିରେ ଛିଡ଼ାହୋଇ ଶ୍ରୀକୃଷ୍ଣ ତାକୁ ଯେପରି ଚାହିଁ ମଧୁର ସ୍ମିତହସ ହସୁଛନ୍ତି, ଆଉ କହୁଛନ୍ତି : କ'ଣ ଏଥର ପ୍ରେମରେ ପଡ଼ିଲୁ ତ ? ଲୋକଟିର ଆଜି କାହିଁକି ଟିକିଏ ମୁଣ୍ଡିଆ ମାରିବାକୁ ପ୍ରବଳ ଇଚ୍ଛା । ମୁଣ୍ଡିଆ ମାରି ଉଠୁ ଉଠୁ କେତେବେଳ ହୋଇଗଲାଣି । ସ୍ତ୍ରୀ ଭାତ ବାଢ଼ି ପଛରେ ଠିଆହୋଇ ମୁରୁକେଇ ମୁରୁକେଇ ହସୁଛି । ଆରେ ବାବା ! ସୌନ୍ଦର୍ଯ୍ୟର ଉପାସନା କରୁ କରୁ ସୌନ୍ଦର୍ଯ୍ୟମୟଙ୍କର ପାଲରେ ଏପରି ପଡ଼ିଯିବାକୁ ହୁଏ !

ସେହିପରି ଖାଲି ବ୍ୟକ୍ତି ନୁହେଁ, ବିଭିନ୍ନ ପଦାର୍ଥର ବ୍ୟବହାର ମଧ୍ୟ

ଆମକୁ ଭିନ୍ନ ଭିନ୍ନ ମାର୍ଗରେ ନେଇଯାଇଥାଏ । ସେଇଥିପାଇଁ ସଂସାରବିରାଗୀ ସନ୍ନ୍ୟାସୀମାନେ ସଂସାର ସହ ସକଳ ବସ୍ତୁକୁ ମଧ୍ୟ ପରିତ୍ୟାଗ କରିଥା'ନ୍ତି । ଏପରିକି କେହି କେହି କୌପୀନ ଖଣ୍ଡକ ବି ତ୍ୟାଗ କରିଥା'ନ୍ତି । କିନ୍ତୁ ଆମର ଆଦର୍ଶ ତ ତାହା ନୁହେଁ । ବସ୍ତୁ ସକଳକୁ ତ୍ୟାଗ ନ କରି ଆମକୁ ସେସବୁର ଯଥାର୍ଥ ଉପଯୋଗ କରିବାକୁ ହେବ । ଆମର ଲକ୍ଷ୍ୟ ସାଧନାରେ ଯେତେବେଳେ ଯେଉଁ ବସ୍ତୁ ପ୍ରୟୋଜନ ଓ ସୁଫଳଦାୟକ ତାକୁ ଆମକୁ ଯଥାର୍ଥ ଧାରାରେ ବ୍ୟବହାର କରିବାକୁ ହେବ । ଯଥାର୍ଥ ମନୋଭାବ ସହ ଯଥାର୍ଥ ଉପାୟରେ ଯେଉଁ ବସ୍ତୁକୁ ଆମେ ବ୍ୟବହାର କରି ନ ଜାଣିଛୁ ତାହା ଜୀବନ ଧାରଣ ଲାଗି ବିଶେଷ ପ୍ରୟୋଜନୀୟ ବସ୍ତୁ ନ ହୋଇଥିଲେ ବରଂ ବ୍ୟବହାର ନ କରିବା ଭଲ । ନଚେତ୍ ସାମାନ୍ୟ ରେଡ଼ିଓଟିଏ କିଂବା ମୋଟର କାର୍‌ଟିଏ କି ମୋଟର ସାଇକେଲଟିଏ କି ଟେପ୍ ରେକର୍ଡ଼ର୍‌ଟିଏ ମଧ୍ୟ ଯଥାର୍ଥ ପଥରୁ ଆମକୁ ବହୁତ ଦୂରକୁ ନେଇଯାଇପାରେ । ଯେଉଁ ବସ୍ତୁ ସହାୟକ ହୋଇପାରେ ସେହି ପୁଣି ପତନର ମାର୍ଗରେ ଟାଣି ନେଇପାରେ । ତାହା ନିର୍ଭର କରେ ବ୍ୟବହାର କରୁଥିବା ବ୍ୟକ୍ତି ଉପରେ ।

ତେଣୁ ଆମେ ଦେଖିଲେ ଯଥାର୍ଥରେ ଏ ପୃଥିବୀରେ ଭଲ ମନ୍ଦ ବୋଲି କିଛି ନାହିଁ । ଆମ ପାଇଁ କ'ଣ ଭଲ କ'ଣ ମନ୍ଦ ତାହା ଆମ ନିଜର ଲକ୍ଷ୍ୟ ଉପରେ ନିର୍ଭର କରେ । ଆଉ ଭଲମନ୍ଦ ଜାଣିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଆନ୍ତର ସ୍ପନ୍ଦନ– ବାହାରର ବ୍ୟବହାର, ମତାମତ ବା ସିଦ୍ଧାନ୍ତ ନୁହେଁ । ଯଦିଓ ଅନେକ ସମୟରେ ଏ ବାହାରର ବ୍ୟବହାର, ମତାମତ ବା ସିଦ୍ଧାନ୍ତ ଆଦି ସାହାଯ୍ୟ କରିଥାଏ, ଅନେକ ସମୟରେ ମଧ୍ୟ ବିଭ୍ରାନ୍ତ କରିଥାଏ । ଆମେ ଯାହାକୁ ଆମ ପାଇଁ ମନ୍ଦ ବୋଲି ଜାଣିଲେ, ତାକୁ ଯେ ଘୃଣା କରିବାକୁ ହେବ, ତା' ନୁହେଁ । ଆମର ଲକ୍ଷ୍ୟସାଧନା ନିମନ୍ତେ କେବଳ ସେଥିପ୍ରତି ନିରାସକ୍ତ ରହିବାକୁ ହେବ । ସମୟ ଆସିପାରେ ଆଜି ଯାହା ଆମ ପାଇଁ ମନ୍ଦ ବୋଧ ହେଉଛି କାଲି ସେଇ ବ୍ୟକ୍ତି କିଂବା ସେହି ବସ୍ତୁ ସହ ଆମକୁ କାର୍ଯ୍ୟ କରିବାକୁ ପଡ଼ିପାରେ ।

ଅବଶ୍ୟ ଲକ୍ଷ୍ୟସାଧନା ପାଇଁ ଅନୁକୂଳ ସ୍ପନ୍ଦନ ରହିଛି ଓ ପ୍ରତିକୂଳ ସ୍ପନ୍ଦନ ରହିଛି । ତାକୁ ଜାଣି ପାରିବା ଓ ଅନୁଭବ କରିପାରିବା ଏକ ଆନ୍ତର ପ୍ରଗତିର ଲକ୍ଷଣ । ଅନେକ ବ୍ୟକ୍ତି ଆଶ୍ରମକୁ ଆସିବା ମାତ୍ରେ ଏକ ଦିବ୍ୟ ସ୍ପନ୍ଦନ ଓ ବାହାରର ବାତାବରଣ ଅପେକ୍ଷା ସ୍ପଷ୍ଟରୂପେ ତାହା ଭିନ୍ନ ବୋଲି ଅନୁଭବ କରିପାରନ୍ତି । ଆଉ କେତେକେ ବାହାର ଓ ଆଶ୍ରମ ବାତାବରଣ ମଧ୍ୟରେ କିଛି ପାର୍ଥକ୍ୟ ଅନୁଭବ କରିପାରନ୍ତି ନାହିଁ । ଆଉ କେତେକଙ୍କୁ ଆଶ୍ରମ ବାତାବରଣ ମାଛିକୁ ସୁଗନ୍ଧ ଦ୍ରବ୍ୟ ଭଳି ଅସ୍ୱସ୍ତିକର ବୋଧହୁଏ । ସବୁକିଛି ନିର୍ଭର କରୁଛି ସେମାନଙ୍କ ଲକ୍ଷ୍ୟ ଓ ଭିତର ଚେତନାର ଅଗ୍ରଗତି ତଥା ଗ୍ରହଣଶୀଳତା ଉପରେ ।

ଯାହାହେଉ ଏସବୁ ଭଲ ମନ୍ଦ ବିଚାର ଆରମ୍ଭ ଅବସ୍ଥାର ଓ ସେହି ଅନୁସାରେ ଚଳିବା ପ୍ରୟୋଜନ ମଧ୍ୟ । କିନ୍ତୁ ଆମର ଚରମ ଲକ୍ଷ୍ୟ ହେଉଛି ସବୁକୁ ଗ୍ରହଣ କରି ତାକୁ ଭଲରେ ପରିଣତ କରିବା, ଦିବ୍ୟତା ପ୍ରଦାନ କରିବା– ବୁଦ୍ଧଙ୍କ ମତାନୁସାରେ ସବୁ ଦିନ ଲାଗି ତ୍ୟାଗ କରିବା ନୁହେଁ । ସେ କହୁଥିଲେ : ଯେତେବେଳ ପର୍ଯ୍ୟନ୍ତ ତୁମ ମଧ୍ୟରେ କାମନାବାସନାର ସ୍ପନ୍ଦନ ରହିଛି, ଏହି ସ୍ପନ୍ଦନ ସଂସାରରେ ବ୍ୟାପ୍ତ ହେଉଥିବ ଓ ଯେଉଁମାନେ ଏହାକୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ସେମାନେ ଗ୍ରହଣ କରୁଥିବେ । ସେହିପରି ତୁମ ମଧ୍ୟରେ ଯଦି କାମନାବାସନାକୁ ଗ୍ରହଣ କରିବା ନିମନ୍ତେ ସାମାନ୍ୟତମ ଗ୍ରହଣଶୀଳତା ରହିଛି, ତେବେ ତୁମେ ସଂସାରରେ ନିରନ୍ତର ଘୂରି ବୁଲୁଥିବା କାମନାବାସନାର ସ୍ପନ୍ଦନ ପ୍ରତି ଉନ୍ମୁକ୍ତ ରହିବ । ସେଥିଲାଗି ସମାଧାନ ହେଉଛି ସଂସାରର ଏ ମାୟା ମଧ୍ୟରୁ ବାହାରି ଆସ, ସଂପୂର୍ଣ୍ଣରୂପେ ଏଥିରୁ ଅପସରି ଯାଅ, ତାହେଲେ ତୁମେ ମୁକ୍ତ ହେବ ।

ବୁଦ୍ଧଙ୍କର ଏହି ସିଦ୍ଧାନ୍ତକୁ ମା କିନ୍ତୁ ଏକ ଚରମ ସିଦ୍ଧାନ୍ତ ରୂପେ ଗ୍ରହଣ କରିପାରି ନାହାନ୍ତି । ସେ କହିଛନ୍ତି :

‘‘I find this relatively very selfish, but after

all, that was the only way he had foreseen. There is another : to identify oneself so well with the divine Power as to be able to act constantly and consciously upon all vibrations circulating through the world. Then the undesirable vibrations no longer have any effect upon you, but you have an effect upon them, that is, instead of an undesirable vibration entering into you without being perceived and doing its work there, it is perceived and immediately on its arrival you act upon it to transform it, and it goes back into the world transformed to do its beneficent work and prepare others for the same realisation. This is exactly what Sri Aurobindo proposes to do and, more clearly, what he asks you to do, what he intends us to do :

Instead of running away, to bring into oneself the Power which can conquer.''

''ମୁଁ ଏହାକୁ ଅପେକ୍ଷାକୃତ ଅଧିକ ସ୍ୱାର୍ଥପର ବୋଲି ମନେ କରୁଛି, କିନ୍ତୁ ଯାହାହେଉ, ସେ (ବୁଦ୍ଧ) କେବଳ ତାହାକୁ ଏକମାତ୍ର ଉପାୟରୂପେ ଦେଖିପାରିଥିଲେ । ଏହା ଛଡ଼ା ଅନ୍ୟ ଏକ ଉପାୟ ରହିଛି । ତାହା ହେଉଛି ଭାଗବତୀ ଶକ୍ତି ସହ ନିଜକୁ ଏତେ ପରିମାଣରେ ଏକୀଭୂତ କରିଦେବା ଯାହା ଫଳରେ ପୃଥିବୀସାରା ଘୂରି ବୁଲୁଥିବା ସ୍ପନ୍ଦନରାଜି ଉପରେ ସଚେତନ ଭାବେ ଓ ନିରନ୍ତର କ୍ରିୟା କରିହେବ । ଫଳରେ ଅବାଞ୍ଛିତ ସ୍ପନ୍ଦନଗୁଡ଼ିକର ତୁମ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ, ବରଂ ତୁମର ପ୍ରଭାବ ସେମାନଙ୍କ

ଉପରେ ପଡ଼ିବ । ଅର୍ଥାତ୍, ଏକ ଅବାଞ୍ଛିତ ସ୍ପନ୍ଦନ ଅଦେଖା ଭାବେ, ତୁମ ମଧ୍ୟରେ ପ୍ରବେଶ କରି କ୍ରିୟା କରିବା ପରିବର୍ତ୍ତେ, ତୁମେ ତାକୁ ଦେଖିପାରିବ ଓ ତା'ର ପ୍ରବେଶ ସଙ୍ଗେ ସଙ୍ଗେ ତା' ଉପରେ କ୍ରିୟା କରି ତାକୁ ରୂପାନ୍ତର କରିଦେବ । ରୂପାନ୍ତରିତ ହୋଇ ନିଜର କଲ୍ୟାଣକର କର୍ମ ନିମନ୍ତେ ଏହା ପୃଥିବୀ ମଧ୍ୟକୁ ଫେରିଯିବ ଓ ଅନ୍ୟମାନଙ୍କୁ ଅନୁରୂପ ସିଦ୍ଧି ନିମନ୍ତେ ପ୍ରସ୍ତୁତ କରିବ । ଠିକ୍ ଏଇ କଥା କରିବା ଲାଗି ଶ୍ରୀଅରବିନ୍ଦ ସ୍ଥିର କରିଥିଲେ । ଆହୁରି ସ୍ପଷ୍ଟ ଭାବରେ କହିବାକୁ ଗଲେ ଯାହା ସେ ତୁମମାନଙ୍କୁ କରିବାକୁ କହିଥିଲେ, ଯାହା ସେ ଆମକୁ କରିବା ଲାଗି ଚାହିଁଥିଲେ, ତାହା ହେଉଛି :

ପଳାୟନ ପରିବର୍ତ୍ତେ ସର୍ବଜୟୀ ଶକ୍ତିକୁ ନିଜ ମଧ୍ୟରେ ଉତାରି ଆଣିବାକୁ ହେବ ।''

## ସାଧନା ପାଇଁ ତ କିଛି ସୁବିଧା ନାହିଁ, କରିବି କ'ଣ ?

ସେ ମହାଭାରତ ଯୁଗର କଥା । ଜଙ୍ଗଲର ମଳିନ, ଦୀନହୀନ ଶବର ପିଲାଟିଏ । କିନ୍ତୁ ଧନୁର୍ବିଦ୍ୟା ଶିକ୍ଷା କରିବାରେ ବହୁତ ଆଗ୍ରହ । ଶୁଣିଲା ବାରୁଣାବନ୍ତରେ ଗୁରୁ ଦ୍ରୋଣ ତା'ରି ଭଳି ବାଳକ କୌରବ ଓ ପାଣ୍ଡବ ରାଜପୁତ୍ରମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଉଛନ୍ତି । ହୃଦୟରେ ଗଭୀର ଭକ୍ତି ଓ ଶ୍ରଦ୍ଧା ସହ ମନରେ ଦୁର୍ବାର ଆଶା ନେଇ ଯାଇ ପହଞ୍ଚିଲା ଗୁରୁ ଦ୍ରୋଣଙ୍କ ନିକଟରେ । ଆକୁଳ ମିନତିଭରା କଣ୍ଠରେ ବ୍ୟକ୍ତ କଲା ନିଜର ଅଭିଳାଷ । କିନ୍ତୁ ତାକୁ ଦେଖିବା ମାତ୍ରେ କୌରବ ଓ ପାଣ୍ଡବ ରାଜପୁତ୍ରମାନେ ଘୃଣା ଆଉ କ୍ରୋଧରେ ଶିହରି ଉଠିଲେ । ୟା କିପରି ହୋଇପାରେ ? ଗୋଟିଏ ଅପରିଷ୍କାର, ଅପରିଚ୍ଛନ୍ନ, ବଣୁଆ, ଅସ୍ପୃଶ୍ୟ ଶବରପିଲା କିପରି ତାଙ୍କ ସହ ଧନୁର୍ବିଦ୍ୟା ଶିକ୍ଷା କରିବ ! କୌରବ ଓ ପାଣ୍ଡବମାନଙ୍କ ଅନ୍ନରେ ପ୍ରତିପାଳିତ ଦ୍ରୋଣ କୌଣସି ଶିକ୍ଷା ଦେଇପାରିବେ ନାହିଁ ବୋଲି ତାକୁ ନିର୍ମମଭାବେ ମନା କରିଦେଲେ । ଶେଷରେ କୌରବ ଓ ପାଣ୍ଡବ ରାଜପୁତ୍ରମାନଙ୍କଠାରୁ ଅନେକ ନିନ୍ଦା, ଭର୍ତ୍ସନା ଓ ଅପମାନ ପାଇ ତାକୁ ନିରାଶ ହୋଇ ଫେରିଯିବାକୁ ହେଲା ।

କିନ୍ତୁ ହୃଦୟର ଏକନିଷ୍ଠ ଲକ୍ଷ୍ୟ ବାଧା ପାଇଲେ କ'ଣ କେବେ ବି ମଉଳିଯାଏ ? ବରଂ ତା'ର ପ୍ରବେଗ ଦ୍ୱିଗୁଣିତ ହୋଇଉଠେ । ଦୁଃଖ ଆଉ ଅପମାନ ଜର୍ଜରିତ ଦୀନ ଶବର ପିଲାଟି କରୁଣ ଭକ୍ତିପୂତ ଚାହାଣିରେ ତା'ର ଆରାଧ୍ୟ ଗୁରୁ ଦ୍ରୋଣଙ୍କୁ ଟିକିଏ ଚାହିଁ ତାଙ୍କରି ପଦସ୍ପର୍ଶ କରିଥିବା ମୃତ୍ତିକାରୁ କିଛି ନେଇ ଜଙ୍ଗଲ ଭିତରେ କୁଆଡ଼େ ଅଦୃଶ୍ୟ ହୋଇଗଲା । ନିଜ କୁଡ଼ିଆରେ

ପହଞ୍ଚି ସେହି ମାଟି ସହ ଆଉ କିଛି ମାଟି ମିଶାଇ ଗୁରୁଙ୍କର ଏକ ପ୍ରତିମୂର୍ତ୍ତି ତିଆରି କଲା । ଗଭୀର ଭକ୍ତି ଓ ନିଷ୍ଠା ସହ ତାଙ୍କରି ନିକଟରେ ପ୍ରଣତ ହୋଇ ନିଜର ଧନୁର୍ବିଦ୍ୟା ସାଧନା ଆରମ୍ଭ କରିଦେଲା । ପ୍ରତ୍ୟକ୍ଷ ଗୁରୁଙ୍କ ଉପଦେଶ ଭଳି ହୃଦୟରୁ ଅସ୍ତ୍ରଶିକ୍ଷାର ସମସ୍ତ ପ୍ରେରଣା ପାଇଲା । ଧୀରେ ଧୀରେ ଧନୁର୍ବିଦ୍ୟାରେ ଅପୂର୍ବ କୌଶଳ ଓ ଦକ୍ଷତା ହାସଲ କରି ଏକ ଅସାଧାରଣ ଯୋଦ୍ଧାରେ ପରିଣତ ହେଲା । କିନ୍ତୁ ବଣମଲ୍ଲୀ ସବୁରି ଅଜଣାରେ ବଣରେ ଫୁଟିଛି, ତାକୁ କିଏ ବା ଜାଣୁଛି ?

ଦିନ ପରେ ଦିନ ଗଡ଼ିଚାଲିଲା । ଦ୍ରୋଣଙ୍କ ଧର୍ମପତ୍ନୀ କୃପୀଙ୍କର ଶ୍ରାଦ୍ଧଦିବସ ପାଖେଇ ଆସିଲା । ସେ କୌରବ ଓ ପାଣ୍ଡବମାନଙ୍କୁ ଡାକି ଗଣ୍ଡା ଗୋଟାଏ ମାରି ଆଣିବା ଲାଗି ବିଭିନ୍ନ ଦିଗକୁ ପଠାଇଲେ । ଦୁର୍ଯ୍ୟୋଧନ ପ୍ରଭୃତି କୌରବମାନେ ଯେଉଁ ଜଙ୍ଗଲକୁ ଯାଇଥିଲେ ସେଇ ଜଙ୍ଗଲରେ ସେ ଶବର ଯୁବକଟି ତା'ର ପତ୍ନୀ ସହ ବାସ କରୁଥିଲା । ସେ କୁଡ଼ିଆରେ ତା'ର ଶର ସଜାଡ଼ିବାରେ ବ୍ୟସ୍ତ, ପତ୍ନୀ ତା'ର ନିକଟସ୍ଥ ଝରଣାକୁ ପାଣି ଆଣିବା ଲାଗି ଯାଇଛି । ଦୁଷ୍ଟ କୌରବମାନେ ନିର୍ଜନ ଜଙ୍ଗଲରେ ସେହି ସୁନ୍ଦରୀ ଶବରପତ୍ନୀକୁ ଦେଖି ତା' ପ୍ରତି ମନ୍ଦ ଆଚରଣ କରିବା ପାଇଁ ଉଦ୍ୟତ ହେଲେ । ସେ ଲଜ୍ଜା, ଭୟ ଓ ଘୃଣାରେ ଚିତ୍କାର କରି ତା'ର ସ୍ୱାମୀକୁ ଡାକ ପକାଇଲା । ସ୍ୱାମୀ ତା'ର ଶର ସଜାଡୁ ସଜାଡୁ ପତ୍ନୀର କାତର କଣ୍ଠ ଶୁଣିପାରିଲା । ଉତ୍କଣ୍ଠିତ ହୃଦୟରେ ସେ ଧନୁଃଶର ଧରି ସଙ୍ଗେ ସଙ୍ଗେ ଜଙ୍ଗଲକୁ ବାହାରି ପଡ଼ିଲା । ଦେଖିଲା ଦୁଷ୍ଟ କୌରବ ରାଜପୁତ୍ରମାନେ ତା'ର ପତ୍ନୀ ପ୍ରତି ଅସଦାଚରଣ କରୁଛନ୍ତି । କୌରବମାନଙ୍କୁ ବାରଣ କରିବାରେ ସେମାନେ ବରଂ ତାକୁ ତାଚ୍ଛଲ୍ୟ କରି ବେଶୀ ବେଶୀ ତା'ର ପତ୍ନୀ ପ୍ରତି ଦୁର୍ବ୍ୟବହାର କରିବାକୁ ଉଦ୍ୟତ ହେଲେ । ସେତେବେଳେ ଶବରର କ୍ରୋଧ ଆଉ ସମ୍ଭାଳେ କିଏ । ଭୟଙ୍କର ମୂର୍ତ୍ତି ଧାରଣ କରି କୌରବ ରାଜପୁତ୍ରମାନଙ୍କ ଉପରେ ଘନ ଘନ ଶର ବୃଷ୍ଟି କରିବାରେ ଲାଗିଲା । କୌରବମାନେ ଯୁଦ୍ଧରେ ପାରିଲେ

ନାହିଁ, ଶେଷକୁ ତା'ର ଶରାଘାତରେ ପ୍ରାଣ ହରାଇ ଧରାଶାୟୀ ହେଲେ । ଶବର ତା'ର ପତ୍ନୀକୁ ଧରି ନିଜ କୁଡ଼ିଆକୁ ଫେରିଲା ।

ଗଣ୍ଡା ଧରି ଅନ୍ୟମାନେ ଫେରିଲେ, କିନ୍ତୁ ଦୁର୍ଯ୍ୟୋଧନ ପ୍ରଭୃତି ନ ଫେରିବାରୁ ଦ୍ରୋଣ ବହୁତ ଚିନ୍ତିତ ହୋଇପଡ଼ିଲେ । ଶେଷରେ ଅର୍ଜୁନକୁ ପଠାଇଲେ ସେମାନଙ୍କର ସନ୍ଧାନ ନେବାକୁ । ସେମାନେ ଆସିଥିବା ଜଙ୍ଗଲକୁ ଆସି ଅର୍ଜୁନ ଦେଖିଲେ ଯେ ଗୋଟିଏ ଝରଣା ନିକଟରେ କୌରବମାନେ ମରି ପଡ଼ିଛନ୍ତି ଓ ପାଖରେ ଗୋଟିଏ କୁଡ଼ିଆ ଦେଖାଯାଉଛି । ସେ କୁଡ଼ିଆ ନିକଟକୁ ଯାଇ ଦେଖିଲେ ଗୋଟିଏ ଶବର ଯୁବକ ତା'ର ଧନୁର୍ବିଦ୍ୟା ଶିକ୍ଷା କରିବାରେ ବ୍ୟସ୍ତ । ତାକୁ ସମସ୍ତ ଘଟଣା ପଚାରିବାରୁ ସେ ସବୁ କଥା କହିଲା ।

ତାଙ୍କର ଭାଇମାନଙ୍କୁ ଗୋଟାଏ ଅସ୍ପୃଶ୍ୟ ଶବର ମାରିଥିବାରୁ ଅର୍ଜୁନ ତାକୁ କିଛି ଅପମାନ କରି କହିଲେ । ଉଭୟଙ୍କର କିଛି ସମୟ ବାକ୍ୟୁଦ୍ଧ ଲାଗିବା ପରେ ଧନୁର୍ଯୁଦ୍ଧ ଆରମ୍ଭ ହୋଇଗଲା । ଧନୁର୍ବିଦ୍ୟାରେ କେହି କାହାକୁ କମ୍ ନୁହନ୍ତି । ଭୟଙ୍କର ସେ ଯୁଦ୍ଧ । ସେମାନଙ୍କର ଯୁଦ୍ଧରେ ବନଭୂଇଁ କମ୍ପି ଉଠିଲା । ବିଳମ୍ବ ହେବାରୁ ଦ୍ରୋଣ ସମ୍ଭାଳି ପାରିଲେ ନାହିଁ । ଅନ୍ୟମାନଙ୍କୁ ସାଙ୍ଗରେ ଧରି ଜଙ୍ଗଲକୁ ଆସି ଦେଖିଲେ ଏହି ଅସାଧାରଣ ଭୟଙ୍କର ଯୁଦ୍ଧ । କିଛି ସମୟ ଦେଖିବା ପରେ ସେ ନିଜେ ସେ ଦୁହିଁଙ୍କୁ ବୁଝାଇ ଯୁଦ୍ଧ ବନ୍ଦ କରିଦେଲେ, କିନ୍ତୁ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନର ଗୋଟାଏ ଅଖ୍ୟାତ, ଅସ୍ପୃଶ୍ୟ ଶବର ନିକଟରେ ଏପରି ଶୋଚନୀୟ ଅବସ୍ଥା ଦେଖି ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ନିଜକୁ ସେ ଘୋର ଅପମାନିତ ମନେକଲେ । ଯାହାହେଉ ପରସ୍ପର ମଧ୍ୟରେ ମିଳାମିଶା ଓ ଶାନ୍ତି ପ୍ରତିଷ୍ଠା ପରେ ସେ ଶବର ଯୁବକ ମରି ପଡ଼ିଥିବା ଦୁର୍ଯ୍ୟୋଧନ ଓ ତା'ର ଅନ୍ୟଭାଇମାନଙ୍କୁ ଜୀବନ୍ୟାସ ଶର ଦ୍ୱାରା ପୁଣି ବଞ୍ଚାଇଦେଲା ।

ଅନ୍ତରର ଭାବକୁ ଗୋପନ ରଖି ଦ୍ରୋଣ ତାକୁ ଖୁବ୍ କୋମଳ ଭାବରେ

ପଚାରିଲେ, ''ତୋର ଗୁରୁ କିଏ ?'' ଶବର ଯୁବକ ତାଙ୍କୁ ତା'ର କୁଡ଼ିଆକୁ ନେଇଗଲା ଓ ମାଟିର ଦ୍ରୋଣ ମୂର୍ତ୍ତିକୁ ଦେଖାଇ କହିଲା, ''ଏଇ ମୋର ଗୁରୁ, ମୋତେ ଅସ୍ପୃଶ୍ୟ କହି ତଡ଼ିଦେବା ପରେ ୟା'ଙ୍କରି ନିକଟରେ ସାଧନା କରି ମୁଁ ମୋର ଧନୁର୍ବିଦ୍ୟା ହାସଲ କରିଛି ।'' ଏହା କହି ଦ୍ରୋଣଙ୍କ ପାଦ ତଳେ ପ୍ରଣାମ କଲା । ଦ୍ରୋଣ ଗୋଟିଏ ଦିଗରୁ ଆତ୍ମସନ୍ତୋଷ ଲାଭ କଲେ, କିନ୍ତୁ ଅନ୍ୟ ଏକ ଦୃଷ୍ଟିରୁ ଆଶଙ୍କା କଲେ ଯେ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନର ସେ ପ୍ରତିଦ୍ୱନ୍ଦ୍ୱୀ ହୋଇପାରେ ।

ସେ କାଳରେ ଗୁରୁଙ୍କଠାରୁ ଶିକ୍ଷା ଲାଭ କରିସାରିବା ପରେ ତାଙ୍କୁ ଦକ୍ଷିଣା ନ ଦେଲେ ଶିକ୍ଷା ସଂପୂର୍ଣ୍ଣ ହେଉ ନ ଥିଲା । ଦ୍ରୋଣ ସେଇ କଥା ଶବର ଯୁବକକୁ ମନେପକାଇ ଦେଲେ । ସେ ଗଭୀର ଭକ୍ତି ଓ ଆନନ୍ଦରେ ଗୁରୁଙ୍କୁ ଦକ୍ଷିଣା ମାଗିବା ଲାଗି କହିଲା । ଦ୍ରୋଣ ତା'ର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିଟି ଦକ୍ଷିଣାସ୍ୱରୂପ ମାଗିଲେ । ଗୁରୁଭକ୍ତ ଶିଷ୍ୟ ଗୁରୁଙ୍କ ଉଦ୍ଦେଶ୍ୟ ବୁଝିପାରିଲା । ତଥାପି ତା'ର ନିଜର ଦକ୍ଷତା ହରାଇବା ଅପେକ୍ଷା ଗୁରୁଦକ୍ଷିଣାକୁ ଶ୍ରେଷ୍ଠ ବୋଲି ମନେକଲା । ଆନନ୍ଦରେ ହସି ହସି ଡାହାଣ ହାତର ବୁଢ଼ାଆଙ୍ଗୁଠି କାଟି ଗୁରୁଙ୍କ ପାଦତଳେ ଥୋଇଦେଲା । ଅନ୍ତରର ଦୁଃଖ ଓ ଲଜ୍ଜାକୁ ଚାପିରଖି ଦ୍ରୋଣ ତାକୁ ଆଶୀର୍ବାଦ କରି ଶିଷ୍ୟମାନଙ୍କ ସହ ବାରୁଣାବନ୍ତକୁ ଫେରିଆସିଲେ । ଏଇ ବିଶୁଦ୍ଧ, ଜ୍ୱଳନ୍ତ ଆର୍ଯ୍ୟଭାବଧାରୀ ଅନାର୍ଯ୍ୟ ଶବର ଯୁବକ କିଏ ଜାଣ ? ସେ ହେଉଛି ମହାଭାରତର ପୃଷ୍ଠା-ଉଜ୍ଜ୍ୱଳକାରୀ, ଶିଷ୍ୟକୁଳର ଚିର ନମସ୍ୟ ଓ ଆଦର୍ଶ ଏକଲବ୍ୟ ।

ସାଧନା ପାଇଁ କ'ଣ ତା'ର ସୁବିଧା ଥିଲା ? ବରଂ କହିବା ଭଲ କ'ଣ ତା'ର ଅସୁବିଧା ନ ଥିଲା ? କିନ୍ତୁ ଏସବୁ ଅସୁବିଧା ଭିତରେ ଥିଲା ତା'ର ଗୋଟିଏ ପରମ ସୁବିଧା । ସେଇଟି ହେଉଛି ଲକ୍ଷ୍ୟ ସାଧନ ନିମନ୍ତେ ତା'ର ଅନ୍ତରର ତୀବ୍ର-ବ୍ୟାକୁଳ ନିଷ୍ଠା । ସେଇ ନିଷ୍ଠାହିଁ ସମସ୍ତ ଅସୁବିଧାକୁ ପରମ ସୁବିଧାରେ ପରିଣତ କରିଦେଲା, ଯାହାଫଳରେ ଚରମ ସୁବିଧାବାଦୀ

ଶିଷ୍ୟମାନଙ୍କୁ ଧନୁର୍ବିଦ୍ୟାରେ ସେ ଅସମ୍ଭବରୂପେ ଟପିଯାଇ ପାରିଲା । ଖାଲି ଧନୁର୍ବିଦ୍ୟା ନୁହେଁ, ସାକ୍ଷାତ୍ ଗୁରୁଙ୍କର ଶିଷ୍ୟ ନ ହୋଇ ବି ଗୁରୁଭକ୍ତିର କି ପରମ ପରାକାଷ୍ଠା ପ୍ରଦର୍ଶନ କଲା !

ଏଇ ଏକଲବ୍ୟହିଁ ହେଉ ଆମ ସାଧନାର ଚିରକାଳ ଆଦର୍ଶ । ଗୁରୁଙ୍କର ସାକ୍ଷାତ୍ ଦର୍ଶନ ଓ ସାହଚର୍ଯ୍ୟ ମିଳୁ ବା ନ ମିଳୁ, ଗୁରୁ ଆଶ୍ରମରେ ସ୍ଥାନ ମିଳୁ ବା ନ ମିଳୁ, ଘରେ ଅମାପ ଧନରତ୍ନ ଥାଉ ବା ନ ଥାଉ ତଥାପି ଆମର ଗୁରୁନିଷ୍ଠା ଓ ଲକ୍ଷ୍ୟସାଧନରେ କିଛି ବି ଅନ୍ତରାୟ ହୋଇପାରିବ ନାହିଁ । ଗୁରୁ ଆଉ ତାଙ୍କର କୃପା ଆଶ୍ରମରେ ବନ୍ଧା ହୋଇ ନ ଥାଏ, ତାଙ୍କର ପାର୍ଶ୍ୱଗ ଶିଷ୍ୟମାନଙ୍କ ମଧ୍ୟରେ ଆବଦ୍ଧ ହୋଇ ନ ଥାଏ । ଯେଉଁଠି ଭକ୍ତି, ଶ୍ରଦ୍ଧା ଆଉ ନିଷ୍ଠା ଥାଏ ସେଇଠି ସେ ବାନ୍ଧି ହୋଇ ଥାଆନ୍ତି ।

ଥରେ ଜଣେ ପ୍ରସିଦ୍ଧ ଗୁରୁ ଥିଲେ । ତାଙ୍କର ଥିଲା ଏକ ସୁନ୍ଦର ଆଶ୍ରମ । ଆଶ୍ରମରେ ଗୁରୁଙ୍କର ଅନେକ ଶିଷ୍ୟ ଥିଲେ । ଆଶ୍ରମର କେତେକ କାର୍ଯ୍ୟ ଲାଗି ଅଳ୍ପ କେତେକ ଚାକର ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଥିଲା ବହୁତ ଭକ୍ତି-ମନୋଭାବାପନ୍ନ । ଆଶ୍ରମର ସମସ୍ତ କାମ ସେ ଶିଷ୍ୟମାନଙ୍କ ଅପେକ୍ଷା ଅଧିକ ନିଷ୍ଠା ଆଉ ଶ୍ରଦ୍ଧାର ସହ କରେ, ଅନ୍ତରରେ ସବୁବେଳେ ଗୁରୁଙ୍କୁ ଧ୍ୟାନ କରୁଥାଏ ଓ ତାଙ୍କରି ନାମ ଜପୁଥାଏ, କିନ୍ତୁ ଶିଷ୍ୟମାନଙ୍କ ଭଳି ସହଜରେ ଗୁରୁଙ୍କ ପାଖକୁ ଯାଇପାରେ ନାହିଁ । ଦୂରରୁ ଗୁରୁଙ୍କୁ ବେଳେ ବେଳେ ଦେଖେ, ହୃଦୟରେ ବିନମ୍ର ପ୍ରଣତି ଜଣାଏ, ତାଙ୍କରି ସେବା ଭାବରେ ପୁଣି କାମରେ ଲାଗିଯାଏ । ବେଳେବେଳେ ମନରେ ତା'ର ଦୁଃଖ ଆସେ, ନିଜକୁ ଛୋଟ ହେୟ ବୋଲି ମନେକରେ । ଭାବେ, ଗୁରୁ କ'ଣ ତା'ର— ସେ ତାଙ୍କ ପାଖରେ ଚଳପ୍ରଚଳ ହେଉଥିବା ଓ ତାଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଲାଭ କରିପାରୁଥିବା ଶିଷ୍ୟମାନଙ୍କର ନା । କିନ୍ତୁ ମନ ଯେତେ ଏ ବିଚାର କଲେ ବି ହୃଦୟ ତା'ର ଏକଥା ମାନେ ନାହିଁ । ହୃଦୟରେ ସେ ଗୁରୁଙ୍କର ଅନାବିଳ ଦିବ୍ୟ ସ୍ନେହ ଓ କୃପା ସବୁବେଳେ ଅନୁଭବ କରେ ।

ନୀରବ ଆନନ୍ଦରେ କାହାକୁ କିଛି ନ କହି ତା'ର କାମ କରେ । ତଥାପି ମନ-ପ୍ରାଣର ଅଭିମାନ ଅନେକ ସମୟରେ ତାକୁ ମୁହ୍ୟମାନ କରିବାକୁ ଛାଡ଼ନ୍ତି ନାହିଁ । ଏହିପରି ଏକ ଗଭୀର ଦୁଃଖ, ହତାଶ ଆଉ ଅବସାଦଗ୍ରସ୍ତ ମୁହୂର୍ତ୍ତରେ ମୁହ୍ୟମାନ ହୋଇପଡ଼ି ଆଖିରୁ ଯେତେବେଳେ ତା'ର ଲୁହ ଝରିପଡ଼ିଲା ସେତିକିବେଳେ ହୃଦୟରେ ଏକ ରୁଦ୍ଧ ଦ୍ୱାର ଚିରକାଳ ଲାଗି ଖୋଲିଗଲା । ସେ ସ୍ପଷ୍ଟ ଅନୁଭବ କଲା ଗୁରୁଙ୍କର ଦିବ୍ୟ କରୁଣା ତା'ର ସମସ୍ତ ଆବସାଦକୁ ଧୋଇ ନେଇ ତା' ମଧ୍ୟରେ ଦିବ୍ୟ ଆନନ୍ଦ ଓ ଭରସା ସହ ଏଇ ଚିରନ୍ତନ ନିଶ୍ଚୟତା ଭରିଦେଉଛି ଯେ ''ମୁଁ ତୋର, ଚିରକାଳ ତୋର, ମୁଁ ଆଶ୍ରମର କ୍ଷୁଦ୍ର ଗଣ୍ଡି ଭିତରେ କିଂବା ସୀମିତ ପାର୍ଶ୍ୱଗଗୋଷ୍ଠୀ ମଧ୍ୟରେ ଆବଦ୍ଧ ନାହିଁ । ତୁ ଆଶ୍ରମରେ ରହ, ଜଙ୍ଗଲରେ ରହ ବା ସଂସାରରେ ରହ, ମୁଁ ସବୁବେଳେ ତୋ ସାଙ୍ଗରେ ରହିଚି । ତୁ ଦୁଃଖକଷ୍ଟରେ ପଡ଼ି ଯଦି କେବେ ଏହା ଅନୁଭବ କରି ନ ପାରୁ ତଥାପି ତୋତେ ମୁଁ ଛାଡ଼ି କେବେ ବି ଯାଇପାରିବି ନାହିଁ ।'' ହଠାତ୍ ସେ ବ୍ୟକ୍ତିର ଭିତରୁ ଯେପରି କେହି କହିଉଠିଲା, ''ମୁଁ ଆଉ ବାହାରର କୌଣସି ସୁବିଧାସୁଯୋଗ ଚାହେଁ ନାହିଁ; ତାହା ଆସୁ ଅଥବା ନ ଆସୁ । ମୁଁ କେବଳ ତୁମକୁ ଚାହେଁ ପ୍ରଭୁ, ତୁମକୁ ଛାଡ଼ି ମୁଁ ମୁହୂର୍ତ୍ତେ ବି ବଞ୍ଚି ପାରିବି ନାହିଁ ।'' ସେହିଦିନଠାରୁ ସେ ବ୍ୟକ୍ତିଟି କେବେ ବି ହତାଶ ଓ ପୃଥକ୍ ଅନୁଭବ କରେ ନାହିଁ, ବାହାର ଘଟଣାରେ କେବେ ବି ବିଚଳିତ ହୁଏ ନାହିଁ, କିଛି ବି ଦାବି କରେ ନାହିଁ, କାହାରି ସୌଭାଗ୍ୟ ଦେଖି ନିଜକୁ ଟିକିଏ ବି ଛୋଟ ମନେକରେ ନାହିଁ କିଂବା ଦିବ୍ୟସାନ୍ନିଧ୍ୟଲାଭର ସୌଭାଗ୍ୟ ଯୋଗୁଁ ନିଜକୁ ବଡ଼ ମନେକରେ ନାହିଁ । ଅନ୍ୟ ଯାହାକିଛି ମିଳୁ ବା ନ ମିଳୁ ସେ ଯାହାକୁ ଚାହେଁ ସେ ତ ତା'ର ଦୁଷ୍ପ୍ରାପ୍ୟ ନୁହନ୍ତି, ଆଉ ତା'ର କ'ଣ ଦରକାର ? ତା' ପାଇଁ ଯାହା ଯେତେବେଳେ ଦରକାର ତାହା ଆପେ ହେବ ।

ତେଣୁ କାହା ପାଇଁ କ'ଣ ଭଲ, କେଉଁ ପରିସ୍ଥିତିରେ କିଏ ରହିଲେ

ତା'ର ସାଧନାରେ ଉନ୍ନତି ହେବ ତା' ଆମର ଅନ୍ତରସ୍ଥ ଗୁରୁ ଭଲ ଭାବରେ ଜାଣନ୍ତି ଓ ସବୁକିଛି ଭିତର ଦେଇ ସେ ଆମକୁ ତାଙ୍କରି ନିକଟକୁ ନେଇଚାଲନ୍ତି । ସାଧନା ସାଧାରଣ କର୍ମ ଭଳି ନୁହେଁ । ଦୁଃଖକଷ୍ଟ, ସ୍ଥୂଳ ଅସୁବିଧା ଓ ବାଧାବିପତ୍ତିରେ ସାଧାରଣ କର୍ମ ବିନଷ୍ଟ ହୋଇପାରେ, ସ୍ଥଗିତ ରହିପାରେ; କିନ୍ତୁ ନିଷ୍ପାପର ସାଧନା ଆହୁରି ଅନ୍ତର୍ମୁଖୀ, ଆହୁରି ତୀବ୍ର ଓ ଆହୁରି ବିକାଶଶୀଳ ହୁଏ । ତେଣୁ ସାଧନାରେ ବାହାରର ପରିସ୍ଥିତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ଅନ୍ତରର ଅବସ୍ଥା ।

ଭଗବାନ ଚିରକାଳ ଭକ୍ତର । ବାହାରର ସୁବିଧା, ଅସୁବିଧା, ପଦମର୍ଯ୍ୟାଦାରେ ସେ ବନ୍ଧା ନୁହନ୍ତି । ଭକ୍ତର ସରଳ, ନିଷ୍କପଟ, ପ୍ରେମଭକ୍ତିପୂର୍ଣ୍ଣ ହୃଦୟ ନିକଟରେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ଶକ୍ତି, ସମସ୍ତ ଜ୍ଞାନ ବନ୍ଧା । ଥରେ ସେ ଦେବର୍ଷି ନାରଦଙ୍କ ଏକ ପ୍ରଶ୍ନର ଉତ୍ତରରେ କହି ନାହାନ୍ତି କି :

ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ  ହୃଦୟେ ନ ଚ ।
ମଦ୍ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ॥

''ହେ ନାରଦ, ମୁଁ ବୈକୁଣ୍ଠରେ ନାହିଁ କିଂବା ଯୋଗୀମାନଙ୍କର ହୃଦୟରେ ନାହିଁ; ମୋର ଭକ୍ତ ମୋତେ ଯେଉଁଠି ସ୍ମରଣ କରେ ମୁଁ ସେଇଠି ।''

ବିଚିତ୍ର ତାଙ୍କର ଲୀଳା ! ଖାଲି ନୀରବ ସମର୍ପଣ ଛଡ଼ା ଆମର ବା ଆଉ କ'ଣ କରିବାର ଅଛି । ଦୁଃଖ-କଷ୍ଟ, ମାନ-ଅପମାନ, ରୋଗ-ଯନ୍ତ୍ରଣା ସବୁ ତାଙ୍କରି । ସବୁ ଭିତରେ ସେ ରହି ସରଳ, ନିଷ୍ପାପ ଶିଶୁର ଅମାୟିକ ହସ ହସନ୍ତି । କହନ୍ତି :

"I am with you because I am you or you are I.'' (The Mother)

''ମୁଁ ତୋ ସହ ରହିଛି, କାରଣ ମୁଁ ହେଉଛି ତୁ ବା ତୁ ହେଉଛୁ ମୁଁ ।'' (ଶ୍ରୀମା)

## ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଲେ ଅନ୍ୟ ପଢ଼ା ଲାଗି ମନ କ୍ଳାନ୍ତ ହୋଇପଡ଼େ ନାହିଁ ତ ?

''Read with your heart and you will understand. Blessings.''

– The Mother

''ହୃଦୟଦେଇ ପଢ଼, ତୁମେ ବୁଝିପାରିବ । ଆଶୀର୍ବାଦ ।''

– ଶ୍ରୀମା

ଶାରୀରିକ ବ୍ୟାୟାମ କଲେ ମୋର ପ୍ରତିଦିନର ଯେଉଁ କାର୍ଯ୍ୟ ତାହା କରିବା ଲାଗି ମୁଁ କ୍ଳାନ୍ତ ଅନୁଭବ କରିବି ନାହିଁ ତ – ଇଏ ଯେପରି ଧାରଣା, ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଲେ ନିଜର ଅନ୍ୟ କ୍ଳାସ ପଢ଼ା ଲାଗି ମନ କ୍ଳାନ୍ତ ହୋଇପଡ଼େ ଠିକ୍ ସେଇପରି ଧାରଣା ।

ଜଣେ ବ୍ୟକ୍ତିଙ୍କୁ ଘରର ଚାଷବାସ କାମ ଆଦି ଅନ୍ୟାନ୍ୟ ଶ୍ରମିକଙ୍କ ସହ କରିବାକୁ ପଡ଼େ । ସେ ସକାଳୁ ଉଠି ନିତ୍ୟକର୍ମ ଶେଷକରି ଅଳ୍ପ କିଛି ବ୍ୟାୟାମ ଆସନ କରିନିଅନ୍ତି । ଶରୀରର ସବୁ ଅଂଗ ଯେପରି ଚାଳିତ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତି । କାରଣ ସେ ଜାଣନ୍ତି ଦିନସାରା ତାଙ୍କୁ ବିଲବାଡ଼ିରେ ପୁଣି କାମ କରିବାକୁ ହେବ । କିଛି ସମୟ ଅଙ୍ଗଚାଳନା ପରେ ସମଗ୍ର ଶରୀରରେ ସ୍ଫୂର୍ତ୍ତି ଓ ପ୍ରଫୁଲ୍ଲତା ଆସେ, ଅବସାଦ ଓ କ୍ଳାନ୍ତି ଦୂର ହୋଇଯାଏ । ଏହାର କିଛି ସମୟ ପରେ ସ୍ନାନ ଭୋଜନ ଇତ୍ୟାଦି ସାରି ବିଲବାଡ଼ିକୁ କାମ କରିବାକୁ ଯାଆନ୍ତି । ସେ ଯେପରି ଅନାୟାସ ଭାବରେ ସ୍ଫୂର୍ତ୍ତିର ସହ ଦୀର୍ଘ ସମୟ ଧରି କାର୍ଯ୍ୟ କରିପାରନ୍ତି ତାଙ୍କ ସହ ଅନ୍ୟ ଶ୍ରମିକମାନେ ଆଦୌ ତାଳ ଦେଇ କାମ କରିପାରନ୍ତି ନାହିଁ । ତାଙ୍କ ସହ କାମ କରିବାକୁ ସେମାନେ

ଭୟ କରନ୍ତି ତଥା ଅନ୍ୟ ପକ୍ଷରେ କାମରେ ଠକି ସମୟ ବିତାଇ ଦେବାକୁ ସୁଯୋଗ ପାଅନ୍ତି ନାହିଁ । ବିଲବାଡ଼ିରୁ ଫେରି ସଂଧ୍ୟାରେ ମଧ୍ୟ ସେ ଖୋଲା ସ୍ଥାନରେ ଶରୀରକୁ ଢିଲା ଓ ନମନୀୟ କରି ଖୁବ୍ ହାଲୁକା ଧରଣର କିଛି ଅଙ୍ଗଚାଳନା କରନ୍ତି । ଫଳରେ ଶରୀରର ଗୋଟିଏ ଗୋଟିଏ ଅଂଶରେ ଜମାଟ ବାନ୍ଧିଥିବା କ୍ଲାନ୍ତି, ଅବସନ୍ନତା ଦୂର ହୋଇ ସମଗ୍ର ଶରୀରରେ ପ୍ରଫୁଲ୍ଲତା ଆସେ । ଏଭଳି ଅଙ୍ଗଚାଳନା ଅବଚେତନାଗ୍ରସ୍ତ ବିଶ୍ରାମ ଅପେକ୍ଷା ଅଧିକ ଶକ୍ତି, ସାମର୍ଥ୍ୟ, ଶାନ୍ତି ଓ ପ୍ରଫୁଲ୍ଲତା ଆଣି ଦେଇଥାଏ । କିନ୍ତୁ ସେହି ବ୍ୟକ୍ତି ଯେତେବେଳେ ସକାଳୁ ଉଠି ଅଙ୍ଗଚାଳନା କରନ୍ତି ସେତେବେଳେ ଅନ୍ୟମାନେ ତାଙ୍କୁ କହିଥା'ନ୍ତି : ଦିନସାରା ବିଲବାଡ଼ିରେ ହାଡ଼ଭଙ୍ଗା ପରିଶ୍ରମ କରିବୁ, ଆଉ ସକାଳୁଟାରୁ ବ୍ୟର୍ଥରେ କାହିଁକି ଶକ୍ତି ନଷ୍ଟ କରୁଛୁ ? ସେ କିନ୍ତୁ ଜାଣନ୍ତି ସେ ଶକ୍ତି ନଷ୍ଟ କରୁ ନାହାନ୍ତି ବରଂ ଶକ୍ତି ସଂଚୟ କରୁଛନ୍ତି । କାମରୁ ଫେରି ସଂଧ୍ୟାରେ ସେ ଯେତେବେଳେ ହାଲିଆ ହୋଇ କେଉଁଠି ପଡ଼ି ନ ଯାଇ କିଛି ହାଲୁକା ଧରଣର ଅଙ୍ଗଚାଳନା କରନ୍ତି ସେତେବେଳେ ମଧ୍ୟ ଲୋକମାନେ ପ୍ରତିବାଦ କରନ୍ତି; କିନ୍ତୁ ସେ ଜାଣନ୍ତି ସେହି ଅଙ୍ଗଚାଳନା ମଧ୍ୟଦେଇ ସେ ଶରୀରକୁ ଶକ୍ତିର କ୍ଷୟପୂରଣ ନିମନ୍ତେ ଓ ଶାନ୍ତିପ୍ରଦ ବିଶ୍ରାମ ନିମନ୍ତେ ପ୍ରସ୍ତୁତ କରୁଛନ୍ତି । ବିଲବାଡ଼ିରେ କାମ କରୁଥିବା ସମୟରେ ମଧ୍ୟ ସେ ନିଜ ଶରୀର ପ୍ରତି ଦୃଷ୍ଟି ଦେଇ ନିଜ ସାମର୍ଥ୍ୟ ଅନୁସାରେ ଶରୀରକୁ ନମନୀୟ ଓ ଗ୍ରହଣଶୀଳ ଅବସ୍ଥାରେ ରଖି କାର୍ଯ୍ୟ କରୁଥିବାରୁ ବିଶେଷ କ୍ଲାନ୍ତି କିଂବା ଅବସନ୍ନତା ଅନୁଭବ କରନ୍ତି ନାହିଁ ।

ଆଉ ଜଣେ ବ୍ୟକ୍ତି ତାଙ୍କୁ ବିଲବାଡ଼ିରେ କିଂବା କଳ କାରଖାନାରେ କିଛି କଠୋର ପରିଶ୍ରମ କରିବାକୁ ପଡ଼େ ନାହିଁ । ତେଣୁ ସେ ସକାଳେ ଓ ସଂଧ୍ୟାରେ ଖୁବ୍ କଷ୍ଟକର ବ୍ୟାୟାମ ଦୀର୍ଘ ସମୟ ଧରି କରନ୍ତି । ବାରବେଲ୍, ଡମ୍ବେଲ ଓ ବିଭିନ୍ନପ୍ରକାର ବ୍ୟାୟାମର ଯନ୍ତ୍ରପାତି ବ୍ୟବହାର କରନ୍ତି । ତାଙ୍କର ଶରୀରର ଗଠନ ମଧ୍ୟ ବହୁତ ଶକ୍ତ ଓ ସୁନ୍ଦର; କିନ୍ତୁ ସେ ବିଲବାଡ଼ି କିଂବା

କଳକାରଖାନାରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିପାରନ୍ତି ନାହିଁ । କାରଣ କଷ୍ଟସାଧ୍ୟ ବ୍ୟାୟାମ ପରେ ତାଙ୍କ ଶରୀର ସମଗ୍ର ଦିବସ ବିଶ୍ରାମ ଚାହୁଁଥାଏ । ତେଣୁ ଦିନରେ ସେ କିଛି ହାଲୁକାଧରଣର କାର୍ଯ୍ୟ ଯାହା ବିଶେଷ ଶାରୀରିକ ଶ୍ରମ ଆବଶ୍ୟକ କରେ ନାହିଁ ସେଇଭଳି କାର୍ଯ୍ୟ କରିଥା'ନ୍ତି ।

ତେଣୁ ଆମେ ଦେଖିଲେ ଆମର ଦୈନନ୍ଦିନ କାର୍ଯ୍ୟ ଲାଗି ବ୍ୟାୟାମ ଆମକୁ ଅନୁପଯୁକ୍ତ, କ୍ଳାନ୍ତ, ଅବସନ୍ନ କରେ ନାହିଁ, ବରଂ ତାକୁ ଯଥାଯଥ ଭାବେ ଉପଯୋଗ କଲେ ତାହା ଶରୀରକୁ ନୀରୋଗ, ସୁସ୍ଥ ରଖି ସେସବୁ କାର୍ଯ୍ୟକୁ ଅନାୟାସରେ, କ୍ଳାନ୍ତିହୀନ ଭାବରେ କରିବାକୁ ଆମକୁ ସମର୍ଥ କରିଥାଏ । ଦୈନନ୍ଦିନ କାର୍ଯ୍ୟ ପ୍ରତି ଆମର ତିଳେ ହେଲେ ଭ୍ରୂକ୍ଷେପ କିଂବା ଭୟ ନ ଥାଏ । ବ୍ୟାୟାମ ଶକ୍ତିକ୍ଷୟ ନ ଘଟାଇ ଟନିକ୍ ଭଳି କାମ କରିଥାଏ ।

ସେଇଭଳି ଶ୍ରୀଅରବିନ୍ଦଙ୍କ ପୁସ୍ତକ ପାଠ ଠିକ୍ ଭାବରେ ଆମେ କରିପାରିଲେ ତାହା ମନକୁ କ୍ଳାନ୍ତ କିଂବା ଅବସନ୍ନ କରେ ନାହିଁ, ବରଂ ଅନ୍ୟ ପଢ଼ା ଲାଗି ଆହୁରି ଶୁଦ୍ଧ, ଶାନ୍ତ, ଶକ୍ତିଶାଳୀ ଓ ସାମର୍ଥ୍ୟଯୁକ୍ତ କରି ଗଢ଼େ । କିନ୍ତୁ ସାଧାରଣ ବୁଦ୍ଧିଜୀବୀ ଲୋକଙ୍କ ଭଳି ଆମେ ଯଦି ଗୁଡ଼ାଏ ମାନସିକ ବ୍ୟାୟାମ କରି ଶ୍ରୀଅରବିନ୍ଦଙ୍କ ଲେଖାକୁ ବୁଝିବାକୁ ଚେଷ୍ଟା କରି ଏକ ସମୟରେ ଗୁଡ଼ାଏ ପଢୁ ତେବେ ମନ କ୍ଳାନ୍ତ ହୁଏ ଓ ଚେତନାରେ ତା'ର ବିଶେଷ କିଛି ପ୍ରଭାବ ପଡ଼େ ନାହିଁ । କାରଣ ସାଧାରଣ ମନ ଶ୍ରୀଅରବିନ୍ଦଙ୍କ ଲେଖାକୁ ବୁଝିବାର ବା ଗ୍ରହଣ କରିବାର ଯଥାର୍ଥ ମାଧ୍ୟମ ନୁହେଁ ।

ତେବେ ଯାହାହେଉ ଆମର ଯଦି ଅନ୍ୟ ପାଠ ପଢ଼ିବାକୁ ଥାଏ ତେବେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ମନକୁ ଶାନ୍ତ ନିଶ୍ଚଳ କରି ଶ୍ରୀଅରବିନ୍ଦଙ୍କ ଲେଖାରୁ ଅଳ୍ପକିଛି ପଢ଼ିପାରୁ । ଚେତନା ଯଦି ଆମର ସ୍ଥିର ଶାନ୍ତ ଥାଏ, ତେବେ ସମୟେ ସମୟେ ତାଙ୍କ ଲେଖାର ଗୋଟିଏ ଦୁଇଟି ମାତ୍ର ବାକ୍ୟ ମଧ୍ୟ ଯଥେଷ୍ଟ । ସେତିକିରେ ଯେପରି ସମଗ୍ର ବିଶ୍ୱର ଜ୍ଞାନଭଣ୍ଡାର ପୂରି ରହିଥିଲା ଭଳି ବୋଧହୁଏ ଓ ସମଗ୍ର ସତ୍ତା ଏକ ଅଜଣା ଦିବ୍ୟରସରେ

ଆପ୍ଲୁତ ହୋଇଯାଏ । ବେଶିଗୁଡ଼ାଏ ଆଉ ପଢ଼ିବା ଆବଶ୍ୟକ ହୁଏ ନାହିଁ । ତାଙ୍କ ଲେଖା ଆପେ ଆପେ ତା'ର ଅର୍ଥ ପ୍ରକାଶ କରିଥାଏ ଆମର ଚେତନାର ଅବସ୍ଥାଭେଦ ନେଇ । ସବୁ ସମୟରେ ଏଭଳି ନ ଘଟିଲେ ବି ଆମର ଲକ୍ଷ୍ୟ ରହିବା ଉଚିତ ମନକୁ ଶାନ୍ତ ନୀରବ କରି ଯଥାସମ୍ଭବ କମ୍ ପଢ଼ିବା । ଏହି କମ୍ ବେଶୀ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ଆନ୍ତର ସାମର୍ଥ୍ୟ ଓ ପ୍ରସ୍ତୁତି ଉପରେ ନିର୍ଭର କରେ । କିନ୍ତୁ ଶ୍ରୀଅରବିନ୍ଦଙ୍କର ସାବିତ୍ରୀ (Savitri) ଓ ମା (The Mother) ବହିକୁ ବୁଝିବା ଉପରେ ଗୁରୁତ୍ୱ ନ ଦେଇ ହୃଦୟରେ ଏକାଗ୍ର ହୋଇ ଗଭୀର ପ୍ରେମ, ଶ୍ରଦ୍ଧା ଓ ସମର୍ପଣର ଭାବ ସହ ନୀରବରେ କିଂବା ସଶବ୍ଦେ ପଢ଼ାଯାଇପାରେ ।

ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ଲକ୍ଷ୍ୟ ଓ ଉପାୟ ଜାଣିଲେ ତାଙ୍କ ଲେଖା ପଢ଼ି ବୁଝିବାରେ ଆମକୁ ଆଉ ବିଶେଷ କଷ୍ଟ ହୁଏ ନାହିଁ । କେବଳ କଷ୍ଟ ହୁଏ ତାକୁ କାର୍ଯ୍ୟରେ ପରିଣତ କରିବା, ଯାହାକି କେବଳ ଆମର ଅଭୀପ୍ସା ଓ ମା' ଆଉ ତାଙ୍କରି (ଶ୍ରୀଅରବିନ୍ଦଙ୍କର) କୃପା ବଳରେ ଆସେ ।

ପ୍ରାଥମିକ ଭାବେ ଆମେ ଶ୍ରୀଅରବିନ୍ଦଙ୍କ ଲେଖାକୁ ପଢ଼ି ବୁଝି ନ ପାରିଲେ ଆମ ପାଇଁ ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ ଓ ଆଦର୍ଶକୁ ପ୍ରତିପାଦିତ କରୁଥିବା ଓ ତାଙ୍କରି ଲେଖା ଉପରେ ଆଧାରିତ ଅନ୍ୟ ସାଧକମାନଙ୍କର ଅନେକ ଲେଖା ରହିଛି । ସେସବୁ ପ୍ରଥମେ ପଢ଼ି ଆମେ ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ି କିଛି କିଛି ବୁଝିବାକୁ ସମର୍ଥ ହେଲେ ପ୍ରତ୍ୟହ ଅଳ୍ପ ଅଳ୍ପ ଅଭ୍ୟାସ କରି ପଢ଼ିପାରୁ । ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ, ନିର୍ଦ୍ଦିଷ୍ଟ କାଳ ବା ନିର୍ଦ୍ଦିଷ୍ଟ କାର୍ଯ୍ୟର ଆବଶ୍ୟକତା ନ ଥାଏ । ତାହା ବ୍ୟକ୍ତିବିଶେଷ ଉପରେ ନିର୍ଭର କରେ ।

ଯଥାର୍ଥରେ ଶ୍ରୀଅରବିନ୍ଦଙ୍କ ଲେଖା ମନକୁ ଦୁର୍ବଳ କିଂବା କ୍ଳାନ୍ତ କରେ ନାହିଁ, କାରଣ ମନରେ ତାହା ପଢ଼ାଯାଏ ନାହିଁ । ମନ ଶାନ୍ତ, ନୀରବ ଥାଏ, ଚେତନା ତାକୁ ଗ୍ରହଣ କରେ । ଯେତେବେଳେ ମନରେ ତାହା ବୁଝିବା ଲାଗି

କସରତ ଆରମ୍ଭ ହୁଏ, ଚେତନା ଆଉ ଗ୍ରହଣ କରିବାକୁ ଚାହେଁ ନାହିଁ ସେତେବେଳେ ଗୋଟିଏ ଦୁଇଟି ବାକ୍ୟ ପଛେ ହେଉ ବା ଗୋଟିଏ ମାତ୍ର ଅନୁଚ୍ଛେଦ (Paragraph) ପଛେ ହେଉ ସେତିକି ପଢ଼ି ମା'ଙ୍କ ଚରଣରେ ଆମର ବୁଝିବା ନ ବୁଝିବାକୁ ସମର୍ପଣ କରିଦେଇ ବନ୍ଦ କରିଦେବା ଉଚିତ । କାରଣ ଆମେ ତ ତାକୁ ପରୀକ୍ଷାରେ ପଢ଼ିବା ଲାଗି ପଢୁନୁ । ଶ୍ରୀଅରବିନ୍ଦଙ୍କର ଗୋଟିଏ ଲେଖାକୁ ଏହିପରି ବାରଂବାର ପଢ଼ିଲେ ତା'ର ଅର୍ଥ ଆପେ ଆମ ଚେତନାରେ ପ୍ରତିଭାତ ହୁଏ । ବୁଝିବା ଆଉ କଷ୍ଟ ହୁଏ ନାହିଁ । କିନ୍ତୁ ଯେତେ ବୁଝିଲେ ବି ପ୍ରତିଥର ପଢ଼ିଲାବେଳକୁ ତାହା ନୂଆ ପରି ଲାଗେ ।

ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଲେ ମନ ଶାନ୍ତ, ସଂଯତ, ବ୍ୟାପକ, ବିଶାଳ ହୋଇଯାଏ । ବିଶ୍ୱମନ ସହ ତାହା ଧୀରେ ଧୀରେ ଯୁକ୍ତ ହୁଏ; ତେଣୁ ଅନ୍ୟାନ୍ୟ ପଢ଼ା ଓ ଲେଖା ବ୍ୟକ୍ତି ପକ୍ଷରେ ଅତ୍ୟନ୍ତ ସହଜ ହୋଇଉଠେ । ଯାହାକୁ ସେ ଘଣ୍ଟା ଘଣ୍ଟା ଧରି ମନରେ କସରତ କରି ବୁଝୁଥିଲା ଓ କେବଳ ପରୀକ୍ଷା ପର୍ଯ୍ୟନ୍ତ ମନେ ରଖିବା ପାଇଁ ବାରଂବାର ରାତି ଅନିଦ୍ରା ହୋଇ ଶରୀରକୁ ଦୁର୍ବଳ କରୁଥିଲା ତାକୁ ଚେତନାରେ ସେ ଖୁବ୍ ସହଜରେ ବୁଝିନିଏ ଓ ଚେତନା ଯାହାକୁ ଥରେ ବୁଝେ ତାହା ଚିରକାଳ ଲାଗି ସେଥିରେ ସାଇତା ହୋଇ ରହେ; ଦରକାରବେଳେ ଉପରକୁ ଆସି କାର୍ଯ୍ୟରେ ଲାଗେ । କିନ୍ତୁ ମନରେ ଯେତେ ଜୋର୍ ଜବରଦସ୍ତି କରି ପାଠ ଭର୍ତ୍ତି କଲେ ବି ଖୁବ୍ ହେଲେ ପରୀକ୍ଷା ପର୍ଯ୍ୟନ୍ତ ତାହା କଷ୍ଟେ ମଷ୍ଟେ କାମ ଦିଏ, ତା'ପରେ ଶୂନ୍ୟ । କାରଣ ମନରେ ଧରିରଖିବା ସବୁବେଳେ ଗୋଟିଏ ବୋଝ ଭଳି ଲାଗେ । କିନ୍ତୁ ଚେତନାରେ ଯାହା ସାଇତା ହୁଏ ତାହା ତା'ର ଆପେ ଆପେ ରହେ, ଆବଶ୍ୟକବେଳେ କାର୍ଯ୍ୟରେ ଲାଗେ । ଚେତନାରେ ମନେ ରହିବାର ପ୍ରମାଣ ହେଉଛି ଆମର ବହୁ ବର୍ଷ ପୂର୍ବେ ପିଲାଦିନେ ବେଳେବେଳେ ଆମ ଜୀବନରେ କ'ଣ ଘଟିଥିଲା, ଆମକୁ କିଏ କ'ଣ କହିଥିଲା ତାହା ଏପର୍ଯ୍ୟନ୍ତ ଆମର ମନେ ରହିଛି । ସେଥିପାଇଁ ଆମେ କଷ୍ଟ କରୁନୁ କିନ୍ତୁ ତାହା ଆପେ

ଚେତନାରେ ଜୀବନ୍ତ ହୋଇ ସାଇତା ହୋଇ ରହିଛି । କିନ୍ତୁ ଯେଉଁ ଘଟଣା କିଂବା ଯେଉଁ କଥା ଆମ ଚେତନାରେ ପ୍ରଭାବ ନ ପକାଇ ଆମ ସାଧାରଣ ମନରେ ପ୍ରଭାବ ପକାଇଥାଏ ତାହା ଖୁବ୍ ଶୀଘ୍ର ପୋଛି ହୋଇଯାଏ । ଶ୍ରୀଅରବିନ୍ଦଙ୍କ ଲେଖା ଯଥାର୍ଥ ଭାବେ ପଢ଼ିଲେ ଚେତନାର ବିକାଶ ହୋଇଥାଏ, ତେଣୁ ଅନ୍ୟ ଯାହାକିଛି ପଢ଼ି ତାକୁ ଠିକ୍‌ରୂପେ ଗ୍ରହଣ କରିବାର ସାମର୍ଥ୍ୟ ବଢ଼ିଥାଏ ।

କିନ୍ତୁ ଗୋଟିଏ କଥା ହୁଏ; ଶ୍ରୀଅରବିନ୍ଦଙ୍କ ଲେଖା କିଂବା ତାଙ୍କରି ଆଦର୍ଶ ପ୍ରତିପାଦନ କରୁଥିବା ଲେଖା ପାଠ କଲା ପରେ ଅନ୍ୟ କେତେକ ପାଠ ନୀରସ, ଶୁଷ୍କ, ନିରର୍ଥକ ଓ ତ୍ରୁଟିଯୁକ୍ତ ଭଳି ବୋଧହୁଏ । ଏ କ୍ଷେତ୍ରରେ ଆମେ ଯଦି ଛାତ୍ର ନୋହୁ ତେବେ କିଛି ସମସ୍ୟା ନାହିଁ । ଯଦି ଆମେ ଛାତ୍ର ତେବେ ଚେଷ୍ଟାକଲେ କିଛି ଅସୁବିଧା ହେବ ନାହିଁ । କାରଣ ଆମେ ଦର୍ଶନ, ବିଜ୍ଞାନ, ସାହିତ୍ୟ, ରାଜନୀତି, ସମାଜନୀତି, ଶିକ୍ଷାନୀତି, ଚିକିତ୍ସାତତ୍ତ୍ୱ ବା ଏହିପରି ଆଉ ଯାହାକିଛି ପଢୁଥାଉ ସେସବୁକୁ ଭଲରୂପେ ପଢ଼ି ସେ ସଂପର୍କରେ ଶ୍ରୀଅରବିନ୍ଦଙ୍କ ଲେଖା ଯେତେବେଳେ ପଢୁ ସେତେବେଳେ ଆମେ ସେସବୁଥିରେ ଥିବା ତ୍ରୁଟି ଓ ଅପୂର୍ଣ୍ଣତାକୁ ଧରିପାରୁ । ଆମେ ଯଦି ରାଜନୀତିର ଛାତ୍ର ତେବେ ଆମେ ଦେଖୁ ପୁରାତନ ରାଜନୀତି କେବଳ ମଣିଷର ମନ, ପ୍ରାଣ, ଶରୀରର ସମସ୍ୟା ସମାଧାନ ଲାଗି ଉଦ୍ଦିଷ୍ଟ । କିନ୍ତୁ ମଣିଷ ଯେ ଏକ ଆତ୍ମିକ ସତ୍ତା ଏକଥା ସେ ଭୁଲିଯାଇଛି । ସେଇଥିଲାଗି ସବୁ ବିଭ୍ରାଟ ଦେଖାଦେଉଛି । ଆମେ ଯଦି ସମାଜନୀତି ପଢୁଥାଉ ତେବେ ଦେଖିବୁ ପୁରାତନର ଭେଦପ୍ରତିଷ୍ଠ ସମାଜ ସ୍ଥାନରେ ଶ୍ରୀଅରବିନ୍ଦଙ୍କର ନୂତନ ଆତ୍ମପ୍ରତିଷ୍ଠ ସମାଜର ଚିତ୍ର । ଆମେ ଯଦି ବିଜ୍ଞାନର ଛାତ୍ର ତେବେ ଦେଖିବୁ ବିଜ୍ଞାନ ବି କିପରି ତା'ର ଅଲକ୍ଷ୍ୟରେ ସୃଷ୍ଟିର ସେଇ ଚରମ ଆଧ୍ୟାତ୍ମିକ ତତ୍ତ୍ୱ ଉଦ୍‌ଘାଟିତ କରିବାରେ ଲାଗିଛି । ଆମେ ଯଦି ଚିକିତ୍ସାବିଜ୍ଞାନର ଛାତ୍ର ତେବେ ଆମେ ଦେଖୁ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ପ୍ରତ୍ୟେକଟି ରୋଗଜୀବାଣୁ କିପରି

ଏକ ବିକୃତ, ଖଣ୍ଡିତ ପ୍ରାଣଶକ୍ତିର ପ୍ରତୀକ; ପ୍ରତ୍ୟେକଟି ରୋଗର ପଶ୍ଚାତରେ କିପରି ଅବଚେତନାରୁ ଉତ୍‌ଥିତ ଏକ ବିକୃତ ଶକ୍ତିର ଆକ୍ରମଣ ରହିଛି । ବାସ୍ତବରେ ରୋଗ ବୋଲି ଆମ ଭିତରେ କିଛି ବି ନାହିଁ । ଚେତନାକୁ ଶୁଦ୍ଧ, ଶାନ୍ତ, ସୁସମଞ୍ଜସ (harmonious) କରିପାରିଲେ ରୋଗ ଆକ୍ରମଣ କରିପାରେ ନାହିଁ, କଲେ ବି ବେଶୀ କାଳ ରହିପାରେ ନାହିଁ । ଔଷଧ ବାସ୍ତବରେ ରୋଗ ଭଲ କରେ ନାହିଁ । ଔଷଧର ପଶ୍ଚାତରେ ଡାକ୍ତର ଓ ରୋଗୀଙ୍କର ଭଲ ହୋଇଯିବାର ଯେଉଁ ବିଶ୍ୱାସ ଥାଏ ସେହି ବିଶ୍ୱାସହିଁ ରୋଗ ଭଲ କରେ । ଯୁଗ ଯୁଗ ଧରି ସେଇ ବିଶ୍ୱାସ ବିଭିନ୍ନ ରୋଗ ପାଇଁ ବିଭିନ୍ନ ଔଷଧରେ କେନ୍ଦ୍ରିତ ହୋଇ ରହିଥାଏ । ଯୋଗସାଧନା ଫଳରେ ବିନା ଔଷଧରେ ମଧ୍ୟ ବ୍ୟକ୍ତି ରୋଗମୁକ୍ତ ରହିପାରେ । ଅପରେସନ ଦେଖିବା ସମୟରେ ମନେପଡ଼େ କିପରି ଏହି ସ୍ଥୂଳ ହୃଦ୍‌ଯନ୍ତ୍ର, ପାକସ୍ଥଳୀ ଇତ୍ୟାଦି ବିଭିନ୍ନ ଶାରୀରିକ କେନ୍ଦ୍ରର ପଶ୍ଚାତରେ ଡାକ୍ତରୀ ବିଦ୍ୟାର ଅଗୋଚର ଗୋଟିଏ ଗୋଟିଏ ଅଦୃଶ୍ୟ ସୂକ୍ଷ୍ମକେନ୍ଦ୍ର ରହିଛି ଯାହାକି ଏ ଶାରୀରିକ କେନ୍ଦ୍ରଗୁଡ଼ିକୁ ପରିଚାଳିତ କରୁଛି ଓ ଧାରଣ କରିଛି । ଆମେ ଅପରେସନ କରି ଗୋଟିଏ ଅଂଶ କାଟିନେଲେ ବି ତା’ ପଶ୍ଚାତରେ ଥିବା ସୂକ୍ଷ୍ମ ଅଂଶ ଉପସ୍ଥିତ ଥାଏ ଓ ସେ ସ୍ଥାନରେ ଅନ୍ୟ ଏକ ଅଂଶ ଆଣି ଯୋଡ଼ିଲେ ତାହା ପୁଣି ତାକୁ ଟିକିଏ କଷ୍ଟରେ ଗ୍ରହଣ କରିନିଏ; ଯଦି ଗ୍ରହଣ କରି ନ ପାରେ ତେବେ ଅପରେସନ ବିଫଳ ହୁଏ— ଶରୀରର ରୂପାନ୍ତର ଫଳରେ ସେହିସବୁ ସୂକ୍ଷ୍ମ କେନ୍ଦ୍ରଗୁଡ଼ିକ ଧୀରେ ଧୀରେ କିପରି ପ୍ରାଧାନ୍ୟ ବିସ୍ତାର କରିବେ ଓ ଏ ସ୍ଥୂଳ କେନ୍ଦ୍ରଗୁଡ଼ିକର କାର୍ଯ୍ୟ ଲୋପପାଇବ ତାହା ମଧ୍ୟ ମନେପଡ଼େ । ଏହିପରି ଆମେ ଯେଉଁ ବିଷୟର ଛାତ୍ର ହେଉପଛେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣରୁ ସେସବୁକୁ ବିଚାର କଲେ ଆମ ନିଜ ପାଠ ଆମକୁ ଅତି ସଂକୀର୍ଣ୍ଣ, ଅତି କ୍ଷୁଦ୍ର, ଅତି ସହଜ ବୋଧ ହୋଇ ଆମ ଆଗରେ ଏକ ବିଶାଳତର ନୂତନ ଜ୍ଞାନର ଦ୍ୱାର ଉନ୍ମୋଚିତ ହୋଇଯିବ । ଆମେ କେବଳ ସେଇ ପୁରାତନ ଲେଖାର ସଂକୀର୍ଣ୍ଣ,

ଅପୂର୍ଣ୍ଣ, ସୀମାବଦ୍ଧ ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଏକ ବ୍ୟାପକ, ବିଶାଳ, ନୂତନ, ପୂର୍ଣ୍ଣାଙ୍ଗ ଚେତନାର ସ୍ପର୍ଶ ପାଇପାରୁ । ଛାତ୍ରଜୀବନ ଆମର ସାର୍ଥକ ହୁଏ । ଭବିଷ୍ୟତ ଜୀବନର ମୂଳଦୁଆ ସୁଦୃଢ଼ ହୁଏ ।

ଶ୍ରୀଅରବିନ୍ଦଙ୍କ ଲେଖା ଅମୃତ । ଜଣେ ବୁଦ୍ଧିଜୀବୀ (intellectual)ର ମନୋଭାବ ନେଇ ନ ପଢ଼ି, ଜଣେ ଭକ୍ତ ପ୍ରେମିକର ଭାବ ନେଇ ସେଥିରୁ ଅଳ୍ପ ଅଳ୍ପ ପାନ କଲେ ତାହା ଆମର ସମସ୍ତ ବିକୃତିକୁ ନଷ୍ଟ କରି ଆମକୁ ଅମୃତତ୍ୱରେ ରୂପାନ୍ତର କରିବ ।

ପରିଶେଷରେ ଆମେ ଶ୍ରୀଅରବିନ୍ଦଙ୍କ ଲେଖା କିପରି ପଢ଼ିବା ଉଚିତ ସେ ସମ୍ବନ୍ଧେ ମା' ଯାହା କହିଥିଲେ ସେତିକି ପଢ଼ି ଶେଷ କରିବା । ମା' କହିଛନ୍ତି, ''ଏଥିପାଇଁ ଉପଯୁକ୍ତ ପଦ୍ଧତି ହେଉଛି ଗଭୀର ଭାବରେ ଏକାଗ୍ର ହୋଇ ଅଳ୍ପ ପଢ଼ିବା; ତା'ପରେ ମନକୁ ଯେତେଦୂର ସମ୍ଭବ ନୀରବ ରଖିବା; ବୁଝିବା ପାଇଁ କୌଣସି ସକ୍ରିୟ ଚେଷ୍ଟା ଉପରେ ଜୋର୍ ନ ଦେଇ ନୀରବ ରହି ଚେତନାକୁ ଊର୍ଦ୍ଧ୍ୱ ଆଡ଼କୁ ଉନ୍ମୀଳିତ ରଖି ଆଲୋକ ନିମନ୍ତେ ଅଭୀପ୍ସା କଲେ ତୁମେ ଧୀରେ ଧୀରେ ସବୁ ବୁଝିବା ପାଇଁ ସମର୍ଥ ହେବ ।

''ପରେ ବର୍ଷେ ଦୁଇବର୍ଷ ଭିତରେ ତୁମେ ପୁଣି ଥରେ ସେହି ବିଷୟ ପଢ଼ି ଦେଖିବ, ପ୍ରଥମ ଥର ଯାହା ବୁଝିଥିଲ ତାହା ଅନେକଟା ଅସ୍ପଷ୍ଟ ଓ ଅପୂର୍ଣ୍ଣ ଏବଂ ଦେଖିବ ଯେ ଏହିପରି ଅଭ୍ୟାସ କରିବା ଦ୍ୱାରାହିଁ ଯଥାର୍ଥ ବୁଝିବାଟା ପରେ ଆସିବ ।''

# ମୁଁ ଦେଶ-ଶାସନ କରିବି

ଏତେ କାମ ଛାଡ଼ି ଦେଶ-ଶାସନ କରିବାକୁ କାହିଁକି ମନ ?

ମୁଁ ପିଲାଟିଦିନୁ ରାଜନୀତି ବିଷୟରେ ଆଗ୍ରହୀ । ଘରେ ବାପା ବି ମଧ୍ୟ ଜଣେ ପ୍ରସିଦ୍ଧ ରାଜନୈତିକ ବ୍ୟକ୍ତି । ତାଙ୍କଠାରୁ ଅନେକକଥା ଶୁଣେ । କଲେଜରେ ମଧ୍ୟ ମୁଁ ରାଜନୀତି ବିଷୟ ନେଇଥିଲି । ଦେଶର ବର୍ତ୍ତମାନ ଶାସନଗତ ବିଶୃଙ୍ଖଳାରେ ମୁଁ ଚାହେଁ ଶୃଙ୍ଖଳା ଆଣିବାକୁ; ଦେଶରେ ପ୍ରଗତି ଓ ଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ।

କିପରି ଭାବରେ ଦେଶ-ଶାସନ କରି ଦେଶରେ ଶୃଙ୍ଖଳା, ଶାନ୍ତି ଓ ପ୍ରଗତିର ବାତାବରଣ ସୃଷ୍ଟି କରିବାକୁ ସ୍ଥିର କରିଛ ?

ଦେଶରେ କୃଷି, ଶିଳ୍ପ, ବାଣିଜ୍ୟ ଇତ୍ୟାଦିର ଉନ୍ନତି ଓ ପ୍ରସାର ଘଟାଇ ଲୋକମାନଙ୍କର ବେକାର ସମସ୍ୟା ଦୂର କରିବି ଓ ସେମାନଙ୍କ ଅର୍ଥନୈତିକ ବିକାଶ ଘଟାଇବି । ବିଭିନ୍ନ ସ୍ଥାନରେ ଚିକିତ୍ସାଳୟ, ବ୍ୟାୟାମଶାଳା, କ୍ରୀଡ଼ାବ୍ୟବସ୍ଥା ଇତ୍ୟାଦି କରି ସେମାନଙ୍କ ଶାରୀରିକ ସ୍ୱାସ୍ଥ୍ୟର ଯତ୍ନ ନେବି । ସେମାନଙ୍କର ପ୍ରାଣର ସୁସ୍ଥ ବିକାଶ ଲାଗି ବିଭିନ୍ନ ଅବସର ବିନୋଦନ କେନ୍ଦ୍ର, ସଙ୍ଗୀତ, ନାଟକ ଓ ଅନ୍ୟ ସମସ୍ତ କଳାଚର୍ଚ୍ଚାର କେନ୍ଦ୍ରମାନ ପ୍ରତିଷ୍ଠା କରିବି । ଦେଶସାରା ସ୍କୁଲ, କଲେଜ ବସାଇ ମାଗଣାରେ ଶିକ୍ଷାଦାନର ବ୍ୟବସ୍ଥା କରି ଲୋକମାନଙ୍କର ନିରକ୍ଷରତା ଦୂର କରି ସେମାନଙ୍କର ବୌଦ୍ଧିକ ବିକାଶ ଘଟାଇବି । ସଚ୍ଚୋଟଭାବେ ଦେଶ-ଶାସନ କରି ଦେଶରୁ ଅନ୍ୟାୟ, ଅତ୍ୟାଚାର, ଲାଞ୍ଚ, ମିଛ ଦୂର କରିବି ଓ ସବୁ ଧର୍ମ ତଥା ସଂପ୍ରଦାୟକୁ ସମାନ ସୁଯୋଗ ଓ ସୁବିଧା ଦେଇ ସେମାନଙ୍କ ମଧ୍ୟରୁ ସଂକୀର୍ଣ୍ଣ ଭେଦଭାବ ଦୂର କରିବି । ଏହିପରି ଭାବରେ ଅନେକ କାର୍ଯ୍ୟ କରିବି ଯାହାଫଳରେ ଦେଶବାସୀଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କଳାପ୍ରିୟତା, ଧର୍ମଜୀବନ

ଆଦି ଅଧିକ ଉନ୍ନତ ହେବ ଓ ସେମାନେ ଏକ ସ୍ୱାଧୀନ, ସୁଖମୟ, ଐକ୍ୟବଦ୍ଧ ସାମାଜିକ ଜୀବନ ଯାପନ କରିବେ ।

ହଁ, ଏସବୁ ଯାହା କହିଲ ଠିକ୍ କଥା ଓ ଖୁବ୍ ଭଲ କଥା ଯେ କିନ୍ତୁ ଏସବୁ ଆସିବ କିପରି ? ଏତିକିରେ କ'ଣ ମଣିଷ ସନ୍ତୁଷ୍ଟ ହେବ ନା ହେଉଛି ? ସେଇଥିଯୋଗୁଁ ଶ୍ରୀଅରବିନ୍ଦ ତାଙ୍କ 'ମାନବ-ବିବର୍ତ୍ତନ-ଚକ୍ର' (The Human Cycle) ପୁସ୍ତକରେ କହିଛନ୍ତି :

''Even to have a healthy body, a strong vitality and an active and clarified mind and a field for their action and enjoyment, carries man no more than a certain distance; afterwards he flags and tries for want of a real self-finding, a satisfying aim for his action and progress.''

''ଏପରିକି ଏକ ସୁସ୍ଥ ଶରୀର, ଏକ ଶକ୍ତିଶାଳୀ ପ୍ରାଣସତ୍ତା ଓ ଏକ ସକ୍ରିୟ-ସ୍ୱଷ୍ଟ ମନ ଏବଂ ଏମାନଙ୍କର କାର୍ଯ୍ୟ ତଥା ଉପଭୋଗ ନିମନ୍ତେ ଏକ କ୍ଷେତ୍ର ଲାଭ କରିବା ମଣିଷକୁ କିଛି ଦୂର ନେଇଯିବା ଅପେକ୍ଷା ଅଧିକ କିଛି କରିପାରେ ନାହିଁ । ତା'ପରେ ସେ ଅବସନ୍ନ ହୋଇପଡ଼େ ଓ ଏକ ଯଥାର୍ଥ ଆତ୍ମ-ଅନ୍ୱେଷଣ ଏବଂ କର୍ମ ତଥା ଅଗ୍ରଗତିର ଏକ ସନ୍ତୋଷଜନକ ଲକ୍ଷ୍ୟରେ ଅଭାବ ପୂରଣ ପାଇଁ ଉଦ୍ୟମ କରେ ।''

ଶୁଣିବ, ଗୋଟିଏ ରାଜ୍ୟର କଥା । ବର୍ତ୍ତମାନ ସିନା ରାଜାରାଜୁଡ଼ା ଶାସନ ଲୋପ ପାଇ ଆମ ଦେଶ ତଥା ପୃଥିବୀର ଅନ୍ୟାନ୍ୟ ଅନେକ ରାଷ୍ଟ୍ରରେ ପ୍ରତିନିଧିମୂଳକ ଶାସନ ଚାଲୁଛି; କିନ୍ତୁ ପୂର୍ବେ ରାଜାମାନେ ସବୁ ରାଜ୍ୟ ଶାସନ କରୁଥିଲେ । ଥରେ ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ଚାହିଁଲେ ତାଙ୍କ ରାଜ୍ୟକୁ ସବୁଠାରୁ ସୁଖଶାଳୀ ଓ ସମୃଦ୍ଧିଶାଳୀ କରି ଗଢ଼ିବାକୁ । ତୁମେ କହିବା ଭଳି ସେ ମଧ୍ୟ ରାଜ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟର

ଉନ୍ନତି ଲାଗି ଅନେକ ବ୍ୟାୟାମଶାଳା, କ୍ରୀଡ଼ାନୁଷ୍ଠାନ ଇତ୍ୟାଦି ପ୍ରତିଷ୍ଠା କଲେ ଓ ସେମାନଙ୍କୁ ରୋଗବ୍ୟାଧିରୁ ରକ୍ଷା କରିବା ନିମନ୍ତେ ଅନେକ ଦାତବ୍ୟ ଚିକିତ୍ସାଳୟର ବ୍ୟବସ୍ଥା କଲେ । ପ୍ରାଣର ବିକାଶ ଲାଗି ଅନେକ ଅବସର ବିନୋଦନ କେନ୍ଦ୍ର ଓ କଳାନୁଷ୍ଠାନମାନ ପ୍ରତିଷ୍ଠା କଲେ । ମନ-ବୁଦ୍ଧିର ବିକାଶ ଲାଗି ଅନେକ ସ୍କୁଲ କଲେଜ ପ୍ରତିଷ୍ଠା କଲେ । ରାଜ୍ୟରେ ଜଣେ ବି ବେକାର ନ ରଖି ସମସ୍ତଙ୍କୁ କର୍ମ ଯୋଗାଇବାର ବ୍ୟବସ୍ଥା କଲେ । ପ୍ରତ୍ୟେକ ଧର୍ମାବଲମ୍ବୀ ଲୋକମାନଙ୍କୁ ରାଜ୍ୟରେ ସମାନ ସୁବିଧା ସୁଯୋଗ ଦେଲେ ଓ କେହି କାହାରି ଧର୍ମଜୀବନ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଆଦେଶ ଜାରି କଲେ । ରାଜ୍ୟରେ କୌଣସି ପ୍ରଜା ଭୋକ ଉପାସରେ ରହିଲା ନାହିଁ ।

କିନ୍ତୁ କ'ଣ ହେବ ଏତେ କଲେ ? ରାଜା ଗୋଟିଏ ଦିନ ବି ଶାନ୍ତି ଆନନ୍ଦରେ ବାସ କରିପାରିଲେ ନାହିଁ । ସବୁଦିନେ ଗଦାଗଦା ହୋଇ ଚୋରି, ଡକାୟତି, ଗୁଣ୍ଡାମି, ଗଣ୍ଡଗୋଳ, ଲାଞ୍ଚ, ମିଛ, ଅନ୍ୟାୟ, ଅତ୍ୟାଚାର ବ୍ୟଭିଚାର, ତାଙ୍କ ନିଜ ବିରୋଧରେ ଷଡ଼ଯନ୍ତ୍ର ଇତ୍ୟାଦିର ଖବର ଆସି ପହଞ୍ଚେ ।

ଲୋକମାନଙ୍କର ମନ-ବୁଦ୍ଧିର ବିକାଶ କିଛି ଭଲ କାମ କରିବା ପରିବର୍ତ୍ତେ ଲାଞ୍ଚ, ମିଛ, ଅନ୍ୟାୟ, ଠକାମି, ଅଳସୁଆମି, କର୍ମକୁଣ୍ଠତା ଆଦିରେ ବେଶୀ ସାହାଯ୍ୟ କଲା । କଳାବିକାଶ କେନ୍ଦ୍ରମାନ ସୃଷ୍ଟି କଲେ ହୀନ, ନୀଚ, ଶସ୍ତା, ଅଶ୍ଳୀଳ କଳା ଯାହାକି ଲୋକମାନଙ୍କ ପ୍ରାଣକୁ ଉନ୍ନତ, ମାର୍ଜିତ, ସଂଯତ କରିବା ପରିବର୍ତ୍ତେ କୁତ୍ସିତ, ବିପଥଗାମୀ, ଅସଂଯତ ଓ ବ୍ୟଭିଚାରୀ କଲା । ଶରୀରଚର୍ଚ୍ଚା କେନ୍ଦ୍ରଗୁଡ଼ିକରୁ ବାହାରିଲେ ପଣପଣ ହୁଣ୍ଡା, ଗୁଣ୍ଡା, ଦୁର୍ବୃତ୍ତ । ଦାତବ୍ୟ ଚିକିତ୍ସାଳୟମାନଙ୍କରେ ଔଷଧପତ୍ର ବିକ୍ରି ହୋଇ ରଙ୍ଗପାଣିମାନଙ୍କରେ କାମ ଚଳିଲା । ଡାକ୍ତରଖାନା ଯେତେ ବଢ଼ିଲା ରୋଗିସଂଖ୍ୟା ଓ ରୋଗସଂଖ୍ୟା ତା'ଠାରୁ ବେଶିଗୁଣରେ ବଢ଼ିବାକୁ ଲାଗିଲା । ଧର୍ମବିଷୟ ନେଇ ସିନା ବିଭିନ୍ନ ଧର୍ମାବଲମ୍ବୀ ଲୋକମାନେ ପରସ୍ପର ଭିତରେ

ବାଦବିବାଦ ଲଗାଇଲେ ନାହିଁ, କିନ୍ତୁ ଭିତରର ବିଦ୍ୱେଷଭାବ ଅନ୍ୟ ଆକାରରେ ପ୍ରକାଶ ପାଇଲା । ଧର୍ମ ବ୍ୟତୀତ ଅନ୍ୟାନ୍ୟ ସାମାନ୍ୟ ସାମାନ୍ୟ ଘଟଣାକୁ ନେଇ ସେମାନଙ୍କ ଭିତରେ ହାଣକାଟ ଚାଲିଲା ।

ଏଥିରେ ରାଜା ଆଉ କ'ଣ ବା କରିବେ ? ତାଙ୍କର ପାରୁପର୍ଯ୍ୟନ୍ତ ଯାହା ଭଲ ବୋଲି ଭାବୁଥିଲେ ତାହା କଲେ । ଫଳରେ ହେଲା ଏଇଆ । ଅଶାନ୍ତି ଓ ଜଞ୍ଜାଳରେ ଘାଣ୍ଟିହୋଇ ଲୋକଦେଖାଣିଆ ମୁକୁଟଟିଏ ପିନ୍ଧି ଛଟପଟ ହୋଇ ପଡ଼ିରହିବା ଛଡ଼ା ତାଙ୍କର ଆଉ କିଛି ଉପାୟ ନ ଥିଲା ।

ସେଇ ରାଜ୍ୟର ଗୋଟିଏ ପାହାଡ଼ିଆ ଅଞ୍ଚଳରେ ଆନନ୍ଦ ନାମରେ ଜଣେ ବ୍ୟକ୍ତି ବାସ କରୁଥିଲେ । ସେ ବେଶ୍ ଶିକ୍ଷିତ କିନ୍ତୁ ସରଳ, କର୍ମଠ, ନ୍ୟାୟପରାୟଣ, ସ୍ପଷ୍ଟବାଦୀ ଓ ଅହଂକାରଶୂନ୍ୟ । ସେ କିଛି ଗାଈ ପାଳିଥିଲେ । ପ୍ରାକୃତିକ ଦୃଶ୍ୟଭରା ନିର୍ଜନ ବଣପାହାଡ଼ ଅଞ୍ଚଳରେ ଗାଈମାନଙ୍କୁ ଚରାଇ ଚେତନାରେ ସେ ନୀରବ, ଶାନ୍ତ, ବ୍ୟାପକ ଓ ଅନ୍ତର୍ମୁଖୀ ହୋଇ ରହିବାକୁ ଭଲ ପାଉଥିଲେ । ଏହାଛଡ଼ା ତାଙ୍କର ମଧ୍ୟ କିଛି ଚାଷଜମି ଥିଲା । ନିଜେ କ୍ଷେତରେ ଚାଷ କରିବାକୁ ବହୁତ ଆନନ୍ଦ ପାଉଥିଲେ । ତାଙ୍କର ତିନିଜଣ ସହକର୍ମୀ ମଧ୍ୟ ଥିଲେ । ସମସ୍ତେ ମିଶି କାମ କରନ୍ତି, ଏକାଠି ଖାଆନ୍ତି, ଗୋଟିଏ ସ୍ଥାନରେ ରହନ୍ତି । ପରସ୍ପର ଭିତରେ ଗଭୀର ସଦ୍‌ଭାବ । ନିଜ ଭିତରେ ମାଲିକ-ଶ୍ରମିକ ଏ ମନୋଭାବ ପ୍ରବେଶ କରେ ନାହିଁ । କାରଣ ସେମାନଙ୍କର ଲକ୍ଷ୍ୟ ନ ଥିଲା ଖାଲି ଖାଇପିଇ ବଞ୍ôିବା । ଏଇ ଜାଗତିକ କର୍ମ ମଧ୍ୟଦେଇ ସେମାନଙ୍କର ଲକ୍ଷ୍ୟ ଥିଲା ଭଗବାନଙ୍କୁ ଉପଲବ୍ଧି କରିବା ଓ ଜୀବନ ତଥା କର୍ମରେ ତାଙ୍କୁହିଁ ପ୍ରକାଶ କରିବା । ଆନନ୍ଦ ବି ନିଜ ନାମରେ ସଂପତ୍ତି ରଖି ନ ଥିଲେ । ଗୁରୁଙ୍କ ନାମରେ ସଂପତ୍ତି ରଖି ସମସ୍ତେ ତା'ର ମାରଫତଦାରରୂପେ କାମ କରୁଥିଲେ । ଆନନ୍ଦଙ୍କର ସରଳ, ମଧୁର, ନିଃସ୍ୱାର୍ଥପର ବ୍ୟବହାର ଆଖପାଖର ଲୋକମାନଙ୍କୁ ଆକୃଷ୍ଟ କରୁଥିଲା । ସେମାନେ ନିଜ ନିଜ ଭିତରେ କିଛି ସମସ୍ୟା ଉପୁଜିଲେ ତା'ର ସମାଧାନ

ଲାଗି ଆନନ୍ଦଙ୍କ ପାଖକୁ ଆସୁଥିଲେ । ଆନନ୍ଦ ସବୁକିଛିକୁ ଖୁବ୍ ସହଜ ସୁନ୍ଦର ଭାବରେ ସମାଧାନ କରିଦେଉଥିଲେ ଓ ସେମାନେ ମଧ୍ୟ ତାଙ୍କ କଥାକୁ ଆଗ୍ରହର ସହ ମାନି ନେଉଥିଲେ । କାରଣ ଆନନ୍ଦ କୌଣସି ଦୁରଭିସନ୍ଧି ନ ରଖି କେବଳ ସେଇମାନଙ୍କ ମଙ୍ଗଳ ନିମନ୍ତେ ଯାହାକିଛି କହୁଥିଲେ ।

ରାଜା ଆନନ୍ଦଙ୍କ ସମ୍ବନ୍ଧେ ଏସବୁ ଖବର ତାଙ୍କ କର୍ମଚାରୀମାନଙ୍କଠାରୁ ପାଇଲେ । ଥରେ ଦୂତମାନଙ୍କୁ ପଠାଇ ତାଙ୍କୁ ନିଜ ଦରବାରକୁ ଡକାଇ ଆଣିଲେ । ଅନେକ ସମୟ ପର୍ଯ୍ୟନ୍ତ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ହେଲା । ରାଜା ବୋଧ କଲେ ତାଙ୍କର ଏଇ ହତାଶାପୂର୍ଣ୍ଣ ମୁହୂର୍ତ୍ତରେ କେବଳ ଏଇ ବ୍ୟକ୍ତିହିଁ ତାଙ୍କୁ ଶାନ୍ତି ଓ ଆଶ୍ୱାସନା ଦେଇପାରିବ । କଥାବାର୍ତ୍ତା ପରେ ଆନନ୍ଦ ଚାହିଁଲେ ନିଜ ସ୍ଥାନକୁ ଫେରିଯିବାକୁ । କିନ୍ତୁ ରାଜା କହିଲେ, ''ନା, ଅନ୍ଧାର ହୋଇଗଲାଣି । ତୁମେ ଆଜିକ ମୋର ଏଇ ରାଜ ଉଆସରେ ରୁହ ।'' ଆନନ୍ଦ କହିଲେ, ''ନା ମହାରାଜ, ବିଶେଷ ଅସୁବିଧା କିଂବା ଆବଶ୍ୟକ ନ ପଡ଼ିଲେ ମୁଁ ମୋର ସେହି ସାଧନାର ନୀଡ଼ଟି ଛାଡ଼ି କେଉଁଠି ରହିବାକୁ ଭଲପାଏ ନାହିଁ । ତା'ଛଡ଼ା ଏଇ ସାମାନ୍ୟ ଅନ୍ଧାରରେ ମୁଁ ତ ଫେରିପାରିବି ।''

ଶେଷରେ ରାଜା ଆନନ୍ଦଙ୍କ ସହ ଦୁଇଜଣ ଲୋକ ପଠାଇଲେ ତାଙ୍କୁ ଛାଡ଼ି ଆସିବାକୁ । ଆନନ୍ଦ ଚାଲିଗଲେ; କିନ୍ତୁ ରାଜାଙ୍କ ହୃଦୟରେ ରହିଗଲା ତାଙ୍କର ବଳିଷ୍ଠ ତ୍ୟାଗପୂତ ବ୍ୟକ୍ତିତ୍ୱର ଅଲିଭା ମୋହର ।

ଆଉ ଦିନେ ରାଜା ତାଙ୍କୁ ଡକାଇଲେ ଓ ସେହି ପାହାଡ଼ିଆ ସ୍ଥାନର ଆଖପାଖ ଅଞ୍ଚଳଗୁଡ଼ିକର ଶାସନଭାର ଗ୍ରହଣ କରିବା ଲାଗି ତାଙ୍କୁ ଅନୁରୋଧ କଲେ । ଆନନ୍ଦ ଏହାକୁ ଭଗବାନଙ୍କ ସେବା ଭାବି ପ୍ରଶାନ୍ତ ଚିତ୍ତରେ ଗ୍ରହଣ କଲେ । ଘରକୁ ଫେରିଲେ । ତାଙ୍କର ଅନ୍ୟ ସହକର୍ମୀମାନଙ୍କୁ ଏ କଥା ଜଣାଇଦେଲେ ।

ଆନନ୍ଦ ସେ ଅଞ୍ଚଳର ଶାସନକର୍ତ୍ତା ହୋଇଛନ୍ତି ଜାଣି ଅଧିକାଂଶ ଲୋକ ଖୁସି ହେଲେ । ଥରେ ଆନନ୍ଦ ସେଠାକାର ସମସ୍ତ ଲୋକଙ୍କୁ ନେଇ

ଗୋଟିଏ ବଡ଼ ସଭା ଡକାଇଲେ । ସଭା ଆରମ୍ଭ ହେବା ପରେ ସେ ପ୍ରଥମେ ଜଣେ ଭଲ ପହିଲମାନ ଖେଳଓ୍ୱାଡ଼ଙ୍କୁ ଡାକିଲେ । ପଚାରିଲେ, ''ତୁମେ କ'ଣ କର ?'' ସେ କହିଲେ, ''ମୋର ପ୍ରଧାନ କାର୍ଯ୍ୟ ହେଲା ଖେଳ, କୁସ୍ତିକସରତ୍ ଆଦି ଶରୀରଚର୍ଚ୍ଚା କରିବା । ତା' ଫଳରେ ଅସମ୍ଭବ ଧରଣର ମୋର ସ୍ୱାସ୍ଥ୍ୟ ଓ ଶକ୍ତି ବୃଦ୍ଧି ପାଇଛି । ଅନ୍ୟମାନଙ୍କୁ ମଧ୍ୟ ଖେଳ, କୁସ୍ତିକସରତ୍ ଆଦି ଶିଖାଏ । କିନ୍ତୁ ମୋର ନିଜ ଉପରେ ନିଜର ଆୟତ୍ତ ନାହିଁ । ଶରୀର ଭିତରେ ଯେଉଁ ପ୍ରଚୁର ଶକ୍ତି ମୁଁ ଅନୁଭବ କରେ ତାକୁ ମୁଁ ଗୁଣ୍ଡାମି କରିବା, ବିଭିନ୍ନ ଗଣ୍ଡଗୋଳରେ ଭାଗ ନେବା, ଚୋରି, ଡକାୟତି ଓ ବିଭିନ୍ନ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି ନାନାପ୍ରକାର ଅତ୍ୟାଚାରମୂଳକ କାର୍ଯ୍ୟରେ ବ୍ୟବହାର କରେ । ସେଥିରେ ଏକ ସାମୟିକ ଉତ୍ତେଜନା ଓ ସୁଖର ସ୍ପର୍ଶ ମିଳେ । କିନ୍ତୁ ପରମୁହୂର୍ତ୍ତରେ ମୋ ଭିତରଟା ଗଭୀର ହତାଶାରେ ବୁଡ଼ିଯାଏ । ଭାବେ ଏ ସ୍ୱାସ୍ଥ୍ୟ କ'ଣ ଚିରକାଳ ରହିବ ? ଜୀବନରେ ଗୋଟିଏ କିଛି ଚିରନ୍ତନ ଅମୂଲ୍ୟ ସମ୍ପଦ ପାଇବାକୁ ଚାହେଁ । କିନ୍ତୁ ତାହା କ'ଣ ଓ ତାକୁ କିପରି ପାଇବି ଜାଣେ ନାହିଁ ।''

ଆନନ୍ଦ ପହିଲମାନଙ୍କୁ ବସିବାକୁ କହି ଜଣେ କଳାକାରଙ୍କୁ ଡାକିଲେ । କଳାକାର ଆସିଲେ । ତାଙ୍କୁ ମଧ୍ୟ ଆନନ୍ଦ ତାଙ୍କ ନିଜ କଥା କହିବାକୁ କହିଲେ । ସେ କହିଲେ, ''ପିଲାଟିଦିନୁ ମୋର ରଙ୍ଗ ଆଉ ତୂଳିକୁ ନେଇ କାରବାର । ଯେକୌଣସି ପଦାର୍ଥ କିଂବା ଦୃଶ୍ୟ ଦେଖିଲେ ମୁଁ ତାକୁ ଜୀବନ୍ତ ବାସ୍ତବ ଭାବରେ ରଙ୍ଗ ଆଉ ତୂଳି ସାହାଯ୍ୟରେ ଆଙ୍କି ଦେଇପାରିବି । ମୋର ଛବି ବହୁତ ସ୍ଥାନରେ ଉଚ୍ଚପ୍ରଶଂସିତ ହୋଇଛି ଓ ମୋତେ ବହୁତ ପୁରସ୍କାର ମିଳିଛି । କିନ୍ତୁ ସବୁଥର ଛବି ଆଙ୍କିସାରି ମୁଁ ଅନୁଭବ କରେ ଏସବୁର ପଶ୍ଚାତରେ ଆଉକିଛି ଅଛି ଯାହା ମୋର ଦୃଷ୍ଟିର ଅନ୍ତରାଳରେ ରହିଯାଉଛି, ମୋର ରଙ୍ଗ ଆଉ ତୂଳି ତାକୁ ରୂପ ଦେଇପାରୁ ନାହିଁ । ତେଣୁ ଅଜସ୍ର ପ୍ରଶଂସା ଭିତରେ ବି ମୁଁ ଅସନ୍ତୁଷ୍ଟ ।''

କଳାକାରଙ୍କୁ ବସିବାକୁ କହି ଆନନ୍ଦ ଜଣେ କବିଙ୍କୁ ଡାକିଲେ । କବିଜଣଙ୍କ ଏକ ଭାବପ୍ରବଣ କଳ୍ପନା ରାଇଜରେ ଭାସୁଥିଲା ପରି ହୋଇ ଆସି ଛିଡ଼ାହେଲେ । ଆନନ୍ଦ ତାଙ୍କୁ ତାଙ୍କ କଥା ପଚାରିବାରୁ ସେ କହିଲେ, ''ପିଲାଟିଦିନୁ କାବ୍ୟକବିତା ପ୍ରତି ମୋ ଭିତରେ ଏକ ଦୁରନ୍ତ ପ୍ରେରଣା ଅନୁଭବ କରିଛି । ଭାଷା ଆଉ ଛନ୍ଦର ମାଧ୍ୟମରେ ପୃଥିବୀର ସବୁକିଛିକୁ ରୂପଦେବାକୁ ଚେଷ୍ଟାକରିଛି । ଜୀବନର ହସ-କାନ୍ଦ, ହର୍ଷ-ବିଷାଦ, ଦୁଃଖ-ଅଭିମାନ, ପ୍ରେମ-ବିରହ ସବୁକିଛି ମୋର କାଗଜ-କଲମରେ ଜୀବନ୍ତ ହୋଇଉଠିଛି । ପୃଥିବୀର ବଡ଼ ବଡ଼ କବିଙ୍କ ଭଳି ମୋର କବିତା ଆଦୃତ ହୋଇଛି । କିନ୍ତୁ ସବୁବେଳେ କବିତା ଲେଖିସାରି ମୁଁ ଅନୁଭବ କରୁଛି ଜୀବନର ଏସବୁ ହସ-କାନ୍ଦ, ପ୍ରେମ-ବିରହ ଆଦି ଅଭିନୟର ପଶ୍ଚାତରେ ଯେପରି ଆଉକିଛି ଏକ ଚିରନ୍ତନ ଶାଶ୍ୱତ ସୌନ୍ଦର୍ଯ୍ୟମୟ ବସ୍ତୁ ରହିଛି ଯାହାକୁକି ମୋର କାଗଜ କଲମ ଧରିପାରୁ ନାହିଁ । ମୋର କଳ୍ପନା ସେଇ ସୀମା ପର୍ଯ୍ୟନ୍ତ ଯାଇ ଫେରିଆସୁଛି, ତାକୁ ଛୁଇଁପାରୁ ନାହିଁ । ଏତେ ସୁନାମ ଭିତରେ ବି ମୁଁ ଅପୂର୍ଣ୍ଣତାର କ୍ଷୋଭରେ ଜର୍ଜରିତ ।''

ତା'ପରେ ଆନନ୍ଦ ଜଣେ ବ୍ୟବସାୟୀଙ୍କୁ ଡକାଇଲେ । ବ୍ୟବସାୟୀଜଣକ ଆସିବାରୁ ଆନନ୍ଦ ତାଙ୍କୁ ତାଙ୍କ କଥା କହିବାକୁ କହିଲେ । ସେ କହିଲେ, ''ମୁଁ ପ୍ରଥମେ ଖୁବ୍ ଉତ୍ତମ ମନୋଭାବ ନେଇ ବ୍ୟବସାୟ ଆରମ୍ଭ କରିଥିଲି । ଭାବୁଥିଲି ଯେଉଁ ଜିନିଷସବୁ ଏଠାରେ ମିଳୁ ନାହିଁ ସେ ଜିନିଷସବୁ ବାହାରୁ ଆଣି ଲୋକମାନଙ୍କୁ ଉଚିତ ମୂଲ୍ୟରେ ଯୋଗାଇ ଦେବି । କିନ୍ତୁ ବ୍ୟବସାୟ ଆରମ୍ଭ କରିବା ପରେ ଅନ୍ୟମାନଙ୍କ ଆଚରଣ ଦେଖି ମୋ ଭିତରକୁ ଗୋଟିଏ ଲୋଭର ରାକ୍ଷସ ମାଡ଼ିଆସିଲା । ମୁଁ ବିଭିନ୍ନପ୍ରକାର ମିଥ୍ୟା, ଅପମିଶ୍ରଣ, ଠକାମିର ଆଶ୍ରୟ ନେଇ ପ୍ରଚୁର ଅର୍ଥ ରୋଜଗାର କଲି । ପାଣିର ସୁଅ ଭଳି ଟଙ୍କାର ସୁଅ ମୋ ପାଖକୁ ଛୁଟୁଛି । କିନ୍ତୁ ଦିବସର କର୍ମବ୍ୟସ୍ତତା ପରେ ରାତିରେ ଯେତେବେଳେ ମୁଁ ଟିକିଏ ନୀରବରେ ବିଶ୍ରାମ

ନିଏ ସେତେବେଳେ ମୁଁ ଅନୁଭବ କରେ ମୋର ଅନ୍ତରରେ ଏକ ତୀବ୍ର ଜ୍ୱାଳା । ଭାବେ କି ଉଦ୍ଦେଶ୍ୟ ନେଇ ବ୍ୟବସାୟ ଆରମ୍ଭ କଲି, କିନ୍ତୁ ବର୍ତ୍ତମାନ କରୁଛି କ'ଣ ? ଏଥିରୁ କ'ଣ ମୁଁ ମୁକୁଳି ପାରିବି ନାହିଁ ? କିନ୍ତୁ ପୁଣି ଯେପରି ସକାଳ ହୁଏ ପୁଣି ସେହି ରାକ୍ଷସର ରାକ୍ଷସୀ ମାୟା ମୋତେ ଗ୍ରାସ କରି ତା'ର କାର୍ଯ୍ୟ କରାଇନିଏ । ଶାନ୍ତ ମୁହୂର୍ତ୍ତରେ କେତେ ଛଟପଟ ହୁଏ, କିନ୍ତୁ ଏଥିରୁ ନିସ୍ତାର ପାଇବାର କିଛି ଉପାୟ ପାଏ ନାହିଁ । ଏଇ ଧନସମ୍ପଦର ପ୍ରାଚୁର୍ଯ୍ୟ ଭିତରେ ବି ମୁଁ ଯେଉଁ ଅଶାନ୍ତି ଓ ଯନ୍ତ୍ରଣାରେ ଦଗ୍ଧ ହେଉଛି ତା' ମୋ ଛଡ଼ା ଆଉ କେହି ଜାଣେ ନାହିଁ । ସବୁବେଳେ ଖୋଜୁଛି ଉଦ୍ଧାରର ବାଟ; କିନ୍ତୁ ଚାରିଆଡ଼େ ଅନ୍ଧାର ।''

ତା'ପରେ ଆନନ୍ଦ ଜଣେ କୃଷକଙ୍କୁ ଡାକିଲେ । ସେ ଆସି କହିଲେ, ''ଦିନସାରା ମୁଁ ମୋର ଜମିରେ କଠୋର ପରିଶ୍ରମ କରେ । ନିଜର ସମସ୍ତ ଶ୍ରମ, ସମସ୍ତ ଯତ୍ନ ଫସଲ କିଆରିରେ ଢାଳିଦିଏ । ସମସ୍ତେ କହନ୍ତି ମୋ ଜମିରେ ସୁନା ଫଳେ । ବାସ୍ତବରେ ମୋ ଜମିରେ ଯେତେବେଳେ ଫସଲ ହସିଉଠେ ସେ ବାଟରେ ଯିଏ ଯାଆନ୍ତି ଟିକିଏ ରହି ଦେଖନ୍ତି । କିନ୍ତୁ ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ପରେ ଟିକିଏ ଶାନ୍ତିରେ ନିଶ୍ୱାସ ମାରିବି ବୋଲି ଯେତେବେଳେ ଘରକୁ ଆସେ ସେତେବେଳେ ଘରେ ଦେଖେ କିଛି ନା କିଛି ଝଗଡ଼ା, କଳି, ଅଶାନ୍ତି କିଂବା ଅଭାବର ଅଭିଯୋଗରେ ବାତାବରଣ ବିଷାକ୍ତ ହୋଇ ରହିଛି । ଯେଉଁମାନଙ୍କ ଲାଗି ଏତେ ପରିଶ୍ରମ କରୁଛି ବୋଲି ଭାବେ ଓ ଯାହାଙ୍କଠାରୁ ଟିକିଏ ସ୍ନେହ, ପ୍ରେମ, ଆଶ୍ୱାସନା ଆଶାକରେ ତାଙ୍କରିଠାରୁ ଗାଳି, ଭର୍ତ୍ସନା, ଅନାଦର ସହିବାକୁ ପଡ଼େ । ଉତ୍ସାହ ଭାଙ୍ଗିଯାଏ । କୌଣସି କର୍ମ କରିବାକୁ ମନ ହୁଏ ନାହିଁ । କିନ୍ତୁ ପରେ ପୁଣି ଜୀବନ ବଞ୍ଚାଇବାକୁ ହେବ ଓ ପରିବାର ପୋଷଣ କରିବାକୁ ହେବ ଭାବି ଗଧ ଭଳି ପୁଣି କାମରେ ଲାଗିଯାଏ । ଜୀବନରେ ଶାନ୍ତି ନାହିଁ କି ବଞ୍ଚିବାରେ ଆଗ୍ରହ ନାହିଁ ।''

କୃଷକଙ୍କ ପରେ ଆସିଲେ ଜଣେ ଛାତ୍ର । ସେ କହିଲେ, ''ଜୀବନରେ

କିଛି ଗୋଟିଏ ବଡ଼ କାମ କରିବା ମୋର ଲକ୍ଷ୍ୟ । ସେଇଥିଲାଗି ମୁଁ ଚାହିଁଥିଲି ମୋର ଶିକ୍ଷାଜୀବନଟାକୁ ବହୁତ ଉନ୍ନତ କରି ଗଢ଼ିନେବାକୁ । ସେଥିରେ ଟିକିଏ ବି ତ୍ରୁଟି କରି ନାହିଁ । ଅନେକ ସମୟରେ ବିଭିନ୍ନ କୁଚରିତ୍ରସମ୍ପନ୍ନ ବନ୍ଧୁଙ୍କ ପ୍ରରୋଚନାରେ ପାଇଛି ଅନେକ କିଛି କାର୍ଯ୍ୟ କରିବାକୁ । କିନ୍ତୁ ସାବଧାନତାର ସହ ସେମାନଙ୍କ ସଂସ୍ପର୍ଶକୁ ଏଡ଼ାଇ ଚାଲିଛି । ଶିକ୍ଷାନୁଷ୍ଠାନରେ ବିଭିନ୍ନ ଗଣ୍ଡଗୋଳ ଓ ହରତାଳ କରିବାକୁ ଗୋପନରେ ଅନେକ ରାଜନୈତିକ ନେତାଙ୍କଠାରୁ ମନ୍ତ୍ରଣା, ଅର୍ଥଲାଭ ଓ କ୍ଷମତାଲାଭର ପ୍ରତିଶ୍ରୁତି ମଧ୍ୟ ପାଇଛି । ଅନ୍ୟମାନେ ତା'ର ଶିକାର ହେଲେ ବି ନୀରବରେ ମୁଁ ନିଜକୁ ସେଥିରୁ ଅଲଗା ରଖିଛି । କାରଣ ଜୀବନରେ ମୋର ଏକମାତ୍ର ଲକ୍ଷ୍ୟ ଭବିଷ୍ୟତ ଲାଗି ମୋର ଶିକ୍ଷାଜୀବନଟାକୁ ଅତି ଉନ୍ନତ କରି ଗଢ଼ିନେବା । ତାହା ବି ମୁଁ କରିଛି । ଅନେକ ପୁସ୍ତକ ଅନେକ ଭାଷାରେ ପଢ଼ିଛି । ଗଭୀରଭାବେ ଗବେଷଣା କରିଛି । ସବୁ ପରୀକ୍ଷାରେ ମୁଁ ପୂର୍ବର ସବୁ ରେକର୍ଡ଼ ଭାଙ୍ଗି ସର୍ବୋଚ୍ଚ ସ୍ଥାନ ଅଧିକାର କରି ପୁରସ୍କାର ପାଇଛି । କିନ୍ତୁ ଏତେ ପାଠ ପଢ଼ିସାରି ମୁଁ ଆଜି ଦେଖୁଛି କାହିଁ ଏଥିରେ ତ' ମୋର ଆନ୍ତର ପିପାସା ମେଣ୍ଟୁ ନାହିଁ ! ସବୁକିଛି ନୀରସ, ଶୁଷ୍କ, ପ୍ରାଣହୀନ ବୋଧ ହେଉଛି । ଯେପରି ମୁଁ ଆଜି ପର୍ଯ୍ୟନ୍ତ ଖାଲି ମରୀଚିକା ପଛରେ ଧାଇଁଛି । ଏସବୁ ସହ ଜୀବନର ଏକ ଅସଲ ଖିଅ କିଛି ଛାଡ଼ିଗଲା ଭଳି ମନେ ହେଉଛି ।''

ଏହିଭଳି ଜଣ ଜଣ କରି ସବୁପ୍ରକାରର ଲୋକ ଆସି ନିଜ ନିଜ କଥା କହିଲେ । ସମସ୍ତଙ୍କ ମୁଖରେ ଏକପ୍ରକାର କଥା । ସେମାନେ ସେମାନଙ୍କ ଜୀବନକୁ ନେଇ ସନ୍ତୁଷ୍ଟ ନୁହନ୍ତି । ଜୀବନଟା ତାଙ୍କୁ ବୋଧହେଉଛି ଯେପରି ଖାଲି ଜନ୍ମ ହୋଇ ଖାଇପିଇ ବଞ୍ଚି, ସନ୍ତାନସନ୍ତତିଗୁଡ଼ିଏ ଛାଡ଼ି ରୋଗ ଆଉ ବୃଦ୍ଧତ୍ୱର ଶିକାର ହୋଇ ମରିବା ଛଡ଼ା ଅନ୍ୟକିଛି ଗତି ନାହିଁ । ବେଳେବେଳେ ଖାଇପିଇ ଆନନ୍ଦରେ କିଛିକାଳ ବଞ୍ଚିବାର ଲକ୍ଷ୍ୟକୁ ନେଇ ସେମାନେ ସାଂଘାତିକ ଅପକର୍ମ କରିବାକୁ ମଧ୍ୟ ପଛାଉ ନାହାନ୍ତି ।

ଏସବୁ ଶୁଣିସାରି ଆନନ୍ଦ କହିଲେ, ''ଆପଣମାନେ ଯାହା ଯାହା ସବୁ କହିଲେ ସେସବୁ ନିରାଟ ସତ୍ୟ କଥା । ସେଇଥିଯୋଗୁଁ କେହି ନ ଚାହୁଁଥିଲେ ବି ବ୍ୟକ୍ତିଗତ ଜୀବନରେ ଓ ସାମାଜିକ ଜୀବନରେ ଅଶାନ୍ତି, ଦୁଃଖ, ଦ୍ୱନ୍ଦ୍ୱ, ବିଶୃଙ୍ଖଳା ଓ ନାନାପ୍ରକାର ଗଣ୍ଡଗୋଳ ଦେଖାଦେଉଛି । କିନ୍ତୁ ଏଥିରୁ ଉଦ୍ଧାର ପାଇବାର ବାଟ ରହିଛି । ସ୍ୱୟଂ ଭଗବାନ ମା' ଶ୍ରୀଅରବିନ୍ଦଙ୍କ ରୂପରେ ଆସି ଆମ୍ଭମାନଙ୍କୁ ବାଟ ଦେଖାଉଛନ୍ତି । ଆମେ ଯଦି ତାଙ୍କରି ବାଟରେ ଯିବୁ ତେବେ ଆମେ ଯେ କେବଳ ଆମର ଏଇ ବର୍ତ୍ତମାନର ସମସ୍ୟାକୁ ଅତିକ୍ରମ କରିବୁ ତାହା ନୁହେଁ, ଏକ ସୁନ୍ଦର, ନୂତନ ଜଗତର ନୂତନ ମଣିଷ ହେବୁ । ଏସବୁ ବିଶୃଙ୍ଖଳା ଦେଖାଦେଉଛି, ମା' ଶ୍ରୀଅରବିନ୍ଦଙ୍କ ମତରେ ତା'ର ଏକମାତ୍ର କାରଣ ହେଉଛି ମଣିଷର ମନବୁଦ୍ଧିର ବିକାଶ ଚରମ ସୀମାରେ ପହଞ୍ଚିଲାଣି । ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ କାର୍ଯ୍ୟରେ ଚରମ ଦକ୍ଷତା ହାସଲ କରିସାରିଲେଣି ବୋଲି ବୋଧ କରୁଛନ୍ତି । କାରଣ ମନ-ବୁଦ୍ଧି ପ୍ରୟୋଗ କରି ବିକାଶ କରିବାର ତାହାହିଁ ଚରମ ଅବସ୍ଥା । କିନ୍ତୁ ତା'ପରେ ଆପଣମାନେ ଦେଖୁଛନ୍ତି ଯେପରି ଏକ ଅନ୍ଧକାରର ଗହ୍ୱର ମଧ୍ୟକୁ ଖସିପଡ଼ିବେ । ପ୍ରଚ୍ଛନ୍ନଭାବେ ଗୋଟିଏ କିଛି ନୂତନ, ଉଚ୍ଚତର, ଗଭୀରତର ବସ୍ତୁ ଖୋଜିଲା ଭଳି ବୋଧ କରୁଛନ୍ତି; ଅଥଚ ଜାଣିପାରୁ ନାହାନ୍ତି ସେଇଟି କ'ଣ । ଏଇଠି ମା' ଶ୍ରୀଅରବିନ୍ଦ କହନ୍ତି ଆମକୁ ଏକ ଅନ୍ଧକାରର ଗହ୍ୱର ମଧ୍ୟକୁ ଖସି ନ ପଡ଼ି ଆଉ ଏକ ନୂତନ, ଉଚ୍ଚତର, ଜ୍ୟୋତିର୍ମୟ ଜଗତ ମଧ୍ୟକୁ ଉଠିଯିବାକୁ ହେବ । ପ୍ରକୃତି ମଧ୍ୟ ସେଇଆ ଚାହୁଁଛି । ଆଜିପର୍ଯ୍ୟନ୍ତ ଆମେ ଜଡ଼ପଦାର୍ଥରୁ ବିକାଶପ୍ରାପ୍ତ ହୋଇ ହୋଇ ମଣିଷ ଅବସ୍ଥାରେ ପହଞ୍ଚିଲେଣି । କିନ୍ତୁ ଏଇ ମଣିଷ ଅବସ୍ଥା ଶେଷ ନୁହେଁ । ଏହାଠାରୁ ଆଉ ଏକ ଉଚ୍ଚତର ଅତିମାନବ ଅବସ୍ଥାରେ ପହଞ୍ଚିବାକୁ ହେବ । ପ୍ରକୃତିର ଧାରାରେ ଏହା ଘଟିବାକୁ କୋଟି କୋଟି ବର୍ଷ ଲାଗିଯିବ । କିନ୍ତୁ ସଚେତନ ଭାବେ ଯୋଗସାଧନା କଲେ ଏହା ଖୁବ୍ ଶୀଘ୍ର ଆସିବ ।

''ଏହି ନୂତନ ଜଗତର ନିର୍ମାଣ ଲାଗି, ଆମ୍ଭମାନଙ୍କୁ ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା, ବାର୍ଦ୍ଧକ୍ୟ, ମୃତ୍ୟୁ ଓ ଅନ୍ଧକାର ଶକ୍ତିର ସମସ୍ତପ୍ରକାର ବିଶୃଙ୍ଖଳା ହାତରୁ ରକ୍ଷାକରି ଏକ ଚିର ଜ୍ୟୋତିର୍ମୟ, ଆନନ୍ଦମୟ, ଜ୍ଞାନମୟ, ସୌନ୍ଦର୍ଯ୍ୟମୟ ଜୀବନ ପ୍ରଦାନ କରିବା ଲାଗି ସେମାନେ ଏକ ନୂତନ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ କାର୍ଯ୍ୟ କରୁଛନ୍ତି । ଏହି ଶକ୍ତିକୁ ଆମ ମଧ୍ୟରେ କ୍ରିୟାଶୀଳ କରାଇବାକୁ ହେଲେ ଏଥିପ୍ରତି ଆମ୍ଭମାନଙ୍କ ମଧ୍ୟରେ ଥିବା ଦିବ୍ୟକେନ୍ଦ୍ରର ଉନ୍ମୀଳନ ଦରକାର । ଆମ ଭିତରେ ଥିବା ଦିବ୍ୟକେନ୍ଦ୍ରଟି ହେଉଛି ଚୈତ୍ୟପୁରୁଷ ବା ଅନ୍ତରାତ୍ମାଙ୍କ ଅଧିଷ୍ଠାନ । ଏ ହେଉଛନ୍ତି ମଣିଷ ଭିତରେ ଥିବା ଭଗବାନ । ତାଙ୍କୁ ପାଇଲେ ମଣିଷର ସବୁ ସମସ୍ୟାର ସମାଧାନ ହେବ ଓ ତା'ର ବର୍ତ୍ତମାନ ପ୍ରକୃତିର ରୂପାନ୍ତର ଘଟି ସେ ସେହି ନୂତନ ଜଗତ ଅଭିମୁଖେ ଗତି କରିପାରିବ ।''

ଶୁଣୁଥିବା ଲୋକମାନଙ୍କ ମଧ୍ୟରୁ କେତେକେ କହିଲେ, ''ଆପଣ ଯାହା କହୁଛନ୍ତି ତାହା ଆମମାନଙ୍କ ମଧ୍ୟରେ ଏକ ନୂଆ ଆଶା ସଞ୍ଚାର କରୁଛି । ଆମେ ଖାଲି ଖାଇପିଇ ବଞ୍ଚି ଗଧ ଘୁଷୁରି ଭଳି ଗୁଡ଼ିଏ ସନ୍ତାନସନ୍ତତି କମାଇ ରୋଗ ବୃଦ୍ଧତ୍ୱର କବଳରେ ପଡ଼ି ଅସହାୟ ଭାବେ ମୃତ୍ୟୁବରଣ ନ କରି ଏସବୁକୁ ଏଡ଼ିଦେଇ ଏକ ନୂତନ ଜଗତ ନିର୍ମାଣ କରିପାରିବୁ । ଏହା ଶୁଣି ବହୁତ ଆନନ୍ଦ ଲାଗୁଛି; କିନ୍ତୁ ଆମେ ସଂସାରରେ ରହି ଏହା କ'ଣ କରିପାରିବୁ ? ଯୁଗ ଯୁଗ ଧରି ଯେଉଁମାନେ ନିଜ ଭିତରେ ଭଗବାନଙ୍କୁ ଆବିଷ୍କାର କରିବାକୁ ଚାହିଁଛନ୍ତି ସେମାନେ ସଂସାର ଓ ଜୀବନକୁ ତ୍ୟାଗ କରିଛନ୍ତି ।''

ଆନନ୍ଦ କହିଲେ, ''ଆପଣମାନେ ଠିକ୍ କହିଛନ୍ତି । କିନ୍ତୁ ସେଇଠି ତ ହେଉଛି ମା' ଶ୍ରୀଅରବିନ୍ଦଙ୍କର ନୂତନ ଯୋଗର ବିଶେଷତ୍ୱ । ଏ ସଂସାରକୁ ତ୍ୟାଗ ନ କରି, ଜୀବନକୁ ତ୍ୟାଗ ନ କରି ଆମେ ସଂସାରବିରାଗୀ ଓ ଜୀବନ୍ମୁକ୍ତ ହୋଇ ଭଗବାନଙ୍କୁ ଆମ ଭିତରେ ପାଇପାରିବା ଓ ଅତିମାନସ

ଶକ୍ତିର କ୍ରିୟା ଫଳରେ ଆମେ ନୂଆ ଜଗତର ନୂଆ ମଣିଷ ହୋଇପାରିବା ।''

ଲୋକମାନେ ପଚାରିଲେ, ''ଏହା କିପରି ହୋଇପାରିବ ?''

ଆନନ୍ଦ କହିଲେ, ''ଏହାର ଚାବିକାଠି ରହିଛି ଆମେ ଯଦି ଆମ ଜୀବନକୁ ମା'ଙ୍କ ଚରଣରେ ସମର୍ପଣ କରି ସଂସାରର ସକଳ କର୍ମକୁ ତାଙ୍କରି ସେବା ଭାବରେ କରୁ ତେବେ ସେ ଆମକୁ ଏହି ଉପଲବ୍ଧିରେ ପହଞ୍ଚାଇ ଦେବେ ।''

ତା'ପରେ ଲୋକମାନେ କହିଲେ, ''ଯୋଗସାଧନା ତ ସବୁବେଳେ ବ୍ୟକ୍ତିଗତ କଥା । ଯିଏ ନିଜେ ଯୋଗସାଧନା କଲା ସେ ତା'ର ମୁକ୍ତି, ଆନନ୍ଦ ପାଇଲା; କିନ୍ତୁ ଆମର ସାମୂହିକ, ସାମାଜିକ ସମସ୍ୟାସବୁ ତ ଏଥିରେ ସମାଧାନ ହେବ ନାହିଁ ?''

ଆନନ୍ଦ କହିଲେ, ''ନା, ଏ ଯୋଗ ବ୍ୟକ୍ତିଗତ ନୁହେଁ । ଆରମ୍ଭରେ ବ୍ୟକ୍ତିଗତ ଭଳି ଜଣାପଡ଼େ; କିନ୍ତୁ ପରେ ବ୍ୟକ୍ତିକୁ ସମାଜ ଲାଗି କାର୍ଯ୍ୟ କରିବାକୁ ପଡ଼େ । କାରଣ ଏକ ନୂତନ ମଣିଷସମାଜ ଜଣକୁ ନେଇ ହେବ ନାହିଁ । ଏଥିପାଇଁ ଗୋଟିଏ ଗୋଷ୍ଠୀ ଆବଶ୍ୟକ । ଗୋଷ୍ଠୀର ଅଗ୍ରଗତି ନ ହେଲେ ବ୍ୟକ୍ତି ଆଗେଇ ପାରିବ ନାହିଁ । ବ୍ୟକ୍ତିର ଅଗ୍ରଗତି ହେଲେ ଗୋଷ୍ଠୀ ଉପରେ ତା'ର ପ୍ରଭାବ ପଡ଼ିବ ଓ ଗୋଷ୍ଠୀ ବାଧ୍ୟ ହେବ ଅଗ୍ରଗତି କରିବାକୁ । ସେଇଥିଯୋଗୁଁ ଏ ଯୋଗ ବଣଜଙ୍ଗଲର ନିର୍ଜନ ଗୁମ୍ଫାର ଯୋଗ ନୁହେଁ । ଏହା ଆମର ନିତିଦିନିଆ କୋଳାହଳମୟ, ସମସ୍ୟାବହୁଳ ଜୀବନର ଯୋଗ ।

''ଆମମାନଙ୍କୁ ଆଜିଠାରୁ ଏଇ ଲକ୍ଷ୍ୟ ନେଇ କାମ କରିବାକୁ ହେବ । ଆମମାନଙ୍କର ସକଳ କର୍ମ ଆଉ ଆମ ନିଜ ସକାଶେ କି ପରିବାର ସକାଶେ କି ଦେଶ ସକାଶେ କରୁଛୁ ବୋଲି ନ ଭାବି ସ୍ୱୟଂ ଭଗବାନଙ୍କ ସକାଶେ କରୁଛୁ ବୋଲି ଭାବି ତାଙ୍କୁହିଁ ସମର୍ପଣ କରିବା । ନିଜ ଭିତରେ ତାଙ୍କୁ ଉପଲବ୍ଧି କରି, ଆମର ବର୍ତ୍ତମାନର ପଶୁ ପ୍ରକୃତିର ରୂପାନ୍ତର ଘଟାଇ ଏକ ନୂତନ

ଜଗତ ନିର୍ମାଣର ଅଭୀପ୍ସା ରଖିବା । ଆମର କୃଷି, ଶିକ୍ଷା, ଶିଳ୍ପ, କଳା, ବାଣିଜ୍ୟ ସବୁକିଛି ଧୀରେ ଧୀରେ ସେଇ ଦିଗରେ ସେଇ ଲକ୍ଷ୍ୟ ନେଇ ପରିଚାଳିତ ହେବ । ଏତେ କାଳ ଆମେ ଦୁଃଖ ଅଶାନ୍ତି ହତାଶାରେ କଟାଇଲେଣି । ଏଣିକି ଦେଖିବା ଆମ ଭିତରେ ଓ ଆମର ସାମାଜିକ ଜୀବନରେ କିପରି ପରିବର୍ତ୍ତନ ଘଟୁଛି ।''

ଲୋକମାନେ ବହୁତ ଖୁସି ହୋଇ କହିଲେ, ''ହଁ, ଆମେମାନେ ଏଇ ଲକ୍ଷ୍ୟ ନେଇ ଏଣିକି କାମ କରିବୁ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କର ଏଇ ନୂତନ ଆଦର୍ଶକୁ ଅଧିକରୁ ଅଧିକ ଜାଣିବା ଲାଗି ଓ ତାକୁ ଆମର ଅଲଗା ଅଲଗା କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ଲାଗି ଆମ ପାଇଁ ସୁବିଧା କରିଦିଅନ୍ତୁ ।''

ତାହାହିଁ ହେଲା । ଆନନ୍ଦ ବିଭିନ୍ନ ସ୍ଥାନରେ ବିଭିନ୍ନ କେନ୍ଦ୍ରମାନ ପ୍ରତିଷ୍ଠା କରି ଏହି ନୂତନ ଯୋଗର ସରଳ ବ୍ୟାଖ୍ୟା ଲୋକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କଲେ । ନିଜେ ବୁଲି ସେମାନଙ୍କର କାର୍ଯ୍ୟ ଦେଖିଲେ ଓ ଆବଶ୍ୟକ ପରାମର୍ଶ ଦେଲେ । କିନ୍ତୁ ନିଜର ସେଇ ଗାଈଜଗା ଓ କୃଷିକର୍ମ ଛାଡ଼ିଲେ ନାହିଁ । ନିଜର କାମ ପୂର୍ବପରି କରିଚାଲିଲେ । ଶାସନକର୍ତ୍ତା ହେବାର ମୋହ ତାଙ୍କୁ ତାଙ୍କ ବ୍ୟକ୍ତିଗତ କର୍ମରୁ ନିବୃତ୍ତ କଲା ନାହିଁ । କାରଣ ସେ ଜାଣନ୍ତି ଆଦର୍ଶପ୍ରଚାର ଅପେକ୍ଷା ନିଜେ ଆଦର୍ଶ ହୋଇଉଠିବାହିଁ ସର୍ବୋତ୍ତମ ଉପାୟ ।

ଧୀରେ ଧୀରେ ସେ ଅଞ୍ଚଳରେ ଏକ ଶାନ୍ତି ବିରାଜମାନ କଲା । ଲୋକମାନେ ନୂତନ ଉତ୍ସାହ ଓ ନୂତନ ପ୍ରେରଣାରେ କାର୍ଯ୍ୟ କରିଚାଲିଲେ । ପୂର୍ବଭଳି ଜୀବନଟା ଆଉ ହତାଶାପୂର୍ଣ୍ଣ, ଅନ୍ଧକାରମୟ, ମୃତ୍ୟୁ-ରୋଗ-କବଳିତ ଏକ ନିଃସହାୟ ସୃଷ୍ଟି ଭଳି ବୋଧ ହେଲା ନାହିଁ । ମା'ଙ୍କ ପ୍ରତି ହୃଦୟରେ ଭକ୍ତି ଜାଗ୍ରତ ହେବାରୁ ପରସ୍ପର ପ୍ରତି ହିଂସା, ଦ୍ୱେଷ, ଈର୍ଷା କମିଗଲା । ଅନ୍ତରରେ ସେମାନେ ଶାନ୍ତି ଅନୁଭବ କଲେ । ସକଳ କର୍ମରେ ସହଯୋଗ ମନୋଭାବ ପ୍ରକାଶ ପାଇଲା । ସେମାନେ ଧୀରେ ଧୀରେ ଆତ୍ମନିୟନ୍ତ୍ରିତ ହେଲେ । ଧୀରେ ଧୀରେ ଆନନ୍ଦଙ୍କୁ ନିଜ ତରଫରୁ ଆଉ

ବିଶେଷ କିଛି କରିବାକୁ ପଡ଼ିଲା ନାହିଁ । ସେମାନେ ସେମାନଙ୍କୁ ଯାହା ପଚାରନ୍ତି ଓ ଯେଉଁଥିରେ ପରାମର୍ଶ ଲୋଡ଼ନ୍ତି ଆନନ୍ଦ କେବଳ ସେତିକି ଯୋଗାଇ ଦିଅନ୍ତି । ସେମାନେ ଜଣେ ଶାସନକର୍ତ୍ତାର କଠୋର ଶାସନ ତଳେ ରହିଛନ୍ତି ବୋଲି ବୋଧ ନ କରି ଯେପରି ନିଜେ ମୁକ୍ତ ଭାବରେ, ସ୍ୱାଧୀନ ଭାବରେ ନିଜର ବିକାଶ କରିଚାଲିଛନ୍ତି ବୋଲି ବୋଧ କଲେ । ଆସ୍ତେ ଆସ୍ତେ ପୁରୁଣା ଅଭ୍ୟାସ, ଧାରଣା ଓ ପ୍ରକୃତି ବିଦାୟ ନେଇ ସେ ସ୍ଥାନରେ ନୂତନ ଅଭ୍ୟାସ, ଧାରଣା ଓ ପ୍ରକୃତି ଜନ୍ମନେଲା । ସମସ୍ତେ ଗୋଟିଏ ମା'ର ସନ୍ତାନ ଓ ହୃଦୟରେ ସେଇ ଗୋଟିଏ ସତ୍ୟର ଉପଲବ୍ଧି ପାଇଁ ସମସ୍ତେ ସାଧନା କରିବାର ମନୋଭାବ ସ୍ୱତଃସ୍ଫୂର୍ତ୍ତ ଭାବେ ସୃଷ୍ଟିକଲା ସେମାନଙ୍କ ଭିତରେ ଐକ୍ୟର ଭାବ । ଏଥିପାଇଁ କୌଣସି ବାହ୍ୟ ଉପାୟ, ଯଥା : ଏକପ୍ରକାର ଭାଷା, ଏକପ୍ରକାର ପୋଷାକ, ଏକପ୍ରକାର ଖାଦ୍ୟପଦାର୍ଥର ଆବଶ୍ୟକତା ପଡ଼ିଲା ନାହିଁ । ଆତ୍ମଭାବ ଜାଗ୍ରତ ହେବାରୁ ଧନସଂପଦ ଓ ସୁବିଧାସୁଯୋଗର ସମବଣ୍ଟନ (ଯାହାକି ସ୍ଥୂଳ ଦୃଷ୍ଟିରୁ ଅସମ୍ଭବ) ନ ଥାଇ ମଧ୍ୟ ସମସ୍ତଙ୍କ ଭିତରେ ସମାନ ବୋଧ ଆସିଲା । ଉଚ୍ଚନୀଚ ଭେଦଭାବ ରହିଲା ନାହିଁ । କାରଣ ସମସ୍ତ ସଂପତ୍ତି, କଳକାରଖାନା ଓ ଅନୁଷ୍ଠାନ ଆଦି ଭଗବାନଙ୍କର ବୋଲି ଭାବି ସମସ୍ତେ ସହଯୋଗମୂଳକ ଭାବେ କାମ କଲେ । ଅଳସୁଆମି କମିଗଲା ଓ ଜୀବନର ସର୍ବନିମ୍ନ ଆବଶ୍ୟକତାର ଅଭାବ କାହାରି ରହିଲା ନାହିଁ । କିନ୍ତୁ ଏତେ କର୍ମତତ୍ପରତା ଭିତରେ ବି ସମସ୍ତଙ୍କର ଲକ୍ଷ୍ୟ ଯେପରି ଆଉ କେଉଁ ଅଜଣା ରାଇଜରେ ରହିଥିଲା ଭଳି ବୋଧ ହେଉଥିଲା ।

ରାଜା ସେ ଅଞ୍ଚଳର ଶାନ୍ତି ଓ ସମୃଦ୍ଧିର ଖବର ପାଇଲେ । ପ୍ରତ୍ୟକ୍ଷ ଅନୁଭୂତି ଲାଗି ସେସବୁ ଜାଗାକୁ ଯାଇ ନିଜେ ଦେଖି ଆସିଲେ । ଲୋକମାନଙ୍କ ସହ କଥାବାର୍ତ୍ତା ହେଲେ । ତାଙ୍କର ବୋଧ ହେଲା ସମସ୍ତେ ଯେପରି ନିଜେ ନିଜେ କୌଣସି ଗୋଟିଏ ଅଜଣା ଶକ୍ତି ଦ୍ୱାରା ଶାସିତ ହେଉଛନ୍ତି । ଚାରିଆଡ଼େ କର୍ମମୁଖର, କେଉଁଠି ଟିକେ ନିରର୍ଥକ ପଡ଼ିଆଜମି

ନାହିଁ, କିଂବା କେହି ଅଳସୁଆ, ବେକାର ହୋଇ ବସି ନାହାନ୍ତି । କାହାରି କିଛି ଅଭିଯୋଗ ବି ନାହିଁ । କାରଣ ସେମାନେ ବର୍ତ୍ତମାନ ବୁଝିପାରୁଛନ୍ତି ସେମାନଙ୍କ ବିକାଶ ସେମାନଙ୍କ ନିଜ ହାତରେ, ଆଉ ରାଜାଙ୍କ ହାତରେ ନାହିଁ । ରାଜା ବହୁତ ଖୁସି ହେଲେ, ତାଙ୍କୁ ବହୁତ ଭଲ ଲାଗିଲା । ଆନନ୍ଦଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାରେ ତାଙ୍କର ହୃଦୟ ଦ୍ରବୀଭୂତ ହେବାକୁ ଲାଗିଲା । କିନ୍ତୁ ଆନନ୍ଦ କାହାନ୍ତି ? ସେ ତ ଲୋକମାନଙ୍କ ଭିତରେ ନାହାନ୍ତି । ରାଜା ତାଙ୍କ ରହିବା ସ୍ଥାନକୁ ଯାଇ ଦେଖିଲେ ସେ ବି ଲୋକମାନଙ୍କ ଭଳି ତାଙ୍କ କାମରେ ଲାଗିଛନ୍ତି । ରାଜାଙ୍କୁ ଦେଖି ଆଗ୍ରହରେ ସେ ତାଙ୍କୁ ନିଜ ଘରକୁ ପାଛୋଟି ନେଲେ । ଘର ଭିତରେ ମା'ଶ୍ରୀଅରବିନ୍ଦଙ୍କ ସୁନ୍ଦର ଫଟୋ ଧୂପପୁଷ୍ପରେ ସଜା ହୋଇଛି । ପରିବେଶ କି ସରଳ, ଶାନ୍ତ, ମଧୁର, ପବିତ୍ର ଦିବ୍ୟତାରେ ପୂର୍ଣ୍ଣ ! ରାଜା ସେଠି ନୀରବ, ନିଃସ୍ପନ୍ଦ ହୋଇ କିଛି କାଳ ଧ୍ୟାନସ୍ଥ ହୋଇଗଲେ । ତା'ପରେ ଆଖି ଖୋଲି କହିଲେ, ''ଆନନ୍ଦ, ତୁମେ ଏ ଅଞ୍ଚଳକୁ ବାସ୍ତବରେ ଆନନ୍ଦମୟ କରିଦେଲ ।'' ଆନନ୍ଦ ବିନମ୍ର, ନିରାସକ୍ତ କଣ୍ଠରେ କହିଲେ, ''ନା ମହାରାଜ, ମୁଁ ନୁହେଁ, ଯାହାଙ୍କ ଫଟୋ ସାମନାରେ ଆପଣ ଆପେ ଆପେ ଧ୍ୟାନସ୍ଥ ହୋଇଗଲେ ସେଇ, ସେଇ ଏସବୁର କର୍ତ୍ତା ଆଉ ନିୟନ୍ତା । ସେଇ ଆମମାନଙ୍କୁ ଗଢୁଛନ୍ତି ।''

ରାଜା କହିଲେ, ''କି ଆଶ୍ଚର୍ଯ୍ୟ ! ଏତେ କାଳ ଧରି ଏତେ ଉପାୟ ଅବଲମ୍ବନ କରି ମୁଁ ଲୋକମାନଙ୍କ ଭିତରେ ଯେଉଁ ସୁଖ, ଶାନ୍ତି, ସମୃଦ୍ଧି ଓ ଐକ୍ୟ ଆଣିପାରି ନ ଥିଲି, ତାହା କିପରି ସମ୍ଭବ ହେଲା ? ଲୋକମାନେ ଏତେ ମୁକ୍ତ ଓ ସ୍ୱାଧୀନ ଭାବରେ ବାସ କରୁଛନ୍ତି; ଅଥଚ ସେମାନଙ୍କ ଭିତରେ କି ଭେଦଶୂନ୍ୟତା, ଗଭୀର ଶୃଙ୍ଖଳା ଓ ଏକତାର ଭାବ !''

ଆନନ୍ଦ କହିଲେ, ''ମହାରାଜ ! ଆପଣଙ୍କ ସମସ୍ତ ଚେଷ୍ଟା ବ୍ୟର୍ଥ ହେବାର କାରଣ ହେଉଛି ଆପଣ ମଣିଷକୁ କେବଳ ଏକ ଦେହମୟ,

ପ୍ରାଣମୟ, ମନୋମୟ ଜୀବ ହିସାବରେ ବିଚାର କରୁଥିଲେ । କିନ୍ତୁ ଏସବୁର ପଶ୍ଚାତରେ ତା'ର ଯଥାର୍ଥରେ ଆତ୍ମସ୍ୱରୂପକୁ ଆପଣ ଅବହେଳା କରିଥିଲେ । ପୁରାତନ ଯୁଗର ଅବସାନ ଘଟି ଏକ ନୂତନ ସତ୍ୟ ଯୁଗ ଆସୁଛି । ଏହି ସତ୍ୟ ଯୁଗରେ କର୍ମର ପ୍ରଭୁରୂପେ ଭଗବାନ ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ପ୍ରକାଶିତ ହେବେ । ପ୍ରତ୍ୟେକ ବ୍ୟକ୍ତି ନିଜ ହୃଦୟର ସେଇ ଅଧୀଶ୍ୱରଙ୍କ ଦ୍ୱାରା ଶାସିତ ହେବ । ବାହାର ଶାସନର ବିଶେଷ ଆବଶ୍ୟକ ପଡ଼ିବ ନାହିଁ । କେବଳ ଦରକାର ସେମାନଙ୍କ ଭିତରେ ସମନ୍ୱୟ ରକ୍ଷା କରିବା । ଆହୁରି ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ହୃଦୟର ଅଧୀଶ୍ୱର ପୃଥକ୍ ନୁହନ୍ତି । ସେ ବହୁ ହେଲେ ବି ଏକ । ତେଣୁ ଭେଦହୀନତା, ସମଭାବ ଓ ଐକ୍ୟ ଆପେ ପ୍ରତିଷ୍ଠିତ ହେବ । ଦେଶର କୌଣସି ବାହ୍ୟ ନିୟମ, ଶୃଙ୍ଖଳା ବ୍ୟକ୍ତି ଉପରେ ଚାପି ଦେବାର ଆବଶ୍ୟକତା ରହିବ ନାହିଁ । ସେ ମୁକ୍ତ ସ୍ୱାଧୀନ ଭାବରେ ଦେଶ ପ୍ରତି ଅନୁରକ୍ତ ରହିବ— ବାଧ୍ୟବାଧକତା ବଳରେ ନୁହେଁ । ସେ ମୁକ୍ତ ହେବ କେବଳ ବାହ୍ୟ ଆଇନ୍‌କାନୁନର ଚାପରୁ ନୁହେଁ; ସେ ମୁକ୍ତ ହେବ ନିଜର ସମସ୍ତ ଲୋଭ, ମୋହ, ହିଂସା, ଦ୍ୱେଷ, କ୍ରୋଧ, ସଂକୀର୍ଣ୍ଣତା, ରୋଗ, ଯନ୍ତ୍ରଣା, ଦୁଃଖ, କଷ୍ଟ, ଜରା ଓ ମୃତ୍ୟୁରୁ ମଧ୍ୟ ।''

ରାଜା କହିଲେ, ''ମୋତେ ସବୁ ବିସ୍ମୟକର ବୋଧ ହେଉଛି— ଲୋକମାନେ ମୁକ୍ତ, ସ୍ୱାଧୀନ ହେବେ ଅଥଚ ଦେଶ ପ୍ରତି ଆନୁଗତ୍ୟ ରହିବ ଓ ସେମାନେ ଶୃଙ୍ଖଳିତ ହେବେ ! ସେମାନଙ୍କ ଭାଷା, ଧର୍ମ, ଧନସଂପଦ, ସୁବିଧାସୁଯୋଗ କର୍ମ, ଶିକ୍ଷାଦୀକ୍ଷା ଆଦିରେ ଏତେ ପାର୍ଥକ୍ୟ ଥାଇ ବି ସେମାନଙ୍କ ମଧ୍ୟରେ ଐକ୍ୟଭାବ ସୃଷ୍ଟି ହୋଇପାରିବ !''

ଆନନ୍ଦ କହିଲେ, ''ହଁ, ଯେଉଁ ସ୍ୱାଧୀନତା ଓ ଐକ୍ୟକୁ ଆପଣ ଅସମ୍ଭବ ବୋଲି ଭାବୁଛନ୍ତି ଶ୍ରୀଅରବିନ୍ଦ କହିଛନ୍ତି ତାହା ନୂତନ ଆଧ୍ୟାତ୍ମିକ ସମାଜରେ ସ୍ୱତଃସ୍ଫୂର୍ତ୍ତ ରୂପରେ ଆସିବ । ତା'ର ଏକମାତ୍ର ଚାବିକାଠି ରହିଛି

ଯେ ଅନ୍ତରରେ ଭଗବାନଙ୍କୁ ଉପଲବ୍ଧି କଲେ ଏସବୁ ଅସମ୍ଭବ ସମ୍ଭବରେ ପରିଣତ ହେବ ।''

ରାଜା କହିଲେ, ''କେବଳ ଏଇ ଅଞ୍ଚଳଟି ନୁହେଁ ସମଗ୍ର ରାଜ୍ୟକୁ ମୁଁ ଏଇଭଳି ହେବାକୁ ଚାହେଁ ଓ ମୁଁ ନିଜେ ମଧ୍ୟ । ତେବେ ମୋତେ ପ୍ରଥମ ପଦକ୍ଷେପସ୍ୱରୂପ କ'ଣ କରିବାକୁ ହେବ ?''

ଆନନ୍ଦ କହିଲେ, ''ପ୍ରଥମେ ଆପଣ ନିଜେ ଶ୍ରୀଅରବିନ୍ଦଙ୍କ ଏଇ ନୂତନ ପଥକୁ ନିଷ୍ଠାର ସହ ଗ୍ରହଣ କରିବେ ଓ ବୁଝିବେ । ନିଜେ ବୁଝିବା ସଙ୍ଗେ ସଙ୍ଗେ ଦେଶର ସମସ୍ତ ଲୋକଙ୍କୁ ଏଇ ନୂତନ ପଥ ସମ୍ବନ୍ଧେ ଜଣାଇ ଦେବାର ବ୍ୟବସ୍ଥା କରିବେ । ପ୍ରଥମେ ଲୋକମାନେ ଠିକ୍‌ରୂପେ ଜାଣିବା ଦରକାର । ସମଗ୍ର ଦେଶର ଲୋକ ଗୋଟିଏ ନୂତନ ଆଦର୍ଶକୁ ଜାଣିଗଲେ ତା'ପରେ ସେମାନେ ତାକୁ ନିଜ ଜୀବନକ୍ଷେତ୍ରରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ କିଂବା ଆପଣଙ୍କ ତରଫରୁ କାର୍ଯ୍ୟକାରୀ କରାଇବାକୁ ସୁବିଧା ହେବ । ନୂତନ ଶାସନପଦ୍ଧତି ଦେଶରେ ପ୍ରଚଳନ କରିବାକୁ ହେଲେ ପ୍ରଥମ ପଦକ୍ଷେପ ହେଉଛି ଲୋକମାନଙ୍କର ସାଧାରଣ ମନକୁ ଏଥିଲାଗି ପ୍ରସ୍ତୁତ କରିବାକୁ ହେବ । ଖାଲି ବାହ୍ୟ ଆଇନ୍‌କାନୁନ୍ ଦ୍ୱାରା ଲୋକମାନଙ୍କ ଉପରେ ଏହା ଚାପିଦେଲେ ଫଳ ଓଲଟା ହେବ । ଏ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କର ଗୋଟିଏ ବାଣୀକୁ ଆମେ ମନେ ରଖିଲେ ଭବିଷ୍ୟତର କାର୍ଯ୍ୟ କରିବାକୁ ସୁବିଧା ହେବ । ତାଙ୍କର The Human Cycle ବହିରେ ସେ କହିଛନ୍ତି, "It is the unpreparedness, the unfitness of the society or of the Common mind of man which is always the chief stumbling-block." ଅର୍ଥାତ୍, ''ସମାଜ କିଂବା ମଣିଷର ସାଧାରଣ ମନର ଅପ୍ରସ୍ତୁତି ଓ ଅନୁପଯୁକ୍ତତାହିଁ ସବୁ ସମୟରେ ପ୍ରଧାନ ପ୍ରତିବନ୍ଧକରୂପେ ଛିଡ଼ା ହୋଇଥାଏ ।''

ରାଜା ଆଉ ଆନନ୍ଦଙ୍କ କଥା ସରିଲା । ଏଣିକି ତୁମେ ସ୍ଥିର କରିନିଅ, ସେଇ ପୁରାତନ ଧାରାରେ ଉପରୁ କ୍ଷମତାକୁ ମାଡ଼ିବସି ତା'ର ଅପବ୍ୟବହାର କରି ଆଇନ୍‌କାନୁନ୍ ବଳରେ ଲୋକମାନଙ୍କ ଉପରେ ଆଦେଶ ଜାରି କରି କେବଳ ସେମାନଙ୍କ ଦେହ, ପ୍ରାଣ, ମନର ଅଭାବ ମେଣ୍ଟାଇ ଶାସନକୁ ସୁଦୃଢ଼, ଶୃଙ୍ଖଳିତ କରିବାର ପ୍ରୟାସ କରି ବାରଂବାର ବ୍ୟର୍ଥତା ବରଣ କରିବ ନା ନିଜେ ନୂତନ ଆଦର୍ଶ ଓ ସତ୍ୟକୁ ନିଷ୍ଠାର ସହ ଗ୍ରହଣ କରି ଲୋକମାନଙ୍କର ସାଧାରଣ ମନକୁ ସେଥିପ୍ରତି ଆକୃଷ୍ଟ କରାଇ ସେମାନଙ୍କୁ ଆପେ ଆପେ ଶାସିତ, ଶୃଙ୍ଖଳିତ ଓ ରାଷ୍ଟ୍ର ପ୍ରତି ତଥା ରାଷ୍ଟ୍ରନାୟକ ପ୍ରତି ଅନୁଗତ ହେବାର ସୁଯୋଗ ଦେବ । ଏଥିପାଇଁ ସାଧନା, ଧୈର୍ଯ୍ୟ ଓ ସମୟ ଆବଶ୍ୟକ ହେଲେ ବି କେବଳ ଏଇଟିହିଁ ନିଶ୍ଚିତ ବିଜୟର ମାର୍ଗ ଓ ଭଗବାନଙ୍କର ବାଞ୍ଛିତ ପଥ । ଆଉସବୁ ବ୍ୟବସ୍ଥା କ୍ଷଣସ୍ଥାୟୀ, ସାମୟିକ ଝଲକମାତ୍ର । ତା'ପରେ ଅନିବାର୍ଯ୍ୟ ପତନ ।

# ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି

## (୩ୟ ଖଣ୍ଡ)

ନିରଂଜନ ନାୟକ

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ - ୬୦୫୦୦୨

**ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି**

**(ତୃତୀୟ ଭାଗ)**

ଲେଖକ : ନିରଂଜନ ନାୟକ

ପ୍ରଥମ ମୁଦ୍ରଣ : ୨୦୦୧, ଦ୍ୱିତୀୟ ମୁଦ୍ରଣ : ୨୦୦୫

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୧

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ,
ପଣ୍ଡିଚେରୀ - ୬୦୫ ୦୦୨

**ALOKONMUKHA TARUNA MANANKA PRATI** (Oriya)
(Third Part)
By : Niranjan Naik

1st Edition : 2001, 2nd Impression : 2005

Price Rs. 55/-
ISBN 81-7058-816-2

© Sri Aurobindo Ashram Trust, 2001

Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

'ଆଲୋକୋନ୍ମୁଖ ତରୁଣ ମାନଙ୍କ ପ୍ରତି' ଯେଉଁମାନଙ୍କ ଲାଗି ଲେଖା ଯାଇଥିଲା ସେହି ସାଧନାପିପାସୁ ତରୁଣ ପାଠକ-ପାଠିକାମାନଙ୍କ ଦ୍ୱାରା ତା'ର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ବିଶେଷ ରୂପେ ଆଦୃତ ହେବାର ଲକ୍ଷ୍ୟ କରାଯାଇଛି । ସେହିପରି ଭାବରେ ଏ ତୃତୀୟ ତଥା ଶେଷ ଖଣ୍ଡଟି ଆଦୃତ ହେବ ବୋଲି ଆଶା ।

— ପ୍ରକାଶକ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଭଗବାନ କ'ଣ ଏ ଜୀବନରେ ମିଳିବେ ? | ୧ |
| ମୋ ଅଡୁଆ କେହି ତୁଟାଉ ନାହାନ୍ତି | ୭ |
| ଦେଖାଯାଉ କ'ଣ ହେଉଛି ! | ୧୫ |
| ସହିବାଟା କ'ଣ ଦୁର୍ବଳତା ? | ୨୨ |
| କାହିଁ, କିଛି ତ ପରିବର୍ତ୍ତନ ହେଉ ନାହିଁ ? | ୨୭ |
| ତୁଛାଟାରେ କାହିଁକି ଚେଷ୍ଟା କରୁଛୁ ? | ୩୪ |
| କିପରି ସଫଳ ହେବି ? | ୪୩ |
| ଯେତେ କହିଲେ ବି ପିଲାଟି ଶୁଣୁ ନାହିଁ | ୪୭ |
| ତୁମ ଦୁଃଖର କାରଣ ତୁମ ଶିକ୍ଷା | ୫୩ |
| ଆମେ ଆଉ ନୂଆ ସ୍କୁଲ | ୬୩ |
| ଅନ୍ୟ ସ୍କୁଲରେ ପଢୁଥିଲେ କେତେ ପଢ଼ନ୍ତାଣି ! | ୭୦ |
| ଏ ପରିସ୍ଥିତିରେ କିପରି ଶିକ୍ଷକତା କରିବି ? | ୮୨ |
| ଆମର ଯଥାର୍ଥ ସମସ୍ୟା କ'ଣ ? | ୯୧ |
| ବନ୍ଧୁ ଯଦି ନିନ୍ଦା କରେ ? | ୧୦୩ |
| ସିଏ ମୋତେ ଏତେ ଗାଳିଦେଲା ! | ୧୦୯ |
| ମୁଁ କିପରି ଏହା କଲି ? | ୧୧୭ |
| ପାଇଲେ ଅବହେଳା, ନ ପାଇଲେ ଝୁରୁ | ୧୨୫ |
| ଭଲ ମନ୍ଦ କିପରି ଜାଣିବ | ୧୩୨ |
| ସାଧନା ପାଇଁ ତ କିଛି ସୁବିଧା ନାହିଁ, କରିବି କ'ଣ ? | ୧୪୫ |
| ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଲେ ଅନ୍ୟ ପଢ଼ା ଲାଗି ମନ କ୍ଳାନ୍ତ ହୋଇପଡ଼େ ନାହିଁ ତ ? | ୧୫୨ |
| ମୁଁ ଦେଶ-ଶାସନ କରିବି | ୧୬୦ |